80th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୮୦ବର୍ଷ ❑ ସଂଖ୍ୟା-୦୬ ● କଟକ ● ଶୁକ୍ରବାର ● ୧୪ ଅଗଷ୍ଟ-୨୦୨୬ ● ସିଂହ-୧୫ ● ସାଲ୍-୧୪୩୧
CUTTACK ● FRIDAY ● 14 AUGUST-2026 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

ହଙ୍ଗାମାରେ ଶେଷହେଲା ମୌସୁମୀ ଅଧିବେଶନ

ଶେଷ ଦିନରେ ବି ସମାନ ସ୍ଥିତି

ନୂଆଦିଲ୍ଲୀ: ସଂସଦର ଉଭୟ ସଦନ ରାଜ୍ୟସଭା ଓ ଲୋକସଭାକୁ ଅନିର୍ଦ୍ଦିଷ୍ଟ କାଳପାଇଁ ମୁଲତବୀ ରଖାଯାଇଛି। ଏଥିସହିତ ମୌସୁମୀ ଅଧିବେଶନ ସମାପ୍ତ ହୋଇଛି। ପୂରା ଅଧିବେଶନ ବିରୋଧୀଙ୍କ ହଙ୍ଗାମା ଓ ହଟ୍ଟଗୋଳ ମଧ୍ୟରେ ଶେଷ ହୋଇଥିଲେ ହେଁ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ ହୋଇଥିଲା। ଗୁରୁବାର ସଂସଦ ମୌସୁମୀ ଅଧିବେଶନର ଥିଲା ଶେଷଦିନ। ଅଧିବେଶନରେ ମୋଟ୍ ୧୯ଟି ବୈଠକ ରଖା ଯାଇଥିଲା। ପୂରା ଅଧିବେଶନରେ ସରକାର ଏବଂ ବିପକ୍ଷଦଳ ମଧ୍ୟରେ ରାମମନ୍ଦିର ଦାନଚୋରି ଏବଂ ଜନ୍ତରମନ୍ତରରେ ଛାତ୍ରଙ୍କ ଧାରଣା ସମୟରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧାଭାସ ଜାରିରହିଥିଲା, ଯେଉଁଥିପାଇଁ ଗୃହକାର୍ଯ୍ୟ ଠିକ ଭାବରେ ଚାଲିପାରିନଥିଲା।

ତଥାପି ଶାସକ-ବିରୋଧୀ ହଙ୍ଗାମା ଭିତରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ ହୋଇଥିଲା। ଶେଷଦିନରେ ଲୋକସଭାର କାର୍ଯ୍ୟକାଳ ଆରମ୍ଭ ହେବା ପରେ ଜାତୀୟ ସଙ୍ଗୀତର ସମସ୍ତ ୬ଟି ପଦ ଗାନ କରାଯାଇଥିଲା। ଏହାପରେ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଅନିର୍ଦ୍ଦିଷ୍ଟ କାଳପାଇଁ ସ୍ଥଗିତ ରଖାଗଲା ବୋଲି ଘୋଷଣା କରିଥିଲେ। ଏପରିକି ବିଦାୟକାଳୀନ ଭାଷଣ ବି ସେ ପଢ଼ିନଥିଲେ। ମୌସୁମୀ ଅଧିବେଶନ ଆରମ୍ଭରୁ ବାଚସ୍ପତି, ବିରୋଧୀ ସଦସ୍ୟମାନଙ୍କୁ ବିତର୍କରେ ଅଂଶ ଗ୍ରହଣ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ। ହେଲେ ବିରୋଧୀ ଶୁଣିନଥିଲେ। ଫଳରେ ବାରମ୍ବାର ଗୃହକୁ ମୁଲତବୀ ରଖିବାକୁ ପଡ଼ିଥିଲା। ଗୁରୁବାର ଦିନ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଲା । ବିରୋଧୀ ଦଳ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଗୃହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଉପସ୍ଥିତ ଥିଲେ। ଅଧିବେଶନ ଜୁଲାଇ ୨୦ରେ ଆରମ୍ଭ ହୋଇଥିଲା। ଆରମ୍ଭରୁ ପିଟ୍ ପେପର ଲିକ୍ ପ୍ରସଙ୍ଗ ଏବଂ ଅଯୋଧ୍ୟାର ରାମମନ୍ଦିରରେ ଦାନଚୋରି ଅଭିଯୋଗକୁ ନେଇ ବିରୋଧୀଦଳ ଗୃହରେ ଜୋରଦାର ପ୍ରତିବାଦ କରିଥିଲେ। ବିରୋଧୀଦଳ ଜୁଲାଇ ୨୦ରେ ଜନ୍ତରମନ୍ତରରେ ଛାତ୍ରଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ଗୃହମନ୍ତ୍ରୀ ଅମିତ ଶାହଙ୍କ ଠାରୁ ଜବାବ ମାଗିଥିଲେ। ବୁଧବାର ଶାହ କହିଥିଲେ, ସେ ବିତର୍କ ପାଇଁ ପ୍ରସ୍ତୁତ ଅଛନ୍ତି।

ଡିଜିପି ଚୟନ ଉପରେ ରୋକ୍

ବ୍ୟାକଡୋର୍ ଏଣ୍ଟ୍ରି ଗ୍ରହଣୀୟ ନୁହେଁ: ୟୁପିଏସ୍‌ସି

ଭୁବନେଶ୍ୱର,(ପିପିଏସ୍):

ଓଡ଼ିଶାର ପରବର୍ତ୍ତୀ ପୁଲିସ ମୁଖିଆ(ଡିଜିପି) ଚୟନ ପ୍ରକ୍ରିୟାରେ ଗୁରୁବାର ବ୍ରେକ୍ ଲଗାଇଛନ୍ତି ସୁପ୍ରିମ୍‌କୋର୍ଟ। ରାଜ୍ୟ ପୁଲିସ ଡିଜି ଚୟନ ପ୍ରକ୍ରିୟାରେ ବ୍ୟାକ୍‌ଡୋର ଏଣ୍ଟ୍ରି ଗ୍ରହଣୀୟ ନୁହେଁ ଓ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଶେଷ ନହେବା ପର୍ଯ୍ୟନ୍ତ ଚୟନ କମିଟି ବୈଠକ ବସିବ ନାହିଁ ବୋଲି ୟୁପିଏସ୍‌ସି ଗୁରୁବାର ସୁପ୍ରିମ୍‌କୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛି। ଏହାସହିତ ସନ୍ଧ୍ୟା ସାଢ଼େ ୫ଟାରେ ୟୁପିଏସସିରେ ହେବାକୁ ଥିବା ବୈଠକ ମଧ୍ୟ ବାତିଲ ହୋଇଯାଇଛି। ସୁପ୍ରିମ୍‌କୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୮ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସୂଚନା ଅନୁସାରେ, ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠଙ୍କ ଆଗରେ ବରିଷ୍ଠ ଓକିଲ ପି.ଚିଦାମ୍ବରମ୍ ସ୍ୱତନ୍ତ୍ର ମେନସନ୍ ମାଧ୍ୟମରେ ଏହି ଜନସ୍ୱାର୍ଥ ମାମଲାକୁ ଉଠାଇଥିଲେ। ଖଣ୍ଡପୀଠ ମଧ୍ୟାହ୍ନଭୋଜନ ବିରତିରେ ଯିବା ପୂର୍ବରୁ ଚିଦାମ୍ବରମ୍ ଦୃଷ୍ଟି ଆକର୍ଷଣ କରି କହିଥିଲେ ଯେ ପ୍ରକାଶ ସିଂ ମାମଲାରେ ସୁପ୍ରିମ୍‌କୋର୍ଟ ଦେଇଥିବା ନିର୍ଦ୍ଦେଶାବଳୀକୁ ଉଲ୍ଲଙ୍ଘନ କରି ଓଡ଼ିଶା ଡିଜିପି ଚୟନ ପ୍ରକ୍ରିୟା କରାଯାଉଛି। ଯଦିଓ ଶୁଣାଣି ପାଇଁ ଏହି ମାମଲା ତାଲିକାଭୁକ୍ତ ହୋଇଛି କିନ୍ତୁ ସମୟ ଅଭାବ(ଆଇଟମ ନମ୍ବର-୨୬)ରୁ ଶୁଣାଣି ସମ୍ଭବପର ହେବନି। ଚୂଡ଼ାନ୍ତ ପ୍ରାର୍ଥୀ ଚୟନ ପାଇଁ ୟୁପିଏସସି ଆଜି ହିଁ ବୈଠକ କରିବାକୁ ଯାଉଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଶୁଣାଣି ଏଡ଼ାଇବା ଓ ୟୁପିଏସ୍‌ସିକୁ ପଠାଯାଇଥିବା ପ୍ୟାନେଲରେ ନାମ ସାମିଲ କରିବା ଉଦ୍ଦେଶ୍ୟରେ ଦୁଇଦିନ ପୂର୍ବରୁ ଜଣେ ଅଫିସରଙ୍କୁ ପଦୋନ୍ନତି ଦିଆଯାଇଛି ବୋଲି ସେ ଖଣ୍ଡପୀଠଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସରକାରଙ୍କ ପକ୍ଷ ରଖି ନିୟମ ଉଲ୍ଲଙ୍ଘନ ହୋଇଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିବା ସହ ସର୍ଭିସ ରିଲେଟେଡ୍ (ଚାକିରି ସହ ଜଡ଼ିତ) ବିବାଦରେ ଜନସ୍ୱାର୍ଥ ମାମଲାର ଗ୍ରହଣୀୟତା ଉପରେ ପ୍ରଶ୍ନ ଉଠାଇଥିଲେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ନୂଆ ଡିଜି ନିଯୁକ୍ତି ନ ହେଲେ ରାଜ୍ୟକୁ କାର୍ଯ୍ୟକାରୀ ଡିଜିପିଙ୍କ କାର୍ଯ୍ୟ ଚଳାଇବାକୁ ପଡ଼ିବ, ଯାହାକି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ ବୋଲି ଶ୍ରୀ ଆଚାର୍ଯ୍ୟ ଯୁକ୍ତି ବାଢ଼ିଥିଲେ। ଏସବୁ ଶୁଣିବା ପରେ ଖଣ୍ଡପୀଠ ମଧ୍ୟ କୌଣସି ପ୍ରଭାବିତ ଅଫିସର କୋର୍ଟଙ୍କ ଦ୍ୱାରସ୍ଥ ହୋଇ ନ ଥିବାରୁ ଜନସ୍ୱାର୍ଥ ମାମଲାର ଗ୍ରହଣଯୋଗ୍ୟତାକୁ ନେଇ ସନ୍ଦେହ ବ୍ୟକ୍ତ କରିଥିଲେ। ଆଉ ଏନେଇ ଉକ୍ତ ମାମଲାର ଆମିକସକ୍ୟୁରୀ ବରିଷ୍ଠ ଓକିଲ ରାଜୁ ରାମଚନ୍ଦ୍ରନଙ୍କ ମତାମତ ଜାଣିବାକୁ ଚାହିଁଥିଲେ। ଶ୍ରୀ ରାମଚନ୍ଦ୍ରନ୍ ମଧ୍ୟ ଏହି ଜନସ୍ୱାର୍ଥ ମାମଲା ସଂକ୍ରାନ୍ତ ଆବେଦନକୁ ସମର୍ଥନ କରି ରାଜ୍ୟ ସରକାର ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟଙ୍କ ଗାଇଡଲାଇନ୍ ଉଲ୍ଲଙ୍ଘନ କରିଥିବା ନେଇ ସମ୍ମତି ଦେବା ପରେ ଖଣ୍ଡପୀଠ କଡ଼ା ଆଭିମୁଖ୍ୟ ପୋଷଣ କରିଥିଲେ। ଡିଜିପି ନିଯୁକ୍ତିରେ କୌଣସି ପ୍ରକାରର ବ୍ୟାକ୍‌ଡୋର ଏଣ୍ଟ୍ରି ଗ୍ରହଣଯୋଗ୍ୟ ନୁହେଁ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ୟୁପିଏସ୍‌ସି ନିଜର ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ ନାହିଁ ବୋଲି କହିଛି। ଖଣ୍ଡପୀଠଙ୍କ ଆଦେଶ ଅନୁରୂପ ଆସନ୍ତା ଅଗଷ୍ଟ ୧୮ ତାରିଖର ଶୁଣାଣି ପୂର୍ବରୁ କୌଣସି ଚୂଡ଼ାନ୍ତ ବୈଠକ କରାଯିବ ନାହିଁ ବୋଲି ୟୁପିଏସ୍‌ସି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ନୂଆ ଡିଜିପି ଚୟନ ବୈଠକରେ ଯୋଗଦେବା ପାଇଁ ମୁଖ୍ୟସଚିବ ଅନୁ ଗର୍ଗ, ପୁଲିସ ଡିଜି ୱାଇବି ଖୁରାନିଆଙ୍କ ସମେତ ରାଜ୍ୟ ସରକାରଙ୍କ ଏକ ଟିମ୍ ମଧ୍ୟ ଦିଲ୍ଲୀ ଗସ୍ତ କରିଥିଲେ। ଡିଜିପି ଶ୍ରୀ ଖୁରାନିଆଙ୍କ କାର୍ଯ୍ୟକାଳ ଅଗଷ୍ଟ ୧୬ତାରିଖରେ ଶେଷ ହେଉଛି। ଓଡ଼ିଶା ଇତିହାସରେ ପ୍ରଥମଥର ପାଇଁ ରାଜ୍ୟର ପୁଲିସ ଡିଜି ଚୟନ ମାମଲାରେ ସୁପ୍ରିମ୍‌କୋର୍ଟ ହସ୍ତକ୍ଷେପ କରିଛନ୍ତି।

❑ ୧୮ରେ ପରବର୍ତ୍ତୀ ଶୁଣାଣି
❑ ୟୁପିଏସ୍‌ସି ବୈଠକ ବାତିଲ
❑ ପ୍ରକ୍ରିୟା ସ୍ଥଗିତ ରଖିବାକୁ ନିର୍ଦ୍ଦେଶ

ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରସଙ୍ଗ
ଜବାବ ତଲବ

ରାଇରଙ୍ଗପୁର/ଭୁବନେଶ୍ୱର/କଟକ: ସ୍କୁଲରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରସଙ୍ଗକୁ ନେଇ ଦାୟର ଏକ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି ରାଜ୍ୟ ସରକାରଙ୍କଠାରୁ ଜବାବ ତଲବ କରିଛନ୍ତି। ତିନିସପ୍ତାହ ଭିତରେ ଜବାବ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ମାନବାଧିକାର କର୍ମୀ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେପ୍ଟେମ୍ବର ୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଜନସ୍ୱାର୍ଥ ଆବେଦନରେ ଉଲ୍ଲେଖ କରାଯାଇଛି ଯେ ନିକଟ ଅତୀତରେ ରାଜ୍ୟର ମୟୂରଭଞ୍ଜ, କୋରାପୁଟ ଓ ଗଜପତି ଜିଲ୍ଲାରେ ସରକାରୀ ସ୍କୁଲରେ ପାଚେରି, କଂକ୍ରିଟ ଫଳକ ପଡ଼ି ଏକାଧିକ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ହୋଇଛି। ସ୍କୁଲରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ। କିନ୍ତୁ ବାରମ୍ବାର ଏପରି ଦୁଃଖଦ ଘଟଣା ଘଟିବା ପରିପ୍ରେକ୍ଷୀରେ ସ୍କୁଲରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ମାର୍ଗଦର୍ଶିକା ପ୍ରସ୍ତୁତ ପାଇଁ ଏକ ଟାସ୍କଫୋର୍ସ କିମ୍ବା ବିଶେଷଜ୍ଞଙ୍କୁ ନେଇ କମିଟି ଗଠନ କରାଯିବା ଉଚିତ। ସ୍କୁଲରେ ଛାତ୍ରଛାତ୍ରୀଙ୍କ ସହିତ ଘଟୁଥିବା ଏପରି ଅଘଟଣର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ କ୍ଷତିଗ୍ରସ୍ତ ଅଭିଭାବକଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଛି।

କେନ୍ଦ୍ର ସରକାର ଆଣିବେ ନୂଆ ଆଇନ !
ବନ୍ଦହେବ ଖଣିଜ ଉତ୍ପାଦ ଉପରେ ରାଜ୍ୟଙ୍କ ଇଚ୍ଛାଧୀନ ଟିକସ
ଖନନ କ୍ଷେତ୍ରରେ ନିଶ୍ଚିତତା, ସ୍ଥିରତା ଏବଂ ପୂର୍ବାନୁମାନଯୋଗ୍ୟତା ସୁନିଶ୍ଚିତ କରିବା ଲକ୍ଷ୍ୟ

ନୂଆଦିଲ୍ଲୀ,(ପିପିଏସ୍):
ବନ୍ଦ ହେବ ଖଣିଜ ଉତ୍ପାଦ ଉପରେ ରାଜ୍ୟଙ୍କ ଇଚ୍ଛାଧୀନ ଟିକସ। କେନ୍ଦ୍ର ଆଣିବାକୁ ଯାଉଛନ୍ତି ନୂଆ ଆଇନ। ନୂତନ ଆଇନର ମୁଖ୍ୟ ଲକ୍ଷ୍ୟ ହେଉଛି ଖନନ କ୍ଷେତ୍ରରେ ନିଶ୍ଚିତତା, ସ୍ଥିରତା ଏବଂ ପୂର୍ବାନୁମାନଯୋଗ୍ୟତା ସୁନିଶ୍ଚିତ କରିବା। ସରକାରଙ୍କ ଅନୁସାରେ, ଅଲଗା ଅଲଗା ରାଜ୍ୟରେ ଖଣିଜ ସାମଗ୍ରୀ ଉପରେ ଭିନ୍ନ ଭିନ୍ନ ହାରରେ ଟିକସ, ସେସ୍ ଏବଂ ଅନ୍ୟାନ୍ୟ ଶୁଳ୍କ ଲାଗୁ ହେବା ଦ୍ୱାରା ଖଣି ଶିଳ୍ପ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡୁଛି ଏବଂ ପ୍ରକଳ୍ପଗୁଡ଼ିକର ବ୍ୟବସାୟିକ ସଫଳତା ପ୍ରଭାବିତ ହେଉଛି। ଏହି ବିଲ୍‌ରେ ଏକ ନୂତନ 'ସେକ୍ସନ୍ ୯-ଡି' ଯୋଡ଼ିବାର ପ୍ରାବଧାନ ରହିଛି। ଏହା ଅଧୀନରେ, ରାଜ୍ୟ ସରକାରଗୁଡ଼ିକ ଖଣିଜ ଅଧିକାର କିମ୍ବା ଖଣିଜ ଯୁକ୍ତ ଜମି ଉପରେ କୌଣସି ବି ନାମରେ ଟିକସ, ସେସ୍ କିମ୍ବା ଶୁଳ୍କ କେବଳ ସେତେବେଳେ ଲଗାଇପାରିବେ, ଯେତେବେଳେ ତାହା କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତ ଓ ନିୟମାବଳୀ ଅନୁଯାୟୀ ହୋଇଥିବ। ନୂଆ ବିଲ୍ ଅନୁଯାୟୀ, ଏହା ଲାଗୁ ହେବା ପୂର୍ବରୁ ଯଦି ଏପରି କୌଣସି ଟିକସ, ସେସ୍ କିମ୍ବା ଶୁଳ୍କ ରାଜ୍ୟ ସରକାର ଆଦାୟ କରିନାହାନ୍ତି, ତେବେ ତାହା ପ୍ରାରମ୍ଭରୁ ହିଁ ଅମାନ୍ୟ ବୋଲି ଗ୍ରହଣ କରାଯିବ। ତେବେ ଯେଉଁ ଅର୍ଥ ପୂର୍ବରୁ ହିଁ ରାଜ୍ୟ ସରକାରଙ୍କ ପାଖରେ ଜମା ହୋଇସାରିଛି କିମ୍ବା ଆଦାୟ କରାଯାଇସାରିଛି, ତାହାକୁ ଫେରସ୍ତ କରିବାର କୌଣସି ଦାୟିତ୍ୱ ରହିବ ନାହିଁ। ଏହି ନୂତନ ବିଲର 'ଖଣି ଓ ଖଣିଜ (ବିକାଶ ଏବଂ ନିୟନ୍ତ୍ରଣ) ଆଇନ, ୧୯୫୭' ର ଧାରା ୧୩ରେ ମଧ୍ୟ ସଂଶୋଧନର ପ୍ରସ୍ତାବ ରହିଛି। ଏହା ଦ୍ୱାରା କେନ୍ଦ୍ର ସରକାରଙ୍କୁ ନିୟମ ପ୍ରଣୟନ କରିବାର କ୍ଷମତା ମିଳିବ, ଫଳରେ ରାଜ୍ୟ ସରକାରଗୁଡ଼ିକ କେଉଁ ସର୍ତ୍ତ ଓ ସୀମା ଅଧୀନରେ ଟିକସ କିମ୍ବା ଶୁଳ୍କ ଲଗାଇପାରିବେ ତାହା କେନ୍ଦ୍ର ସ୍ଥିର କରିବ। ସରକାରଙ୍କ ସୂଚନା ଅନୁଯାୟୀ, ଖଣିଜ ସମ୍ପଦ ସୀମିତ ଏବଂ ଦେଶର କେବଳ କିଛି ନିର୍ଦ୍ଦିଷ୍ଟ ରାଜ୍ୟରେ ଏହାର ଉପଲବ୍ଧତା ଅଧିକ। ଏପରି ସ୍ଥିତିରେ, ରାଜ୍ୟଗୁଡ଼ିକ ମଧ୍ୟରେ ଟିକସ ଓ ଶୁଳ୍କ ହାରରେ ଅତ୍ୟଧିକ ପାର୍ଥକ୍ୟ ଖନନ କ୍ଷେତ୍ରରେ ଅସମାନ ଆର୍ଥିକ ବୋଝ ସୃଷ୍ଟିକରେ। ଖନନ କାର୍ଯ୍ୟ ଆରମ୍ଭ ହେବା ପରେ ଅପ୍ରତ୍ୟାଶିତ ଭାବେ ନୂଆ ଟିକସ ଘୋଷଣା କରିବା, ଉତ୍ପାଦନ କିମ୍ବା ପରିବହନ ଉପରେ ଅତିରିକ୍ତ ଶୁଳ୍କ ଲଗାଇବା ଏବଂ ପୂର୍ବ ତାରିଖରୁ ଟିକସ ଲାଗୁ କରିବା ଭଳି ବ୍ୟବସ୍ଥା ଶିଳ୍ପ କ୍ଷେତ୍ରରେ ଆଇନଗତ ଓ ଆର୍ଥିକ ଅନିଶ୍ଚିତତା ବଢ଼ାଇଥାଏ। ଏହାର ପ୍ରଭାବ ବିଶେଷ କରି ଛୋଟ ଓ ମଧ୍ୟମ ଧରଣର ଖଣି ପରିଚାଳକଙ୍କ ଉପରେ ପଡ଼ିପାରେ। ଅତ୍ୟଧିକ ଆର୍ଥିକ ବୋଝ ଯୋଗୁଁ ଖଣି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକ୍ଷମତା ବାଧାପ୍ରାପ୍ତ ହେବା ସହ ଉତ୍ପାଦନ ହ୍ରାସ ପାଇବା ଏବଂ କେତେକ କ୍ଷେତ୍ରରେ ଖଣି ବନ୍ଦ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୁଏ। ସରକାରଙ୍କ ଅନୁସାରେ, ଖଣିଜ ସାମଗ୍ରୀ ଉପରେ ଅତିରିକ୍ତ ଟିକସ ଯୋଗୁଁ ଉତ୍ପାଦନ ଓ ପରିବହନ ଖର୍ଚ୍ଚ ବୃଦ୍ଧି ପାଏ। ଏହାର ପ୍ରଭାବ ପରବର୍ତ୍ତୀ ସମୟରେ ଖଣିଜ ଆଧାରିତ ସାମଗ୍ରୀ ଓ ସେବାଗୁଡ଼ିକର ମୂଲ୍ୟ ଉପରେ ପଡ଼ିଥାଏ, ଯାହା ଅନ୍ତିମରେ ସାଧାରଣ ଉପଭୋକ୍ତାଙ୍କ ଉପରେ ବୋଝ ସାଜିଥାଏ। ବିଲ୍‌ର 'ଷ୍ଟେଟମେଣ୍ଟ ଅଫ୍ ଅବଜେକ୍ଟସ ଏଣ୍ଡ ରିଜନସ'ରେ ପୂର୍ବ ତାରିଖରୁ ଟିକସ ଲଗାଇବା ବ୍ୟବସ୍ଥାକୁ ଏକ ମୁଖ୍ୟ ସମସ୍ୟା ଭାବେ ଦର୍ଶାଯାଇଛି। ସରକାରଙ୍କ କହିବା କଥା ହେଉଛି, ଏପରି ବ୍ୟବସ୍ଥା ଦ୍ୱାରା ଆଇନଗତ ଅନିଶ୍ଚିତତା ବୃଦ୍ଧିପାଏ, ନିବେଶକଙ୍କ ଭରସା ଭାଙ୍ଗେ ଏବଂ ଖଣି ପ୍ରକଳ୍ପ ପରିଚାଳନା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ। ଏହା ବ୍ୟତୀତ, ବିଭିନ୍ନ ରାଜ୍ୟରେ ଶୁଳ୍କର ଅସମାନତା ଏବଂ ଉତ୍ପାଦନ କିମ୍ବା ଡିସପ୍ୟାଚ୍ ଉପରେ ନିଆଯାଉଥିବା ଅନେକ ପ୍ରକାରର ଅତିରିକ୍ତ ଶୁଳ୍କକୁ ହଟାଇବାର ଆବଶ୍ୟକତା ରହିଛି। ଏହି ବିଲ୍‌ର ଲକ୍ଷ୍ୟ ହେଉଛି, ଖଣିଜ କ୍ଷେତ୍ରରେ ଏକ ଅନୁକୂଳ ନିୟନ୍ତ୍ରଣ ପରିବେଶ ତିଆରି କରିବା, ଯେଉଁଥିରେ କମ୍ପାନୀ ଓ ଖଣି ପରିଚାଳକମାନଙ୍କୁ ଭବିଷ୍ୟତର ଆର୍ଥିକ ଦେୟ ବାବଦରେ ସ୍ୱଷ୍ଟ ସୂଚନା ମିଳିପାରିବ ଏବଂ ରାଜ୍ୟଗୁଡ଼ିକ ମଧ୍ୟରେ ଶୁଳ୍କ ଅସମାନତାରୁ ସୃଷ୍ଟ ଅନିଶ୍ଚିତତା ହ୍ରାସ ପାଇବ। ସୂଚନାଯୋଗ୍ୟ, ୨୦୨୪ ମସିହାରେ ସୁପ୍ରିମ୍‌କୋର୍ଟଙ୍କ ୯ ଜଣିଆ ବିଚାରପତିଙ୍କ ଖଣ୍ଡପୀଠ ନିଜ ରାୟରେ କହିଥିଲେ ଯେ ରାଜ୍ୟଗୁଡ଼ିକର ଟିକସ ଆଦାୟ କରିବାର ଅଧିକାର ରହିଛି। ମୋଟାମୋଟି ଭାବେ, ସଂଶୋଧିତ ବିଲ୍‌ର ମୁଖ୍ୟ ଫୋକସ୍ ହେଉଛି ଖଣିଜ ଅଧିକାର ଏବଂ ଖଣିଜ ଯୁକ୍ତ ଜମି ଉପରେ ଲାଗୁଥିବା ଟିକସ, ସେସ୍ ଏବଂ ଅନ୍ୟାନ୍ୟ ଶୁଳ୍କ ପାଇଁ କେନ୍ଦ୍ରୀୟ ସ୍ତରରେ ସ୍ୱଷ୍ଟ ନିୟମ ଓ ସୀମା ନିର୍ଦ୍ଧାରଣ କରିବା। ସରକାରଙ୍କ ଦାବି ଅନୁଯାୟୀ, ଏହାଦ୍ୱାରା ଖଣି କ୍ଷେତ୍ରରେ ଆର୍ଥିକ ସ୍ଥିରତା ବୃଦ୍ଧିପାଇବ, ନିବେଶ ପରିବେଶ ସୁଧାରିବ ଏବଂ ଦେଶରେ ଖଣିଜ ସମ୍ପଦର ବିକାଶକୁ ଏକ ସମାନ ଦିଗ ମିଳିପାରିବ।

ଫୁଲିଲା ବୁଢ଼ାବଳଙ୍ଗ
ବିପଦ ସଂକେତ ଟପିଲା ଜଳକା

ବାରିପଦା, ଭୁବନେଶ୍ୱର,(ପିପିଏସ୍):
ଫୁଲୁଛି ବୁଢ଼ାବଳଙ୍ଗ। ଚାରିଆଡ଼େ ପାଣି, ଘରେ ପାଣି, ରାସ୍ତା ଉପରେ ପାଣି। ଲଘୁଚାପଜନିତ ଲଗାଣ ବର୍ଷା ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଅଞ୍ଚଳର ଜନଜୀବନକୁ ଏକପ୍ରକାର ବନ୍ଦୀ କରିଦେଇଛି। ନଦୀର ଜଳସ୍ତର ବିପଦସଂକେତ ଉପରେ ରହିଥିବାବେଳେ ନାଖରା ସେତୁ ଉପରେ ବନ୍ୟାଜଳ ପ୍ରବାହିତ ହୋଇଛି। ବିଧାୟକ ସନାତନ ବିଜୁଳିଙ୍କ ସହ ଜିଲ୍ଲାପାଳ ହେମକାନ୍ତ ସଏ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ଦୁଇ ଏଡିଏମ୍, ବେତନଟୀ ବିଡିଓ ମୁନା ସେଠୀ, ତହସିଲଦାର ଚନ୍ଦ୍ରଜିତ ବେହେରା ଓ ପୁଲିସ ଅଧିକାରୀମାନେ ନାଖରା ସେତୁ ନିକଟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଲୋକଙ୍କୁ ସୁରକ୍ଷିତ ରଖିବା ଓ ଆବଶ୍ୟକସ୍ଥଳେ ତୁରନ୍ତ ସ୍ଥାନାନ୍ତର ପାଇଁ ପଦକ୍ଷେପ ନିଆଯାଇଛି। ବର୍ଷାର ପ୍ରଭାବରେ ବୈଶିଙ୍ଗା-ବଡ଼ସାହି ଓ ବୈଶିଙ୍ଗା-ରୁପ୍ସା ମୁଖ୍ୟ ରାସ୍ତାର ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି। ବୈଶିଙ୍ଗା ବଜାର, ଭବାନୀ ପ୍ରିଣ୍ଟିଙ୍ଗ ପ୍ରେସ ଓ କ୍ଷୀରପଦା ନିକଟରେ ରାସ୍ତା ଉପରେ ପାଣି ଚାଲିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବାରିପଦା ସହରରେ ବୁଢ଼ାବଳଙ୍ଗ ପାଣି ପ୍ରବେଶ କରିଛି। ବାଲେଶ୍ୱରରେ ପୁଣି ଘନେଇଛି ବନ୍ୟା ବିପଦ। ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି ଜଳକାର ଜଳସ୍ତର। ମଥାନୀଠାରେ ବିପଦ ସଙ୍କେତ ୬.୫୦ ମିଟର ରହିଥିବା ବେଳେ, ବର୍ତ୍ତମାନ ଜଳସ୍ତର ବଢ଼ି ୬.୫୮ ମିଟରରେ ପ୍ରବାହିତ ହେଉଛି। ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଜଳକା ନଦୀର ଜଳସ୍ତର କ୍ରମାଗତ ଭାବେ ବଢ଼ି ଚାଲିଛି। ବିଶେଷ କରି ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର, ଶୁଳିଆପଦା, ମୋରଡା ଓ ଚିତ୍ରଡି ଅଞ୍ଚଳରେ ପ୍ରବଳ ବର୍ଷା ହେବାରୁ ଏହାର ପ୍ରଭାବ ଜଳକା ନଦୀ ଉପରେ ପଡ଼ିଛି। ଜଳସ୍ତର ପୁଣି ବଢ଼ିଲେ ତଳିଆ ଅଞ୍ଚଳରେ ବନ୍ୟା ପାଣି ପଶିବାର ଆଶଙ୍କା ରହିଛି। ଏହାର ପ୍ରଭାବରେ ବସ୍ତା ବ୍ଲକର ୧୦ଟି ପଞ୍ଚାୟତ ଏବଂ ସଦର ବ୍ଲକର ୪ଟି ପଞ୍ଚାୟତ ପ୍ରଭାବିତ ହେବାର ଆଶଙ୍କା କରାଯାଉଛି। ପୂର୍ବ ବନ୍ୟାର ପାଣି ଏଯାଏଁ ଅନେକ ଚାଷଜମିରୁ ସମ୍ପୂର୍ଣ୍ଣ ଛାଡ଼ି ନ ଥିବା ବେଳେ ପୁଣି ଜଳକାର ଜଳସ୍ତର ବଢ଼ିବା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି।

ସମ୍ପାଦକୀୟ
ସଂସଦ ନା ସଡ଼କ ?

ବାଟେଘାଟେ

ଅଫିସିରେ ଆଉ କାମ ହେଉନାହିଁ
ବାବୁ ଆସୁଛନ୍ତି ଡେରିରେ
ଫାଇଲ ସେମିତି ଥାକରେ ରହିଛି
ବନ୍ଧା ହୋଇ ନାଲି ଡୋରିରେ
ଯଦି ଆସି କିଏ ପଚାରେ
କେଉଁଦିନ ମୋର କାମହେବ ବାବୁ
ବାବୁ କହୁଛନ୍ତି ରାଗରେ
ଫାଇଲି ଦେହରେ ଗୋଡ଼ ଲାଗିଗଲେ
ସିଏ ଯିବ ତାର ବାଟରେ
ପିଅନ କହିଲା କାନରେ
ଗୋଡ଼ ଅର୍ଥ ଲାଞ୍ଚ ବୁଝି ଗୋଞ୍ଜି ଦିଅ
କାମ ହୋଇଯିବ ବାଗରେ
-ରାହୀ

କୃଷି ବିଭାଗ କାର୍ଯ୍ୟରେ ସନ୍ତୁଷ୍ଟ ନାହାନ୍ତି ଉପମୁଖ୍ୟମନ୍ତ୍ରୀ !
ଅଧିକାରୀଙ୍କ ଉପରେ ଅସନ୍ତୋଷ ଝାଡ଼ିଲେ

ଭୁବନେଶ୍ୱର,(ପିପିଏସ୍):

ରାଜ୍ୟର ଉଦ୍ୟାନ କୃଷି ଅଧିକାରୀଙ୍କ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଦେଇଛନ୍ତି କଡ଼ାବାର୍ତ୍ତା। ଅଧିକାରୀଙ୍କୁ ଚାଷୀଙ୍କ ପାଇଁ ଯୋଜନାର ଖର୍ଚ୍ଚ, ଟୁର୍ ରିପୋର୍ଟ ଓ କୋଲ୍ଡ ଷ୍ଟୋରେଜ୍‌ର ହିସାବ ମାଗିଛନ୍ତି ଉପ-ମୁଖ୍ୟମନ୍ତ୍ରୀ। ଏଣିକି ୭ଦିନରେ ରିପୋର୍ଟ ନ ଦେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଅଧିକାରୀଙ୍କୁ ତାଗିଦ କରିଛନ୍ତି। ଗୁରୁବାର ଭୁବନେଶ୍ୱରରେ ଆୟୋଜିତ ଉଦ୍ୟାନକୃଷି ଅଧିକାରୀଙ୍କ ସମ୍ମିଳନୀରେ କଡ଼ା ଭାଷାରେ ଅଧିକାରୀଙ୍କ ଉପରେ ଅସନ୍ତୋଷ ଝାଡ଼ିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ତାଙ୍କ ଟାର୍ଗେଟ୍‌ରେ ରହିଛି ଅଧିକାରୀଙ୍କ ଟୁର୍ ରିପୋର୍ଟ, ବିଭାଗୀୟ ଖର୍ଚ୍ଚ, ଚାଷୀଙ୍କ ଟ୍ରେନିଂ ଓ ରାଜ୍ୟର କୋଲ୍ଡ ଷ୍ଟୋରେଜ୍ ଯୋଜନାର ଅଗ୍ରଗତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ରବର ଷ୍ଟାମ୍ପ୍ ନୁହେଁ। ମୁଁ ବି ରବର ଷ୍ଟାମ୍ପ୍ ନୁହେଁ। ତୁମେ ଗଭର୍ଣ୍ଣମେଣ୍ଟ ରନ୍ କରୁନାହଁ, ଆମେ ଗଭର୍ଣ୍ଣମେଣ୍ଟ ରନ୍ କରୁଛୁ। ଯିଏ ମାନିବ ନାହିଁ, ସିଏ ଘରକୁ ପଳେଇବେ। ରାଜ୍ୟସ୍ତରୀୟ ହର୍ଟିକଲଚର୍ ଅଫିସର୍ ସମ୍ମିଳନୀରେ ଅଧିକାରୀମାନଙ୍କ କାର୍ଯ୍ୟଶୈଳୀ ନେଇ ପ୍ରଶ୍ନ ଉଠାଇଛନ୍ତି କେ.ଭି। ମନ୍ତ୍ରୀଙ୍କ ଅଭିଯୋଗ ଅନୁସାରେ, ଉଦ୍ୟାନକୃଷି ସମ୍ପର୍କିତ ଜ୍ଞାନ ଓ ନୂଆ ପଦ୍ଧତି ଶିଖିବା ପାଇଁ ଅଧିକାରୀ ଏବଂ ଚାଷୀଙ୍କୁ ଦେଶ ଓ ଦେଶ ବାହାରକୁ ଟୁର୍‌ରେ ପଠାଯାଉଛି। କିନ୍ତୁ ଫେରିବା ପରେ ସେହି ଟୁର୍‌ରୁ କ'ଣ ଶିଖିଲେ, ତାହାର ରିପୋର୍ଟ କାହିଁକି ଦିଆଯାଉନାହିଁ। ସେନେଇ ମନ୍ତ୍ରୀ କ୍ଷୋଭ ପ୍ରକାଶ କରିଛନ୍ତି । ତାଙ୍କ ସ୍ୱଷ୍ଟ ନିର୍ଦ୍ଦେଶ କି ଟୁର୍ ପ୍ରୋଗ୍ରାମର ସମ୍ପୂର୍ଣ୍ଣ ରିପୋର୍ଟ ମନ୍ତ୍ରୀଙ୍କ ନିକଟକୁ ଆସିବ। କୋଲ୍ଡ ଷ୍ଟୋରେଜ୍ ପ୍ରସଙ୍ଗରେ ମଧ୍ୟ ଅଧିକାରୀଙ୍କୁ ମଞ୍ଚରୁ ପ୍ରଶ୍ନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ। ସରକାରଙ୍କ ଲକ୍ଷ୍ୟ ରାଜ୍ୟର ୫୮ଟି ସବ୍-ଡିଭିଜନ୍‌ରେ କୋଲ୍ଡ ଷ୍ଟୋରେଜ୍ ସୁବିଧା ବିକଶିତ କରିବା। ୨୦୨୫ରେ ସରକାର ଏଥିପାଇଁ ୨୦୨୯-୩୦ ସୁଦ୍ଧା ୫୮ଟି ସବ୍-ଡିଭିଜନ୍‌ରେ କୋଲ୍ଡ ଷ୍ଟୋରେଜ୍ ସ୍ଥାପନର ଲକ୍ଷ୍ୟ ଏବଂ ପ୍ରାୟ ୨୫୨ କୋଟି ଟଙ୍କାର ପ୍ରସ୍ତାବିତ ବ୍ୟୟ ବିଷୟରେ ଘୋଷଣା କରିଥିଲେ। କୋଲ୍ଡ ଷ୍ଟୋରେଜ୍‌ର ଉଦ୍ଦେଶ୍ୟ କେବଳ ଭିତ୍ତିଭୂମି ତିଆରି ନୁହେଁ । ଚାଷୀଙ୍କ ଉତ୍ପାଦ ସଂରକ୍ଷଣ, ଫସଲ ପରବର୍ତ୍ତୀ କ୍ଷତି କମାଇବା, ବାଧ୍ୟତାମୂଳକ କମ୍ ଦାମରେ ବିକ୍ରି ରୋକିବା ଏବଂ ବଜାର ସୁଯୋଗ ବଢ଼ାଇବା ଏହାର ମୁଖ୍ୟ ଲକ୍ଷ୍ୟ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। କୃଷିମନ୍ତ୍ରୀ ପୁଣି ପ୍ରଶ୍ନକରିଛନ୍ତି, ୫୮ଟି ଘୋଷଣା ହୋଇଥିବା ବେଳେ ବାସ୍ତବ ଅଗ୍ରଗତି କେତେ ? ତାଙ୍କ କହିବା ଅନୁସାରେ, ଏପର୍ଯ୍ୟନ୍ତ ପୁରୀରେ ଗୋଟିଏ କୋଲ୍ଡ ଷ୍ଟୋରେଜ୍ ହେବାକୁ ଯାଉଥିବା ସୂଚନା ମିଳିଛି। ତେବେ ବାକି ୫୭ଟି କେଉଁଠି ମଞ୍ଚରୁ ଏହି ପ୍ରଶ୍ନଉଠାଇଛନ୍ତି ଉପ ମୁଖ୍ୟମନ୍ତ୍ରୀ। ତାଙ୍କ ଦାବି ଅନୁସାରେ ବିଭାଗର ବଜେଟ୍ ପ୍ରାୟ ୭ ହଜାର କୋଟିରୁ ୧୫ହଜାର କୋଟି ଟଙ୍କାକୁ ବଢ଼ାଯାଇଛି। ଏହାର ଅର୍ଥ ହେଉଛି, ଅଧିକ ଅର୍ଥ ମିଳିଲେ ଅଧିକ ଦାୟିତ୍ୱ ମଧ୍ୟ ଆସିବ। ଟଙ୍କା କେଉଁଠି ଖର୍ଚ୍ଚ ହେଲା, କେଉଁ ଯୋଜନାରେ କେତେ ଖର୍ଚ୍ଚ ହେଲା ଏବଂ ତାହାର ଲାଭ ଚାଷୀଙ୍କ ପାଖରେ କେତେ ପହଞ୍ଚିଲା, ଏହାର ହିସାବ ଦେବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ କହିଛନ୍ତି। କେବଳ ଟୁର୍ କରାଇଦେଲେ ହେବନାହିଁ, ଟୁର୍‌ର ଫଳାଫଳ ମଧ୍ୟ ଦେଖାଇବାକୁ ପଡ଼ିବ। ମନ୍ତ୍ରୀ କହିଛନ୍ତି, ଯେଉଁ ଜିଲ୍ଲାରୁ ଚାଷୀମାନଙ୍କୁ ବାହାର ରାଜ୍ୟ କିମ୍ବା ବିଦେଶକୁ ନିଆଯାଇଛି, ସେମାନେ କ'ଣ ଶିଖିଲେ ଏବଂ ନିଜ ଅଞ୍ଚଳରେ ତାହା କିପରି ପ୍ରୟୋଗ କରୁଛନ୍ତି, ତାହାର ରିପୋର୍ଟ ସହ ଭିଡିଓ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁଠାରୁ ବଡ଼ କଥା ହେଉଛି, ମନ୍ତ୍ରୀ ଦେଇଛନ୍ତି ୭ ଦିନର ଡେଡ୍‌ଲାଇନ୍। ଟୁର୍‌ର ରିପୋର୍ଟ, ଖର୍ଚ୍ଚର ହିସାବ ଏବଂ ଚାଷୀଙ୍କ ଟ୍ରେନିଂର ଫଳାଫଳ ସମ୍ପର୍କିତ ତଥ୍ୟ ଦେବାକୁ କୁହାଯାଇଛି। ନିର୍ଦ୍ଦେଶ ଅନୁସରଣ ନ କଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ ସ୍ୱଷ୍ଟ ଚେତାବନୀ ଦେଇଛନ୍ତି।

❑ ରବର ଷ୍ଟାମ୍ପ୍ ନୁହେଁ ସରକାର
❑ ୭ଦିନ୍‌ରେ ରିପୋର୍ଟ ନ ଦେଲେ ଆକ୍ସନ୍



ବଢ଼ିଲା ଛେନା, ପନିର୍ ଦର

ଭୁବନେଶ୍ୱର,(ପିପିଏସ୍):

କ୍ଷୀରଦର ବୃଦ୍ଧି ଯୋଗୁଁ ଛେନା ଓ ପନିର୍ ଦରରେ ବୃଦ୍ଧିହୋଇଛି। ଏନେଇ ଭୁବନେଶ୍ୱର ଦୁଗ୍ଧଜାତୀୟ ବ୍ୟବସାୟୀ ସୁରକ୍ଷା ସଂଘ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିବା ବେଳେ ବିଭିନ୍ନ ବ୍ୟବସାୟୀ ତଥା ମିଷ୍ଟାନ୍ନ ଦୋକାନକୁ ସୂଚୀତ କରାଯାଇଛି। ଆସନ୍ତା ୧୫ ତାରିଖରୁ ନୂଆ ବର୍ଦ୍ଧିତ ଦର ଲାଗୁ କରାଯିବ। କ୍ଷୀର ଲିଟର ପିଛା ୪ଟଙ୍କା ଅଧିକ ଦେଇ ସଂଗ୍ରହ କରାଯାଉଛି। ଗୋ-ଖାଦ୍ୟର ଦର ମଧ୍ୟ ବଢ଼ିଛି। ଏହାକୁ ଦୃଷ୍ଟିରେ ରଖି ଉଭୟ ଛେନା ଓ ପନିର୍‌ର ଦର ବୃଦ୍ଧି କରାଯାଇଥିବା ସଂଘ ସଭାପତି ଓ ସମ୍ପାଦକ ଜଣାଇଛନ୍ତି। ପୂର୍ବରୁ ଛେନା କେଜି ପ୍ରତି ୨୧୫ଟଙ୍କା ଥିବା ବେଳେ ୨୦ଟଙ୍କା ବୃଦ୍ଧି ପାଇ ୨୩୫ଟଙ୍କା ଏବଂ ପନିର କେଜି ପ୍ରତି ୨୬୦ଟଙ୍କା ଥିବା ବେଳେ ୩୦ଟଙ୍କା ବୃଦ୍ଧି ପାଇ ୨୯୦ ଟଙ୍କାରେ ପହଞ୍ଚିଛି।



ଫୋନ୍ ରଖନ୍ତୁ ସୁରକ୍ଷିତ...

ବର୍ଷାଦିନ ଆରମ୍ଭ ହେଲାଣି। ଏମିତିରେ ପଢ଼ା କିମ୍ବା ଜବ୍ ପାଇଁ ବାହାରକୁ ଯାଉଥିବା ଯୁବତୀ ଯୁବକଙ୍କର ଫୋନ୍ ପାଣି ସଂସ୍ପର୍ଶରେ ଆସି ନଷ୍ଟ ହୋଇଯିବାର ଆଶଙ୍କା ବଢ଼ିଯାଏ। ଏଦିନେ କିପରି ଫୋନ୍କୁ ସୁରକ୍ଷିତ ରଖିପାରିବେ ଜାଣିରଖନ୍ତୁ କେତୋଟି ଉପାୟ...

ସମୟରେ ବାହାରକୁ ଯାଉଥିଲେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା ଭଲ। କାରଣ ବର୍ଷାରେ ମୋବାଇଲ ଓଦା ହୋଇ ନଷ୍ଟ ମଧ୍ୟ ହୋଇପାରେ। କେବଳ ଏତିକି ନୁହେଁ, ଏଦିନେ ଅନେକ ସମୟରେ ହଠାତ୍ ଘଡ଼ଘଡ଼ି ବିଜୁଳି ସହ ବର୍ଷା ହୋଇଥାଏ। ଫଳରେ ବିଜୁଳି କରେଣ୍ଟ ସଂସ୍ପର୍ଶରେ ଆସି ମୋବାଇଲ ଫାଟିବା ଯୋଗୁ ଅନେକଙ୍କ ସ୍ୱାସ୍ଥ୍ୟ ଓ ଜୀବନ ହାନି ହେବାର ଆଶଙ୍କା ରହିଛି।

ବାହାରକୁ ଯାଉଥିବା ସମୟରେ ମୋବାଇଲ୍ ଓଦା ନ ହେବା ଲାଗି ମାର୍କେଟରେ ମିଳୁଥିବା ଟ୍ରାନ୍ସପରେଣ୍ଟ ପ୍ଲାଷ୍ଟିକ୍ ବ୍ୟାଗ୍ ବା ୱାଟରପ୍ରୁଫ୍ ମୋବାଇଲ୍ ପାଉଚ୍ ବ୍ୟବହାର କରନ୍ତୁ। ଏହାକୁ ମଶ୍ଚରପ୍ରୁଫ୍ ରଖିବା ଲାଗି ଉକ୍ତ ବ୍ୟାଗ୍ ଭିତରେ ସିଲିକା ଜେଲ୍ ରଖିପାରିବେ।

ଯଦି ହଠାତ୍ ମୋବାଇଲ ଓଦା ହୋଇଯାଏ, ତେବେ ପାଣି ମୋବାଇଲ ଭିତରକୁ ନ ଯିବା ପୂର୍ବରୁ ସଙ୍ଗେ ସଙ୍ଗେ ତାହାର ବ୍ୟାଟେରି କାଢ଼ି ଭଲ ଭାବେ ପୋଛି ଶୁଖାନ୍ତୁ। ନଚେତ୍ ବ୍ୟାଟେରି ବ୍ଲାଷ୍ଟ ହେବାର ଆଶଙ୍କା ବଢ଼ିପାରେ। ହେଲେ ମନେରଖନ୍ତୁ, ଫୋନ୍ ଓଦା ହୋଇଗଲେ ହେୟାର ଡ୍ରାୟର ସାହାଯ୍ୟରେ କିମ୍ବା ଟାଣଖରାରେ ଶୁଖାଇବାର ଭୁଲ ଆଦୌ କରନ୍ତୁ ନାହିଁ। ଏପରି କରିବା ଦ୍ୱାରା ଫୋନ ଖରାପ ହୋଇଯାଇପାରେ। ଏହା ବଦଳରେ ଫ୍ୟାନ୍ ଆଗରେ କିମ୍ବା ଅଳ୍ପ ସୂର୍ଯ୍ୟକିରଣ ପଡୁଥିବା ଶୁଖିଲା ସ୍ଥାନରେ ରଖନ୍ତୁ।

ପାତ୍ରରେ ଚାଉଳ ନେଇ କିମ୍ବା ଚାଉଳ ରହୁଥିବା ବ୍ୟାଗ୍ ଅବା ଡବା ଭିତରେ ଓଦା ମୋବାଇଲ୍ ପୂରାଇ ରଖିପାରିବେ। ଏହାଦ୍ୱାରା ଚାଉଳ ଫୋନ୍ର ଆର୍ଦ୍ରତାକୁ ସହଜରେ ଶୁଖାଇ ଦେଇଥାଏ। ତେବେ ଏହା ପୂର୍ବରୁ ଚାଉଳରେ ଯେପରି ଅଧିକ ଧୂଳି ନ ଥାଏ, ସେଥିପ୍ରତି ନଜର ଦିଅନ୍ତୁ।

ଫୋନ୍କୁ ଚାର୍ଜରେ ବସାଇବା ଦ୍ୱାରା ଶର୍ଟ ସର୍କିଟ ହେବାର ଆଶଙ୍କା ରହିଥାଏ। ଏହାଦ୍ୱାରା ଫୋନ୍ ସମ୍ପୂର୍ଣ୍ଣ ଖରାପ ହୋଇଯାଇପାରେ। ବିଶେଷକରି ଘଡ଼ଘଡ଼ି ମାରୁଥିବା ସମୟରେ ଏପରି ଆଦୌ କରନ୍ତୁ ନାହିଁ।

ବର୍ଷାରେ କେମିତି ରହିବେ ଫିଟ୍

ବର୍ତ୍ତମାନ କିଛିଦିନ ହେବ ଲାଗି ବର୍ଷା ରହୁଛି। ତେବେ ଭିଜିବାର କାରଣ ଯାହାହେଉ ନା କାହିଁକି, ଏହା ଯୋଗୁ ପରବର୍ତ୍ତୀ ସମୟରେ ଫ୍ଲୁ ସମସ୍ୟା ଦେଖାଦେଉଛି ଏବଂ ଏଥିପାଇଁ ଔଷଧ ଖାଇବାକୁ ପଡୁଛି । ହେଲେ ଆପଣ ଚାହିଁଲେ ଔଷଧ ପରିବର୍ତ୍ତେ କେତୋଟି ଖାଦ୍ୟ ଖାଇବା ଦ୍ୱାରା ଏହି ସମସ୍ୟା ଦୂରେଇପାରିବେ...

ଭିଟାମିନ୍ ସି'ଯୁକ୍ତ ଖାଦ୍ୟ: ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ ସି'ଯୁକ୍ତ ଖାଦ୍ୟକୁ ସାମିଲ କରିବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଲେମ୍ବୁ, କମଳା, ଆତାପି, ଟମାଟୋ ଆଦିରେ ପ୍ରଚୁର ପରିମାଣରେ ଭିଟାମିନ୍ ସି' ଭରି ରହିଥିବାରୁ ଏହାକୁ ଖାଇଲେ ବର୍ଷାଦିନେ ଫ୍ଲୁ ସମସ୍ୟା ହେବାକୁ ଦେଇ ନ ଥାଏ।

ପାଣି ଓ ଜୁସ୍: ଶରୀରରେ ଜଳୀୟାଂଶ କମିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ଯାହାଫଳରେ ବର୍ଷାପାଣି ସଂସ୍ପର୍ଶରେ ଆସିବାମାତ୍ରେ ସହଜରେ ଫ୍ଲୁ ହୋଇଥାଏ।

ରସୁଣ: ଏହା କେବଳ ଏକ ମସଲା ଭାବେ ଖାଦ୍ୟର ସ୍ୱାଦ ବଢ଼ାଇ ନ ଥାଏ, ବରଂ ଏଥିରେ ଭରି ରହିଛି ବିଭିନ୍ନ ଔଷଧୀୟ ଗୁଣ। ଏଥିରେ ଥିବା ଆଣ୍ଟିଭାଇରାଲ, ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଫଙ୍ଗାଲ୍ ତତ୍ତ୍ୱ ଫ୍ଲୁ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ। ତେଣୁ ପ୍ରତିଦିନ ୨ କୋଳା ରସୁଣ କଞ୍ଚା ଖାଇଲେ ଉପକୃତ ହେବେ।

ଅଦା: ଏଥିରେ ଥିବା ପ୍ରଚୁର ଔଷଧୀୟ ଗୁଣ ଥଣ୍ଡା, କାଶ, କଫ ଭଳି ସମସ୍ୟା ଦୂର କରିବାରେ ବେଶ୍ ସାହାଯ୍ୟ କରିଥାଏ। ହଠାତ୍ ଓଦା ହୋଇଗଲେ ଥଣ୍ଡା ନ ଧରିବା ଲାଗି ଆପଣ ଏକ କପ୍ ଅଦାପକା ଚା ପିଅନ୍ତୁ। ଅଦାରସରେ ମହୁ ମିଶାଇ ଖାଇବା ଦ୍ୱାରା ଫ୍ଲୁ ସମସ୍ୟାରୁ ଉପଶମ ମିଳିଥାଏ।

ଆଜିର ରାଶିଫଳ

ମେଷ: ଦାମ୍ପତ୍ୟ ଜୀବନରେ କୌଣସି ବଡ଼ ଖୁସି ଖବର ପାଇବେ। ବ୍ୟକ୍ତିଗତ ସମସ୍ୟାର ସମାଧାନ ହୋଇଯିବ। କୌଣସି ବନ୍ଧୁ ଯୋଗୁଁ ଚାକିରି ମିଳିବା ସହଜ ହେବ। ଆବଶ୍ୟକତା ଅନୁସାରେ ଖର୍ଚ୍ଚ କରନ୍ତୁ।

ବୃଷ: ବକେୟା ଅର୍ଥ ପାଇବେ। ଓକିଲ କୌଣସି ମକଦ୍ଦମାକୁ ନେଇ ବ୍ୟସ୍ତ ରହିବେ। ବେପାରରେ ଲାଭ ହେବ। ଯେଉଁମାନେ ବାହାରେ ରହୁଛନ୍ତି ସେମାନେ ଜୀବନସାଥୀ ସହ ମିଶିବାର ମଉକା ପାଇବେ।

ମିଥୁନ: ବେପାରରେ କିଛି ନୂଆ ଲୋକଙ୍କ ସହିତ ସାକ୍ଷାତ ହେବ। ପ୍ଲାଷ୍ଟିକ କାରବାର କରୁଥିବା ଲୋକଙ୍କର ଜିନିଷ ଭଲ ବିକ୍ରୀ ହେବ। ଝିଅର ବଡ଼ ସଫଳତାରେ ଘରେ ଖୁସିର ବାତାବରଣ ସୃଷ୍ଟି ହେବ।

କର୍କଟ: ଅଫିସ କାମକୁ ନିର୍ଦ୍ଧାରିତ ସମୟରେ ସଂପୂର୍ଣ୍ଣ କରିଦେବେ। ପ୍ରେମୀ ଯୁଗଳ ନିଜର ସମ୍ବନ୍ଧ କଥା ଘର ଲୋକଙ୍କୁ କହିବେ। ପ୍ରତିଯୋଗୀ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀଙ୍କୁ ସଫଳତା ମିଳିବ।

ସିଂହ: ବେପାରରେ ଲାଭ ହେବ। ଘନିଷ୍ଠ ବନ୍ଧୁର ଆଶୀର୍ବାଦ ପାଇବେ। କୌଣସି ଅସହାୟଙ୍କୁ ସାହାଯ୍ୟ କରିବା ଯୋଗୁଁ ଆପଣଙ୍କୁ ଖୁସି ମିଳିବ। ଅଫିସରେ ଆପଣଙ୍କ କାମର ପ୍ରଶଂସା ହେବ।

କନ୍ୟା: ଦିନଟି ଆପଣଙ୍କ ପାଇଁ ବହୁତ ଭଲ ରହିବ। ରାଜନୀତି କ୍ଷେତ୍ରରେ ଥିବା ଲୋକଙ୍କର ପ୍ରାଧାନ୍ୟ କାଏମ୍ ରହିବ। ଦାମ୍ପତ୍ୟ ଜୀବନରେ ଆପୋସୀ ତାଳମେଳ ବଜାୟ ରହିବ।

ତୁଳା: ଧର୍ମକାର୍ଯ୍ୟରେ ଆପଣଙ୍କର ଆସ୍ଥା ବଢ଼ିବ। ପରିବାର ସହିତ କୌଣସି ଧର୍ମାନୁଷ୍ଠାନକୁ ଯାଇପାରନ୍ତି। ଦାମ୍ପତ୍ୟ ଜୀବନରେ ମିଷ୍ଟତା ବଢ଼ିବ। ସୋସିଆଲ ମିଡ଼ିଆରେ ଆପଣଙ୍କର ରୁଚି ବଢ଼ିବ।

ବିଛା: ଶୁଖିଲା ଖାଦ୍ୟ ବ୍ୟବସାୟୀଙ୍କର କାମ ଭଲ ରହିବ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। ଦାମ୍ପତ୍ୟ ଜୀବନରେ ଲାଗି ରହିଥିବା ମତଭେଦ ଦୂର ହେବ। ପ୍ରେମୀ ଯୁଗଳ ଫୋନରେ ଦୀର୍ଘ ସମୟ ଧରି କଥା ହେବେ।

ଧନୁ: ଜମି ବ୍ୟବସାୟୀଙ୍କୁ ବଡ଼ ଡ଼ିଲରୁ ଭଲ ଲାଭ ହେବ। ରାଜନୀତି କ୍ଷେତ୍ରରେ ଥିବା ଲୋକଙ୍କୁ ସମାରୋହରେ କେ ?ଣସି ବଡ଼ ଦାୟିତ୍ୱ ମିଳିବ। ଅଧୁରା କାର୍ଯ୍ୟ ସଂପୂର୍ଣ୍ଣ କରିବାରେ ସମୟ ସାଥ ଦେବ।

ମକର: ପରିବାରରେ କୌଣସି ଧର୍ମାନୁଷ୍ଠାନ ହେବାର ଯୋଗ ଅଛି। ଶିକ୍ଷକଙ୍କର ବଦଳିରେ ଲାଗି ରହିଥିବା ବାଧା ଦୂର ହେବ। ଛାତ୍ରଛାତ୍ରୀଙ୍କୁ ଶିକ୍ଷକଙ୍କର ବହୁତ ଭଲ ମାର୍ଗ ଦର୍ଶନ ମିଳିବ।

କୁମ୍ଭ: ଅଳଙ୍କାର ବ୍ୟବସାୟୀଙ୍କୁ ଭଲ ଲାଭ ହେବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇବେ। ପରିବାରରେ ଆନନ୍ଦ ଉଲ୍ଲାସ ଦେଖାଦେବ। ଅଯଥା ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ।

ମୀନ: ବିଲଡ଼ର୍ସଙ୍କୁ କୌଣସି ବଡ଼ ଠିକା କାମର ମଉକା ମିଳିବ। ପ୍ରେମୀ ଯୁଗଳଙ୍କ ସମ୍ବନ୍ଧ ଆହୁରି ମଜଭୁତ ହେବ। ସରକାରୀ ବିଭାଗରେ କାମ କରୁଥିବା ଲୋକଙ୍କର ପଦୋନ୍ନତି ଯୋଗ ରହିଛି।

ବର୍ଷାରେ ସାପ କବଳରୁ ଘରକୁ କରାନ୍ତୁ ସୁରକ୍ଷିତ

ବର୍ଷାଋତୁ ଆସିଲେ ପ୍ରକୃତିରେ ଅନେକ ପରିବର୍ତ୍ତନ ଦେଖାଯାଏ। ପ୍ରଥମେ ବର୍ଷା ସହିତ ସାପ ଓ ଅନ୍ୟାନ୍ୟ ସରୀସୃପ ଜୀବ ନିଜ ବାସ ସ୍ଥାନରୁ ବାହାରିବା ଆରମ୍ଭ କରନ୍ତି। ଅନେକ ସମୟରେ ଘର ଆଖପାଖର ପରିବେଶ ସାପଙ୍କୁ ଆକର୍ଷିତ କରିଥାଏ। ତେବେ କିଛି ସାଧାରଣ ସତର୍କତା ଅବଲମ୍ବନ କଲେ ଘରକୁ ସାପମୁକ୍ତ ଓ ସୁରକ୍ଷିତ ରଖାଯାଇପାରିବ।

ଯଦି ଆପଣ ନିଜ ଘର ଓ ବଗିଚାକୁ ନେଇ ଚିନ୍ତିତ ଅଛନ୍ତି, ତେବେ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। କେବଳ କିଛି ସାଧାରଣ ସତର୍କତା ଅବଲମ୍ବନ କଲେ ଆପଣ ନିଜ ଘରକୁ ସାପମୁକ୍ତ ଓ ଅଧିକ ସୁରକ୍ଷିତ ରଖିପାରିବେ।

ବଗିଚାକୁ ପରିଷ୍କାର ରଖନ୍ତୁ

ସାପମାନେ ଲୁଚି ରହିବା ପାଇଁ ଅନ୍ଧାର ଓ ଘଞ୍ଚ ଜାଗାକୁ ଅଧିକ ପସନ୍ଦ କରନ୍ତି। ସେଥିପାଇଁ ବଗିଚାର ଘାସକୁ ନିୟମିତ କାଟନ୍ତୁ ଏବଂ କାଠ, ପଥର କିମ୍ବା ଅଳିଆ-ଆବର୍ଜନା ଜମା ହେବାକୁ ଦିଅନ୍ତୁ ନାହିଁ। ସାପମାନେ ସାଧାରଣତଃ ସେହି ସ୍ଥାନକୁ ନିଜର ଆଶ୍ରୟସ୍ଥଳ କରନ୍ତି, ଯେଉଁଠାରେ ସେମାନେ ସହଜରେ ଲୁଚି ରହିପାରନ୍ତି।

ଘରର ପ୍ରବେଶ ପଥଗୁଡ଼ିକୁ ଭଲଭାବେ ସିଲ୍ କରନ୍ତୁ

ସାପମାନେ ଅତ୍ୟନ୍ତ ପତଳା ଫାଟ କିମ୍ବା ଛିଦ୍ର ଦେଇ ମଧ୍ୟ ଘର ଭିତରକୁ ପଶିପାରନ୍ତି। ସେଥିପାଇଁ ଘରର କବାଟ, ଝରକା ତଳର ଖାଲି ସ୍ଥାନ ଏବଂ ଫାଟଗୁଡ଼ିକୁ ଭଲଭାବେ ବନ୍ଦ କରନ୍ତୁ। ଘରର ବାହାର ଅଂଶରେ ଜାଲି ଲଗାଇବା କିମ୍ବା ସମସ୍ତ ଫାଟ ଓ ଖାଲି ସ୍ଥାନକୁ ସିଲ୍ କରିଦେଲେ ସାପମାନଙ୍କ ଘର ଭିତରକୁ ପ୍ରବେଶ କରିବାର ରାସ୍ତା ବନ୍ଦ ହୋଇଯାଏ।

ମୂଷାଙ୍କୁ ନିୟନ୍ତ୍ରଣରେ ରଖନ୍ତୁ

ମୂଷା ସାପମାନଙ୍କର ପ୍ରମୁଖ ଖାଦ୍ୟ। ଯଦି ଆପଣଙ୍କ ଘର କିମ୍ବା ବଗିଚାରେ ମୂଷାଙ୍କ ଉପଦ୍ରବ ରହିଛି, ତେବେ ସେମାନଙ୍କୁ ଖୋଜି ସାପ ମଧ୍ୟ ସେଠାକୁ ଆସିପାରନ୍ତି। ସେଥିପାଇଁ ଘରେ ଖାଦ୍ୟ ସାମଗ୍ରୀ ଖୋଲାରେ ରଖନ୍ତୁ ନାହିଁ ଏବଂ ସବୁବେଳେ ପରିଷ୍କାର ବଜାୟ ରଖନ୍ତୁ, ଯାହାଦ୍ୱାରା ମୂଷା ବଢ଼ିପାରିବେ ନାହିଁ। ମୂଷାଙ୍କୁ ନିୟନ୍ତ୍ରଣରେ ରଖିବା ହେଉଛି ସାପମାନଙ୍କୁ ଘରଠାରୁ ଦୂରେ ରଖିବାର ସବୁଠାରୁ ପ୍ରଭାବଶାଳୀ ଉପାୟ।

ଆର୍ଦ୍ର ସ୍ଥାନଗୁଡ଼ିକୁ ନିୟମିତ ଯାଞ୍ଚ କରନ୍ତୁ

ଡ୍ରେନେଜ୍ ପାଇପ୍ ଏବଂ ଘରର ତଳ ଅଂଶରେ ଥିବା ଆର୍ଦ୍ରତା ସାପମାନଙ୍କୁ ଆକର୍ଷିତ କରେ। ସେଥିପାଇଁ ଏହି ସ୍ଥାନଗୁଡ଼ିକୁ ନିୟମିତ ଯାଞ୍ଚ କରନ୍ତୁ ଏବଂ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ। ଡ୍ରେନେଜ୍ କିମ୍ବା ପାଇପ୍ର ଆଉଟଲେଟ୍ରେ ଜାଲି (ମେଶ୍) ଲଗାଇବା ଏକ ଭଲ ଏବଂ ସୁରକ୍ଷିତ ବିକଳ୍ପ, ଯାହା ସାପ ଓ ଅନ୍ୟାନ୍ୟ ସରୀସୃପ ଘର ଭିତରକୁ ପ୍ରବେଶ କରିବାର ଆଶଙ୍କାକୁ କମାଇଥାଏ।

ସତର୍କତା ହିଁ ସୁରକ୍ଷା

ରାତିରେ ଘର ବାହାରକୁ ଯିବାବେଳେ ସବୁବେଳେ ଟର୍ଚ୍ଚ ବ୍ୟବହାର କରନ୍ତୁ ଏବଂ ଘଞ୍ଚ ଝାଡ଼ି କିମ୍ବା ବୁଦା ପାଖକୁ ଯିବାରୁ ଦୂରେଇ ରୁହନ୍ତୁ। ଯଦି କେବେ ଘର ଭିତରେ ସାପ ଦେଖନ୍ତି, ତେବେ ଭୟଭୀତ ହୁଅନ୍ତୁ ନାହିଁ।

ସାପକୁ ଡରାଇବା କିମ୍ବା ମାରିବାକୁ ଚେଷ୍ଟା କରନ୍ତୁ ନାହିଁ। ଏହାଠାରୁ ସୁରକ୍ଷିତ ଦୂରତା ବଜାୟ ରଖନ୍ତୁ, ତା' ଉପରେ ନଜର ରଖନ୍ତୁ ଏବଂ ତୁରନ୍ତ ପ୍ରଶିକ୍ଷିତ ସ୍ନେକ୍ ରେସ୍କ୍ୟୁ ଟିମ୍ କିମ୍ବା ସ୍ଥାନୀୟ ବନ ବିଭାଗକୁ ସୂଚନା ଦିଅନ୍ତୁ। ଏହା ଆପଣଙ୍କ ଏବଂ ସାପ ଉଭୟଙ୍କ ପାଇଁ ସବୁଠାରୁ ସୁରକ୍ଷିତ ପଦକ୍ଷେପ।

ସକାଳ ଜଳଖିଆରେ ସାମିଲ କରନ୍ତୁ ସ୍ପ୍ରାଉଟ୍ସ

ସକାଳର ଜଳଖିଆ ହେଲ୍‌ଦି ରଖିବାକୁ ସମସ୍ତେ ପରାମର୍ଶ ଦେଇଥାନ୍ତି । ଯେଉଁଥିରୁ ଶରୀରକୁ ସମସ୍ତ ପ୍ରକାର ପୋଷକ ତତ୍ତ୍ୱ ମିଳିଥାଏ। ହେଲେ କିଛି ଲୋକ ଅଛନ୍ତି ସେମାନେ ଶୀଘ୍ର ଜଳଖିଆ କରିପାରନ୍ତି ନାହିଁ। ତେବେ ସେମାନେ ସେମାନଙ୍କ ଜଳଖିଆରେ ଶୀଘ୍ର ବନେଇ ହେଉଥିବା ଏବଂ ହାଲୁକା ଜିନିଷ ସାମିଲ କରିପାରିବେ। ଯେପରିକି ସ୍ପ୍ରାଉଟ୍ସ । ଜଳଖିଆରେ ଏହାକୁ ଖାଇବା ଦ୍ୱାରା ଶରୀରକୁ ପୋଷକ ତତ୍ତ୍ୱ ଏବଂ ସାରା ଦିନ ପାଇଁ ଶକ୍ତି ମିଳିଥାଏ। ତେବେ ଆପଣ କେବଳ ଯେ ମୁଗ ଡାଲି ନୁହେଁ ବରଂ ଅନେକ ପ୍ରକାରର ସ୍ପ୍ରାଉଟ୍ସକୁ ଜଳଖିଆରେ ସାମିଲ କରିପାରିବେ।

ଗଜା ମୁଗ

ଅଧିକାଂଶ ଲୋକ ମୁଗ ଡାଲି ଗଜା ପସନ୍ଦ କରନ୍ତି। ଆପଣ ଏହାକୁ ସକାଳ ଜଳଖିଆରେ ସାମିଲ କରିପାରିବେ। ୧ କପ୍ ଅର୍ଥାତ୍ ପ୍ରାୟ ୧୦୪ ଗ୍ରାମ ଏହି ଗଜାରେ ବହୁତ କମ୍ କ୍ୟାଲୋରୀ ଏବଂ କାର୍ବୋହାଇଡ୍ରେଟ୍ ଥାଏ। ଏଥିରେ ୩ ଗ୍ରାମ ପ୍ରୋଟିନ୍, ଡାଲି ମୂଲ୍ୟ ଅନୁସାରେ ୧୫% ଭିଟାମିନ୍ ସି, ୧୬% ଫୋଲେଟ୍ ଥାଏ।

ଗଜା ଚଣା

ଆପଣ ସକାଳ ଜଳଖିଆରେ ଗଜା ଚଣା ମଧ୍ୟ ସାମିଲ କରିପାରିବେ। ଏହା ନିରାମିଷ ଖାଉଥିବା ବ୍ୟକ୍ତିଙ୍କ ପାଇଁ ପ୍ରୋଟିନର ଏକ ଭଲ ଉତ୍ସ। ହେଲଥଲାଇନ୍ ଅନୁଯାୟୀ, ଗୋଟିଏ କପ୍ ଗଜା ଚଣା ରେ ୪୮୦ କ୍ୟାଲୋରୀ, ୮୪ ଗ୍ରାମ କାର୍ବୋହାଇଡ୍ରେଟ୍, ୩୬ ଗ୍ରାମ ପ୍ରୋଟିନ୍, ୮ ଗ୍ରାମ ଚର୍ବିଥାଏ।

ଗଜା ମସୁର ଡାଲି

ଆପଣ ମସୁର ଡ଼ାଲିକୁ ମଧ୍ୟ ଗଜା କରି ନିଜ ଡ଼ାଏଟରେ ସାମିଲ କରିପାରିବେ । ଏହା ମଧ୍ୟ ପ୍ରୋଟିନର ଏକ ଭଲ ଉତ୍ସ। ମସୁର ଡ଼ାଲିକୁ ରାତିସାରା ପାଣିରେ ଭିଜାଇ ରଖନ୍ତୁ। ଏହା ପରେ, ସକାଳେ ମସୁରକୁ ଛାଣି ଏକ ପାତ୍ର କିମ୍ବା ଚାଲୁଣୀରେ ରଖନ୍ତୁ। ଏହାକୁ ଏକ ସଫା କପଡାରେ ଘୋଡାଇ ୨ ଦିନ ପାଇଁ ଏକ ଗରମ ସ୍ଥାନରେ ରଖନ୍ତୁ। ଏହାପରେ ଏହାକୁ ଖାଇପାରିବେ ।

ଧଳା ଚଣା ଗଜା

କଳା ଚଣା ପରି, ଆପଣ ଧଳା ଚଣାକୁ ମଧ୍ୟ ଗଜା କରିପାରିବେ। ଏହାକୁ ପ୍ରୋଟିନର ଏକ ଭଲ ଉତ୍ସ ଭାବରେ ବିବେଚନା କରାଯାଏ।୧୪୦ ଗ୍ରାମ ଧଳା ଚଣାରେ ପ୍ରାୟ ୩୬ ଗ୍ରାମ ପ୍ରୋଟିନ୍ ମିଳିଥାଏ।

ଗଜା ମଟର

ଗଜା ମଟର ବିଷୟରେ ବହୁତ କମ୍ ଲୋକ ଜାଣିଥିବେ। ପ୍ରୋଟିନ୍ ବ୍ୟତୀତ, ଏହା ଭିଟାମିନ୍ ସି ଏବଂ ଫୋଲେଟ୍ ଅର୍ଥାତ୍ ଭିଟାମିନ୍ ବି୯ ର ଏକ ଭଲ ଉତ୍ସ। ଆପଣ ଏହାକୁ ମଧ୍ୟ ସକାଳ ଜଳଖିଆରେ ସାମିଲ କରିପାରିବେ ।

ଗଜା ସୋୟାବିନ୍

ଏହା ସୋୟାବିନ୍ ମଞ୍ଜିକୁ ଗଜା କରି ତିଆରି କରାଯାଏ। ଏହାକୁ କୋରିଆନ୍ ଖାଦ୍ୟରେ ମଧ୍ୟ ବ୍ୟବହାର କରାଯାଏ। ଗୋଟିଏ କପ୍ ଅର୍ଥାତ୍ ପ୍ରାୟ ୭୦ ଗ୍ରାମ ସୋୟାବିନ୍ ଗଜାରେ ଦୈନିକ ମୂଲ୍ୟ ଅନୁସାରେ ୮୫ କ୍ୟାଲୋରୀ, ୬ ଗ୍ରାମ କାର୍ବୋହାଇଡ୍ରେଟ୍, ୯ ଗ୍ରାମ ପ୍ରୋଟିନ୍, ୫ ଗ୍ରାମ ଚର୍ବି ଓ ୧୨% ଭିଟାମିନ୍ ସି ଥାଏ। ଗଜା ହେବା ଦ୍ୱାରା ସୋୟାବିନ୍ରେ ଫାଇଟିକ୍ ଏସିଡ୍ର ସ୍ତର ହ୍ରାସ ପାଏ , ଯାହା ଏକ ଆଣ୍ଟିନ୍ୟୁଟ୍ରିଏଣ୍ଟ ।

ଫ୍ୟାଟ୍ ଜାତୀୟ ଖାଦ୍ୟ ଅଧିକ ଖାଉଥିଲେ



ମନଲୋଭା ଖାଦ୍ୟ ଦେଖିଲେ ତାହାକୁ ଖାଇବାକୁ ପ୍ରାୟ ଅନେକଙ୍କ ମନରେ ଆଗ୍ରହ ସୃଷ୍ଟି ହୋଇଥାଏ। ହେଲେ ନିଜକୁ ସୁସ୍ଥ ରଖିବା ପାଇଁ ଖାଦ୍ୟପେୟ ଉପରେ ନିୟନ୍ତ୍ରଣ ନିହାତି ଜରୁରୀ। ଆପଣ ଅଧିକ ଫ୍ୟାଟ୍ଯୁକ୍ତୀୟ ଖାଦ୍ୟ ଖାଉଛନ୍ତି କି ? ଯଦି ହଁ, ତେବେ ଏହାର ପରିମାଣକୁ ସୀମିତ କରନ୍ତୁ। ନ ହେଲେ ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ପ୍ରଭାବିତ ହେବାର ଆଶଙ୍କା ରହିଛି। ୱାଶିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ନିକଟରେ ଏଭଳି ସତର୍କ ସୂଚନା ଦେଇଛନ୍ତି। ଏଭଳି ଖାଦ୍ୟ ନିୟମିତ ଖାଉଥିବା କେତେକ ବ୍ୟକ୍ତିଙ୍କର ମସ୍ତିଷ୍କର କାର୍ଯ୍ୟଧାରାକୁ ସେମାନେ ତର୍ଜମା କରିବା ପରେ ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ଏଭଳି ଖାଦ୍ୟକୁ ନିୟନ୍ତ୍ରଣରେ ରଖିଲେ ଆମେ ନିଜକୁ କେତେକ ମସ୍ତିଷ୍କଜନିତ ସସମ୍ୟା ଠାରୁ ମଧ୍ୟ ଦୂରେଇ ରଖିପାରିବା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ସବୁବେଳେ ସନ୍ତୁଳିତ ତଥା ଭିଟାମିନ୍ଯୁକ୍ତ ଖାଦ୍ୟ ଖାଆନ୍ତୁ ଏବଂ ବ୍ୟାୟାମ, ଯୋଗ, ପ୍ରାଣାୟାମକୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ସାମିଲ କରିବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

ଚିକେନ୍ କଟଲେଟ୍

ଆବଶ୍ୟକ ସାମଗ୍ରୀ: ଚିକେନ କିମା, ପିଆଜ, ସିଝା ଆଳୁ, କର୍ଣ୍ଣଫ୍ଲୋର, ପାଉଁରୁଟି ଗୁଣ୍ଡ, କଞ୍ଚା ଲଙ୍କା, ଅଦା ଓ ରସୁଣ ବଟା, ଗରମ ମସଲା, ଲଙ୍କା ଗୁଣ୍ଡ, କଟା ଧନିଆ ପତ୍ର, ତେଲ ଓ ଲୁଣ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଡ଼େଇରେ ତେଲ ଗରମ କରନ୍ତୁ । ଏହାପରେ କଟା ପିଆଜ ପକାନ୍ତୁ। ପିଆଜର ରଙ୍ଗ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଏହାପରେ ସେଥିରେ ଅଦା ଓ ରସୁଣ ବଟା ପକାଇ ଭଲ ଭାବେ କଷନ୍ତୁ। ମସଲାରୁ ତେଲ ଛାଡିଲା ପରେ ଚିକେନ କିମା ପକାନ୍ତୁ । ଭଲରେ କଷନ୍ତୁ । କିଛି ସମୟ ପରେ ଏଥିରେ ଲଙ୍କା ଗୁଣ୍ଡ, ଲୁଣ ଓ ଗରମ ମସଲା ପକାଇ କିଛି ସମୟ ପାଇଁ ଘୋଡ଼ାଇ ଦିଅନ୍ତୁ। ଚିକେନ ଭଲ ଭାବେ ସିଝି ଗଲା ପରେ ଏହାକୁ ଗ୍ୟାସରୁ ଓହ୍ଲାଇ ଦିଅନ୍ତୁ। ଏବେ ଗୋଟିଏ ପାତ୍ରରେ କର୍ଣ୍ଣଫ୍ଲୋର ଓ ଅଳ୍ପ ପାଣି ମିଶାଇ ଭଲରେ ଘୋଳ ପ୍ରସ୍ତୁତ କରନ୍ତୁ। ଅନ୍ୟ ଏକ ପାତ୍ରରେ ସିଝା ଆଳୁକୁ ଲୁଣ ଦେଇ ଚକଟି ସେଥିରେ ପୂର୍ବ ପ୍ରସ୍ତୁତ ଚିକେନ ମିଶାନ୍ତୁ। ଏହି ମିଶ୍ରଣକୁ ଅଟାଗୋଳା ପରି ଗୋଲ ଗୋଲ କରି ତାକୁ ଦୁଇ ହାତରେ ଅଳ୍ପ ଚାପି ଦିଅନ୍ତୁ । ଏହାପରେ ଏହାର ୨ପଟେ ପାଉଁରୁଟି ଗୁଣ୍ଡ(ବ୍ରେଡ୍ କ୍ରମ୍ବ) ଦିଅନ୍ତୁ । ଏହାପରେ କର୍ଣ୍ଣଫ୍ଲୋର ଘୋଳରେ ବୁଡ଼ାଇ ତେଲରେ ଛାଣନ୍ତୁ। ଗୋଲଡେନ୍ ବ୍ରାଉନ୍ ରଙ୍ଗ ହେବା ପରେ ସେଗୁଡ଼ିକୁ ପ୍ଲେଟ୍କୁ କାଢ଼ି ଆଣନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା 'ଚିକେନ କଟ୍‌ଲେଟ୍' । ଏହାକୁ ସସ୍ କିମ୍ବା ଚଟଣି ସହ ପରଷନ୍ତୁ।

ବଲିଉଡ୍‌ର ବୋଲ୍ଡ ଅଭିନେତ୍ରୀ ମଲ୍ଲିକା ଶେରାୱତ୍

ମଲ୍ଲିକା ଶେରାୱତ୍ ବଲିଉଡର ବୋଲ୍ଡ ଅଭିନେତ୍ରୀଙ୍କ ମଧ୍ୟରୁ ଜଣେ। ସେ ଜଣେ ମୁଖର ତଥା ସ୍ୱାଧୀନଚେତା ଅଭିନେତ୍ରୀ ବୋଲି ସମସ୍ତେ ଜାଣନ୍ତି, କିନ୍ତୁ ଖୁବ୍ କମ୍ ଲୋକ ତାଙ୍କ ଅତୀତ ବିଷୟରେ ଜାଣିଥିବେ। ଏହାର କାରଣ ହେଲା ସେ ନିଜ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ବିଶେଷ ଆଲୋଚନା କରନ୍ତି ନାହିଁ। ପ୍ରକୃତରେ ସେ ଲୋକଲୋଚନକୁ ଆସିବା ପୂର୍ବରୁ ତାଙ୍କର ନାମ ଓ କାମ ଭିନ୍ନ ଥିଲା। ତାଙ୍କର ଅସଲ ନାମ- ରୀମା ଲାମ୍ବା। ସେ ହରିୟାଣା ଅନ୍ତର୍ଗତ ହିସାର ଜିଲ୍ଲାର ଏକ ଛୋଟ ଗ୍ରାମରେ ଜନ୍ମ ହୋଇଥିଲେ। ସେ ଅଳ୍ପ ବୟସରୁ ଧନୀ ଓ ପ୍ରସିଦ୍ଧ ହେବାର ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲେ। ଏକ ବିମାନସେବା କମ୍ପାନିରେ ଏଆର୍ ହୋଷ୍ଟେସ୍ ଭାବରେ କାମ କରୁଥିବା ବେଳେ ସେ ଦିଲ୍ଲୀର ପାଇଲଟ୍ କରଣ ସିଂହ ଗିଲ୍‌ଙ୍କ ପ୍ରେମରେ ପଡ଼ିଥିଲେ। ୧୯୯୭ ମସିହାରେ ରୀମା ମାତ୍ର ୨୧ ବର୍ଷ ବୟସରେ କରଣଙ୍କୁ ବିବାହ କରିଥିଲେ। ତେବେ ବିବାହର ବନ୍ଧନ ତାଙ୍କ ସ୍ୱାଧୀନଚେତା ବ୍ୟକ୍ତିତ୍ୱ ସହ ଖାପ ଖାଇଲା ନାହିଁ। ତାଙ୍କର ଗ୍ଲାମର୍ ଦୁନିଆରେ ପ୍ରବେଶ କରିବାର ଇଚ୍ଛାକୁ ଶାଶୂଘର ଲୋକ ଗ୍ରହଣ କଲେ ନାହିଁ। ଏଥିପାଇଁ ତାଙ୍କ ଘରେ ବଡ଼ ବିବାଦ ସୃଷ୍ଟି ହୋଇଥିଲା। ଶେଷକୁ ସେ ନିଜର ମହତ୍ତ୍ୱାକାଂକ୍ଷା ପୂରଣ କରିବା ପାଇଁ ପାଇଲଟ୍ ସ୍ୱାମୀଙ୍କ ପାଖରୁ ଅଲଗା ହୋଇଗଲେ। ଏହା ପରେ ସେ ଆଉ ବିବାହ ନ କରି ବଲିଉଡ୍ କ୍ୟାରିଅର୍ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ। ଅଭିନୟ ଜଗତକୁ ଆସିବା ସମୟରେ ରୀମା ଲାମ୍ବା ପାଲଟିଗଲେ ମଲ୍ଲିକା ଶେରାୱତ। ବିବାହ ବିଚ୍ଛେଦ ସମ୍ପର୍କରେ ଜାଣିଲେ କାଳେ ଅଭିନୟ କ୍ୟାରିଅର୍ ଲାଗି ସମସ୍ୟା ହେବ, ସେ ଭୟରେ ସେ ନିଜ ଅତୀତକୁ ଗୋପନୀୟ ରଖିବାର ନିଷ୍ପତ୍ତି ନେଇଥିଲେ। ଏହା ପରେ ପ୍ରାୟ ଅଢ଼େଇ ଦଶନ୍ଧି ହେଲା ତାଙ୍କର ଅଭିନୟ କ୍ୟାରିଅର୍ ଜାରି ରହିଛି। ଏବେ ଆମାଜନ୍ ପ୍ରାଇମ୍ ଭିଡିଓ ମଞ୍ଚରେ ପ୍ରସାରିତ ହେଉଥିବା 'ଟ୍ରେଟର୍ସ' ନାମକ ରିଆଲିଟି ସୋ'ରେ ମଲ୍ଲିକା ସାମିଲ ହୋଇଛନ୍ତି।

ଗୋପାଳପୁରରେ 'ତ୍ରିରଙ୍ଗା ମାରାଥନ'

୫.୫ କିଲୋମିଟର ଦୌଡ଼ିଲେ ଛତ୍ରପୁର ବିଧାୟକ ଓ ଜିଲ୍ଲାପାଳ

ବ୍ରହ୍ମପୁର(ପିପିଏସ୍): 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ଅବସରରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଗୋପାଳପୁରରେ 'ତ୍ରିରଙ୍ଗା ମାରାଥନ' ଆୟୋଜିତ ହୋଇଯାଇଛି। ଦେଶପ୍ରେମ, ଜାତୀୟ ଏକତା ଓ ଅଖଣ୍ଡତାର ବାର୍ତ୍ତା ନେଇ ଆୟୋଜିତ ଏହି ମାରାଥନରେ ଏକ ହଜାରରୁ ଅଧିକ ଯୁବକ-ଯୁବତୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।ସକାଳ ୬ଟାରେ ବିଜୟ ମାର୍ଗରୁ ଆରମ୍ଭ ହୋଇଥିବା ଏହି ମାରାଥନ ଗୋପାଳପୁର ମୁଖ୍ୟ ବେଳାଭୂମିରେ ଶେଷ ହୋଇଥିଲା। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ

ପୁରୁଷବର୍ଗରେ ନେତ୍ରମଣି ଓ ମହିଳା ବର୍ଗରେ ଗୁଡ଼୍‌ଲି ପ୍ରଥମ

ଅଧିକାରୀ ସମୀର କୁମାର ଜେନା, ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କେଟା, ଗୋପାଳପୁର ଏନ୍‌ଏସି ଅଧ୍ୟକ୍ଷ ଏ.ଜାନକୀ ରାମ, ଅତିରିକ୍ତ ଉପଜିଲ୍ଲାପାଳ ଛତ୍ରପୁର ପାର୍ଥ ସାରଥୀ ହାଁସଦା, ଜିଲ୍ଲା କ୍ରୀଡା ଅଧିକାରୀ ଦିବ୍ୟ ରଞ୍ଜନ ବିଶ୍ୱାଳ, ବ୍ରହ୍ମପୁର ଏକାଡେମୀର କୋଚ୍ ସୀମାଞ୍ଚଳ ବାରିକଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଓ ଏକ ହଜାରରୁ ଅଧିକ ଯୁବକଯୁବତୀ ଏଥିରେ ଅଂଶଗ୍ରହଣ କରିଥିଲେ। ମାରାଥନ ମାର୍ଗର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକ ହାତରେ ତ୍ରିରଙ୍ଗା ପତାକା ଧରି ଧାବକମାନଙ୍କୁ ଉତ୍ସାହିତ କରିଥିଲେ। ସମଗ୍ର ଅଞ୍ଚଳ ଦେଶପ୍ରେମର ଭାବନାରେ ଉଦ୍‌ବେଳିତ ହୋଇଥିଲା।ଯୁବକଯୁବତୀମାନଙ୍କ ସହ ଛତ୍ରପୁର ବିଧାୟକ ଓ ଜିଲ୍ଲାପାଳ ମଧ ସମ୍ପୂର୍ଣ୍ଣ ୫.୫ କିଲୋମିଟର ଦୌଡ଼ି ଅତିକ୍ରମ କରିଥିଲେ। ସେମାନଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ମାରାଥନରେ ଭାଗ ନେଇଥିବା ଯୁବପିଢ଼ିଙ୍କୁ ଅଧିକ ଉତ୍ସାହିତ କରିଥିଲା। ପୁରୁଷ ବର୍ଗରେ

ନେତ୍ରମଣୀ ଶବର ପ୍ରଥମ, ଦୁର୍ଯ୍ୟଧନ ନାୟକ ଦ୍ୱିତୀୟ ଓ ସରୋଜ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ମହିଳା ବର୍ଗରେ ଗୁଡଲି ମଲ୍ଲିକ ପ୍ରଥମ, ସାନିୟା ମଲ୍ଲିକ ଦ୍ୱିତୀୟ ଓ ଅସୀମା ମଲ୍ଲିକ ତୃତୀୟ ସ୍ଥାନ ହାସଲ କରିଥିଲେ। କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ସହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଭାବେ ଯଥାକ୍ରମେ ୫,୦୦୦, ୩,୦୦୦ ଓ ୨,୦୦୦ ଟଙ୍କାର ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। 'ହାତରେ ତ୍ରିରଙ୍ଗା, ମନରେ ଦେଶପ୍ରେମ' ବାର୍ତ୍ତାକୁ ନେଇ ଆୟୋଜିତ ଏହି ତ୍ରିରଙ୍ଗା ମାରାଥନ ଗଞ୍ଜାମରେ ଜାତୀୟ ଏକତା, ଅଖଣ୍ଡତା ଓ ଦେଶପ୍ରେମର ଭାବନାକୁ ଆହୁରି ସୁଦୃଢ଼ କରିଛି ବୋଲି ଜିଲ୍ଲାପାଳ କହିଛନ୍ତି ।

ଉପ-ମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କୁ ସାକ୍ଷାତ୍ କଲେ କରଣ ଆଦାନୀ

ଭୁବନେଶ୍ୱର, (ପିପିଏସ୍): କରଣ ଆଦାନୀ ଓ ତାଙ୍କ ଟିମ୍ ଗୁରୁବାର ଖାରବେଳ ଭବନଠାରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସାକ୍ଷାତ କରିଛନ୍ତି। ଶକ୍ତି କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ଶକ୍ତି ବିଭାଗର ବରିଷ୍ଠ ନେତୃବୃନ୍ଦ ଏବଂ ଆଦାନୀ ଗ୍ରୁପର କାର୍ଯ୍ୟନିର୍ବାହୀ ଟିମ୍ ସହ ଶ୍ରୀ କରଣ ଆଦାନୀଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ଏବଂ ଗ୍ରୀଡ଼କୋର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥଙ୍କ ସମେତ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ରାଜ୍ୟରେ ଦୀର୍ଘକାଳୀନ ଶକ୍ତି ସୁରକ୍ଷା, ଗ୍ରିଡ୍ ସ୍ଥିରତା ଏବଂ ସ୍ଥାୟୀ ଶକ୍ତି ବିକାଶର ଲକ୍ଷ୍ୟକୁ ସୁଦୃଢ଼ କରିବା ପାଇଁ ସ୍ୱଚ୍ଛ ଶକ୍ତି ଭିତିଭୂମି, ବିଶେଷ କରି ପମ୍ପଡ୍ ଷ୍ଟୋରେଜ୍ ପ୍ଲାଂଟ ସୌର ଶକ୍ତି ଉତ୍ପାଦନ ଏବଂ ପରମାଣୁ ଶକ୍ତି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ଆଦାନୀ ଗ୍ରୁପ ପୂର୍ବରୁ ଥରେ ଉପମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରି ଓଡ଼ିଶାର ଶକ୍ତି କ୍ଷେତ୍ରରେ ନିବେଶ କରିବା ପାଇଁ ଆଗ୍ରହୀ ଥିବା ପ୍ରକାଶ କରିଥିଲେ। ଆଜିର ବୈଠକରେ ମଧ ଓଡ଼ିଶାର ସ୍ୱଚ୍ଛ ଶକ୍ତିରେ ନିବେଶ ଯଥା ୩୦୦୦ ମେଗାୱାଟ ବିଶିଷ୍ଟ ଦୁଇଟି ପାୱାର ପ୍ଲାଂଟ ସ୍ଥାପନ କଥାକୁ ଦୋହରାଇଛନ୍ତି।

ନିରବଚ୍ଛିନ୍ନ ତଥା କାର୍ବନ ମୁକ୍ତ ବେସଲୋଡ୍ ଶକ୍ତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନେତୃବୃନ୍ଦ ଅକ୍ଷୟ ଶକ୍ତି ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ। ଏଥିସହ ଅନ୍ୟାନ୍ୟ ରାଜ୍ୟରେ ଥିବା ଆଦାନୀ ଗ୍ରୁପର ଅକ୍ଷୟ ଶକ୍ତି ପ୍ରକଳ୍ପଗୁଡ଼ିକୁ ପରିଦର୍ଶନ କରିବା ପାଇଁ ଆଦାନୀ ଗ୍ରୁପ୍ ପକ୍ଷରୁ ଉପ-ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଛି।

ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନ୍‌ରେ ଅସ୍ଥାୟୀ ଭାବେ କୋଚ୍ ସଂଖ୍ୟା ବୃଦ୍ଧି

ଭୁବନେଶ୍ୱର, (ପିପିଏସ୍): ଯାତ୍ରୀମାନଙ୍କୁ ଅଧିକ ଆରାମଦାୟକ ସୁବିଧା ଯୋଗାଇଦେବା ଏବଂ ଆଗାମୀ ସପ୍ତାହରେ ବଢୁଥିବା ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଭାରତୀୟ ରେଳପଥ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ଏକ୍ସପ୍ରେସ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରାଯାଉଛି ।

ଟ୍ରେନ୍ ନମ୍ବର ୧୨୮୩୭ ହାୱଡ଼ା–ପୁରୀ ଏକ୍ସପ୍ରେସରେ ଅଗଷ୍ଟ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ କୋଚ ଅସ୍ଥାୟୀ ଭାବେ ସଂଯୋଜନ କରାଯିବ। ସେହିଭଳି, ଟ୍ରେନ ନମ୍ବର ୧୮୦୩୦ ଶାଲିମାର–ଲୋକମାନ୍ୟ ତିଳକ ଟର୍ମିନସ ଏକ୍ସପ୍ରେସରେ ଅଗଷ୍ଟ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଏସି ୩-ଟାୟାର ଏବଂ ଗୋଟିଏ ସ୍ଲିପର୍ କ୍ଲାସ କୋଚ୍ ସଂଯୋଜନ କରାଯିବ। ସେହିପରି, ଟ୍ରେନ ନମ୍ବର ୧୮୦୩୯ ଶାଲିମାର–ପୁରୀ ଏକ୍ସପ୍ରେସରେ ଅଗଷ୍ଟ ୧୬ ତାରିଖରେ ଦୁଇଟି ସ୍ଲିପର୍ କ୍ଲାସ୍ କୋଚ୍ ସଂଯୋଜନ କରାଯିବ। ଟ୍ରେନ ନମ୍ବର ୧୮୦୪୫ ଶାଲିମାର–ଚାର୍ଲାପଲ୍ଲୀ ଏକ୍ସପ୍ରେସ ଅଗଷ୍ଟ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଏସି ୩-ଟାୟାର କୋଚ୍ ସଂଯୋଜନ କରାଯିବ। ଟ୍ରେନ ନମ୍ବର ୧୮୦୬୩ ସାନ୍ତ୍ରାଗାଛି–ଝାଲାହାଙ୍କା ଏକ୍ସପ୍ରେସରେ ଅଗଷ୍ଟ ୨୦ ତାରିଖରେ ଗୋଟିଏ ଏସି ୩-ଟାୟାର କୋଚ୍ ସଂଯୋଜନ କରାଯିବ।

ଏଥିସହିତ, ଟ୍ରେନ ନମ୍ବର ୧୮୧୦୭ ରାଉରକେଲା–ଜଗଦଲପୁର ଏକ୍ସପ୍ରେସରେ ଅଗଷ୍ଟ ୧୫ ଓ ୧୬ ତାରିଖରେ ଗୋଟିଏ ସ୍ଲିପର କ୍ଲାସ କୋଚ୍ ସଂଯୋଜନ କରାଯିବ।

ଏହି ଅସ୍ଥାୟୀ କୋଚ୍ ବୃଦ୍ଧି ଯାତ୍ରୀମାନଙ୍କୁ ଅଧିକ ବର୍ଥ ସୁବିଧା ଯୋଗାଇବ ଏବଂ ଏହି ସମୟ ମଧ୍ୟରେ ବଢୁଥିବା ଯାତ୍ରୀ ଚାହିଦାକୁ ପୂରଣ କରିବାରେ ସହାୟକ ହେବ ।



ବ୍ରହ୍ମପୁରରୁ ଆରଏମ୍ଏସ୍ 'ବିଜି' ଡିଭିଜନ ପ୍ରଶାସନିକ ମୁଖ୍ୟାଳୟ ହଟାଇବା ପ୍ରସ୍ତାବକୁ ଦୃଢ଼ ବିରୋଧ

ଦକ୍ଷିଣ ଓଡ଼ିଶାର ସ୍ୱାର୍ଥ ହାନି ନ କରିବାକୁ ଦାବି

ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲାର ପ୍ରାଣକେନ୍ଦ୍ର ବ୍ରହ୍ମପୁରଠାରେ ଥିବା ରେଳ ଡାକ ସେବା (ଆରଏମ୍ଏସ୍) 'ବିଜି' ଡିଭିଜନ ପ୍ରଶାସନିକ ମୁଖ୍ୟାଳୟକୁ କଟକ ସ୍ଥାନାନ୍ତର କରିବା ପାଇଁ ହୋଇଥିବା ପ୍ରସ୍ତାବକୁ ନେଇ ସମଗ୍ର ଦକ୍ଷିଣ ଓଡ଼ିଶାରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି । ଗତ ଅଗଷ୍ଟ ୫ରେ ଏନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟକୁ କଟକ ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଛି । ଏହି ପ୍ରସ୍ତାବ ଦକ୍ଷିଣ ଓଡ଼ିଶାର ବିକାଶ ଓ ସାଧାରଣ ଜନତାଙ୍କ ପାଇଁ ଏକ ବଡ଼ ଆଘାତ ସଦୃଶ । ୧୯୭୮ ମସିହା ଅଗଷ୍ଟ ୧୬ ତାରିଖରେ ତତ୍କାଳୀନ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ବ୍ରଜଲାଲ ବର୍ମାଙ୍କ ସମୟରେ ଡାକ ପ୍ରଶାସନର ବିକେନ୍ଦ୍ରୀକରଣ ଏବଂ ଦକ୍ଷିଣ ଓଡ଼ିଶାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ରହ୍ମପୁରଠାରେ ଏହି ଆରଏମ୍ଏସ୍

'ବିଜି' ଡିଭିଜନ ପ୍ରତିଷ୍ଠା କରାଯାଇଥିଲା । ବର୍ତ୍ତମାନ ଏହି ଡିଭିଜନ ଗଞ୍ଜାମ, ଗଜପତି, ଫୁଲବାଣୀ, ବୌଦ୍ଧ ସମେତ କେତେକ ଅଞ୍ଚଳ ୫ଟି ଜିଲ୍ଲା ଯଥା କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ାର ସୁଦୂର ତଥା ଆଦିବାସୀ ଅଞ୍ଚଳକୁ ଜରୁରୀ ଡାକ ସେବା ଯୋଗାଇ ଆସୁଛି । ଏହି କାର୍ଯ୍ୟାଳୟକୁ ବ୍ରହ୍ମପୁରରେ ବଜାୟ ରଖିବା ପଛରେ କେତେକ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି । ବ୍ୟବସାୟିକ ଓ ଜନସଂଖ୍ୟାଗତ କେନ୍ଦ୍ର ପ୍ରାୟ ୮ ଲକ୍ଷ ଆଞ୍ଚଳିକ ଜନସଂଖ୍ୟା ଏବଂ ୮୯.୨୬% ସାକ୍ଷରତା ହାର ସହ ବ୍ରହ୍ମପୁର ହେଉଛି ଏକ ପ୍ରମୁଖ ମହାନଗର ନିଗମ ଓ ବ୍ୟାପାରିକ କେନ୍ଦ୍ର । ଏଠାରେ ସ୍ଥାନୀୟ ଡାକ ନେଟୱାର୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରଶାସନିକ ଓ ଶିକ୍ଷାନୁଷ୍ଠାନର ଉପସ୍ଥିତି । ଏହି ସହରରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି) କାର୍ଯ୍ୟାଳୟ, ଇଣ୍ଡିଆନ୍ ରେୟାର୍ ଅର୍ଥସ (ଆଇଆରଇ), ଆର୍ମି ଏୟାର ଡିଫେନ୍ସ ସେଣ୍ଟର, ଗୋପାଳପୁର ପୋର୍ଟ ଅଥରିଟି ଏବଂ ଆଇଜର ବ୍ରହ୍ମପୁର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ (ଭଞ୍ଜବିହାର), ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଭଳି ଅନେକ ପ୍ରସିଦ୍ଧ ଅନୁଷ୍ଠାନ ରହିଛି । ଅନ୍ୟାନ୍ୟ ସ୍ଥାନର ପରିଚାଳନାଗତ ସମସ୍ୟା କଟକ ଆରଏମ୍ଏସ୍ ଡିଭିଜନ ପୂର୍ବରୁ ହାଓଡ଼ାରୁ ଭିଜିଆନାଗରମ ପର୍ଯ୍ୟନ୍ତ ୧୦୮ଟି ଆରଏମ୍ଏସ୍ କାର୍ଯ୍ୟାଳୟ ଓ ୫ଟି ମେଲ ସେକ୍ସନର ଭାର ସମ୍ଭାଳୁଛି । ଏହା ଉପରେ ବ୍ରହ୍ମପୁରର ବୋଝ ଲଦିଦେଲେ କାର୍ଯ୍ୟକ୍ଷମତା ହ୍ରାସ ପାଇବ । ସେହିପରି ଓଡ଼ିଶାର ସୁଦୂର ଉତ୍ତର-ପଶ୍ଚିମରେ ଥିବା ଝାରସୁଗୁଡ଼ା ସହ ଜଇପୁର ଓ ରାୟଗଡ଼ାକୁ ମିଶାଇଲେ ଭୌଗୋଳିକ ଦୃଷ୍ଟିକୋଣରୁ ଡାକ ଚଳାଚଳ ସୁଚାରୁରୂପେ ନିରୀକ୍ଷଣ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିବ । ବ୍ରହ୍ମପୁରରୁ ଆରଏମଏସ 'ବିଜି' ଡିଭିଜନକୁ ବ୍ରହ୍ମପୁରରୁ ଅନ୍ୟତ୍ର ଘୁଞ୍ଚାଇ ଦେଲେ ପ୍ରଶାସନିକ ନିୟନ୍ତ୍ରଣ ଦୁର୍ବଳ ହେବ, ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ବାଧାପ୍ରାପ୍ତ ହେବ ଏବଂ ଦକ୍ଷିଣ ଓଡ଼ିଶାବାସୀଙ୍କ ମଧ୍ୟରେ କ୍ଷୋଭ ସୃଷ୍ଟି ହେବ। ସମସ୍ତ ତଥ୍ୟକୁ ନଜରରେ ରଖି ଆରଏମ୍ଏସ୍ 'ବିଜି' ଡିଭିଜନ୍‌କୁ କଟକ ଡିଭିଜନ୍ ସହିତ ମିଶ୍ରଣ କରିବାର ପ୍ରସ୍ତାବକୁ ବାତିଲ୍ କରାଯିବା ଉଚିତ୍।

'ହର୍ ଘର ତ୍ରିରଙ୍ଗା' ଶୋଭାଯାତ୍ରା

ଚୌଦ୍ୱାର,(ପିପିଏସ୍):ଚୌଦ୍ୱାର ପୌରପାଳିକା ତରଫରୁ ହର ଘର ତ୍ରିରଙ୍ଗା - ୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ପୌରକର୍ମଚାରୀ, ପାରିଷଦ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ସାଧାରଣ ନାଗରିକ ହାତରେ ତ୍ରିରଙ୍ଗା ଧରି ବିଜୁ ପଟ୍ଟନାୟକ ବ୍ୟାରେଜ ନିକଟରୁ ବାହାରି ଶୋଭାଯାତ୍ରାକାରୀ ପୌର କାର୍ଯ୍ୟାଳୟକୁ ଆସିଥିଲେ । ସେଠାରେ ବିଭିନ୍ନ ଜାତୀୟତାବୋଧ ସ୍ଲୋଗାନ ଦେଇ କାର୍ଯ୍ୟକ୍ରମ ତ୍ରିରଙ୍ଗାପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ । ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ବିଜୟ ମଲ୍ଲିକ, ସୁଜାତା ସାହୁ, ଆଶୁତୋଷ ଦାସଙ୍କ ସମେତ ବହୁ କାଉନସିଲର ଉପସ୍ଥିତ ଥିଲେ। ପୌରପାଳିକାର ପରିମଳ ବିଶେଷଜ୍ଞ ପୀୟୁଷ କୁମାର ସାହୁ, ଆଖଣ୍ଡଳେଶ୍ୱର ମହାନ୍ତି, ନିର୍ମଳ ଦାସ, ବିଚିତ୍ରାନନ୍ଦ ସ୍ୱାଇଁ, ତପନ କୁମାର ସାହୁ, ସୁନୀଲ ଦାସ, ସନ୍ତୋଷ କୁମାର ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

୨୬ନମ୍ବର ୱାର୍ଡରେ ଶ୍ରମକାର୍ଡ ପଞ୍ଜୀକରଣ ଶିବିର

ବ୍ରହ୍ମପୁର(ପିପିଏସ୍): ନିଗମର ୨୬ନମ୍ବର ୱାର୍ଡର ଯୁବ ସମାଜସେବୀ ତଥା କର୍ପୋରେଟର ଧିରେଶ କୁମାର ସାବତଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ୱାର୍ଡବାସୀ ତଥା ଆଖପାଖ ୱାର୍ଡର ଶତାଧିକ ମହିଳାପୁରୁଷ ଶ୍ରମକାର୍ଡ ପାଇବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ । କର୍ପୋରେଟର ଶ୍ରୀ ସାବତ ଏହା ଜାଣିବାପରେ ଶାସ୍ତ୍ରୀନଗର ଚଣ୍ଡିମନ୍ଦିର ପରିସରରେ ମାଗଣା ଶ୍ରମକାର୍ଡ ପଞ୍ଜିକରଣ ଶିବିରକରି ସେମାନଙ୍କୁ ଶ୍ରମକାର୍ଡ ପ୍ରଦାନରେ ସହଯୋଗ କରିଥିଲେ । ନୂତନ ଶ୍ରମକାର୍ଡ ପଞ୍ଜିକରଣ କରିବା ଓ କରାଇବାରେ ବହୁ ଗରିବ ଗୁରୁବାଙ୍କୁ ସହଯୋଗର ହାତ ବଢ଼ାଇ ଅଞ୍ଚଳବାସୀଙ୍କ ଶ୍ରଦ୍ଧାଭାଜନ ହୋଇଛନ୍ତି ଶ୍ରୀ ସାବତ । ଏହି ଶିବିରରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଶ୍ରେଣୀର ବ୍ୟକ୍ତି ବିଶେଷମାନେ ଉପକୃତ ହୋଇଥିବା ଜଣାପଡିଛି । ଏହି ଶିବିରକୁ ୱାର୍ଡର ବହୁ ଯୁବକ ସହଯୋଗ କରିଥିଲେ ।

ନାଇଜେରିଆରେ ଚମକିଲେ ଓଡ଼ିଆ ପୁଅ

ବ୍ରହ୍ମପୁର(ପିପିଏସ୍): ଭରାତ ପାଇଁ ସ୍ୱର୍ଣ୍ଣ ଜିତିଲେ ଗଞ୍ଜାମ ଜିଲ୍ଲା ଛତ୍ରପୁରର ଭିନ୍ନକ୍ଷମ ଖେଳାଳି ଭି.ରମେଶ ରାଓ। ଯାହାକି ଅଞ୍ଚଳ ପାଇଁ ଗର୍ବର ବିଷୟ। ନାଇଜେରିଆର ଲାଗୋସ ଠାରେ ଆୟୋଜିତ କମନଓ୍ୱେଲଥ ପାରା ଫେନ୍ସିଂ ଚାମ୍ପିୟନସିପ୍-୨୦୨୬ । ଏହା ଚଳିତ ମାସ ୯ରୁ ୧୩ ତାରିଖ ପ୍ରଯ୍ୟନ୍ତ ଅନୁଷ୍ଠିତ ହେଉଛି । ଭାରତ ପକ୍ଷରୁ ୧୩ ଜଣ ଅଂଶ ଗ୍ରହଣ କରୁଥିବା ବେଳେ ଭି.ରମେଶ ମଧ୍ୟ ସେଥିରେ ସାମିଲ ଅଛନ୍ତି। ଗତକାଲି ରମେଶ ଫଏଲ ପାରା ଫେନ୍ସିଂରେ ଏହି ସଫଳତା ପାଇଛନ୍ତି। ସେ ପୂର୍ବରୁ ଭଲ ଖେଳି ଏହିପରି ସଫଳତା ପାଇଁଛନ୍ତି। ଆଜି ମଧ ତାଙ୍କର ଅନ୍ତିମ ମ୍ୟାଚ ରହିଛି । ଏହି ସଫଳତା ପାଇଁ ପରିବାର ଲୋକ ବହୁତ ଖୁସି। ପୁଅ ଆହୁରି ଉତ୍ତର କାମନା କରିଛନ୍ତି। ରମେଶ ହେଉଛନ୍ତି ଜଣେ ପ୍ରସିଦ୍ଧ ପାରା-ଫେନ୍ସର ଖେଳାଳି। ଗଞ୍ଜାମ ଜିଲ୍ଲା ଛତ୍ରପୁରର ବାସିନ୍ଦା। ସେ ଆନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଦେଶ ଓ ରାଜ୍ୟ ପାଇଁ ଅନେକ ପଦକ ଜିତିଛନ୍ତି। ଜାତୀୟ ପାରା ଫେନ୍ସିଂ ଚାମ୍ପିୟନସିପ୍ ଏବଂ ଏସିଆନ୍ ପାରା ଗେମ୍ସ ଭଳି ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି।

ଚୌଦ୍ୱାର ପୌରପରିଷଦ ବୈଠକ

ଆୟୋଜିତ ହେବ ମିଳିତ ପରେଡ୍

ଚୌଦ୍ୱାର,(ପିପିଏସ୍): ଚଳିତ ବର୍ଷ ଚୌଦ୍ୱାର ପୌରପାଳିକା ପକ୍ଷରୁ ଆୟୋଜିତ ସ୍ୱାଧୀନତା ଦିବସ ଉତ୍ସବରେ ବିଦ୍ୟାଳୟସ୍ତରର ପିଲା ମାନଙ୍କଦ୍ୱାରା ମିଳିତ ପ୍ୟାରେଡ ଅନୁଷ୍ଠିତ ହେବବୋଲି ପୌର ପରିଷଦ ତରଫରୁ ସ୍ପଷ୍ଟ କରାଯାଇଛି। ଏନେ ଗୁରୁବାର ଦିନ ଏକ ସ୍ୱତନ୍ତ୍ର କାଉନସିଲ ବୈଠକ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପୌରହିତ୍ୟରେ ପୌର ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ସୌଭିକ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଚୌଦ୍ୱାର ପୌରପାଳିକା ଚଳିତ ବର୍ଷ ମିଳିତ ପ୍ୟାରେଡର ୫୦ବର୍ଷ ପୁର୍ତ୍ତି ପାଳନ କରିବାକୁ ଯାଉଥିବାରୁ ଏହି ଉତ୍ସବକୁ ସମାରୋହରେ ପାଳନ କରିବା ପାଇଁ ସମସ୍ତେ ସହଯୋଗ କରିବା ପାଇଁ ନିବେଦନ କରିଥିଲେ । ପୌରନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଓ ସମସ୍ତ ପାରିଷଦ ବୈଠକରେ ଉପସ୍ଥିତ ରହି ୮୦ତମ ସ୍ୱାଧୀନତା ଦିବସ ପାଳନର ଆୟୋଜନ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଆସନ୍ତା ମିଳିତ ପ୍ୟାରେଡ ସମାରୋହରେ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆ ଯାଇଥିଲା । ସୂଚନାଯୋଗ୍ୟଯେ ଚଳିତ ବର୍ଷ ଚୌଦ୍ୱାର ପୌରପାଳିକା ତରଫରୁ ଅନୁଷ୍ଠିତ ହେବାକୁ ଥିବା ସ୍ୱାଧୀନତା ଦିବସ ଉତ୍ସବରେ ଛାତ୍ରଛାତ୍ରୀଙ୍କ ମିଳିତ ପ୍ୟାରେଡ଼ ଆୟୋଜିତ ହେବନାହିଁ ବୋଲି ସାଧାରଣରେ ଆଲୋଚନା ହେବାପରେ ବିଭିନ୍ନ ରାଜନୈତିକ ଦଳ, ସଂଗଠନ ଓ ଚୌଦ୍ୱାରବାସୀଙ୍କ ତରଫରୁ ଏହାକୁ ବିରୋଧ କରାଯିବା ସହିତ ମିଳିତ ପ୍ୟାରେଡ଼ ଆୟୋଜନ କରିବାକୁ ଦାବି ହୋଇଥିଲା ।

ଜହ୍ନା ବଳଦେବଜୀଉ ମନ୍ଦିର ଉନ୍ନତୀକରଣ ପାଇଁ ବିଧାୟକଙ୍କ ସମୀକ୍ଷା

କୋରେଇ,(ପିପିଏସ)କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମରେ ଅବସ୍ଥିତ ଶ୍ରୀ ବଳଦେବଜୀଉ ମନ୍ଦିର ବହୁ ପୁରାତନ ମନ୍ଦିର କ୍ଷ ୫୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମହାପ୍ରଭୁ ଶ୍ରୀ ଜଗନ୍ନାଥ ପୂଜା ପାଇ ଆସୁଛନ୍ତି କ୍ଷ ଆଖପାଖ ଅଞ୍ଚଳବାସୀଙ୍କ ଅସ୍ଥା ଓ ଭରସାର କେନ୍ଦ୍ରବିନ୍ଦୁ ଭାବେ ମହାପ୍ରଭୁଙ୍କ ଉପରେ ସମସ୍ତଙ୍କ ବିଶ୍ୱାସ ରହିଛି। ଏହି ପରିପ୍ରେକ୍ଷୀରେ ଆଜି କୋରେଇ ବିଧାୟକ ଶ୍ରୀଯୁକ୍ତ ଆକାଶ ଦାସନାୟକ, ସଂସ୍କୃତି ବିଭାଗର ଦେବେନ୍ଦ୍ର କୁମାର ପରିଡ଼ା, ସ୍ଥାପତ୍ୟ ବିଶେଷଜ୍ଞ ଓ ଆଶିଷ କୁମାର ପରିଡ଼ା, ସ୍ଥାପତ୍ୟ ବିଶେଷଜ୍ଞଙ୍କ ସହ କ୍ଷେତ୍ର ପରିଦର୍ଶନ କରି ପାରିପାର୍ଶ୍ୱୀକ ଉନ୍ନତି ପାଇଁ ପ୍ରାରମ୍ଭିକ ଆଲୋଚନା କରିଥିଲେ । ମନ୍ଦିରର ଗର୍ଭଗୃହ, ନାଟମଣ୍ଡପ ନିର୍ମାଣ ଓ ଉନ୍ନତୀକରଣ, ବେଢାର ମରାମତି, ହସ୍ତ ପଦ ପ୍ରକ୍ଷାଳନ, ଆଲୋକୀକରଣ ଓ ପାନୀୟ ଜଳର ବ୍ୟବସ୍ଥା, ପ୍ରବେଶ ପଥରେ ଆକର୍ଷଣୀୟ ସ୍ୱାଗତ୍ ତୋରଣ, ମାଉସୀ ମା ମନ୍ଦିରର ପାରିପାର୍ଶ୍ୱୀକ ଉନ୍ନତିକାରଣ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଆସନ୍ତା ସପ୍ତାହରେ ଅଧିକାରୀ ଆସି ମନ୍ଦିରର ବ୍ୟବସ୍ଥା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଆବଶ୍ୟକୀୟ ଡିପିଆର ପ୍ରସ୍ତୁତ କରି ମାନ୍ୟବର ବିଧାୟକଙ୍କ ମାଧ୍ୟମରେ ସରକାରଙ୍କୁ ଅବଗତ କରାଯିବାର ନିଷ୍ପତ୍ତି ହୋଇଛି । ଏହି ଅବସରରେ ଟ୍ରଷ୍ଟ ବୋର୍ଡର ପ୍ରଧାନ ଟ୍ରଷ୍ଟି ଅଭିଳାଷ ବୋଇତାଇ, ବରିଷ୍ଠ ସଭ୍ୟ ଡ଼. ଚିନ୍ତାମଣି ପାଢ଼ୀ, ଚନ୍ଦ୍ରମଣୀ ବେହେରା, ପ୍ରୀତିରଞ୍ଜନ ସାହୁ, ବିକ୍ରମ ବିଶ୍ୱାଳ, ସଦାନନ୍ଦ ବେହେରା, କାମଦେବ ଦାସ, ରାଜୀବ ଲୋଚନ ରାଉତ, ଅତନୁ ବିଶ୍ୱାଳ, ଭବାନୀ ଶଙ୍କର ପାଢ଼ୀ, ସଞ୍ଜୟ ସାହୁ, ନିରଞ୍ଜନ ନାୟକ, ବିଦ୍ୟାଧର ସାହୁ, ସ୍ମୃତିରଞ୍ଜନ ପତ୍ରୀ, ହୃଷିକେଶ ସିଂ, ନାରାୟଣ ବେହେରା, ବିଶ୍ୱନାଥ ଦାସ, ବ୍ରହ୍ମାନନ୍ଦ ସ୍ୱାଇଁ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ ।

ସୃଜନଶ୍ରୀ ନୃସିଂହ ତ୍ରିପାଠୀଙ୍କୁ ଅପରାହ୍ନ ସେବା ସମ୍ମାନ

କେନ୍ଦ୍ରାପଡ଼ା ତା.୧୩/୮: କ୍ରାନ୍ତି ଦିବସରେ ଦୈନିକ ଖବର କାଗଜ 'ଅପରାହ୍ନ' କଟକ ଜିଲ୍ଲା ତରଫରୁ କଟକ-ସ୍ଥିତ ଗାନ୍ଧୀଭବନ ପରିସରରେ କର୍କଟ ରୋଗ ସଚେତନତା କବିତା ଆସର, ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା ଓ ସାହିତ୍ୟ ସାଧନା, ସମାଜସେବା, ପ୍ରକୃତିସେବା କ୍ଷେତ୍ରରେ ସୃଜନଶ୍ରୀ ନୃସିଂହ ଚରଣ ତ୍ରିପାଠୀଙ୍କୁ ଅପରାହ୍ନ ସେବା ସମ୍ମାନ -୨୦୨୬ ପ୍ରଦାନ କରାଯାଇଛି । ଉକ୍ତ ଉତ୍ସବରେ ସଭାପତିତ୍ୱ କରିଥିଲେ ଅପରାହ୍ନ କଟକ ଜିଲ୍ଲା ସଂଯୋଜକ କବି ରମେଶ ଚନ୍ଦ୍ର ନାୟକ, ମୁଖ୍ୟଅତିଥି କର୍କଟରୋଗ ବିଶେଷଜ୍ଞ ଡାକ୍ତର ଆଦିତ୍ୟ ମିଶ୍ର, ମୁଖ୍ୟବକ୍ତା ପ୍ରଫେସର ଡ଼ଃ ଦୀନବନ୍ଧୁ ବେହେରା,ବରେଣ୍ୟ ଅତିଥି ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ସମ୍ମାନୀୟ ଅତିଥି ଶ୍ରୀଲିପ୍ସା ପ୍ରିଷ୍ଟି ମିଡ଼ିଆ, ବାଲେଶ୍ୱରର ଲକ୍ଷ୍ମୀପ୍ରିୟା ଦାସ । ଶ୍ରୀଯୁକ୍ତ ତ୍ରିପାଠୀଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ନୂଆଗାଁରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

ନୟାଗଡ଼ ନୂଆଗାଁ ବ୍ଲକ ମଣ୍ଡଳ ପକ୍ଷରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ନୂଆଗାଁ ମଣ୍ଡଳ, ନୂଆଗାଁ ଯୁକ୍ତ ୨ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ମାଇଁ ଭାରତ ଓ ସେବା ଉତ୍ସବ ସମିତି ମିଳିତ ଆନୁକୂଲ୍ୟରେ ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପୂର୍ଣଚନ୍ଦ୍ର ନାୟକ,ନୂଆଗାଁ ବିଡ଼ିଓ ଅମୃତ କୁମାର ରାଉଳ, ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ସେବା ଉତ୍ସବ ସମିତି ଅଧକ୍ଷ ଶିବରାମ ମହାପାତ୍ର, ନୂଆଗାଁ ଯୁକ୍ତ ୨ କଲେଜ ଅଧକ୍ଷ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଅଗଷ୍ଟ ୯ରୁ ୧୫ତାରିଖ ପର୍ଯ୍ୟନ୍ତ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ନୂଆଗାଁ ଯୁକ୍ତ ୨ କଲେଜ ଠାରୁ ଏହି ବିଶାଳ ଶୋଭାଯାତ୍ରା ବାହାରି ନୂଆଗାଁ ଜାତୀୟ ରାଜପଥ ବଙ୍ଗଳା ଠାରେ ଶେଷ ହୋଇଥିଲା କ୍ଷ କାର୍ଯ୍ୟକ୍ରମରେ ପ୍ରାୟ ୭୦୦ ଯୁବକ, ଛାତ୍ରଛାତ୍ରୀ ଓ ବିଭିର୍ନ ବର୍ଗର ଲୋକ ଉପସ୍ଥିତ ଥିଲେ ।

ଦାନଗଦି ବଜାରରୁ ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

ଯାଜପୁର, (ପିପିଏସ): ଦାନଗଦି ବଜାରରେ ଦୀର୍ଘଦିନ ଧରି ରାସ୍ତାକଡ଼ରେ ଚାଲିଆସୁଥିବା ବେଆଇନ ମାଛ ଓ ଚିକେନ୍ ଦୋକାନ ଉପରେ ଗୁରୁବାର ତହସିଲ ପ୍ରଶାସନ ପକ୍ଷରୁ ବ୍ୟାପକ ଉଚ୍ଛେଦ ଅଭିଯାନ ଚଳାଯାଇଛି। ବୁଲଡୋଜର ସହାୟତାରେ ଅନଧିକୃତ ଦୋକାନଗୁଡ଼ିକୁ ହଟାଯାଇଛି। ସୂଚନାନୁସାରେ, ମୁଖ୍ୟ ରାସ୍ତାକଡ଼ରେ ବେଆଇନ ଭାବେ ଗଢ଼ିଉଠିଥିବା ଏହି ଦୋକାନଗୁଡ଼ିକ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେଉଥିଲା ଏବଂ ବାରମ୍ବାର ଛୋଟବଡ଼ ଦୁର୍ଘଟଣା ଘଟୁଥିଲା। ପ୍ରଶାସନ ପୂର୍ବରୁ ତିନିଥର ନୋଟିସ ଜାରି କରିଥିଲେ ମଧ ଦୋକାନ ହଟାଯାଇନଥିବାରୁ ଏହି କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଉଚ୍ଛେଦ ଅଭିଯାନରେ ଦାନଗଦି ତହସିଲଦାର ରଞ୍ଜିତ କୁମାର ମଲ୍ଲିକ, ଅତିରିକ୍ତ ତହସିଲଦାର ଶୁଭସ୍ମିତା ନାୟକ ଓ ଦାନଗଦି ଫାଣ୍ଡି ଅଧିକାରୀ ଅମୁଲ୍ୟ ମିଶ୍ର ଉପସ୍ଥିତ ରହି କାର୍ଯ୍ୟାନୁଷ୍ଠାନର ତଦାରଖ କରିଥିଲେ। ସୁରକ୍ଷା ବ୍ୟବସ୍ଥା ପାଇଁ ଏକ ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପ୍ରଶାସନର ଏହି କାର୍ଯ୍ୟାନୁଷ୍ଠାନ ପରେ ବଜାର ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ଉଚ୍ଛେଦ କାର୍ଯ୍ୟ ଶେଷ ହୋଇଛି।

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ହର ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ଭଦ୍ରକ,(ପିପିଏସ୍): ଭଦ୍ରକ ସ୍ୱଂୟ ଶାସିତ ମହାବିଦ୍ୟାଳୟ ରେ ହର ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁସାରେ ମହାବିଦ୍ୟାଳୟ ରେ ଅଧକ୍ଷ ଡ. ଲଳିତ ରଞ୍ଜନ ସାହୁ ଙ୍କ ତତ୍ତ୍ୱାବଧାନ ରେ ଏକ ବିଶାଳ ତ୍ରିରଙ୍ଗା ରାଲି ଅନୁଷ୍ଠିତ ହୋଇଯାଇଛି। ରାଲି ଟି ମହାବିଦ୍ୟାଳୟ ରୁ ବାହାରି ଭଦ୍ରକ ଟାଉନ ହଲ୍ ପର୍ଯ୍ୟନ୍ତ ହୋଇଥିଲା।। ଏଥିରେ ମହାବିଦ୍ୟାଳୟ ର ସମସ୍ତ ଅଧାପକ ଓ ଅଧାପିକା, ଛାତ୍ର ଛାତ୍ରୀ ଙ୍କ ସହିତ ଏନ ସି ସି କ୍ୟାଡେଟ୍, ଏନ୍ ଏସ ଏସ ସ୍ୱେଚ୍ଛା ସେବି,ଭାରତ ସ୍କାଉଟ ଓ ଗାଇଡ ର ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ। ପରେ ମହାବିଦ୍ୟାଳୟ ର ଅଧକ୍ଷ ଡ. ଲଳିତ ରଞ୍ଜନ ସାହୁ ତ୍ରିରଙ୍ଗା ର ମହତ୍ୱ ବୁଝେଇବା ସହ ସମସ୍ତଙ୍କୁ ସଂଗ୍ରାମୀ ଶୁଭେଚ୍ଛା ଜଣାଇ ଧନ୍ୟବାଦ ପୂର୍ବକ ଏହି ତ୍ରିରଙ୍ଗା ରାଲୀ ର କାର୍ଯ୍ୟକ୍ରମ କୁ ସମାପ୍ତ କରାଇଥିଲେ।

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଛାତ୍ରସଂସଦ ନିର୍ବାଚନ ଅବିଳମ୍ବେ କରିବା ଦାବି

ବ୍ରହ୍ମପୁର(ପିପିଏସ୍): ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଅବିଳମ୍ବେ ଆରମ୍ଭ କରିବା, ତୁରନ୍ତ ଛାତ୍ର ବିରୋଧୀ ଆଦର୍ଶ ଆଚରଣ ସଂହିତା ପ୍ରତ୍ୟାହାର କରିବା ଓ କ୍ୟାମ୍ପସ ମଧ୍ୟରେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ସୁରକ୍ଷା ଦେବା ଦାବିରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସୂଚନାଥାଉକି, ଗୋଟିଏ ପଟେ ଦୀର୍ଘବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦକରି ସରକାର କ୍ୟାମ୍ପସ ମଧ୍ୟରେ ଶୈକ୍ଷିକ ଓ ଗଣତାନ୍ତ୍ରିକ ପରିବେଶକୁ ନଷ୍ଟ କରିବା ସହ ଶାସକ ଦଳର ଘୃଣ୍ୟ ରାଜନୀତିକୁ ଶିକ୍ଷାନୁଷ୍ଠାନ ମଧ୍ୟରେ ଚପାଇ ଦେବାର ଅପଚେଷ୍ଟା କରୁଛନ୍ତି। ଅନ୍ୟ ପଟେ ଛାତ୍ରଛାତ୍ରୀଙ୍କ ଉପରେ ଆଦର୍ଶ ଆଚରଣ ସଂହିତା ଲଦିଦେଇ କ୍ୟାମ୍ପସ ମଧ୍ୟରେ ସଭାସମିତି କରିବା, ପ୍ରତିବାଦ କରିବା ଏବଂ ଭିନ୍ନମତ ପୋଷଣ କରିବାର ଅଧିକାରକୁ ତାଙ୍କ ଠାରୁ ଛଡେଇନେବା ପାଇଁ ଚେଷ୍ଟା କରୁଛନ୍ତି। ଏଣୁ ସଂଗଠନ ପକ୍ଷରୁ ଉପସ୍ଥାପିତ ଦାବି ଗୁଡିକ ପୂରଣ ନହେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ବ୍ୟାପକ ଶକ୍ତିଶାଳୀ ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଛାତ୍ରନେତାମାନେ ଚେତାବନୀ ଦେଇଛନ୍ତି। ଆଜିକାର କାର୍ଯ୍ୟକ୍ରମ ଏଆଇଡିଏସ୍ଓ ଗଞ୍ଜାମ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁ, ଉପସଭାପତି ପପୁନ ସାହୁ, କୋଷାଧକ୍ଷ କିସାନ୍ କୁମାର ସାହୁ, ଜିଲ୍ଲା କମିଟି ସଭ୍ୟା ଶୁଭସ୍ମିତା ପାଣିଗ୍ରାହୀଙ୍କ ସମେତ ସଂଗଠନର କର୍ମକର୍ତ୍ତା ବାମିଆ କୁମାର ଓ ବୈକୁଣ୍ଠ ବାରିକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

ରାଜନୈତିକ ବିଶୃଙ୍ଖଳାକୁ ପ୍ରଶ୍ରୟ ଦିଆଯିବ ନାହିଁ: ବ୍ୟାସନଗର ସଚେତନ ନାଗରିକ

ଯାଜପୁର (ପିପିଏସ) ବ୍ୟାସନଗର ସଚେତନ ନାଗରିକ ଙ୍କ ତରଫରୁ ହୋଇଥିବା ସର୍ବଦଳୀୟ ବୈଠକ ପରେ ଆଜି ପୂର୍ବତନ ଅଧକ୍ଷ ରାସନାଦ ମହାନ୍ତି ଙ୍କ ନେତୃତ୍ୱ ରେ ପୂର୍ବତନ ଅଧକ୍ଷା ବନ୍ଦିତା ପରିଡା, ସବିତା ରାଉତ, ଅଧକ୍ଷ ସୁବାସ ବଳ,ପୂର୍ବତନ ଉପାଧାକ୍ଷ ହୃଦାନନ୍ଦ ସାମଲ,କଂଗ୍ରେସ ସଭାପତି ତପନ ନାୟକ, ବିଜେଡି ସଭାପତି ଅମୁଲ୍ୟ ନାୟକ, ସିପିଏମ ର ସମ୍ପାଦକ ପ୍ରଫୁଲ୍ଲ ନାୟକ, ସିପି ଆଇ ର ଆଲୋକ ମହାନ୍ତି, ବିଜେଡି ର ବରିଷ୍ଠ ନେତା ଗୋବିନ୍ଦ ଜେନା, ଓ କଂଗ୍ରେସ ର ପୂର୍ବତନ ସଭାପତି ଦିଲ୍ଲୀପ କୁମାର ମଲ୍ଲିକ ପ୍ରମୁଖ ଯାଜପୁର ରୋଡ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ ଙ୍କୁ ସାକ୍ଷାତ କରି ଗତ ତା ୦୪ଅଗଷ୍ଟ ସପଗାଡ଼ିଆ ଠାରେ ଧର୍ମଶାଳା ଅଂଚଳ ର କିଛି ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ହୋଇଥିବା ଗଣ୍ଡଗୋଳ ବିଷୟରେ ବିସ୍ତୃତ ଆଲୋଚନା କରି ବ୍ୟାସନଗର ବାସୀ ଙ୍କ ଉଦବେଗ ବିଷୟରେ ଅବଗତ କରାଇଥିଲେ କ୍ଷ ଥାନା ଅଧିକାରୀ ମଧ ସଠିକ ତଦନ୍ତ କରିବା ସହିତ ବାହାର ଅଂଚଳର ରାଜନୈତିକ ବିଶୃଙ୍ଖଳା କୁ ବ୍ୟାସନଗର ରେ ପ୍ରଶୟ ଦିଆଯିବ ନାହିଁ ବୋଲି ପ୍ରତିଶୃତି ଦେବାସହିତ ଭାଇଚାରା ପୂର୍ବ ପରି ବଜାୟ ରଖିବାକୁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିର ସଂଯୋଜନାରେ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ

ବ୍ରହ୍ମପୁର(ପିପିଏସ୍): ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିରର ଯୁକ୍ତ ତିନି ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଗଠନ କରାଯାଇଥିବା ଜାତୀୟ ସେବା ଯୋଜନା ଏନ୍ଏସ୍ଏସ୍ ପ୍ରଯୋଜିତ 'ସବୁ ଘରେ ତ୍ରିରଙ୍ଗା' ସେଚତନତା କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ତହସିଲ ଅନ୍ତର୍ଗତ ଏକ ଆଦିବାସୀ ଅନୁନ୍ନତ ଗ୍ରାମ ଖଣ୍ଡାଳବନ୍ଧ ଠାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ମନେର ଭାରତୀୟତା ଏବଂ ଜାତୀୟତବୋଧର ଭାବନାକୁ ଜାଗ୍ରତ କରିବା ପାଇଁ ଡିଗ୍ରୀ ବିଦ୍ୟା ମନ୍ଦିରର ୬୫ଜଣ ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ଉପସ୍ଥିତି ଏବଂ ସହେଯାଗେର ଅନୁଷ୍ଠିତ ହୋଇଯାଇଅଛି। ଖଣ୍ଡାଳବନ୍ଧ ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ରର ଛୋଟ ପିଲାମାନଙ୍କୁ ଯୁକ୍ତ ତିନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସ ସମ୍ପର୍କରେ ଅବଗତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ରୂପେ କୁକୁଡ଼ାଖଣ୍ଡି ତହସିଲଦାର ରାଜକିଶୋର ପଟ୍ଟନାୟକ ଉପସ୍ଥିତ ରହି କୁନି ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିବା ସହ 'ସବୁ ଘେର ତ୍ରିରଙ୍ଗା'ର ଗୁରୁତ୍ୱ ଏବଂ ଆବଶ୍ୟକତା ସମ୍ପର୍କେର ଅଲୋକପାତ କରିଥେଲ। ଏହି ଅବସରେର ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ମହାବିଦ୍ୟାଳୟର ଡିନ୍ ଡ. ବିବେକାନନ୍ଦ ପଣ୍ଡା, ପ୍ରାଧ୍ୟାପକ ଡ. ବି.ରାଜେନ୍ଦ୍ର ମୂର୍ତ୍ତୀ, ପ୍ରାଧ୍ୟାପକ ଡ.ଶଙ୍କର ପ୍ରସାଦ ଅଧିକାରୀ ଏବଂ ମହାବିଦ୍ୟାଳୟର ଅଧକ୍ଷ ଡ.ସୁବ୍ରତ କୁମାର ପାଣିଗ୍ରାହୀ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ବକ୍ତବ୍ୟ ମାଧ୍ୟମରେ ସବୁ ଘେର ତ୍ରିରଙ୍ଗା କାର୍ଯ୍ୟକ୍ରମର ଗୁରୁତ୍ୱକୁ ଉପଲବ୍ଧି କରାଇଥେଲ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଅଧିକାରୀ ଅଂଶୁପ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନେର ପିଲାମାେନ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ସମ୍ପାଦନ କରିଥିଲେ। ଏହି ଅବସରରେ ଡିଗ୍ରୀ ବିଦ୍ୟା ମନ୍ଦିରର ଅଧ୍ୟାପକ ଡ.ରାମଚନ୍ଦ୍ର ପାଢ଼ୀ, ଅଧାପିକା ସଙ୍ଗୀତା ତାରିଣୀ, ରୋନାଲୀ ବେହେରା, ଜ୍ୟୋତ୍ସ୍ନାରାଣୀ ସାହୁ, ବିଲୋଲା ପାହାଡ଼ସିଂ ଏବଂ ସଂଗୀତ ଶିକ୍ଷକ ଦଣ୍ଡପାଣୀ ଆଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ଶିଶୁ ଶ୍ରମିକ ନିରୋଧ ସଚେତନତା

ସମ୍ବଲପୁର : ଯୁଗ୍ମ ଶ୍ରମ ଆୟୁକ୍ତ, ସମ୍ବଲପୁରଙ୍କ ଦପ୍ତର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିବା ଉକ୍ତ ସଭାରେ ସ୍ଥାନୀୟ ଲାଲା ଲଜପତ୍ ରାୟ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବି. ଏନ୍ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ପ୍ରମୁଖ ଅତିଥିଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ସମ୍ବଲପୁର ଅଶୋକ କୁମାର ଭୋଇ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସମ୍ପାଦକ ସୌମ୍ୟା ପ୍ରଧାନ, ଯୁଗ୍ମ ଶ୍ରମ ଆୟୁକ୍ତ ମହେଶ୍ୱର ନାୟକ, ଭାରପ୍ରାପ୍ତ ପ୍ରାଦେଶିକ ଶ୍ରମ ଆୟୁକ୍ତ ସସ୍ମିତ୍ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ବିଦ୍ୟାଶଙ୍କର ଧୁରୁଆ ଉପସ୍ଥିତ ଥିଲେ । ପ୍ରଥମେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ ତଥା ସ୍ୱାଗତ କରାଯାଇଥିଲା । ଏହି ଅବସରରେ ଅତିଥି ମାନେ ଏକ ଶିଶୁ ଶ୍ରମ ନିରୋଧ ସଚେତନତା ରଥ କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଯୁଗ୍ମ ଶ୍ରମ ଆୟୁକ୍ତ ମହେଶ୍ୱର ନାୟକ ପରିଚାଳନା କରିଥିଲେ । ସସ୍ମିତ ସାହୁ ଗତ ବର୍ଷ ମାନଙ୍କରେ ସମ୍ବଲପୁର ଜିଲ୍ଲା ରେ ଶିଶୁ ଶ୍ରମିକ ଉଦ୍ଧାର ହୋଇଥିବା ତଥା ତାର ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ତତ୍ ପଶ୍ଚାତ ପ୍ରଫେସର ବି. ଏନ୍ ବେହେରା ଶିଶୁ ଶ୍ରମିକ ନିରୋଧ ଆଇନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ସୂଚନା ପ୍ରଦାନ କରିଥିଲେ । ଉକ୍ତ ସଭା ରେ ଶିଶୁ କଲ୍ୟାଣ ସମିତି, ସମ୍ବଲପୁର, ଜାତିସଂଘ ଶିଶୁ ଅଧିକାର ସୁରକ୍ଷା ପରିଷଦ, ସମ୍ବଲପୁର ଜିଲ୍ଲା ସଂଯୋଜକ ସୁନୀତା ଦାସ, ଏଣ୍ଟାରପ୍ରାଇଜ ଓ ହୋଟେଲ ଓ ସିଗାର ସଂସ୍ଥାର ନିଯୁକ୍ତିଦାତା, ବିଭିନ୍ନ ଅଣସରକାରୀ ସଂଗଠନ ମଧ୍ୟରେ ସମ୍ବଲପୁର ସର୍ଭ ଏକ୍ସନ୍, ସମ୍ବଲପୁର ଆଦିର ପ୍ରତିନିଧିମାନେ ଉପସ୍ଥିତ ରହି ଶିଶୁ ଶ୍ରମିକ ନିରୋଧ ଉପରେ ନିଜ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ । ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ତରଫରୁ ଦିବ୍ୟଶଙ୍କର ଧୁରୁଆ, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ), ସହକାରୀ ଶ୍ରମ ଅଧିକାରୀ, ମିସ୍ ପୁଷ୍ପା ମିଞ୍ଜ, ମିସ ଡୋଲେଶ୍ୱରୀ ନାଗ, ମିସ ଲିପ୍ସାରାଣୀ ପ୍ରଧାନ, ଯୋଗେଶ୍ୱର ବିଶି, ରବି କୁମାର, ଜିତେନ୍ଦ୍ର କୁମାର ନନ୍ଦ, ଅମରେଶ ପଣ୍ଡା, ଅତାଉର ଖାଁ, ସୌମ୍ୟ ରଞ୍ଜନ ସାହୁ, ଅଜିତ କୁମାର ଶିଖ ଏବଂ ତ୍ରିଲୋଚନ ବାରିକ ଆଦି ଉପସ୍ଥିତ ରହି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ବୌଦ୍ଧରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ
ବିଶାଳ ସାଇକେଲ୍ ଶୋଭାଯାତ୍ରା ଓ ସାମୂହିକ 'ବନ୍ଦେ ମାତରମ୍' ଗାନ

ବୌଦ୍ଧ, (ପିପିଏସ୍) : ବୌଦ୍ଧରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନକୁ ଜନଆନ୍ଦୋଳନର ରୂପ ଦେବା ସହିତ ଦେଶପ୍ରେମ ଓ ଜାତୀୟ ଏକତାର ଭାବନାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବିଶାଳ ସଚେତନତା ସାଇକେଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ସ୍ଥାନୀୟ ଜିଲ୍ଲା ଷ୍ଟାଡିୟମ୍‌ରୁ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଏବଂ ଡିଏଫ୍‌ଓ ରାଜେନ୍ଦ୍ର ଗୋଚ୍ଛାୟତ ପ୍ରମୁଖ ପତାକା ଦେଖାଇ ଏହି ବିଶାଳ ସାଇକେଲ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ଆରକ୍ଷୀ ବାହିନୀ ଏବଂ ଦେଶପ୍ରେମୀ ଜନସାଧାରଣ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ତ୍ରିରଙ୍ଗା ପତାକା ଧରି ସାଇକେଲ ଆରୋହୀମାନେ ବୌଦ୍ଧ ସହର ପରିକ୍ରମା କରି ଦେଶପ୍ରେମ, ଜାତୀୟ ଏକତା ଓ ଦେଶ ପ୍ରତି ଦାୟିତ୍ୱବୋଧର ବାର୍ତ୍ତା ପ୍ରଚାର କରିଥିଲେ । ଶୋଭାଯାତ୍ରା ଶେଷରେ ଷ୍ଟାଡିୟମ୍ ପରିସରରେ ଦେଶପ୍ରେମର ଭାବନାକୁ ଉଜ୍ଜୀବିତ କରିବା ପାଇଁ ସାମୂହିକ 'ବନ୍ଦେ ମାତରମ୍' ଗାନ ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ସମସ୍ତେ ଏକସ୍ୱରରେ 'ବନ୍ଦେ ମାତରମ୍' ଗାନ କରି ଦେଶର ଗୌରବ, ଏକତା ଓ ଅଖଣ୍ଡତା ପ୍ରତି ନିଜର ସମ୍ମାନ ଓ ଦେଶପ୍ରେମ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସଂଯୋଜନା କରିଥିଲେ । ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ତହସିଲଦାର ଅନିତା କୁମାରୀ ସାହୁ, ଡିସି ଜ୍ୟୋତି ରଞ୍ଜନ ଭୁଏ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ, ଡି ପି ସି ମିଶନ ଶକ୍ତି ରଶ୍ମି ରଞ୍ଜନ ସେଠୀଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ଶିକ୍ଷକ, ଆରକ୍ଷୀ ବାହିନୀ, ଛାତ୍ରଛାତ୍ରୀ ଏବଂ ବହୁ ସଂଖ୍ୟାରେ ଦେଶପ୍ରେମୀ ଜନସାଧାରଣଙ୍କ ଉତ୍ସାହପୂର୍ଣ୍ଣ ଯୋଗଦାନ କାର୍ଯ୍ୟକ୍ରମକୁ ସଫଳ କରିଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁ କାର୍ଯ୍ୟକ୍ରମର ଆୟୋଜନ ଓ ସମନ୍ୱୟ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ବୌଦ୍ଧ ଜିଲ୍ଲାରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ଅଧୀନରେ ଆସନ୍ତା ୧୪ ଅଗଷ୍ଟରେ ଜିଲ୍ଲା ଷ୍ଟାଡିୟମ୍‌ରୁ ଏକ ବିଶାଳ ପଦଯାତ୍ରା ଆୟୋଜିତ ହେବ । ଏହାପରେ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ଅବସରରେ ବିଭାଜନ ସମୟର ଦୁଃଖଦ ଘଟଣାବଳୀକୁ ସ୍ମରଣ କରାଯିବ । ସେହିପରି ସ୍ୱାଧୀନତା ଦିବସ ଅବସରରେ ଜିଲ୍ଲା ଷ୍ଟାଡିୟମ୍‌ରେ ସାମୂହିକ 'ବନ୍ଦେ ମାତରମ୍' ଗାନ ପରେ ଦିବସର ମୁଖ୍ୟ ଅତିଥି ତଥା ଜିଲ୍ଲାପାଳ ଜାତୀୟ ପତାକା ଉତ୍ତୋଳନ କରିବେ । ସନ୍ଧ୍ୟାରେ ଟାଉନ୍ ? ହଲ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୁରସ୍କାର ବିତରଣ ସମାରୋହ ଆୟୋଜିତ ହେବ । 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ଘରେ ଜାତୀୟ ପତାକା ଉତ୍ତୋଳନ ସହିତ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧ, ଏକତା, ଅଖଣ୍ଡତା ଓ ଦେଶପ୍ରେମର ଭାବନାକୁ ସୁଦୃଢ଼ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଜନସାଧାରଣଙ୍କୁ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ କରାଯାଇଛି ।

ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଜୟପୁର : କୋରାପୁଟ ଜିଲ୍ଲାର ୫ ଜଣ ଓଜେୟୁ ସଭ୍ୟ ସାମ୍ବାଦିକଙ୍କ ସହ ଓଡ଼ିଶା ସାମ୍ବାଦିକ ସଂଘ କୋରାପୁଟ ଜିଲ୍ଲା ଶାଖା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜୟପୁର ଡେପୁଟି କଲେକ୍ଟର ସୁନୀଲ କୁମାର କିଲାକାଙ୍କୁ ପ୍ରଦାନ କରାଯାଇଛି । ଏଥି ପୂର୍ବରୁ ଗୋପବନ୍ଧୁ ସାମ୍ବାଦିକ ବୀମା ଯୋଜନା ସତନ୍ତ୍ର ଭାବେ ଓଡ଼ିଶାରେ ସାମ୍ବାଦିକଙ୍କ ପାଇଁ କାର୍ଯ୍ୟକାରୀ ହୋଇଛି । କିନ୍ତୁ ବର୍ତ୍ତମାନ ସରକାର ଏହାକୁ ପରିବର୍ତ୍ତିତ କରି ଆୟୁଷ୍ମାନ ଯୋଜନାରେ ସାମିଲ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ତେଣୁ ଏହାର ପ୍ରତିବାଦରେ ଓଜେୟୁ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ସାମ୍ବାଦିକଙ୍କ ପିତାମାତାଙ୍କୁ ମଧ୍ୟ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ତଥା ସୂଚନା ପ୍ରସାରଣ ମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବି କରାଯାଇଛି । ଅତି ଶୀଘ୍ର ବିଭାଗ ତରଫରୁ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ନ ପାଇଲେ ସାରା ରାଜ୍ୟରେ ଓଜେୟୁ ତରଫରୁ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଓଡ଼ିଶା ସାମ୍ବାଦିକ ସଂଘ କୋରାପୁଟ ଜିଲ୍ଲା ସଭାପତି ରବି ନାୟକ, ସାଧାରଣ ସମ୍ପାଦକ ତଥା ଓ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରବି ଶଙ୍କର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କେ .ସାକିଲି ଦୋରା, କୋଷାଧ୍ୟକ୍ଷ ସୁଶୀଳ କୁମାର ଷଡ଼ଙ୍ଗୀ, ଉପ ସଭାପତି ତ୍ରିନାଥ ନାୟକ, କାର୍ଯ୍ୟକାରିଣୀ ସଦସ୍ୟ ଅନିଲ କୁମାର ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ କୁମାର ପଟ୍ଟନାୟକ, ଉପ ସଭାପତି ସୁଜିତ କୁମାର ପଣ୍ଡା, ସାଧାରଣ ପରିଷଦ ସଭ୍ୟ କେ.ସନ୍ତୋଷ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

ବୌଦ୍ଧ ହେବ କୁଷ୍ଠ ରୋଗ ମୁକ୍ତ ଜିଲ୍ଲା
୧୭ରୁ ଅଭିଯାନ ଆରମ୍ଭ

ବୌଦ୍ଧ, (ପିପିଏସ୍) : ବୌଦ୍ଧ ଜିଲ୍ଲାକୁ କୁଷ୍ଠ ରୋଗ ମୁକ୍ତ ଜିଲ୍ଲା କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ଏଥିପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଏଠାରେ ଉପସ୍ଥିତ ଥିଲେ । ଏହି ଅଭିଯାନ ଆସନ୍ତା ୧୭ ରୁ ୩୧ ଅଗଷ୍ଟ ପର୍ଯ୍ୟନ୍ତ ପରିଚାଳିତ ହେବ । ଏହି କାର୍ଯ୍ୟକ୍ରମରେ ୬୬୬ ଆଶା ଓ ୯୧ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟୋଜିତ କରାଯାଇଛି । ଏହି ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ସନ୍ଦିଗ୍ଧ ରୋଗୀଙ୍କୁ ଚିହ୍ନଟ କରିବେ ଓ ସନ୍ଦିଗ୍ଧମାନଙ୍କୁ ପରବର୍ତ୍ତୀ ୭୨ ଘଣ୍ଟା ମଧ୍ୟରେ ପରୀକ୍ଷା କରାଯିବ । ଏହା ସହିତ ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ କୁଷ୍ଠ ପରୀକ୍ଷଣ କରାଯିବ । ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାବାସୀଙ୍କୁ ସହଯୋଗ କରିବା ପାଇଁ ଜିଲ୍ଲାପାଳ ନିବେଦନ କରିଛନ୍ତି ।

ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ପିଏମ୍‌ଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଖଡ଼ିଆଳ ଥାନା ଆନୁକୂଲ୍ୟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ଯୋଷୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋସିଆଲ ମିଡିଆ ବ୍ୟବହାର ଓ ଗୋପନୀୟତା, ଆର୍ଥିକ ଠକେଇରୁ ସୁରକ୍ଷା, ଆଇନଗତ ସହାୟତା, ପାସୱାର୍ଡ ଏବଂ ଅନଲାଇନ୍ ଆକାଉଣ୍ଟ ସୁରକ୍ଷା ଆଦି ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା । ଇନ୍ସପେକ୍ଟର ପ୍ରତିମା ଡୁଙ୍ଗଡୁଙ୍ଗ, ଏଏସ୍‌ଆଇ କାଶୀନାଥ ଯୋଷୀ ଓ ଆ଼ର୍.ଆ଼ର୍. କ୍ରିଷ୍ଣା ସାଇବର ଅପରାଧର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଅନଲାଇନ୍ ଠକେଇରୁ କିପରି ସୁରକ୍ଷିତ ରହିବେ, ସେ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ସାଇବର ସୁରକ୍ଷା ସମ୍ପର୍କିତ ଭିଡିଓ ପ୍ରଦର୍ଶନ କରାଯାଇଥିଲା । ପରେ ଛାତ୍ରଛାତ୍ରୀମାନେ ସାଇବର ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରିଥିବା ବେଳେ ଅଧିକାରୀମାନେ ସେଗୁଡ଼ିକର ଉତ୍ତର ଦେଇ ସେମାନଙ୍କ ସନ୍ଦେହ ଦୂର କରିଥିଲେ । କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ଗଜେନ୍ଦ୍ର ହରିଜନ, ପ୍ରତୀକ୍ଷା ରାଣୀ ମେହେର, ପୁନମ ମାଝୀ, ପୁଷ୍ପାଞ୍ଜଳି ମହାପାତ୍ରଙ୍କ ସମେତ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

କ୍ରୀଡ଼ା ପ୍ରକଳ୍ପର ଅଗ୍ରଗତି ଅନୁଧ୍ୟାନ କଲେ ଜିଲ୍ଲାପାଳ

ମାଲକାନଗିରି: ମାଲକାନଗିରି ଜିଲ୍ଲାର ସ୍ଥାନୀୟ ଯୁବପିଢ଼ି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଉପଯୁକ୍ତ ସୁଯୋଗ ଯୋଗାଇଦେବା ପାଇଁ ଭିତିଭୂମିର ବିକାଶ କାର୍ଯ୍ୟ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଏବଂ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ୍ ଏଚ୍ ମିଳିତ ଭାବେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ପରିସର ଗସ୍ତ କରିଛନ୍ତି । ସେଠାରେ ନିର୍ମାଣାଧୀନ କ୍ରୀଡ଼ା ପ୍ରକଳ୍ପର କାର୍ଯ୍ୟ କେତେଦୂର ଆଗେଇଛି, ସେ ସମ୍ପର୍କରେ ଜିଲ୍ଲାପାଳ କ୍ଷେତ୍ର ପରିଦର୍ଶନ କରି ସମୀକ୍ଷା କରିଛନ୍ତି । ଏହି ପ୍ରକଳ୍ପର ସମସ୍ତ କାର୍ଯ୍ୟକୁ ଉଚ୍ଚ ଗୁଣବତା ବଜାୟ ରଖି ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଖେଳାଳିମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି କ୍ରୀଡ଼ା ପରିସରରେ ସମସ୍ତ ପ୍ରାଥମିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି । ସକାଳ ଓ ସନ୍ଧ୍ୟା ସମୟରେ ନିୟମିତ ଅଭ୍ୟାସ ପାଇଁ ସମଗ୍ର ପରିସରରେ ଆଧୁନିକ ଲାଇଟିଂ ଏବଂ ହାଇ-ମାଷ୍ଟ ଲାଇଟ୍ ର ସଂଯୋଗ କରାଯାଉଛି । ଏହା ସହିତ ଖେଳପଡ଼ିଆର ଚାରିପାଖ ପରିବେଶକୁ ସ୍ୱଚ୍ଛ ଓ ଆକର୍ଷଣୀୟ ରଖିବା ପାଇଁ ବ୍ୟାପକ ଶୋଭାବର୍ଦ୍ଧନକାରୀ ବୃକ୍ଷରୋପଣ କରାଯାଉଛି । ଏଠାରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଟ୍ରାକ୍, ଆଉଟଡୋର ଗ୍ରାଉଣ୍ଡ ଏବଂ ଇନଡୋର ଗେମ୍ସ ପାଇଁ ଆବଶ୍ୟକୀୟ ବୁନିଆଦି କ୍ରୀଡ଼ା ଭିତିଭୂମି ପ୍ରସ୍ତୁତ କରାଯାଉଛି । ମାଲକାନଗିରିର ଗ୍ରାମାଂଚଳ ଓ ଜନଜାତି ପିଲାଙ୍କ ମଧ୍ୟରେ ସ୍ୱାଭାବିକ କ୍ରୀଡ଼ା ଦକ୍ଷତା ରହିଥିବାରୁ ଏହି ପରିସର ସେମାନଙ୍କୁ ନିୟମିତ ଅଭ୍ୟାସ ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ ବୁନିଆଦି ସୁବିଧା ଯୋଗାଇଦେବ । ଏକ ବ୍ୟବସ୍ଥିତ ଗ୍ରାଉଣ୍ଡ ଉପଲବ୍ଧ ହେବା ଦ୍ୱାରା ସ୍ଥାନୀୟ କୋଚ୍ ଏବଂ କ୍ରୀଡ଼ା ଶିକ୍ଷକମାନେ ପିଲାମାନଙ୍କୁ ସଠିକ୍ କୌଶଳ ଶିଖାଇବାରେ ସହଜ ହେବ । ଉପଯୁକ୍ତ ପରିବେଶ ମିଳିବା ଦ୍ୱାରା ଏଠାରେ ଥିବା ଖେଳାଳିମାନେ ଜିଲ୍ଲା ଓ ରାଜ୍ୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ନିଜକୁ ଭଲ ଭାବେ ପ୍ରସ୍ତୁତ କରିପାରିବେ । ନିରୀକ୍ଷଣ ସମୟରେ ମାଲକାନଗିରି ଜିଲ୍ଲାପାଳ କହିଛନ୍ତିଯେ, ମାଲକାନଗିରିର ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ବେଶ୍ ଉତ୍ସାହ ରହିଛି । ଇଏମଆରଏସ ପରିସରରେ ନିର୍ମାଣ ହେଉଥିବା ଏହି କ୍ରୀଡ଼ା ପ୍ରକଳ୍ପ ଆମ ଜନଜାତି ଛାତ୍ରଛାତ୍ରୀମାନଙ୍କୁ ଅଭ୍ୟାସ କରିବା ପାଇଁ ଏକ ସଠିକ୍ ମଂଚ ପ୍ରଦାନ କରିବ । କାର୍ଯ୍ୟର ଗୁଣବତା ସହିତ କୌଣସି ବୁଝାମଣା କରାଯିବ ନାହିଁ ଏବଂ ଏହାକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ । ଏହି ଉଚ୍ଚସ୍ତରୀୟ ଗସ୍ତ ସମୟରେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ହଳଧର ଶବର ମଧ୍ୟ ଉପସ୍ଥିତ ଥିଲେ, ଯିଏ କି ଚାଲିଥିବା କାର୍ଯ୍ୟର ବୈଷୟିକ ଦିଗ ବିଷୟରେ ସୂଚନା ଦେଇଥିଲେ । ସ୍ଥାନୀୟ କ୍ରୀଡ଼ା ବିଭାଗ ଏବଂ ନିର୍ମାଣ ଦାୟିତ୍ୱରେ ଥିବା ଯନ୍ତ୍ରୀମାନଙ୍କୁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଦିଗ୍ଦର୍ଶନ ଦିଆଯାଇଛି ।

ଟେକଗୁଡ଼ା ଜଙ୍ଗଲରେ ଭାଲୁ ଆତଙ୍କ

ମାଲକାନଗିରି : ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ବଡିଗାଟା ପଞ୍ଚାୟତ ଅନ୍ତର୍ଗତ ଟେକଗୁଡ଼ା ଗ୍ରାମରେ ମଙ୍ଗଳବାର ଗାଈ ଚରାଇବାକୁ ଯାଇଥିବା ଜଣେ ବ୍ୟକ୍ତିଙ୍କୁ ଭାଲୁ ଆକ୍ରମଣ କରିଥିଲା । ଗୁରୁତର ଆହତ ବ୍ୟକ୍ତି ଜଣକ ହେଲେ ଗ୍ରାମର ଦେବା ମାଡକାମୀ । ସୂଚନା ଅନୁସାରେ, ଦେବା ମାଡକାମୀ ମଙ୍ଗଳବାର ଅପରାହ୍ନରେ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଗାଈ ଚରାଇବା ପାଇଁ ଯାଇଥିଲେ । ଏହି ସମୟରେ ଦୁଇଟି ଛୁଆ ସହ ଥିବା ଗୋଟିଏ ଭାଲୁ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା । ଭାଲୁଟି ପ୍ରଥମେ ତାଙ୍କ ଗୋଡକୁ କାମୁଡିଥିଲା । କୌଶଳେ କ୍ରମେ ଦେବା ମାଡକାମୀ ଭାଲୁ କବଳରୁ ଜୀବନ ବଞ୍ଚାଇ ପଳାଇ ଆସିଥିଲେ । ଘଟଣା ବିଷୟରେ ଖବର ପାଇ ଗ୍ରାମବାସୀ ତୁରନ୍ତ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ବର୍ତ୍ତମାନ ସେ ଚିକିତ୍ସିତ ହେଉଛନ୍ତି ଏବଂ ତାଙ୍କ ଅବସ୍ଥା ସ୍ଥିର ରହିଥିବା ଜଣାପଡିଛି । ଏହି ଘଟଣା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ଗ୍ରାମବାସୀମାନେ ବନ ବିଭାଗକୁ ଜଙ୍ଗଲ ନିକଟରେ ପେଟ୍ରୋଲିଂ ବଢାଇବା ଏବଂ ଲୋକଙ୍କୁ ସତର୍କ କରିବାକୁ ଦାବି କରିଛନ୍ତି । ଏ ବିଷୟରେ ବନ ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ ।

ସରସ୍ୱତୀ ଶିଶୁମନ୍ଦିର ପରିଚାଳନା କମିଟି ବୈଠକ

ସମ୍ବଲପୁର: ସରସ୍ୱତୀ ଶିଶୁ ମନ୍ଦିର ସମୁହ ଜିଲ୍ଲା କେନ୍ଦ୍ର ପ୍ରମୁଖର ମୁଖ୍ୟ ତଥା ଧନୁପାଲି ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର ନାକଟିଦେଉଳ ସରସ୍ୱତୀ ଶିଶୁ ମନ୍ଦିରକୁ ଦୁଇଦିନିଆ ପରିଦର୍ଶନରେ ଯାଇଥିଲେ । ତାଙ୍କ ପ୍ରବାସ ସମୟରେ ପରିଚାଳନା କମିଟିରେ ଯୋଗ ଦେବା ସହିତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପୁର୍ବତନ ଛାତ୍ରଛାତ୍ରୀମାନଙ୍କୁ ଭେଟି ସେ ପରିଚାଳନା କମିଟିର ସ୍ୱତନ୍ତ୍ର ବୈଠକରେ ଯୋଗ ଦେଇଥିଲେ । କେନ୍ଦ୍ର ପ୍ରମୁଖ ଶ୍ରୀ ମହାପାତ୍ର ଶିଶୁ ମନ୍ଦିରର ବିଭିନ୍ନ ବିଭାଗ, ଶ୍ରେଣୀ ଓ କାର୍ଯ୍ୟକ୍ରମ ନିରୀକ୍ଷଣ କରିଥିଲେ । ଏହିଦିନ ପ୍ରଧାନଆଚାର୍ଯ୍ୟ ବିଜୟ କୁମାର ସାହୁଙ୍କ ପରିଚାଳନା ଓ ପରିଚାଳନାକମିଟି ର ସଭାପତି ବିରଂଚି ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୌଦ୍ଧିକ ଜାଗରଣ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ପ୍ରମୁଖ ଶ୍ରୀ ମହାପାତ୍ର ଓ ମୁଖ୍ୟ ବକ୍ତା ଭାବେ ବିଦ୍ୱତ୍ ପରିଷଦ ର ସଭ୍ୟ ଡକ୍ଟର ପ୍ରଶାନ୍ତ କୁମାର ଦାଶ ଯୋଗ ଦେଇଥିଲେ । ଏହି ସଭା ରେ ଭାରତୀୟ ଶିକ୍ଷାର ବିଭିନ୍ନ ଦିଗ ଓ ଶିଶୁ ମନ୍ଦିର ର ପ୍ରତିଷ୍ଠା ତଥା ଶିକ୍ଷା ପଦ୍ଧତି ବିଷୟ ରେ ଆଲେଚନା ହୋଇଥିଲା ।

'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମ

ଜୟପୁର: ହର ଘର ତିରଙ୍ଗା' କାର୍ଯ୍ୟକ୍ରମ ୧୫ ଓଡ଼ିଶା ବାଟାଲିଅନ୍ ଏନସିସି, ଜୟପୁର ପକ୍ଷରୁ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଦେଶପ୍ରେମ, ଜାତୀୟ ଏକତା ଓ ଜାତୀୟ ପତାକା ପ୍ରତି ସମ୍ମାନର ଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟରେ 'ହର ଘର ତିରଙ୍ଗା' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ କ୍ୟାପଟ୍ଟେନ୍ ଡଃ ଲକ୍ଷ୍ମଣ ପାତ୍ରଙ୍କ ମାର୍ଗଦର୍ଶନରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏନସିସି କ୍ୟାଡେଟମାନଙ୍କ ଦ୍ୱାରା ଏକ ଉତ୍ସାହପୂର୍ଣ୍ଣ ତିରଙ୍ଗା ରାଲି ଆୟୋଜନ କରାଯାଇଥିଲା । ବହୁ ସଂଖ୍ୟକ ଏନସିସି କ୍ୟାଡେଟ ହାତରେ ଜାତୀୟ ପତାକା ଧରି ରାଲିରେ ଯୋଗଦେଇଥିଲେ । କ୍ୟାଡେଟମାନେ ଦେଶପ୍ରେମର ନାରା ଦେଇ ଜନସାଧାରଣଙ୍କ ମଧ୍ୟରେ ଜାତୀୟ ଏକତା, ଅଖଣ୍ଡତା ଓ ଦେଶପ୍ରେମର ବାର୍ତ୍ତା ପ୍ରଚାର କରିଥିଲେ । ରାଲି ମାଧ୍ୟମରେ ଜନସାଧାରଣଙ୍କୁ ନିଜ ଘରେ ଗର୍ବ ଓ ସମ୍ମାନର ସହିତ ତିରଙ୍ଗା ଉତ୍ତୋଳନ କରି 'ହର ଘର ତିରଙ୍ଗା' ଅଭିଯାନରେ ସାମିଲ ହେବା ପାଇଁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଏନସିସି କ୍ୟାଡେଟମାନଙ୍କ ମଧ୍ୟରେ ଦେଶପ୍ରେମ, ଶୃଙ୍ଖଳା ଓ ଜାତୀୟ କର୍ତ୍ତବ୍ୟବୋଧକୁ ଆହୁରି ଦୃଢ଼ କରିବା ସହିତ ସମାଜରେ ଜାତୀୟ ପତାକା ପ୍ରତି ସମ୍ମାନ ଓ ଗର୍ବର ଭାବନା ସୃଷ୍ଟି କରିଥିଲା । କାର୍ଯ୍ୟକ୍ରମରେ କ୍ୟାଡେଟମାନଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଏହାକୁ ସଫଳ ଓ ସ୍ମରଣୀୟ କରିଥିଲା ।

ଚମ୍ପୁଆ ଲ୍ୟାମ୍ପ୍ସରେ ଧାନ ବିକ୍ରି ପଞ୍ଜିକରଣ ପାଇଁ ଚାଷୀଙ୍କ ଭିଡ
କର୍ମଚାରୀ ଅଭାବରୁ ବଢୁଛି ଅସନ୍ତୋଷ

ଚମ୍ପୁଆ : ଚମ୍ପୁଆ ଲ୍ୟାମ୍ପ୍ସ କାର୍ଯ୍ୟାଳୟରେ ଧାନ ବିକ୍ରି ପଞ୍ଜିକରଣ ପାଇଁ ଚାଷୀଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । ଚଳିତ ମାସ ୧୧ ତାରିଖରୁ ଏହି ପଞ୍ଜିକରଣ ଫର୍ମ ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୩୧ ତାରିଖ ପର୍ଯ୍ୟନ୍ତ ଫର୍ମ ପୂରଣ ଓ ପଞ୍ଜିକରଣ ପାଇଁ ସମୟ ସୀମା ଧାର୍ଯ୍ୟ କରାଯାଇଛି । ତେବେ ଚମ୍ପୁଆସ୍ଥିତ ଏହି କାର୍ଯ୍ୟାଳୟରେ ଚମ୍ପୁଆ, କରଞ୍ଜିଆ ଏବଂ କଣ୍ଡରା ଲ୍ୟାମ୍ପ୍ସ ଅଧୀନରେ ଥିବା ଚାଷୀମାନଙ୍କୁ ଫର୍ମ ବଣ୍ଟନ କରାଯାଉଛି । ମାତ୍ର କର୍ମଚାରୀ ଅଭାବରୁ ଗୋଟିଏ ସ୍ଥାନରେ ତିନୋଟି ଲ୍ୟାମ୍ପ୍ସର କାର୍ଯ୍ୟ ଚାଲିଥିବାରୁ ବ୍ୟବସ୍ଥା ମନ୍ଥର ହୋଇପଡ଼ିଛି । ଯାହାଦ୍ୱାରା ଚାଷୀଙ୍କୁ ଘଣ୍ଟା ଘଣ୍ଟା ଲାଇନରେ ଛିଡ଼ା ହେବାକୁ ପଡୁଛି । ଫଳରେ ଦୂରଦୂରାନ୍ତରୁ ଆସିଥିବା ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପଞ୍ଜିକରଣ ଅବଧି ଶେଷ ହେବାକୁ ଆଉ କମ୍ ଦିନ ଥିବାରୁ ଚାଷୀଙ୍କ ମଧ୍ୟରେ ଆଶଙ୍କା ଓ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ପକ୍ଷରୁ ଅଧିକ କର୍ମଚାରୀ ନିୟୋଜିତ କରି ଫର୍ମ ପ୍ରଦାନ ସହିତ ପଞ୍ଜିକରଣ ପ୍ରକ୍ରିୟାକୁ ସହଜ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି ।

ଗାୟତ୍ରୀ ମହାଯଜ୍ଞ

ଜୟପୁର: ଭଟ୍ଟା ଛିଂଚି ଗ୍ରାମ ନବ କୁଣ୍ଡିୟ ଗାୟତ୍ରୀ ମହା ଯଜ୍ଞ କରିବା ନିମନ୍ତେ କଳସ ଯାତ୍ରା ଓ ଯଜ୍ଞ କରିବା ନିମନ୍ତେ ୬୦ ଜଣିଆ ପରିଚାଳନା କମିଟି ଗଠନ କରାଯାଇଛି । ସପ୍ତସୂତ୍ରି କାର୍ଯକ୍ରମ ପ୍ରମୁଖ ଶ୍ରୀ ନିରଞ୍ଜନ ପାଣିଗ୍ରାହି ଙ୍କ ଦ୍ୱାରା ଉକ୍ତ ଯଜ୍ଞ ନିମନ୍ତେ ଜାଗା ଚିହ୍ନଟ , ନକ୍ସା ପ୍ରଦାନ କରି ଗ୍ରାମ ବାସି ଙ୍କ ଦ୍ୱାରା ପ୍ରାରମ୍ଭିକ ଶୁଭ ଖୁଣ୍ଟି ଓ ମାଙ୍ଗଳିକ ଦ୍ରବ୍ୟ ସ୍ଥାପନ କରାଗଲା , ଏଥିରେ ସହଯୋଗ କରିଥିଲେ କୋରାପୁଟ ଜିଲ୍ଲା ସଂଯୋଜକ ସୁଶ୍ରୀ ରତ୍ନମ୍ବର। ପାତ୍ର , ଆଓ ଗଢେ ସଂସ୍କାର ବାନ୍ ପିଢ଼ି ର ଶୁଭଶ୍ରୀ ପାଣିଗ୍ରାହି ,ପ୍ରଜ୍ଞା ପରିମିତା ପାଣିଗ୍ରାହି ,ଓ ଶେଷରେ ଗ୍ରାମବାସୀ ଦୃଢ଼ ସଂକଳ୍ପ ,ଇଚ୍ଛା ପ୍ରକାଶ କରି ସମସ୍ତେ ମିଶି ଯଜ୍ଞ ଶାଳା ର ନିର୍ମାଣ କାର୍ଯ ପ୍ରାରମ୍ଭ କରିଥିଲେ ।

ଘୁ.ଉଦୟଗିରିରେ କୃଷିଭିତ୍ତିକ ତାଲିମ୍

କନ୍ଧମାଳ: ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କୃଷୀ ବିଭାଗ, କନ୍ଧମାଳଙ୍କ ମିଳିତ ସହଯୋଗରେ କତିଙ୍ଗିଆ ପଂଚାୟତର କିଲାପାଙ୍ଗା ଠାରେ ଧାନ ପରବର୍ତୀ ପଡିଆ ଜମିର ବିସ୍ତୃତ ପରିଚାଳନା ପ୍ରକଳ୍ପରେ କ୍ଷେତ୍ର ଦିବସ ସହିତ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହିପରିପ୍ରେକ୍ଷିରେ ଚାଷ କରାଯାଇଥିବା ଧଳା ମଟରର ମଧ୍ୟ ଶସ୍ୟ କାଟ ଦିବସ ପାଳିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ସ୍ୱାତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ ଯୋଗଦେଇ ଚାଷିମାନଙ୍କୁ ଉତ୍ସାହିତ କରିବା ସହିତ ଜମିର ଉର୍ବରତାକୁ ବଢାଇବା ପାଇଁ ଅଧିକାରିମାନେ ଦେଉଥିବା ଉପଦେଶ ଗୁଡିକୁ ମାନିବାକୁ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମରେ ଚକାପାଦ ଗୋଷ୍ଠି କୃଷି ଅଧିକାରୀ ନିରୁ ନିକୁଞ୍ଜ ବିହାରି ନାୟକ, ସହ କୃଷି ଅଧିକାରି ପ୍ରିୟଦର୍ଶିନି ମଲ୍ଲିକ ଓ କୃଷି ପରିଦର୍ଶକ କାଳିଚରଣ ସାହୁ ଯୋଗଦେଇ ଧାନ କାଟିବା ପୂର୍ବରୁ ବା ଧାନ କାଟିବା ପରେ କିପରି ମଟର ଓ ବିରି ଚାଷ କରାଯାଇ ପାରିବ ତାହା ପ୍ରଶିକ୍ଷଣ ଦେଇଥିଲେ ଯାହାକି କମ୍ ପାଣିରେ କିପରି ଫସଲ ସଠିକ୍ ଭାବରେ ଉଠାଯାଇ ପାରିବ । ଏହି ଫସଲକୁ ଅଧିକଦିନ ଘରେ ସାଇତି ରଖାଯାଇ ପାରିବ ଓ ପରବର୍ତୀ ସମୟରେ ଚାଷୀ ଚାହିଁଲେ ଅଧିକ ଦରରେ ମଧ ବିକ୍ରିକରି ଅଧିକ ରୋଜଗାର କରିପାରିବେ । ଏଥି ସହିତ ରୋଗ ପୋକ ପରିଚାଳନା କଥା ଦେଖିଲେ ଏହି ଚାଷ ଅଧିକ ଭଲ କାରଣ ଖରିଫ୍ ଚାଷ ଅପେକ୍ଷା ରବି ଚାଷରେ ଫସଲ ଗୁଡିକ ପାଇଁ କମ୍ ଭୟ ଥାଏ । ତତ୍ ସଙ୍ଗେ ସଙ୍ଗେ ଗୋଟିଏ ଜମିରୁ ଦୁଇଟି ଫସଲ ମିଳିପାରିବ ବୋଲି ମତବ୍ୟକ୍ତ କରିଥିଲେ । ସ୍ୱାସ୍ଥ୍ୟ ଦୃଷ୍ଟିରୁ ଦେଖିଲେ ଡାଲି ଜାତୀୟ ଖାଦ୍ୟ ଅଧିକ ଖାଇବା ଦ୍ୱାରା ଦେହକୁ ଅଧିକ ଭିଟାମିନ୍ ଓ ପୋଷଣ ମିଳିଥାଏ ବିଲି ଆଲୋଚନାରେ କୁହାଯାଇଥିଲା । ଅପରପକ୍ଷେ ଯଦି ଦେଖିବା ମଟର ପରିବାର ପାଇଁ ଖାଦ୍ୟ ସୁରକ୍ଷା ହିସାବରେ ମଧ୍ୟ ସହଯୋଗ କରିଥାଏ । ଏହା ପରେ ପୂର୍ବତନ ସରପଂଚ ଆଭେନେସ୍ୱର ପ୍ରଧାନ ଉପସ୍ଥିତ ରହି ଆଗାମି ଦିନରେ କିପରି ଅଧିକ ଚାଷୀ ଏହି ମଟର ଓ ବିରି ଚାଷ କରିବେ ସେ ବିଷୟରେ ଏକ ଯୋଜନା ପ୍ରସ୍ତୁତ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୦୦ ରୁ ଅଧୀକ ଚାଷୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରକଳ୍ପ ବ୍ଲକ୍ ସଂଯୋଜକ ଗିରିଶ ଚନ୍ଦ୍ର ସାମଲ ପରିଚାଳନା କରିଥିବା ବେଳେ ହୃଷିକେଶ ଅମାୟତ ସହଯୋଗ କରିଥିଲେ ।

ଟାଉନ୍ ପୁଲିସ୍ ପକ୍ଷରୁ ସାଇବର ସେଫ୍‌ଟି କାର୍ଯ୍ୟକ୍ରମ

ଜୟପୁର: ଜୟପୁର ଟାଉନଥାନା ପକ୍ଷରୁ ସ୍ଥାନୀୟ ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ପଡିଆରେ ସାଇବର ସେଫ୍‌ଟି ପ୍ରଚାର ନିମନ୍ତେ ଏକ ୫କିଲୋମିଟିର ରୋଡ୍ ରନ୍ ଅନୁଷ୍ଠିତ ହୋଇଯାଇଛି । ଟାଉନଥାନା ଅଧିକାରି ଉଲ୍ଲାସ ରାଉତ ଓ ଏସଡିପିଓ ପାର୍ଥ କଶ୍ୟପ ଓ ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ଉପସ୍ଥିତ ରହି ପତାକା ଦେଖାଇ ରୋଡ ରନର ଉଦ୍‌ଘାଟନ କରିଥିଲେ । ପୂର୍ବରୁ କରାଯାଇଥିବା ରୋଡ ମ୍ୟାପ୍ ସହକାରେ ସମସ୍ତ ପ୍ରତିଯୋଗୀ ବିକ୍ରମଦେବ କଲେଜ ପଡିଆ ଠାରୁ ବାହାରି ଟ୍ରାଫିକ ଛକ, ରାଜନହର ଛକ, ତାରିଣୀ ଛକ, ପଂଚାନନ ମନ୍ଦିର ଛକ, ଖ୍ରୀଷ୍ଟିଆନ ପେଟା ଛକ ଦେଇ ପୁଣି ଥରେ ବିକ୍ରମଦେବ କଲେଜ ପଡିଆରେ ପହଁଚିଥିଲେ । ଏହି ଦୌଡ ସକାଳ ୭ଟାରେ ଆରମ୍ଭ କରାଯାଇଥିଲା । ୨୦୦ ରୁ ଉର୍ଦ୍ଧ ପ୍ରତିଯୋଗୀ ଏହି ଦୌଡରେ ଅଂଶ ଗ୍ରହଣ କରିଥିଲେ ସେମାନେ ସକାଳ ୫.୧୫ ମିନିଟରେ ରେଜିଷ୍ଟ୍ରେସନ କରିଥିଲେ । ଏହି ଦୌଡ ପ୍ରତିଯୋଗୀତା ୩ଟି ବର୍ଗରେ ହୋଇଥିଲା । ପୁରୁଷ ବର୍ଗରେ ଦିଲ୍ଲିପ ଖରା ପ୍ରଥମ, ଗୋପାଳ ଗଣ୍ଡ ଦ୍ୱିତୀୟ, ଫିଲିପ ଭତ୍ରା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ମହିଳା ବର୍ଗରେ ଦୟାମଣୀ ହରିଜନ ପ୍ରଥମ, ପୂର୍ଣ୍ଣି ମଲ୍ଲିକ ଦ୍ୱିତୀୟ ଓ ସଞ୍ଜନା ମାଝି ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ବରିଷ୍ଠ ନାଗରିକ ବର୍ଗରେ କୃଷ୍ଣ ଚନ୍ଦ୍ର ହୋତା ପ୍ରଥମ, ସୁରେଶ ହୋତା ଦ୍ୱିତୀୟ ଓ ଲକ୍ଷ୍ମୀକାନ୍ତ ପାଢୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଜେତା ମାନଙ୍କୁ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଏ.ସସ୍ୟାରେଡ୍ଡୀ, ଏସଡିପିଓ ପାର୍ଥ କଶ୍ୟପ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ । ଅପରାହ୍ନରେ ଟାଉନ ଥାନା ପକ୍ଷରୁ ସାଇବର ରଥକୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପଡିଆ ଠାରେ ସ୍ୱାଗତ କରାଯାଇ ସନ୍ଧ୍ୟାରେ ରଥ ପଡିଆ ନିକଟରେ ସାଇବର ଠକେଇ ଉପରେ ଭିଡିଓ ପ୍ରଦର୍ଶନ କରାଯାଇଥିଲା । ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ଆଜିର ଡିଜିଟାଲ ଯୁଗରେ ସାଇବର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଛି । ଏହା କେବଳ ସରକାର କିମ୍ବା ପୁଲିସର ଦାୟୀତ୍ୱ ନୁହେଁ ପ୍ରତ୍ୟେକ ନାଗରିକ ମଧ୍ୟ ସଚେତନ ରହିବା ଓ ଅନ୍‌ଲାଇନ ତଥ୍ୟ ସୁରକ୍ଷିତ ରଖିବା । ସାଇବର ଅପରାଧୀମାନେ ବିଭିନ୍ନ ନୂତନ ଉପାୟ ଦ୍ୱାରା ଲୋକଙ୍କୁ ଠକୁଛନ୍ତି, ତେଣୁ ବ୍ୟାଙ୍କ ଖାତା, ଆଧାର ସଙ୍ଖ୍ୟା, ଓଟିପି, ପାସୱାର୍ଡ ଭଳି ଗୁପ୍ତ ତଥ୍ୟ କାହାକୁ ମଧ୍ୟ ଦେବା ଉଚିତ ନୁହେଁ ବୋଲି କହିଥିଲେ । ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ଉପସ୍ଥିତ ରହି ସାଇବର ସୁରକ୍ଷା ସମ୍ବପର୍କିତ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ । ଏସଡିପିଓ ଶ୍ରୀ କଶ୍ୟପ ଅଦୃଶ୍ୟ ଠକଙ୍କ ପ୍ରାଦୃଭାବରେ ବର୍ତମାନ ଲଗାମ ଲାଗିବ । ସାଇବର ଠକେଇ କମିବ । ସାଇବର କ୍ରାଇମ କମାଇବା ପାଇଁ ଭୁବନେଶ୍ୱର କମିଶନରେଟ ପୁଲିସ ଯେଉଁ ପ୍ରୟାସ କରିଛନ୍ତି ତାହା ନିଶ୍ଚିତ ସଫଳ ହେବ । ଏହା ମାଧ୍ୟମରେ ଲୋକମାନେ କିଭଳି ସାଇବର ଠକେଇର ଶିକାର ହୋଇ ସର୍ବସ୍ୱ ହରାଉଛନ୍ତି ସେ ନେଇ ଆଜି ରଥପଡିଆ ଠାରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ନିଜେ ସଚେତନ ହୋଇ ଅନ୍ୟକୁ ସଚେତନ କରାଇବା ଆମ ସମସ୍ତଙ୍କ ଦାୟୀତ୍ୱ ବୋଲି କହିଥିଲେ । ବିଶେଷ କରି ଯୁବ ପିଢିଙ୍କ ମଧ୍ୟରେ ସାଇବର ଅପରାଧ ସମ୍ବନ୍ଧୀୟ ଜ୍ଞାନ ଓ ସଚେତନତା ବିସ୍ତାର କରିବା ଦରକାର । ଲୋକଙ୍କ ମଧ୍ୟରେ ସାଇବର ଠକେଇ ନେଇ ସଚେତନତା ସୃଷ୍ଟି କରିବା ପାଇଁ ଏହି ରଥ ଗଡିଛି ବୋଲି କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଟାଉନ ଥାନାର ସମସ୍ତ ପୁଲିସ କର୍ମଚାରୀ ଓ ଟ୍ରାଫିକ ପୁଲିସ ସହଯୋଗ କରିଥିଲେ ।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୧୪।୦୮ । ୨୦୨୬ ■ ଶୁକ୍ରବାର

ସଂସଦ ନା ସଡ଼କ ?

ଯେଉଁ ବିପକ୍ଷ ଓ ବିଶେଷ କରି କଂଗ୍ରେସ ଯନ୍ତର ମନ୍ତରଠାରେ ସମବେତ ଭିଡ଼ର ସଂସଦ ମାର୍ଚ୍ଚ ବେଳେ ହୋଇଥିବା ହିଂସା ଲାଗି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କଠାରୁ ବିବୃତ୍ତି ଦାବି ଜିଦ୍‌ରେ ଗୃହକାର୍ଯ୍ୟକୁ ଅଚଳପ୍ରାୟ କରିଦେଇଛନ୍ତି, ସେମାନେ ଶେଷ ଦୁଇଦିନ ହେଲା ତାଙ୍କ ଜବାବ ଶୁଣିବାକୁ ପ୍ରସ୍ତୁତ ନ ହୋଇ ବିଭିନ୍ନ ବାହାନା କରିବାରେ ଲାଗିଛନ୍ତି । ରାହୁଲ ଗାନ୍ଧୀ କହୁଛନ୍ତି ଏ ମାମଲାରେ ଗୃହମନ୍ତ୍ରୀଙ୍କଠାରୁ ସେ ଜାଣିବାକୁ ଚାହୁଁଛନ୍ତି ଯେ ଗୁଳି ଚଳାଇବାକୁ ଯଦି ସେ ଆଦେଶ ଦେଇ ନଥିଲେ, ତେବେ ସେ କ'ଣ ଜାଣିନାହାନ୍ତି କିଏ ସେପ୍ରକାର ଆଦେଶ ଦେଇଥିଲେ ? ଏପ୍ରକାର ଅବାନ୍ତର କଥା ଭଳି ଆଉ କିଛି କ'ଣ ହୋଇପାରେ ? କ'ଣ ରାହୁଲ ଗାନ୍ଧୀ ନିଜ ପ୍ରଶ୍ନଚ୍ଛଳରେ ଏପରି ଦର୍ଶାଇବାକୁ ଚାହୁଁଛନ୍ତି ଯେ ଅମିତ ଶାହ ସେଇ କଥା କୁହନ୍ତୁ ଯାହା ସେ ଶୁଣିବାକୁ ଚାହୁଁଛନ୍ତି ? ସେ ମଧ କହିବାକୁ ପଛାଇ ନାହାନ୍ତି ଯେ ବିପକ୍ଷର ପ୍ରଶ୍ନର ଜବାବରେ ଯାହା କିଛି ସରକାର କହିବେ, ତାହା ସେ ନିର୍ଦ୍ଧାରଣ କରିବେ। ତାଙ୍କର ଏପ୍ରକାର ବିଚିତ୍ର ଆଚରଣର କାରଣଯୋଗୁଁ ଶାସକ ଦଳ ସାଂସଦମାନେ ସଂସଦ ପରିସରରେ ଏକ ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କଲେ ଯହିଁରେ ଲେଖାଥିଲା– ରାଜୀବ ଗାନ୍ଧୀ ଭାଗୋ ମତ ।

ଝାଡ଼ଖଣ୍ଡ ସରକାର ପକ୍ଷରୁ ଧାରଣାରତ ପରୀକ୍ଷାର୍ଥୀମାନଙ୍କ ଉପରେ ବର୍ବରତାପୂର୍ଣ୍ଣ ଭାବେ ଲାଠି ଚାର୍ଜ କରାଯାଇଥିଲା । ତାହାର ଉତ୍ତର ରାହୁଲ ଗାନ୍ଧୀ ଦିଅନ୍ତୁ ବୋଲି ମଧ ଶାସକ ଦଳର ସାଂସଦମାନେ ସ୍ଲୋଗାନ ଦେଇଥିଲେ । ଏପ୍ରକାର ସ୍ଥିତି ସ୍ପଷ୍ଟ ଭାବେ ରେଖାଙ୍କିତ କରୁଛି ଯେ ସଂସଦରେ କୌଣସି ବିଷୟରେ ଗମ୍ଭୀର ଚର୍ଚ୍ଚା କରିବା ଲାଗି ଆଉ ସ୍ଥାନ ନାହିଁ । ସଂସଦରେ ସଡ଼କ ଭଳି ରାଜନୀତି ହେବା ଦୁର୍ଭାଗ୍ୟଜନକ । ସଂସଦ ଭିତରେ ହଙ୍ଗାମା, ହଟ୍ଟଗୋଳ କରିବା ଦ୍ୱାରା କେବଳ ସେମାନେ ନିଜର ଅହିତ କରୁଛନ୍ତି ତା' ନୁହେଁ, ବରଂ ସରକାରଙ୍କ କାମ ଅତ୍ୟନ୍ତ ସହଜସାଧ କରିଦେଉଛନ୍ତି । ଏହି ସାଧାରଣ କଥାଟି ମଧ ସେମାନେ ବୁଝିବାକୁ ପ୍ରସ୍ତୁତ ଥିବା ଭଳି ଲାଗୁନାହିଁ । ପ୍ରଶାସନକୁ ଉତ୍ତରଦାୟୀ କରିବାର କ୍ଷେତ୍ର ହେଉଛି ସଂସଦ । ସେଠି ଯଦି ଗଣ୍ଡଗୋଳ ଜାରି ରହେ ତେବେ ସରକାରକୁ ଉତ୍ତରଦାୟୀ ଆଉ କରାଯିବ କେଉଁଠି ? ବିରୋଧୀ ପକ୍ଷ ମଧ ଭଲ ଭାବେ ଜାଣିବା ଦରକାର ଯେ ସେମାନଙ୍କର ହଟ୍ଟଗୋଳ ଓ ସ୍ଲୋଗାନବାଜି ଭିତରେ ଅଧିକାଂଶ ବିଧେୟକ ଧ୍ୱନିମତରେ ଗୃହୀତ ହୋଇଯାଉଛି । କେଉଁଠି ବିଧେୟକର କ'ଣ ବ୍ୟବସ୍ଥା ରହିଛି ଓ ତାହାର ପ୍ରଭାବ କ'ଣ ପଡ଼ିବ, ସେକଥା ଜାଣିବା ଲାଗି କ'ଣ ବିରୋଧୀ ପକ୍ଷ ସାଂସଦଙ୍କର କୌଣସି ଇଚ୍ଛା ନାହିଁ ?

ସଂସଦରେ ବିନା ଚର୍ଚ୍ଚାରେ ବିଧେୟକ ପାଶ୍ ହେବା ଆଦୌ ଠିକ୍ ନୁହେଁ, କିନ୍ତୁ ଏବେ ସେହିପରି ବିଧେୟକଗୁଡ଼ିକ ପାଶ୍ ହୋଇଯାଉଛି । ବିଧେୟକରେ ସଂଶୋଧନ ପ୍ରସ୍ତାବ ବି କେତେକ ବିରୋଧୀଦଳର ସଦସ୍ୟ ଦେଉଥିଲେ ମଧ ତାହାକୁ ଆଗତ କରି ଚର୍ଚ୍ଚା କରିବାକୁ ସେମାନେ ଦଳଗତ କାରଣରୁ ସକ୍ଷମ ହେଉ ନାହାନ୍ତି । ବିପକ୍ଷ ଏକପ୍ରକାରେ ସଂସଦକୁ ବନ୍ଧକ ବନାଇ ଆବଶ୍ୟକ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ଦାୟିତ୍ୱସଂପନ୍ନ ବିପକ୍ଷର ଭୂମିକା ନିର୍ବାହନ ଜାଣିଶୁଣି ପରିତ୍ୟାଗ କରିଦେଇଛି । ହଙ୍ଗାମା ପ୍ରେମରେ ସେମାନେ ଏତେ ମସଗୁଲ ଯେ ଯେଉଁଥିପାଇଁ ନିର୍ବାଚିତ ହୋଇ ଆସିଛନ୍ତି, ତାହା ସେମାନେ ଭୁଲିଯାଇଛନ୍ତି । ଏସବୁ ଘଟଣାରୁ ମନରେ ସନ୍ଦେହ ଆସୁଛି ସତରେ କ'ଣ ବିପକ୍ଷ ଜାଣିବାକୁ ଚାହୁଁଛି ସଂସଦ ମାର୍ଚ୍ଚ କାଳରେ ଘଟିଥିବା ହିଂସା କେଉଁ ପରିସ୍ଥିତିରେ ଘଟିଲା କି ରାମମନ୍ଦିରରୁ ଦାନବାକ୍ସ ଚୋରି କେଉଁଭଳି ପରିସ୍ଥିତିରେ ଘଟିଲା ଓ ସେସବୁ ପାଇଁ କିଏ ଦାୟୀ ? ଏସବୁ କେବଳ ଲୋକଦେଖାଣିଆ କିନ୍ତୁ ନିଜର ସମ୍ବେଦନଶୀଳ ଭାବନା ଭାବରେ ତାହାକୁ ଚିତ୍ରଣ ଓ ପ୍ରଚାର କରାଯାଉଛି । ବାସ୍ତବରେ ଏହା ହେଉଛି ବିପକ୍ଷର ଶସ୍ତା ରାଜନୀତି । ଶାସକ ଦଳକୁ ବିପକ୍ଷକୁ ତାହାରି ଶୈଳୀରେ ଜବାବ ଦେବା ଅପେକ୍ଷା ସେ ଶସ୍ତା ରାଜନୀତିର ଉଚିତ ପ୍ରତିକାର କରିବା ଦରକାର । ❒❒

ଅସମାହିତ ପ୍ରଶ୍ନ

ଆଜିକାଲି ସୂଚନା ପ୍ରଯୁକ୍ତିର କ୍ରାନ୍ତି ଦିନକୁ ଦିନ ବଢୁଛି ଯୌଥ ପରିବାର ବଦଳରେ ଏକାର୍ଣ୍ଣବତୀ ପରିବାର ମଧ ବଢୁଛି। ଅନେକ କ୍ଷେତ୍ରରେ ପରିଣତ ବୟସରୁ ବାପ-ମାଆଙ୍କ ପାଇଁ ପିଲାମାନେ ସେବା, ସ୍ନେହ, ସୁଯୋଗ ଦିଅନ୍ତି ନାହିଁ। ତେବେ ଭାରତୀୟ ସନାତନ ସଂସ୍କୃତି ବିଶ୍ୱାସ କରେ ଜୀବନରେ ହେଉଛି ଗୋଟିଏ ଧର୍ମ ତାହା ହେଉଛି ମଣିଷ ଧର୍ମ। ସରକାରଙ୍କ ଅଧୀନରେ ସମସ୍ତ ମନ୍ଦିର ରହିବା ଉଚିତ କି ? ଯଦି ହଁ, ତେବେ ଗୁରୁଦ୍ୱାର, ଚର୍ଚ୍ଚ ଓ ମସଜିଦକୁ ସରକାର ନିଜ ହାତକୁ ନେବା ଉଚିତ ହେବ କି ? ଝିଅମାନେ ବାପଘରେ, ମୌରସି ସମ୍ପତ୍ତିରେ ଯଦି ସମାନ ଭାଗ ପାଇବେ, ତେବେ ବାହାଘର ସମୟରେ ଯୌଥ ପରିବାରରୁ ଝିଅ ମାନଙ୍କୁ ଯେଉଁ ଯୌତୁକ ଦିଆଯାଇଥାଏ ତାହାସବୁ ବଣ୍ଟନ ସମୟରେ ବଣ୍ଟନଭୁକ୍ତ କରାଯିବା ଉଚିତ ହେବ କି ? ଯଦି ଜଣେ ପୁଅ, ତାକୁ ୨୧ ବର୍ଷ ହେବା ପୂର୍ବରୁ ବିବାହ କରିଥାଏ, ସେ ବିବାହ କୁ ଅବୈଧ ଘୋଷଣା କରାଯିବା ଉଚିତ ହେବ କି ? ଜଣେ ବ୍ୟକ୍ତିର ପ୍ରକୃତ ଅସୁବିଧା ସେ କଚେରୀରେ ଡିଗ୍ରୀ ପାଇବା ପରେ ଆରମ୍ଭ ହୋଇଥାଏ କି ? ଜଣେ ବ୍ୟକ୍ତିକୁ ଡିଗ୍ରୀରେ ପାଇଥିବା ଫଳ ପାଇଁ ବାରମ୍ବାର କୋର୍ଟକୁ ଦୌଡ଼ିବାକୁ ପଡ଼ିଥାଏ। ତେଣୁ ଏପରିସ୍ଥଳେ ପ୍ରତ୍ୟେକ ଡିଗ୍ରୀର ଫଳ ପାଇବା ପାଇଁ ଆଇନରେ ସମୟସୀମା ନିର୍ଦ୍ଧାରଣ ହେବା ଉଚିତ କି ? ଏ ଦାୟିତ୍ୱ ସରକାର ବହନ କରିବା ଉଚିତ କି ? କୋଭିଡ୍-୧୯ ମହାମାରୀରେ ପ୍ରାଣ ହରାଉଥିବା ପିତାମାତା ବିହୀନ ଶିଶୁମାନଙ୍କ (ଖାଦ୍ୟ, ଶିକ୍ଷା, ବାସ ଓ ଚିକିତ୍ସା) ପାଇଁ ସରକାର କି କି ନୀତି ପ୍ରଣୟନ କରିଛନ୍ତି ? ଏ କ୍ଷେତ୍ରରେ ବିଳମ୍ବ କଣ ପାଇଁ ମାନବ୍ୟର ସୁପ୍ରିମକୋର୍ଟ ହସ୍ତକ୍ଷେପ କରୁଛନ୍ତି। ଜଣେ ନିଜକୁ ଯୌନକର୍ମୀ କହି, ଆବାସିକ ପ୍ରମାଣପତ୍ର ନଥାଇ, ଆଧାର କାର୍ଡ଼ ପାଇଁ ଆବେଦନ କରିବା ଓ ପ୍ରାପ୍ତ ହେବା ଯଥାର୍ଥ କି ? ବଡ଼ ଧରଣର ଲଣ୍ଡ୍ରି ତାହା ଫ୍ୟାକ୍ଟ୍ରିସ ଆକ୍ଟର ଅଧିନ ହେବା ଉଚିତ କି ? ନାଗରିକ ଅଧିକାର ବଡ଼ ନା ସାମରିକ ଅଧିକାର ଭାରତରେ ବଡ଼ ? ଯଦି ଗୋଟିଏ ଝିଅ ଏକ ଘରୋଇ ସଂସ୍ଥାରେ ଅନୁବନ୍ଧିତ ହୋଇ ଚାକିରୀ କରିଥାଏ ଯେ ସେ ଚାକିରୀ କାଳରେ ଅନ୍ୟ ସମସ୍ତ କର୍ମଚାରୀ ଯେତିକି ଦିନ ଛୁଟି ପାଇବାକୁ ଯୋଗ୍ୟ ସେ ମଧ ସେତିକି ଦିନ ଛୁଟି ପାଇବେ। କିନ୍ତୁ ବିବାହ ପରେ ସେ ମାର୍ଟିନେଟି ଲିଭ ବାରମ୍ବାର ନେଇପାରିବେ କି ? ପୂର୍ବ ଅନୁବନ୍ଧିତ ନିୟମ ତାଙ୍କ କ୍ଷେତ୍ରରେ ପ୍ରଜୁର୍ଯ୍ୟ ହୋଇପାରିବ କି ? ଶେଷରେ ଏହା କୁହାଯାଇ ପାରେ ପାର୍ଟ ଟାଇମ ଲ'ଡିଗ୍ରୀ ହାସଲ କରିଥିବା ଓକିଲ ବାର କାଉନସିଲ ଗୁଡ଼ିକରୁ ଓକିଲାତି ଲାଇସେନ୍ସ ପାଇବାକୁ ଯୋଗ୍ୟ ହେବେ କି ?

ଭବାଶିଷ ଦାସ

ସିଡିଏ, କଟକ

ବିଭାଜନର ବିଭୀଷିକା ଓ ଆଜିର ଯୁବପିଢ଼ି

ବିଭୂତି ଭୂଷଣ ବେହେରା

ଆଜିର ଦିନଟି ଦେଶବାସୀଙ୍କ ପାଇଁ ଏକ ଦୁଃଖର ଦିନ । ପ୍ରାଚୀନ ଇତିହାସ ଓ ବେଦ ପୁରାଣରେ ବର୍ଣ୍ଣିତ ଏବଂ ବିଦେଶରେ ବସବାସ କରୁଥିବା କୋଟି କୋଟି ପ୍ରବାସୀ ଭାରତୀୟ ଓ ଭାରତବାସୀ କୁହନ୍ତି, "ଭାରତ ଆମର ମାଆ" । ଏହାର ଇତିହାସ ପୃଷ୍ଠାକୁ ଓଲୋଟାଇଲେ ଲୋମଟାଙ୍କୁରୀ ଉଠେ । ଭାରତ ମହାସାଗର, ବଙ୍ଗୋପସାଗର, ଆରବ ମହାସାଗରରେ ମହାବାତ୍ୟାର କରାଳ ରୂପକୁ ଏକିଂଶ ଶତାବ୍ଦୀର ଯୁବପିଢି ଦେଖିଥିବେ । କିନ୍ତୁ ୧୯୪୭ ମସିହା ଅଗଷ୍ଟ ୧୪ ତାରିଖରେ ଯେଉଁ ମହାପ୍ରଳୟଙ୍କାରୀ ସମୟ ଆସିଥିଲା ଆଜିର ଯୁବପିଢିଙ୍କୁ କ'ଣ ବା ଜଣା । ଯଦି ଜାଣିଥାନ୍ତେ, ଯନ୍ତରମନ୍ତର ଠାରେ ହୃଦୟ ବିଦାରକ ନାରା ଲଗାଇ ନଥାନ୍ତେ । ଭାରତକୁ ଆମେ ନେପାଳ ଏବଂ ବାଂଲାଦେଶ ବନାଇ ଦେବୁ ଏବଂ ଭାରତକୁ ଟୁକୁଡା ଟୁକୁଡା କରିଦ୍ଦେ । ଧିକାର ତୁମ ବିଦେଶୀ ଉଚ୍ଚ ଶିକ୍ଷିତ ଅଧ୍ୟୟନକୁ । ସେହି କାଳ ରାତିକୁ କେମିତି ବା ଜାଣିବ । ନା ଥିଲା ସୋସିଆଲ ମିଡ଼ିଆ, ନା ଥିଲା ବୈଦ୍ୟୁତିକ ଗଣମାଧମର ବ୍ରେକିଙ୍ଗ୍ ନ୍ୟୁଜର ପ୍ରଶାର ଓ ପ୍ରଚାର । ଆଜି ତ ମିଥ୍ୟା ତଥ୍ୟରେ ଯୁବପିଢି ମତୁଆଲା । ସନ୍ଧ୍ୟା ୭ଟା ଅଲ୍ ଇଣ୍ଡିଆ ରେଡିଓରେ ଏକ ପ୍ରସାରଣ ଆରମ୍ଭ ହେଲା ଏବଂ ସମସ୍ତ ଭାରତୀୟମାନଙ୍କୁ ସୂଚନା ଦିଆଯାଇ ଘୋଷଣା ହେଲା । ବ୍ରିଟିଶମାନେ ଭାରତରୁ ବିଦାୟ ନେବେ, ଗୋରା ସରକାର ଭାରତକୁ ବିଭାଜନ କରିଦେଇଛନ୍ତି । ଗୋଟିଏ ଭାରତ ଏବଂ ଅନ୍ୟଟି ପାକିସ୍ତାନ । ଦେଶର ଏକତା,ଅଖଣ୍ଡତା ଓ ସ୍ୱାଧିନତା ପାଇଁ ଲଢେଇ କରୁଥିବା ସଂଗ୍ରାମୀମାନେ ହତବାକ୍ ହୋଇ ପଡ଼ିଲେ, "ମୋ ମାଆ" ଆଜି ବିଭାଜନ । ଯେଉଁ ସ୍ୱରାଜ ପାଇଁ ୩ ଜୁନ୍ ୧୯୪୭ରେ ଗାନ୍ଧୀଙ୍କ ସଂଘର୍ଷ ସଫଳ ହୋଇଥିଲା, ସେ ମଧ ଚୁପ୍ । ଭାରତ ସ୍ୱାଧିନ ହେବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୧୪ ଅଗଷ୍ଟ ୧୯୪୭ ପାକିସ୍ତାନ ସ୍ୱତନ୍ତ୍ର ଦେଶ ଭାବରେ ମାନ୍ୟତା ପାଇଲା । କିନ୍ତୁ ଭାରତ ସ୍ୱାଧିନତାର ପୂର୍ବ ରାତିରେ ଘଟିଗଲା ଅନେକ ଘଟଣା ଯାହା ମନୁଷ୍ୟକୃତ ଥିଲା ।

ମୋର ଗବେଷଣାର ପ୍ରାଥମିକ ଅଧ୍ୟୟନ ପାଇଁ ମୁଁ ଅଷ୍ଟ୍ରେଲିଆ ଗ୍ରସ୍ତ କରିଥିଲି । ଅଷ୍ଟ୍ରେଲିଆର ରାଜଧାନୀ କାନବେରା ଠାରେ ଜଗନ୍ନାଥ ମନ୍ଦିର ଅଛି । ଗତ ରଥଯାତ୍ରାରେ ପାକିସ୍ତାନରେ ବସବାସ କରୁଥିବା ଏକ ହିନ୍ଦୁ ପରିବାରକୁ ଭେଟିଲି । ତାଙ୍କ ପୁଅ ଏବେ କାନବେରାରେ ବସବାସ କରନ୍ତି । ରାଠୀ ଜଣେ ପେଷାରେ ଡ଼ାକ୍ତର, ପାକିସ୍ତାନ ଜନତାଙ୍କ ସେବାରେ ତାଙ୍କ ଜୀବନ ଅତିବାହିତ ହୋଇଛି । ରାଠୀଙ୍କ ବାପା ଜଣେ ପ୍ରାଇମେରୀ ସ୍କୁଲ ଶିକ୍ଷକ । ତାଙ୍କ ପରିବାର ରାଜସ୍ଥାନ ବୋର୍ଡର ବାଡ଼ମିର ଅଚଂଳର ଆର ପାଖରେ ଥରପାରକାର ସ୍ଥାନରେ ବସବାସ କରନ୍ତି । ସେତେବେଳେ ଥରପାରକର ଭାରତରେ ଥିଲା । ଥରପାରକର, ପାକିସ୍ତାନର ସିନ୍ଧ ପ୍ରଦେଶର ଥର ଅଞ୍ଚଳର ଏକ ଜିଲ୍ଲା, ଯାହାର ମୁଖ୍ୟାଳୟ ମିଠିରେ ଅବସ୍ଥିତ। ଭାରତୀୟ ସ୍ୱାଧୀନତା ପୂର୍ବରୁ ଏହାକୁ ଥର ଏବଂ ପାର୍କର କିମ୍ବା ପୂର୍ବ ସିନ୍ଧ ସୀମାନ୍ତ ଜିଲ୍ଲା ଭାବରେ ଜଣାଶୁଣା ଥିଲା । ଏହି ଜିଲ୍ଲା ସିନ୍ଧର ସବୁଠାରୁ ବଡ଼ ଜିଲ୍ଲା ଏବଂ ପାକିସ୍ତାନରେ ସର୍ବାଧିକ ହିନ୍ଦୁ ଜନସଂଖ୍ୟା ଭାବେ ପରିଚିତ । ଡାକ୍ତର ରାଠୀଙ୍କ ପରିବାର ଏହି କାଳ ରାତ୍ରି ସହିତ ଜଡ଼ିତ । ତାଙ୍କ ବାପା କୁହନ୍ତି, ପାକିସ୍ତାନର ସମସ୍ତ ସ୍କୁଲ କଲେଜକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିଦିଆଗଲା । ଅନେକ ମା ଓ ଭଉଣୀମାନଙ୍କୁ ଦିନ ଦୁଇ ପ୍ରହରରେ ଜଳାଇ ଦିଆ ଗଲା, ପୋଡ଼ା ଜଳା, ହତ୍ୟା ଓ ଲୁଣ୍ଠନ ପରି ଅନେକଙ୍କୁ ଅତ୍ୟାଚାର କରାଗଲା । ସତେ ଯେମିତି ରାହୁ ସୂର୍ଯ୍ୟଙ୍କୁ ଗ୍ରାସ କରିଛି । ଏହି ତାଣ୍ଡବ ଅନେକ ଦିନ ଧରି ଚାଲିଲା । ଏହି କଥା ଯେତେ ବେଳେ ରାଠୀ ଶୁଣନ୍ତି, ମନ ଇତଂବ୍ୟସ୍ତ ହୋଇପଡ଼େ । ପାକିସ୍ତାନରେ ରହିଲେ ମଧ ନିଜ ମାତୃ ଭୂମୀର ସଂସ୍କୃତି ପ୍ରତି ଆଜି ବି ତାଙ୍କ ମନରେ ଦରଦ ରହିଛି ଭାରତୀୟମାନଙ୍କୁ ଦେଖିଲେ ସେ କୋହଭରା ସ୍ୱରରେ କୁହନ୍ତି, ଆପଣ କେଉଁ ରାଜ୍ୟର । ଏତିକି ମୋତେ ପଚାରୁ ପଚାରୁ ତାଙ୍କ ଆଖିରୁ ଝରି ଆସିଥିଲା ଲୁହ । ତାଙ୍କ ଭାବବିହୋଳରୁ ମୁଁ ହୃଦୟଗମ କଲି, ଆଜି ବି ଭାରତ ପ୍ରତି ତାଙ୍କର ସମ୍ମାନ ରହିଛି । ଏହା ଥିଲା, ଜଣେ ବ୍ୟକ୍ତିର ଦେଶ ମାଟି ମାଆ ପ୍ରତି ଭଲପାଇବା ।୧୯୪୭ ମସିହାରେ ସେହି ଭୟଙ୍କର ହିଂସାର ସମୟ ବିଷୟରେ ଏବେ ବି ଶହ ଶହ କାହାଣୀ ଶୁଣିବାକୁ ବାକି ଅଛି । ହୁଏତ ଏପରି ଅନେକ କାହାଣୀ ଅଛି ଯାହା କେବେ କୁହାଯାଇ ନାହିଁ । ପ୍ରଫେସର ରେଗି ଆବ୍ରାହମଙ୍କ ଲିଖିତ ବିଷୟ "ଦେଶର ସଙ୍କଟକାଳୀନ ପରିବର୍ତ୍ତନ ଏବଂ ମହାତ୍ମା ଗାନ୍ଧୀ," ଏହି ଗବେଷଣା ପତ୍ରରେ ସେ ଲେଖିଛନ୍ତି ।

ବିଭାଜନର ତାଙ୍କ କାହାଣୀ ସଂଗ୍ରହରୁ, ବୁଟାଲିଆ ପଞ୍ଜାବ ଅଞ୍ଚଳର ଜଣେ ମୁସଲିମ ଝିଅ ଜୈନବଙ୍କ ଦୁଃଖଦ ଘଟଣା ବର୍ଣ୍ଣନା କରିଛନ୍ତି । ଯାହାକୁ ତାଙ୍କ ପରିବାର ପାଦରେ ପାକିସ୍ତାନ ସ୍ଥାନାନ୍ତରିତ ହେଉଥିବା ସମୟରେ ଅପହରଣ କରାଯାଇଥିଲା । ସେମାନେ ଭାରତରୁ ପାକିସ୍ତାନକୁ ଯାଉଥିବା ଶରଣାର୍ଥୀଙ୍କ ଏକ କାଫିଲାର ଅଂଶ ଥିଲେ । ଲୋକଙ୍କ ଗହଳିରେ ହଜିଯାଇ ଜୈନବ ତାଙ୍କ ପରିବାରରୁ ଅଦୃଶ୍ୟ ହୋଇଗଲେ । କେହି ଜାଣନ୍ତି ନାହିଁ ଯେ ତାଙ୍କ ଅପହରଣକାରୀ କିଏ ଥିଲେ । କିନ୍ତୁ ଶେଷରେ ଜୈନବଙ୍କୁ ଅମୃତସର ଜିଲ୍ଲାର ଜଣେ ଜାଟ, ବୁଟା ସିଂହଙ୍କୁ ବିକ୍ରି କରାଯାଇଥିଲ । ସିଂହ ବିବାହିତ ନଥିଲେ ଏବଂ ସେହି ସମୟରେ ଅପହରଣ ହୋଇଥିବା ମହିଳାଙ୍କୁ ଆଶ୍ରୟ ଦେଇ ସମ୍ମାନର ସହିତ ଘରେ ରଖିଥିଲେ । ବୁଟାଲିଆଙ୍କ କହିବା ଅନୁସାରେ, ଶେଷରେ ଜୈନବ ଏବଂ ବୁଟା ସିଂହ ପରସ୍ପରକୁ ଭଲ ପାଇଲେ । ଜୈନବଙ୍କୁ ବିବାହ କରିବାକୁ ମଧ ନିଷ୍ପତ୍ତି ନେଲେ । ସେମାନଙ୍କର ଦୁଇଟି ଝିଅ ଜନ୍ମ ହେଲା । ଶୁଖି ପରିବାର ଭିତରେ ମାଡ଼ି ଆସିଲା ଝଡ଼ବାତ୍ୟା, ଯାହା ସମସ୍ତଙ୍କ ପାଇଁ କଳ୍ପନା ବାହାରେ ଥିଲା । ବୁଟାଲିଆ ଉଲ୍ଲେଖ କରନ୍ତି, ଯେତେବେଳେ ଏକ ପାକିସ୍ତାନୀ ସନ୍ଧାନୀ ଦଳ ଅପହୃତ ମୁସଲିମ ମହିଳାମାନଙ୍କୁ ଖୋଜୁଥିବା ସମୟରେ ତାଙ୍କୁ ପାଇ ତାଙ୍କ ପିତାମାତାଙ୍କୁ ଖବର ପଠାଇଲେ ଯେ ସେମାନଙ୍କ ଝିଅ ଠାବ ହୋଇଛି । ଜୈନବଙ୍କ ପିତାମାତା ଜିଦ୍ ଧରିଲେ ଯେ ସେ ପାକିସ୍ତାନରେ ସେମାନଙ୍କ ସହିତ ଯୋଗଦାନ କରନ୍ତୁ । ଜୈନବ ତାଙ୍କ ସ୍ୱାମୀ ଏବଂ ତାଙ୍କ ପିଲାମାନଙ୍କୁ ଛାଡି ସେମାନଙ୍କ ପରିବାର ଇଚ୍ଛାକୁ ପାଳନ କଲେ । ଖବରକାଗଜ ରିପୋର୍ଟରେ କୁହାଯାଇଛି, ଜୈନବ ଯେତେବେଳେ ଗୋଟିଏ ହାତରେ ଏକ ପିଲା ଏବଂ ଅନ୍ୟ ହାତରେ ଏକ ଲୁଗା ବସ୍ତା ଧରି ଘରୁ ବାହାରିଥିଲେ, ସେତେବେଳେ ସମଗ୍ର ଗାଁ ତାଙ୍କୁ ଦେଖିବା ପାଇଁ ବାହାରି ପଡ଼ିଥିଲା । ଯେତେବେଳେ ସେ ସୀମା ପାର କରାଇ ନେବାକୁ ଯାଉଥିବା ଜିପ୍ ଚଢୁଥିଲେ, ସେ ଶିଶୁଟିକୁ ତାଙ୍କ ସ୍ୱାମୀଙ୍କୁ ଦେଇଥିଲେ ଏବଂ ତାଙ୍କୁ କହିଥିଲେ, 'ଏହି ଛୋଟ ଝିଅର ଯତ୍ନ ନିଅ, ଏବଂ ଚିନ୍ତା କର ନାହିଁ । ମୁଁ ଶୀଘ୍ର ଫେରି ଆସିବି' । ବୁଟା ସିଂହ ଦୀର୍ଘ ସମୟ ପର୍ଯ୍ୟନ୍ତ ଜୈନବର ଫେରିବା ପାଇଁ ଅପେକ୍ଷା କରିଥିଲେ। ଶେଷରେ ନିଷ୍ପତ୍ତି ନେଇଥିଲେ ଯେ ସେ ତାଙ୍କ ସ୍ତ୍ରୀ ବିନା ଆଉ ଏକ ଦିନ ବଞ୍ଚିପାରିବେ ନାହିଁ । ସେ ପାକିସ୍ତାନ ଯାତ୍ରା ପାଇଁ ତାଙ୍କର ଜମି ବିକ୍ରି କରିଦେଲେ । ସେ ଇସଲାମ ଧର୍ମ ଗ୍ରହଣ କଲେ । ପାକିସ୍ତାନକୁ ଯିବା ପାଇଁ ଭିସା ଆବେଦନ କଲେ । ତାଙ୍କୁ ପ୍ରଥମେ ଭିସା ମିଳିଲା ନାହିଁ, ପରେ ଏକ ପରିଦର୍ଶନ ଭିସା ପାଇଁ ଆବେଦନ କଲେ ଏବଂ ତାଙ୍କୁ ମଞ୍ଜୁର କରାଯାଇଥିଲା । ବୁଟା ପାକିସ୍ତାନରେ ତାଙ୍କ ସ୍ତ୍ରୀଙ୍କ ଗାଁକୁ ଯାତ୍ରା କରି ଜାଣିବାକୁ ପାଇଲେ ଯେ ଜୈନବଙ୍କୁ ତାଙ୍କ ଜଣେ ସମ୍ପର୍କୀୟଙ୍କୁ ବିବାହ କରିବାକୁ ବାଧ କରାଯାଇଥିଲା । ବୁଟା ସିଂହଙ୍କ ଗୋଡ଼ତଳୁ ମାଟି ଖସିଗଲା ମୁଣ୍ଡ ଉପରୁ ଛିଡ଼ିଗଲା ଆକାଶ । ତାଙ୍କ ବିରୋଧରେ ସ୍ଥାନୀୟ ପୋଲିସ ଷ୍ଟେସନରେ କେସ୍ ଦେଇ ଗିରଫ କରାଯାଇଥିଲା । ତାଙ୍କୁ ଜଣେ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଧୈର୍ଯ୍ୟର ସହିତ ତାଙ୍କର ହତାଶ କାହାଣୀ ଶୁଣିଥିଲେ ମାଜିଷ୍ଟ୍ରେଟ । ଜୈନବଙ୍କୁ କୋର୍ଟରେ ହାଜର ହେବାକୁ ମାଜିଷ୍ଟ୍ରେଟ ନିର୍ଦ୍ଦେଶ ଦେଲେ । ସେ ପରିବାର ସଦସ୍ୟଙ୍କ ସହିତ ପହଞ୍ଚିଥିଲେ । ମାଜିଷ୍ଟ୍ରେଟ ବୁଟା ସିଂହଙ୍କ ସହିତ ତାଙ୍କ ବିବାହ ବିଷୟରେ ପଚାରିବା ସମୟରେ, ସେ ତାଙ୍କ ପୂର୍ବତନ ସ୍ୱାମୀଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ । ବୁଟା ପରଦିନ ଟ୍ରେନ ଆଗରେ ଡେଇଁ ଆତ୍ମହତ୍ୟା କରିଥିଲେ । ଭାରତର ଇତିହାସରେ ସବୁଠାରୁ ହିଂସାତ୍ମକ ସମୟ ଥିଲା ଦେଶ ବିଭାଜନ । ୧୯୪୭ ମସିହାର ହିଂସାରେ କୌଣସି ପ୍ରକାରର ପରମାଣୁ ବୋମା କିମ୍ବା ଏକେ-୪୭ର ଆବଶ୍ୟକତା ନଥିଲା । ଲୋକମାନେ ପୁରୁଣା ଧାରାରେ ପରସ୍ପରକୁ ହତ୍ୟା କରିଥିଲେ, ଲାଠି, ପଥର ଏବଂ ଖାଲି ଆଙ୍ଗୁଠି ସହିତ ହିଂସା ତାଣ୍ଡବ ଖେଳିଥିଲା । ବିଭାଜନର ହିଂସାର ପରିଣାମ ସ୍ୱରୂପ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା ଦୁଇ ଲକ୍ଷରୁ ଅଧିକ ଯାହା ବ୍ରିଟିଶମାନଙ୍କ ତଥ୍ୟ କୁହେ । ଭାରତୀୟ ଆକଳନ ଅନୁଯାୟୀ ପ୍ରାୟ ଦୁଇ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ । ଖାଲି ସେତିକି ନୁହଁ ପ୍ରାୟ ୭୫ ହଜାର ଭାରତୀୟ ମହିଳାଙ୍କୁ ସେମାନଙ୍କ ଧର୍ମଠାରୁ ଅଲଗା କରି ଦିଆଯାଇଥିଲା, ପରେ ଭିନ୍ନ ଧର୍ମର ଲୋକମାନେ ଅପହରଣ କରି ମହିଳାମାନଙ୍କୁ ବଳାତ୍କାର କରିଥିଲେ । ଜମିରେ ଫସଲକୁ ନଷ୍ଟ କରାଯାଇଥିଲା । ଅନେକ ଘରକୁ ଜଳି ପୋଡ଼ି ପାଉଁଶ କରିଦିଆ ଗଲା । ଅନେକ ନୀରିହ ଛୁଆମାନେ ମାଆ ଓ ବାପା ଛେଉଣ୍ଡ ହୋଇଗଲେ । ଶିକ୍ଷା, ସ୍ୱାସ୍ଥ୍ୟ ଓ ଯାତାୟତ ସବୁ ଠପ୍ ହୋଇଗଲା, ଦେଶର ବହୁ ସଂମ୍ପତ୍ତି ନଷ୍ଟ କରି ଦିଆଗଲା । ସେଥିପାଇଁ ଦାୟୀ କିଏ କଂଗ୍ରେସର ଆଗଧାଡ଼ିର ନେତା ବାପୁ ନା ଗୋରା ସରକାର ନା ରାଜନେତା ଏବେ ବି ଇତିହାସ ନିରବ । କିନ୍ତୁ ବାପୁଙ୍କୁ ହତ୍ୟା କଲେ ଦେଶ ଭକ୍ତ ନାଥୁରାମ ଗଡ଼େସ । ସ୍ୱାଧିନ ଭାରତରେ ଆନ୍ଦୋଳ କରିବା ଓ ଧର୍ମଘଟ କରିବା କରିବା ସମସ୍ତଙ୍କର ଅଧିକାର ରହିଛି । କିନ୍ତୁ ଦେଶ ବିରୋଧରେ ନାରା ଦେବା, ଦେଶର ସଂମ୍ପତି ନଷ୍ଟ କରି ଜଳି ପୋଡ଼ି ପାଉଁଶ କରିବା । ଅପ ଶବ୍ଦ ବ୍ୟବହାର କରିବା ଏକ ସୁସ୍ଥ ରାଷ୍ଟ୍ର ପାଇଁ ଶୁଭଙ୍କର ନୁହେଁ । ଆଜିର ଯୁବପିଢି ଠାରୁ ଦେଶ ଅନେକ କିଛି ଆଶା କରୁଛି । ଆମ ପରି ଯୁବପିଢି ଯଦି ପ୍ରଥଭ୍ରଷ୍ଟ ହେବା, ମିଥ୍ୟ ପ୍ରଚାର ଓ ପ୍ରଶାରରେ ମାତିବା ଏବଂ ବିଧର୍ମି ଲୋକଙ୍କ ସହିତ ମିଶି ଦେଶ ବିଭାଜନର ପାଇଁ ନାରା ଦେବେ । ତେବେ ଆମକୁ ଅନୁସରଣ କରୁଥିବା ଯୁବ ସମାଜ ଓ ଏ ଦେଶ ସୁରକ୍ଷିତ ରହିବ ତ । ଆଜିର ଜେନ୍-ଜୀ ଚିନ୍ତା କରିବାର ଆବଶ୍ୟକତା ରହିଛି ।

ବରଗଡ଼

ମୋ:୮୦୧୮୨୯୩୧୮୦

ପ୍ରଭାବିତ ଜନଜୀବନ

ଅରିଜିତ ମିଶ୍ର

'ବନ୍ୟା' ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରୁ ଅନ୍ୟତମ। କିଛି କିଛି ସମୟରେ ବନ୍ୟା ମାନବ କୃତ ମଧ ହୋଇଥାଏ। କଥାରେ ଅଛି ଜଳ ବହୁଳେ ସୃଷ୍ଟି ନାଶ ଏବଂ ଜଳ ବିହୁନେ ସୃଷ୍ଟି ନାଶ। ତେଣୁ ଜଳ ବହୁଳ ମାନେ ବନ୍ୟା ବିଭୀଷିକା ଜନ୍ମ ନେବା ଏବଂ ଧନ ଜୀବନ ହାନି କରିବାରୁ ତାହାକୁ ବିପର୍ଯ୍ୟୟ କୁହାଯାଏ। ସାଧରଣତଃ ନଦୀ ମାନଙ୍କର ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ଦ୍ୱାରା ବନ୍ୟା ସୃଷ୍ଟି ହୋଇଥାଏ। ହୀରାକୁଦ ନଦୀ ବନ୍ଧ ଭଳି ବନ୍ଧ ମାନଙ୍କରୁ ପାଣି ଛଡ଼ାଗଲେ ତଳିଆ ଅଞ୍ଚଳ ଗୁଡ଼ିକରେ ବନ୍ୟା ସୃଷ୍ଟି ହୁଏ। ଅତିରିକ୍ତ ଗଛ କଟାଯିବା ଦ୍ୱାରା ବର୍ଷା ଜଳ ଗୁଡ଼ିକ ମାଟିରେ ନମିଶି ସିଧା ସଳଖ ନଦୀ ନାଳ ଆଦିରେ ମିଶି ବନ୍ୟା କରାଏ। ଦିନକୁ ଦିନ ଅନିୟନ୍ତ୍ରିତ ଭାବରେ କଂକ୍ରିଟ ଘର ଏବଂ ରାସ୍ତା ତିଆରି ହେଉଚି ଫଳରେ ବର୍ଷା ଜଳ ମାଟିରେ ମିଶିପାରେ ନାହିଁ ଯାହା ଦ୍ୱାରା ଉକ୍ତ ବର୍ଷା ଜଳ ଗୁଡ଼ିକ ଲୋକଙ୍କ ଘରେ ପଶିବା ସହ ଡ୍ରେନ୍ ଆଦିରେ ପଶି କୃତ୍ରିମ ବନ୍ୟା ସୃଷ୍ଟି କରେ। ବନ୍ୟା ଆସିଗଲେ ନଦୀ କୂଳିଆ ଲୋକଙ୍କ ମୁଣ୍ଡରେ ଚିନ୍ତା ବଢ଼ିଯାଏ। ବନ୍ୟାରେ କେବଳ ମଣିଷ ସମାଜ ନୁହେଁ ତତ୍ସହିତ ଗୋରୁ ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଆଦି ସମସ୍ତ ଗୃହ ପାଳିତ ପଶୁ ପକ୍ଷୀମାନେ ମଧ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ସେଥିପାଇଁ ସରକାରୀ ସ୍ତରରେ ବନ୍ୟା ପ୍ରବଣ ଅଞ୍ଚଳରେ କେତେକ ପଞ୍ଚାୟତ ମାନଙ୍କରେ ଏକ ଆଶ୍ରୟ ସ୍ଥଳି ନିର୍ମାଣ କରାଯାଇଛି। ଭାରତ ହେଉଚି ନଦୀ ମାତୃକାର ଦେଶ। ନଦୀ ପାଇଁ ଜନବସତି ରହିଛି ଏବଂ ଜନଜୀବନ ବଞ୍ଚିଛି। କାରଣ ନଦୀ କୂଳ ଜମି ଗୁଡ଼ିକ ଉର୍ବର ମୃତ୍ତିକା ହୋଇଥାଏ ଯାହା ଫଳରେ ଚାଷ କାମ ସୁବିଧାରେ ସମ୍ପନ୍ନ ହୁଏ। ବନ୍ୟା ବିଭୀଷିକାରେ ବିଶେଷ କରି ପାନୀୟ ଜଳ ଏବଂ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଏ। ଅତିରିକ୍ତ ପାଣି ସାପ ମାନଙ୍କ ଗର୍ତ୍ତରେ ପଶିଯିବା ଦ୍ୱାରା ସାପ ମାନେ ଘର ଭିତରକୁ ପଶି ଆସନ୍ତି ।ଓଡିଶାରେ ବିଗତ ୧୦ ବର୍ଷ ଭିତରେ ବନ୍ୟା ବିଭୀଷିକା ସୃଷ୍ଟି ହୋଇ ପ୍ରାୟତଃ ୩୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ଯାହା ଫଳରେ ହଜାରେ ରୁ ଉର୍ଦ୍ଧ୍ୱ ଗାଁ ବନ୍ୟା ପାଣି ଘେରରେ ରହିଥିବା ସହ ଲକ୍ଷାଧିକ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଥିଲା। ୨୦୧୭ ମସିହାରେ ବନ୍ୟା ଦ୍ୱାରା ପ୍ରାୟ ୧୩ ରୁ ୧୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ୨୦୨୦ ମସିହା ବନ୍ୟାରେ ୮ ରୁ ୧୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ସେହିପରି ୨୦୨୨ ମସିହା ବନ୍ୟାରେ ୭ ରୁ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ୨୦୨୫ ବନ୍ୟାରେ ମଧ ଲକ୍ଷାଧିକ ଲୋକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଚଳିତ ବର୍ଷ ଆମେ ଦେଖୁଛେ ଓଡ଼ିଶାରେ ମହାନଦୀ, ବୈତରଣୀ ଓ ବ୍ରାହ୍ମଣୀ ଭଳି ଆଦି ନଦୀ ମାନଙ୍କରେ ପ୍ରବଳ ମାତ୍ରାରେ ବନ୍ୟା ଜଳ ପ୍ରବାହିତ ହେଉଛି। ଜୁଲାଇ ମାସରେ ଅବଶ୍ୟକ ଠାରୁ ଅଧିକ ୯୭% ବର୍ଷା ହେବା ଯୋଗୁଁ ବନ୍ୟା ବିଭୀଷିକା ବଢ଼ିଚି। ୭ ଲକ୍ଷରୁ ଅଧିକ ମାତ୍ରାରେ ଲୋକ ଆଜି ଉକ୍ତ ବନ୍ୟାରେ ପ୍ରପୀଡ଼ିତ। ବନ୍ୟାର ପ୍ରକୋପରେ ଉପକୂଳ ଓଡ଼ିଶା ଆଜି ପ୍ରଭାବିତ। ବିଶେଷ କରି ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଜଗତସିଂହପୁର ଜିଲ୍ଲା ବର୍ତ୍ତମାନ ବନ୍ୟାରେ ପ୍ରପୀଡ଼ିତ। ଦୟା ଏବଂ ଭାର୍ଗବୀ ନଦୀର ଜଳସ୍ତରକୁ ଦେଖି ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲାରେ ମଧ୍ଯ ଭୟର ବାତାବରଣ ଖେଳିଯାଇଥିଲା। ବନ୍ୟା ପ୍ଲାବିତ ଜିଲ୍ଲାରେ ରାସ୍ତା ଏବଂ ବ୍ରିଜ୍ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ କେତେକଙ୍କ ଘର ଭିତରେ ପାଣି ପଶିଯାଇଛି। ଭଦ୍ରକ ଜିଲ୍ଲାର ଜଣେ ବୟସ୍କ ଚାଷୀ ବିଲ କାମ କରିବା ପାଇଁ ଯାଇଥିବା ବେଳେ ହଠାତ୍ ବନ୍ୟା ଜଳ ତାଙ୍କ ଚାରିପଟେ ହୋଇଯିବା କାରଣରୁ ସିଏ ଚବିଶ ଘଣ୍ଟା ପର୍ଯ୍ୟନ୍ତ ଏକ ତାଳ ଗଛରେ ରହିଥିଲେ ଶେଷକୁ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କଲେ। ରାଜ୍ୟ ସରକାରଙ୍କ ସୂଚନା ଅନୁସାରେ ୨୦ ଟି ଜିଲ୍ଲାର ୧୦୦ ବ୍ଲକ ଅନ୍ତର୍ଗତ ୫୩୯ ଗ୍ରାମପଞ୍ଚାୟତ ବର୍ତ୍ତମାନ ବନ୍ୟାରେ ପ୍ରଭାବିତ। ମହାନଦୀ ରିଭର୍ ସିଷ୍ଟମ ଅନ୍ତର୍ଗତ ଦୟା, ଭାର୍ଗବୀ, କୁଶଭଦ୍ରା, ଲୁଣା, ପାଇକା, କୁଆଖାଇ ନଦୀ ଗୁଡିକରେ ଏବେ ଜଳସ୍ତର ବୃଦ୍ଧି ପାଇ ବିସ୍ତୀର୍ଣ୍ଣ ଅଞ୍ଚଳ ଜଳମଗ୍ନ। ଅନେକ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ଯୋଗୁଁ ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ୧ ଲକ୍ଷ ୮୯ ହଜାର ୫୯୭ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

ତେଣୁ ବନ୍ୟା ଭଳି ଏକ ବିପର୍ଯ୍ୟୟକୁ ପ୍ରତିହତ କରିବା ପାଇଁ ସରକାର ସର୍ବଦା ଚେଷ୍ଟିତ। ବିଶେଷ କରି ଘଉଜର ଦଳ, ପୋଲିସ, ଅଗ୍ନି ନିରାପତ୍ତା ଦଳ ଆଦି ସର୍ବଦା ସଜାଗ ରହିଥାନ୍ତି। ବର୍ତ୍ତମାନ ଖବରକାଗଜମାନଙ୍କରେ ଏବଂ ଦୂରଦର୍ଶନ ସହିତ ସାମାଜିକ ଗଣମାଧମରେ ଅନେକ ପ୍ରକାରର ପ୍ରଚାର ପ୍ରସାର ହେଉଚି ଯାହା ଫଳରେ ମଣିଷ ନିଜର ଜୀବନ ବଞ୍ଚାଇବାକୁ ସମର୍ଥ ହେବେ। ବନ୍ୟା ସମୟରେ ପୀଡ଼ିତ ଲୋକମାନଙ୍କର ସେବାରେ ମୁଖ୍ୟତଃ ଚୁଡ଼ା, ଗୁଡ଼, ରନ୍ଧା ଖାଦ୍ୟ, କିରୋସିନ, ମହମବତୀ, ଔଷଧ ଆଦି ସରକାରୀ ଏବଂ ବେସରକାରୀ ସ୍ତରରେ ବଣ୍ଟା ଯାଇଥାଏ। ନଦୀ କୂଳ ମାନଙ୍କରେ ବୃକ୍ଷ ରୋପଣ କରିବା ନିହାତି ଜରୁରୀ। ବନ୍ୟା ପାଣିର ଅପଚୟ ହ୍ରାସ କରି ତାହାକୁ ସଂରକ୍ଷଣ କରି ଚାଷ କାର୍ଯ୍ୟରେ ଲଗାଇବା ଭଲ। ଯାହା ଦ୍ୱାରା ଅତିରିକ୍ତ ବନ୍ୟା ଜଳ ସମୁଦ୍ର ଗର୍ଭକୁ ନଯାଇ ମଣିଷ ସମାଜର ହିତ ସାଧନ କରିପାରିବ। ବନ୍ୟା ପ୍ରପୀଡ଼ିତଙ୍କୁ ଉଦ୍ଧାର କରିବା ସହ ଥଇଥାନ ବ୍ୟବସ୍ଥା ସରକାରୀ ସ୍ତରରେ ହେଉଚି ଯାହା ଫଳରେ ଜନଜୀବନ ବଞ୍ଚିବାର ରାହା ପାଇପାରୁଛି।

ବୀରନରସିଂହପୁର, ପୁରୀ

ମୋ: ୯୦୪୦୩୫୦୦୮୯

ମସ୍ତିଷ୍କ ସକ୍ରିୟକାରୀ କ୍ରିୟା

ଡକ୍ଟର ସୁରେଶ କୁମାର ନାୟକ

ମସ୍ତିଷ୍କ ସୁସ୍ଥ ରହିଲେ ମଣିଷ ସୁସ୍ଥ ରହିବା ସହ ଖୁସିରେ ରହେ। କାରଣ ମଣିଷର ସବୁ ଗତିବିଧିକୁ ମସ୍ତିଷ୍କ ହିଁ ନିୟନ୍ତ୍ରଣ କରିଥାଏ। ସେଥିପାଇଁ ଏହାକୁ କିଭଳି ସକ୍ରିୟ ଓ ସୁସ୍ଥ ରଖିହେବ ସେ ସମ୍ପର୍କରେ ଜାଣିବା ନିହାତି ଜରୁରୀ। ନିମ୍ନରେ ପ୍ରଦତ୍ତ ଟିପ୍ସଗୁଡ଼ିକ ମସ୍ତିଷ୍କକୁ ସକ୍ରିୟ ରଖିବାରେ ବେଶ ଫଳପ୍ରଦ ବୋଲି ବିଭିନ୍ନ ଗବେଷଣାରେ ପ୍ରମାଣିତ ହୋଇଛି...।

ଧ୍ୟାନ ମସ୍ତିଷ୍କକୁ ସକ୍ରିୟ ଓ ତୀକ୍ଷ୍ଣ ରଖିବାର ବହୁ ପୁରାତନ ଉପାୟ ହେଉଛି ଧ୍ୟାନ। ବହୁ ପୂର୍ବେ ମୁନି ଋଷି ଓ ଜ୍ଞାନୀଲୋକମାନେ ଧ୍ୟାନ କରୁଥିଲେ। ଯେଉଁଥିପାଇଁ ସେମାନେ ବହୁ ଜ୍ଞାନର ଅଧିକାରୀ ହେବା ସହ ଅନେକ ଗଣନା କରିପାରୁଥିଲେ। ଆଉ ସେମାନେ ମୁହଁରେ ମୁହଁରେ ଅନେକ ଗ୍ରନ୍ଥ ବି ମନେ ରଖିପାରୁଥିଲେ। ବିଜ୍ଞାନ ଅନୁସାରେ ଧ୍ୟାନ କଲେ ମସ୍ତିଷ୍କ ଭଲ ମାତ୍ରାରେ ନ୍ୟୁରେନ୍ସ ତିଆରି କରିବାରେ ସକ୍ଷମ ହୋଇଥାଏ। ତେଣୁ ମସ୍ତିଷ୍କ ତୀକ୍ଷ୍ଣ ହୁଏ।

ଜଗିଂ : ଜଗିଂ ଶରୀର ଉପରେ ନାନା ପ୍ରକାରରେ ପ୍ରଭାବ ପକାଇଥାଏ। ଏହା ପୁରା ଶରୀରକୁ ସକ୍ରିୟ କରିବା ସହ ମସ୍ତିଷ୍କକୁ ମଧ ସକ୍ରିୟ କରେ। ଖାଲି ଜଗିଂ ନୁହେଁ ଚାହିଁଲେ ବ୍ରିସ୍କ ୱାକ ଓ ସ୍କିପିଂ ବି କରିପାରିବେ। ଏହାଦ୍ୱାରା ଶରୀର ମଜଭୁତ ହେବା ସହ ମସ୍ତିଷ୍କ ତୀକ୍ଷ୍ଣ ହୁଏ।

ଡାଏଟ : ମସ୍ତିଷ୍କକୁ ସକ୍ରିୟ କରିବା ପାଇଁ ଖାଦ୍ୟରେ ପ୍ରୋଟିନ, ଓମେଗା ୩ ଓ ଫ୍ୟାଟ ଏସିଡ଼ ସଠିକ ମାତ୍ରା ରହିବା ଜରୁରୀ। ତା ସହ ଭିଟାମିନ ଡି, ଓ କ୍ୟାଲସିୟମ ବି ଜରୁରୀ। ବାମ ହାତର ଉପଯୋଗ : କାମ କରିବା ପାଇଁ ପ୍ରାୟତଃ ସମସ୍ତେ ଡାହାଣ ହାତର ବ୍ୟବହାର କରନ୍ତି। କିନ୍ତୁ ଅନେକ ଗବେଷଣାରୁ ଜଣାପଡ଼ିଛି ଯେଉଁମାନେ ନିଜର ଡାହାଣ ହାତ ସହ ବାମ ହାତର ଉପଯୋଗ ସମାନ ଭାବେ କରନ୍ତି ସେମାନଙ୍କ ମସ୍ତିଷ୍କ ଅନ୍ୟମାନଙ୍କ ଅପେକ୍ଷା ଅଧିକ ତୀକ୍ଷ୍ଣ ହୋଇଥାଏ। ଆଉ ସେମାନେ ସ୍ମାର୍ଟ ଡିସିସନ ନେଇପାରନ୍ତି। ତେଣୁ ବାମ ହାତର ବି କିଛି କିଛି ଉପଯୋଗ କରିବା ଭଲ।

ଟେଟ୍ରିସ ଖେଳ : ଟେଟ୍ରିସ ଅବା ବ୍ଲକ ଯୋଡ଼ିବା ଖେଳ ଖେଳିଲେ ମସ୍ତିଷ୍କର ଗ୍ରେ ମିଟରରେ ବୃଦ୍ଧି ଘଟେ। ସାଧାରଣତଃ ଗ୍ରେ ମିଟର ମନେ ରଖିବାରେ ସାହାଯ୍ୟ କରିଥାଏ। ଆଉ ବ୍ଲକ ଖେଳିଲେ ଗ୍ରେ ମିଟରର ବୃଦ୍ଧି ଘଟେ ଫଳରେ ସ୍ମରଣ ଶକ୍ତି ବଢ଼ିଥାଏ। ତା ସହ ଏହା ଠିକ ନିଷ୍ପତ୍ତି ନେବାରେ ବି ସାହାଯ୍ୟ କରେ।

କିଛି ସମୟର ନିଦ୍ରା : ଦିନରେ ଯେତେବେଳେ ବି ଥକ୍କା ଲାଗୁଛି ୧୫-୨୦ ମିନିଟ ପର୍ଯ୍ୟନ୍ତ ଟିକେ ଶୋଇପଡ଼ନ୍ତୁ। ଏଭଳି କଲେ ମଧ ସ୍ମରଣ ଶକ୍ତି ବଢ଼ିଥାଏ। ଯଦି କେବେ କୌଣସି ବଡ଼ ନିଷ୍ପତ୍ତି ନେବାକୁ ପଡ଼େ, କେଉଁଠି ଠିକ ଓ କେଉଁଟି ଭୁଲ ଜାଣିବା ପାଇଁ ପ୍ରଥମେ ପରିସ୍ଥିତିକୁ ଭଲଭାବେ ତର୍ଜମା କରିବାକୁ ପଡ଼େ। ଆଉ ଏଇ ନିଷ୍ପତ୍ତି ନେବା କ୍ଷମତା କିଛି ସମୟ ବିଶ୍ରାମ ଦ୍ୱାରା ବଢ଼ିଥାଏ।

ସକାଳେ ଶୀଘ୍ର ଉଠିବା : ସୂର୍ଯ୍ୟୋଦୟ ପୂର୍ବରୁ ଉଠିବା ଅଭ୍ୟାସ ଦ୍ୱାରା ଦିନ ଭଲରେ କଟିଥାଏ। ଏହି ସମୟରେ ଉଠିଲେ ମସ୍ତିଷ୍କର ହାପି ହର୍ମୋନ ଓ ଇଣ୍ଟେଲିଜେନ୍ସ ହର୍ମୋନର କ୍ଷରଣ ପ୍ରାକୃତିକ ରୂପରେ ବଢ଼ିଥାଏ। ତେଣୁ ଶୀଘ୍ର ଉଠିବା ଆପଣଙ୍କୁ ଶାନ୍ତ, ବିଚାରବନ୍ତ ଓ ଖୁସ ମିଜାଜର କରିଥାଏ। ତା'ସହ ଅବସାଦରୁ ବି ଦୂରେଇ ରଖେ।

ସିଡିଏ, କଟକ,

ମୋ:୯୪୩୭୨୨୫୫୯୨

ସଂପାଦକଙ୍କୁ ପତ୍ର

ସଫଳତାର ସଂଜ୍ଞା ନିରୂପଣ

ମହାଶୟ,

ଆମ ଦେଶରେ ଅବା ରାଜ୍ୟ ମାନଙ୍କରେ ବିଭିନ୍ନ ଜନ ପ୍ରସଙ୍ଗକୁ ନେଇ ଅନେକ ସମୟରେ 'ବନ୍ଦ୍ ଡାକରା' ଦିଆଯାଏ । କୌଣସି ସଂଗଠନ ଅଥବା ରାଜନୈତିକ ଦଳ ପକ୍ଷରୁ ଜନସାଧାରଣ ଙ୍କ ସମସ୍ୟା ଜନିତ ଦାବି ଉପସ୍ଥାପନ କରିବାର ଏକ ବିକଳ୍ପ ପନ୍ଥା ଭାବେ ଏପରି କରାଯାଇଥାଏ । ବାସ୍ତବରେ ଜନ ସାଧାରଣଙ୍କ ମୂଳ ସମସ୍ୟାଟିକୁ ପଛରେ ପକାଇ ଅନେକ ନୂତନ ସମସ୍ୟା ମୁଣ୍ଡ ଟେକି ଥାଏ । ଗାଡି, ମଟର, ଯାନ, ବାହନ ଓ ରେଳ ଚଳାଚଳ ବନ୍ଦ କରାଯାଏ, ଦୋକାନ ବଜାର, କାରଖାନା, ଦପ୍ତର ଆଦି ତାଲା ବନ୍ଦ୍ ହୁଏ । ଅତ୍ୟାବଶ୍ୟକୀୟ ଜରୁରୀ ପରିସ୍ଥିତିରେ କେହି ଜନତା ଅମାନ୍ୟ କଲେ ବନ୍ଦ୍ ଡାକରା ଦେଇଥିବା ଦଳ ବା ସଂଗଠନର ଆକ୍ରୋଶର ଶିକାର ହେବାକୁ ପଡେ । ବନ୍ଦ୍ ର ଦ୍ୱାହି ଦେଇ ହିଂସାତ୍ମକ ଆନ୍ଦୋଳନ, ନିଆଁ ଜାଳି ରାସ୍ତା ଅବରୋଧ ସାଙ୍ଗକୁ ଅନେକ ଅସାମାଜିକ ଲୋକଙ୍କ ଦୌରାତ୍ମ୍ୟ ଯୋଗୁଁ ସାଧାରଣ ଜନ ଜୀବନ ବିପର୍ଯ୍ୟସ୍ତ ହୋଇଥାଏ ଏବଂ ଜାତୀୟ ସମ୍ପତ୍ତି ନଷ୍ଟ ହୁଏ । ବନ୍ଦ୍ ବେଳେ କେଉଁଠି ଅଘଟଣ ଘଟିଯାଏ ତ, କେଉଁଠି ଆନ୍ଦୋଳନକାରୀ ଙ୍କୁ ପୋଲିସେ ପ୍ରଶାସନ ଲାଠି ପ୍ରହାର, ଅଥବା ଗିରଫ କରି ନେଇଯାଏ । ପରେ ପରେ ବନ୍ଦ୍ ସଫଳ ହେଲା ବୋଲି ଶିରୋନାମା ରେ ଖବର ପ୍ରକାଶ ପାଏ । ଇଏ କି ପ୍ରକାର ସଫଳତା ? ପ୍ରକୃତରେ ବନ୍ଦ୍ ସଫଳତା ର ସଂଜ୍ଞା କଣ ? ବନ୍ଦ୍ ଡାକରାରେ ସ୍ୱତସ୍ଫୁର୍ତ୍ତ ଭାବେ ଜନସାଧାରଣଙ୍କ ପ୍ରତ୍ୟକ୍ଷ ଯୋଗଦାନ ବା ସମର୍ଥନ ବିନା ସଫଳତା କିପରି ସମ୍ଭବ ? ନିର୍ଦ୍ଦିଷ୍ଟ କୌଣସି ଗୋଟିଏ ସମସ୍ୟା ର ସମାଧାନ ପାଇଁ ଦାବି କରୁଥିବା ବେଳେ ଜନସାଧାରଣଙ୍କୁ ଅନେକ ସମସ୍ୟାରେ ପକାଇ 'ବନ୍ଦ୍ ସଫଳତା' ର ଶ୍ରେୟ ନେବାର ପ୍ରୟାସ ବାସ୍ତବିକ୍ ଏକ ଘୃଣ୍ୟ ପରମ୍ପରା ବୋଲି କୁହାଯାଇ ପାରେ ।

ଅବନୀ ଚନ୍ଦ୍ର ଦାସ

ପ୍ରଶାନ୍ତି ବିହାର, ଭୁବନେଶ୍ୱର

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

-ଡକ୍ଟର ହରେକୃଷ୍ଣ ମହତାବ
(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୧୪।୦୮ ।୨୦୨୬ ■ ଶୁକ୍ରବାର

ସଂସଦ ନା ସଡ଼କ ?

ଯେଉଁ ବିପକ୍ଷ ଓ ବିଶେଷ କରି କଂଗ୍ରେସ ଯନ୍ତର ମନ୍ତରଠାରେ ସମବେତ ଭିଡ଼ର ସଂସଦ ମାର୍ଚ୍ଚ ବେଳେ ହୋଇଥିବା ହିଂସା ଲାଗି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କଠାରୁ ବିବୃତ୍ତି ଦାବି ଜିଦ୍‌ରେ ଗୃହକାର୍ଯ୍ୟକୁ ଅଚଳପ୍ରାୟ କରିଦେଇଛନ୍ତି, ସେମାନେ ଶେଷ ଦୁଇଦିନ ହେଲା ତାଙ୍କ ଜବାବ ଶୁଣିବାକୁ ପ୍ରସ୍ତୁତ ନ ହୋଇ ବିଭିନ୍ନ ବାହାନା କରିବାରେ ଲାଗିଛନ୍ତି । ରାହୁଲ ଗାନ୍ଧୀ କହୁଛନ୍ତି ଏ ମାମଲାରେ ଗୃହମନ୍ତ୍ରୀଙ୍କଠାରୁ ସେ ଜାଣିବାକୁ ଚାହୁଁଛନ୍ତି ଯେ ଗୁଳି ଚଳାଇବାକୁ ଯଦି ସେ ଆଦେଶ ଦେଇ ନଥିଲେ, ତେବେ ସେ କ'ଣ ଜାଣିନାହାନ୍ତି କିଏ ସେପ୍ରକାର ଆଦେଶ ଦେଇଥିଲେ ? ଏପ୍ରକାର ଅବାନ୍ତର କଥା ଭଳି ଆଉ କିଛି କ'ଣ ହୋଇପାରେ ? କ'ଣ ରାହୁଲ ଗାନ୍ଧୀ ନିଜ ପ୍ରଶ୍ନଛଳରେ ଏପରି ଦର୍ଶାଇବାକୁ ଚାହୁଁଛନ୍ତି ଯେ ଅମିତ ଶାହ ସେଇ କଥା କୁହନ୍ତୁ ଯାହା ସେ ଶୁଣିବାକୁ ଚାହୁଁଛନ୍ତି ? ସେ ମଧ୍ୟ କହିବାକୁ ପଛାଇ ନାହାନ୍ତି ଯେ ବିପକ୍ଷର ପ୍ରଶ୍ନର ଜବାବରେ ଯାହା କିଛି ସରକାର କହିବେ, ତାହା ସେ ନିର୍ଦ୍ଧାରଣ କରିବେ। ତାଙ୍କର ଏପ୍ରକାର ବିଚିତ୍ର ଆଚରଣର କାରଣଯୋଗୁଁ ଶାସକ ଦଳ ସାଂସଦମାନେ ସଂସଦ ପରିସରରେ ଏକ ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କଲେ ଯହିଁରେ ଲେଖାଥିଲା– ରାଜୀବ ଗାନ୍ଧୀ ଭାଗୋ ମତ ।

ଝାଡ଼ଖଣ୍ଡ ସରକାର ପକ୍ଷରୁ ଧାରଣାରତ ପରୀକ୍ଷାର୍ଥୀମାନଙ୍କ ଉପରେ ବର୍ବରତାପୂର୍ଣ୍ଣ ଭାବେ ଲାଠି ଚାର୍ଜ କରାଯାଇଥିଲା । ତାହାର ଉତ୍ତର ରାହୁଲ ଗାନ୍ଧୀ ଦିଅନ୍ତୁ ବୋଲି ମଧ୍ୟ ଶାସକ ଦଳର ସାଂସଦମାନେ ସ୍ଲୋଗାନ ଦେଇଥିଲେ । ଏପ୍ରକାର ସ୍ଥିତି ସ୍ପଷ୍ଟ ଭାବେ ରେଖାଙ୍କିତ କରୁଛି ଯେ ସଂସଦରେ କୌଣସି ବିଷୟରେ ଗମ୍ଭୀର ଚର୍ଚ୍ଚା କରିବା ଲାଗି ଆଉ ସ୍ଥାନ ନାହିଁ । ସଂସଦରେ ସଡ଼କ ଭଳି ରାଜନୀତି ହେବା ଦୁର୍ଭାଗ୍ୟଜନକ । ସଂସଦ ଭିତରେ ହଙ୍ଗାମା, ହଟ୍ଟଗୋଳ କରିବା ଦ୍ୱାରା କେବଳ ସେମାନେ ନିଜର ଅହିତ କରୁଛନ୍ତି ତା' ନୁହେଁ, ବରଂ ସରକାରଙ୍କ କାମ ଅତ୍ୟନ୍ତ ସହଜସାଧ୍ୟ କରିଦେଉଛନ୍ତି । ଏହି ସାଧାରଣ କଥାଟି ମଧ୍ୟ ସେମାନେ ବୁଝିବାକୁ ପ୍ରସ୍ତୁତ ଥିବା ଭଳି ଲାଗୁନାହିଁ । ପ୍ରଶାସନକୁ ଉତ୍ତରଦାୟୀ କରିବାର କ୍ଷେତ୍ର ହେଉଛି ସଂସଦ । ସେଠି ଯଦି ଗଣ୍ଡଗୋଳ ଜାରି ରହେ ତେବେ ସରକାରକୁ ଉତ୍ତରଦାୟୀ ଆଉ କରାଯିବ କେଉଁଠି ? ବିରୋଧୀ ପକ୍ଷ ମଧ୍ୟ ଭଲ ଭାବେ ଜାଣିବା ଦରକାର ଯେ ସେମାନଙ୍କର ହଟ୍ଟଗୋଳ ଓ ସ୍ଲୋଗାନବାଜି ଭିତରେ ଅଧିକାଂଶ ବିଧେୟକ ଧ୍ୱନିମତରେ ଗୃହୀତ ହୋଇଯାଉଛି । କେଉଁଠି ବିଧେୟକର କ'ଣ ବ୍ୟବସ୍ଥା ରହିଛି ଓ ତାହାର ପ୍ରଭାବ କ'ଣ ପଡ଼ିବ, ସେକଥା ଜାଣିବା ଲାଗି କ'ଣ ବିରୋଧୀ ପକ୍ଷ ସାଂସଦଙ୍କର କୌଣସି ଇଚ୍ଛା ନାହିଁ ?

ସଂସଦରେ ବିନା ଚର୍ଚ୍ଚାରେ ବିଧେୟକ ପାଶ୍ ହେବା ଆଦୌ ଠିକ୍ ନୁହେଁ, କିନ୍ତୁ ଏବେ ସେହିପରି ବିଧେୟକଗୁଡ଼ିକ ପାଶ୍ ହୋଇଯାଉଛି । ବିଧେୟକରେ ସଂଶୋଧନ ପ୍ରସ୍ତାବ ବି କେତେକ ବିରୋଧୀଦଳର ସଦସ୍ୟ ଦେଉଥିଲେ ମଧ୍ୟ ତାହାକୁ ଆଗତ କରି ଚର୍ଚ୍ଚା କରିବାକୁ ସେମାନେ ଦଳଗତ କାରଣରୁ ସକ୍ଷମ ହେଉ ନାହାନ୍ତି । ବିପକ୍ଷ ଏକପ୍ରକାରେ ସଂସଦକୁ ବନ୍ଧକ ବନାଇ ଆବଶ୍ୟକ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ଦାୟିତ୍ୱସଂପନ୍ନ ବିପକ୍ଷର ଭୂମିକା ନିର୍ବାହନ ଜାଣିଶୁଣି ପରିତ୍ୟାଗ କରିଦେଇଛି । ହଙ୍ଗାମା ପ୍ରେମରେ ସେମାନେ ଏତେ ମସଗୁଲ ଯେ ଯେଉଁଥିପାଇଁ ନିର୍ବାଚିତ ହୋଇ ଆସିଛନ୍ତି, ତାହା ସେମାନେ ଭୁଲିଯାଇଛନ୍ତି । ଏସବୁ ଘଟଣାରୁ ମନରେ ସନ୍ଦେହ ଆସୁଛି ସତରେ କ'ଣ ବିପକ୍ଷ ଜାଣିବାକୁ ଚାହୁଁଛି ସଂସଦ ମାର୍ଚ୍ଚ କାଳରେ ଘଟିଥିବା ହିଂସା କେଉଁ ପରିସ୍ଥିତିରେ ଘଟିଲା କି ରାମମନ୍ଦିରରୁ ଦାନବାକ୍ସ ଚୋରି କେଉଁଭଳି ପରିସ୍ଥିତିରେ ଘଟିଲା ଓ ସେସବୁ ପାଇଁ କିଏ ଦାୟୀ ? ଏସବୁ କେବଳ ଲୋକଦେଖାଣିଆ କିନ୍ତୁ ନିଜର ସମ୍ବେଦନଶୀଳ ଭାବନା ଭାବରେ ତାହାକୁ ଚିତ୍ରଣ ଓ ପ୍ରଚାର କରାଯାଉଛି । ବାସ୍ତବରେ ଏହା ହେଉଛି ବିପକ୍ଷର ଶସ୍ତା ରାଜନୀତି । ଶାସକ ଦଳକୁ ବିପକ୍ଷକୁ ତାହାରି ଶୈଳୀରେ ଜବାବ ଦେବା ଅପେକ୍ଷା ସେ ଶସ୍ତା ରାଜନୀତିର ଉଚିତ ପ୍ରତିକାର କରିବା ଦରକାର । ❐❐

ବିଭାଜନର ବିଭୀଷିକା ଓ ଆଜିର ଯୁବପିଢ଼ି

ବିଭୂତି ଭୂଷଣ ବେହେରା

ଆଜିର ଦିନଟି ଦେଶବାସୀଙ୍କ ପାଇଁ ଏକ ଦୁଃଖର ଦିନ । ପ୍ରାଚୀନ ଇତିହାସ ଓ ବେଦ ପୁରାଣରେ ବର୍ଣ୍ଣିତ ଏବଂ ବିଦେଶରେ ବସବାସ କରୁଥିବା କୋଟି କୋଟି ପ୍ରବାସୀ ଭାରତୀୟ ଓ ଭାରତବାସୀ କୁହନ୍ତି, "ଭାରତ ଆମର ମାଆ" । ଏହାର ଇତିହାସ ପୃଷ୍ଠାକୁ ଓଲଟାଇଲେ ଲୋମଟାଙ୍କୁରୀ ଉଠେ । ଭାରତ ମହାସାଗର, ବଙ୍ଗୋପସାଗର, ଆରବ ମହାସାଗରରେ ମହାବାତ୍ୟାର କରାଳ ରୂପକୁ ଏକବିଂଶ ଶତାବ୍ଦୀର ଯୁବପିଢି ଦେଖିଥିବେ । କିନ୍ତୁ ୧୯୪୭ ମସିହା ଅଗଷ୍ଟ ୧୪ ତାରିଖରେ ଯେଉଁ ମହାପ୍ରଳୟଙ୍କାରୀ ସମୟ ଆସିଥିଲା ଆଜିର ଯୁବପିଢ଼ିଙ୍କୁ କ'ଣ ବା ଜଣା । ଯଦି ଜାଣିଥାନ୍ତେ, ଯନ୍ତରମନ୍ତର ଠାରେ ହୃଦୟ ବିଦାରକ ନାରା ଲଗାଇ ନଥାନ୍ତେ । ଭାରତକୁ ଆମେ ନେପାଳ ଏବଂ ବାଂଲାଦେଶ ବନାଇ ଦେବୁ ଏବଂ ଭାରତକୁ ଟୁକୁଡା ଟୁକୁଡା କରିଦେବୁ । ଧିକାର ତୁମ ବିଦେଶୀ ଉଚ୍ଚ ଶିକ୍ଷିତ ଅଧ୍ୟୟନକୁ । ସେହି କାଳ ରାତିକୁ କେମିତି ବା ଜାଣିବ । ନା ଥିଲା ସୋସିଆଲ ମିଡ଼ିଆ, ନା ଥିଲା ବୈଦ୍ୟୁତିକ ଗଣମାଧ୍ୟମର ବ୍ରେକିଙ୍ଗ୍ ନ୍ୟୁଜର ପ୍ରଶାର ଓ ପ୍ରଚାର । ଆଜି ତ ମିଥ୍ୟା ତଥ୍ୟରେ ଯୁବପିଢି ମତୁଆଲା । ସନ୍ଧ୍ୟା ୭ଟା ଅଲ୍ ଇଣ୍ଡିଆ ରେଡିଓରେ ଏକ ପ୍ରସାରଣ ଆରମ୍ଭ ହେଲା ଏବଂ ସମସ୍ତ ଭାରତୀୟମାନଙ୍କୁ ସୂଚନା ଦିଆଯାଇ ଘୋଷଣା ହେଲା । ବ୍ରିଟିଶମାନେ ଭାରତରୁ ବିଦାୟ ନେବେ, ଗୋରା ସରକାର ଭାରତକୁ ବିଭାଜନ କରିଦେଇଛନ୍ତି । ଗୋଟିଏ ଭାରତ ଏବଂ ଅନ୍ୟଟି ପାକିସ୍ତାନ । ଦେଶର ଏକତା,ଅଖଣ୍ଡତା ଓ ସ୍ୱାଧିନତା ପାଇଁ ଲଢେଇ କରୁଥିବା ସଂଗ୍ରାମୀମାନେ ହତବାକ୍ ହୋଇ ପଡ଼ିଲେ, "ମୋ ମାଆ" ଆଜି ବିଭାଜନ । ଯେଉଁ ସ୍ୱରାଜ ପାଇଁ ୩ ଜୁନ୍ ୧୯୪୭ରେ ଗାନ୍ଧୀଙ୍କ ସଂଘର୍ଷ ସଫଳ ହୋଇଥିଲା, ସେ ମଧ୍ୟ ଚୁପ୍ । ଭାରତ ସ୍ୱାଧିନ ହେବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୧୪ ଅଗଷ୍ଟ ୧୯୪୭ ପାକିସ୍ତାନ ସ୍ୱତନ୍ତ୍ର ଦେଶ ଭାବରେ ମାନ୍ୟତା ପାଇଲା । କିନ୍ତୁ ଭାରତ ସ୍ୱାଧିନତାର ପୂର୍ବ ରାତିରେ ଘଟିଗଲା ଅନେକ ଘଟଣା ଯାହା ମନୁଷ୍ୟକୃତ ଥିଲା ।

ମୋର ଗବେଷଣାର ପ୍ରାଥମିକ ଅଧ୍ୟୟନ ପାଇଁ ମୁଁ ଅଷ୍ଟ୍ରେଲିଆ ଗସ୍ତ କରିଥିଲି । ଅଷ୍ଟ୍ରେଲିଆର ରାଜଧାନୀ କାନବେରା ଠାରେ ଜଗନ୍ନାଥ ମନ୍ଦିର ଅଛି । ଗତ ରଥଯାତ୍ରାରେ ପାକିସ୍ତାନରେ ବସବାସ କରୁଥିବା ଏକ ହିନ୍ଦୁ ପରିବାରକୁ ଭେଟିଲି । ତାଙ୍କ ପୁଅ ଏବେ କାନବେରାରେ ବସବାସ କରନ୍ତି । ରାଠୀ ଜଣେ ପେଷାରେ ଡ଼ାକ୍ତର, ପାକିସ୍ତାନ ଜନତାଙ୍କ ସେବାରେ ତାଙ୍କ ଜୀବନ ଅତିବାହିତ ହୋଇଛି । ରାଠୀଙ୍କ ବାପା ଜଣେ ପ୍ରାଇମେରୀ ସ୍କୁଲ ଶିକ୍ଷକ । ତାଙ୍କ ପରିବାର ରାଜସ୍ଥାନ ବୋର୍ଡର ବାଡ଼ମିର ଅଂଚଳର ଆର ପାଖରେ ଥରପାରକାର ସ୍ଥାନରେ ବସବାସ କରନ୍ତି । ସେତେବେଳେ ଥରପାରକର ଭାରତରେ ଥିଲା । ଥରପାରକର, ପାକିସ୍ତାନର ସିନ୍ଧ ପ୍ରଦେଶର ଥର ଅଞ୍ଚଳର ଏକ ଜିଲ୍ଲା, ଯାହାର ମୁଖ୍ୟାଳୟ ମିଠିରେ ଅବସ୍ଥିତ। ଭାରତୀୟ ସ୍ୱାଧୀନତା ପୂର୍ବରୁ ଏହାକୁ ଥର ଏବଂ ପାର୍କର କିମ୍ବା ପୂର୍ବ ସିନ୍ଧ ସୀମାନ୍ତ ଜିଲ୍ଲା ଭାବରେ ଜଣାଶୁଣା ଥିଲା । ଏହି ଜିଲ୍ଲା ସିନ୍ଧର ସବୁଠାରୁ ବଡ଼ ଜିଲ୍ଲା ଏବଂ ପାକିସ୍ତାନରେ ସର୍ବାଧିକ ହିନ୍ଦୁ ଜନସଂଖ୍ୟା ଭାବେ ପରିଚିତ । ଡାକ୍ତର ରାଠୀଙ୍କ ପରିବାର ଏହି କାଳ ରାତ୍ରି ସହିତ ଜଡ଼ିତ । ତାଙ୍କ ବାପା କୁହନ୍ତି, ପାକିସ୍ତାନର ସମସ୍ତ ସ୍କୁଲ କଲେଜକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିଦିଆଗଲା । ଅନେକ ମା ଓ ଭଉଣୀମାନଙ୍କୁ ଦିନ ଦୁଇ ପ୍ରହରରେ ଜଳାଇ ଦିଆ ଗଲା, ପୋଡ଼ା ଜଳା, ହତ୍ୟା ଓ ଲୁଣ୍ଠନ ପରି ଅନେକଙ୍କୁ ଅତ୍ୟାଚାର କରାଗଲା । ସତେ ଯେମିତି ରାହୁ ସୂର୍ଯ୍ୟଙ୍କୁ ଗ୍ରାସ କରିଛି । ଏହି ତାଣ୍ଡବ ଅନେକ ଦିନ ଧରି ଚାଲିଲା । ଏହି କଥା ଯେତେ ବେଳେ ରାଠୀ ଶୁଣନ୍ତି, ମନ ଇତଂବ୍ୟସ୍ତ ହୋଇପଡ଼େ । ପାକିସ୍ତାନରେ ରହିଲେ ମଧ୍ୟ ନିଜ ମାତୃ ଭୂମୀର ସଂସ୍କୃତି ପ୍ରତି ଆଜି ବି ତାଙ୍କ ମନରେ ଦରଦ ରହିଛି ଭାରତୀୟମାନଙ୍କୁ ଦେଖିଲେ ସେ କୋହଭରା ସ୍ୱରରେ କୁହନ୍ତି, ଆପଣ କେଉଁ ରାଜ୍ୟର । ଏତିକି ମୋତେ ପଚାରୁ ପଚାରୁ ତାଙ୍କ ଆଖିରୁ ଝରି ଆସିଥିଲା ଲୁହ । ତାଙ୍କ ଭାବବିହୋଳରୁ ମୁଁ ହୃଦୟଗମ କଲି, ଆଜି ବି ଭାରତ ପ୍ରତି ତାଙ୍କର ସମ୍ମାନ ରହିଛି । ଏହା ଥିଲା, ଜଣେ ବ୍ୟକ୍ତିର ଦେଶ ମାଟି ମାଆ ପ୍ରତି ଭଲପାଇବା ।୧୯୪୭ ମସିହାରେ ସେହି ଭୟଙ୍କର ହିଂସାର ସମୟ ବିଷୟରେ ଏବେ ବି ଶହ ଶହ କାହାଣୀ ଶୁଣିବାକୁ ବାକି ଅଛି । ହୁଏତ ଏପରି ଅନେକ କାହାଣୀ ଅଛି ଯାହା କେବେ କୁହାଯାଇ ନାହିଁ । ପ୍ରଫେସର ରେଗି ଆବ୍ରାହମଙ୍କ ଲିଖିତି ବିଷୟ "ଦେଶର ସଙ୍କଟକାଳୀନ ପରିବର୍ତ୍ତନ ଏବଂ ମହାତ୍ମା ଗାନ୍ଧୀ," ଏହି ଗବେଷଣା ପତ୍ରରେ ସେ ଲେଖିଛନ୍ତି ।

ବିଭାଜନର ତାଙ୍କ କାହାଣୀ ସଂଗ୍ରହରୁ, ବୁଟାଲିଆ ପଞ୍ଜାବ ଅଞ୍ଚଳର ଜଣେ ମୁସଲିମ ଝିଅ ଜୈନବଙ୍କ ଦୁଃଖଦ ଘଟଣା ବର୍ଣ୍ଣନା କରିଛନ୍ତି । ଯାହାକୁ ତାଙ୍କ ପରିବାର ପାଦରେ ପାକିସ୍ତାନ ସ୍ଥାନାନ୍ତରିତ ହେଉଥିବା ସମୟରେ ଅପହରଣ କରାଯାଇଥିଲା । ସେମାନେ ଭାରତରୁ ପାକିସ୍ତାନକୁ ଯାଉଥିବା ଶରଣାର୍ଥୀଙ୍କ ଏକ କାଫିଲାର ଅଂଶ ଥିଲେ । ଲୋକଙ୍କ ଗହଳିରେ ହଜିଯାଇ ଜୈନବ ତାଙ୍କ ପରିବାରରୁ ଅଦୃଶ୍ୟ ହୋଇଗଲେ । କେହି ଜାଣନ୍ତି ନାହିଁ ଯେ ତାଙ୍କ ଅପହରଣକାରୀ କିଏ ଥିଲେ । କିନ୍ତୁ ଶେଷରେ ଜୈନବଙ୍କୁ ଅମୃତସର ଜିଲ୍ଲାର ଜଣେ ଜାଟ, ବୁଟା ସିଂହଙ୍କୁ ବିକ୍ରି କରାଯାଇଥିଲ । ସିଂହ ବିବାହିତ ନଥିଲେ ଏବଂ ସେହି ସମୟରେ ଅପହରଣ ହୋଇଥିବା ମହିଳାଙ୍କୁ ଆଶ୍ରୟ ଦେଇ ସମ୍ମାନର ସହିତ ଘରେ ରଖିଥିଲେ । ବୁଟାଲିଆଙ୍କ କହିବା ଅନୁସାରେ, ଶେଷରେ ଜୈନବ ଏବଂ ବୁଟା ସିଂହ ପରସ୍ପରକୁ ଭଲ ପାଇଲେ । ଜୈନବଙ୍କୁ ବିବାହ କରିବାକୁ ମଧ୍ୟ ନିଷ୍ପତ୍ତି ନେଲେ । ସେମାନଙ୍କର ଦୁଇଟି ଝିଅ ଜନ୍ମ ହେଲା । ଶୁଖି ପରିବାର ଭିତରେ ମାଡ଼ି ଆସିଲା ଝଡ଼ବାତ୍ୟା, ଯାହା ସମସ୍ତଙ୍କ ପାଇଁ କଳ୍ପନା ବାହାରେ ଥିଲା । ବୁଟାଲିଆ ଉଲ୍ଲେଖ କରନ୍ତି, ଯେତେବେଳେ ଏକ ପାକିସ୍ତାନୀ ସନ୍ଧାନୀ ଦଳ ଅପହୃତ ମୁସଲିମ ମହିଳାମାନଙ୍କୁ ଖୋଜୁଥିବା ସମୟରେ ତାଙ୍କୁ ପାଇ ତାଙ୍କ ପିତାମାତାଙ୍କୁ ଖବର ପଠାଇଲେ ଯେ ସେମାନଙ୍କ ଝିଅ ଠାବ ହୋଇଛି । ଜୈନବଙ୍କ ପିତାମାତା ଜିଦ୍ ଧରିଲେ ଯେ ସେ ପାକିସ୍ତାନରେ ସେମାନଙ୍କ ସହିତ ଯୋଗଦାନ କରନ୍ତୁ । ଜୈନବ ତାଙ୍କ ସ୍ୱାମୀ ଏବଂ ତାଙ୍କ ପିଲାମାନଙ୍କୁ ଛାଡି ସେମାନଙ୍କ ପରିବାର ଇଚ୍ଛାକୁ ପାଳନ କଲେ । ଖବରକାଗଜ ରିପୋର୍ଟରେ କୁହାଯାଇଛି, ଜୈନବ ଯେତେବେଳେ ଗୋଟିଏ ହାତରେ ଏକ ପିଲା ଏବଂ ଅନ୍ୟ ହାତରେ ଏକ ଲୁଗା ବସ୍ତା ଧରି ଘରୁ ବାହାରିଥିଲେ, ସେତେବେଳେ ସମଗ୍ର ଗାଁ ତାଙ୍କୁ ଦେଖିବା ପାଇଁ ବାହାରି ପଡ଼ିଥିଲା । ଯେତେବେଳେ ସେ ସୀମା ପାର କରାଇ ନେବାକୁ ଯାଉଥିବା ଜିପ୍ ଚଢୁଥିଲେ, ସେ ଶିଶୁଟିକୁ ତାଙ୍କ ସ୍ୱାମୀଙ୍କୁ ଦେଇଥିଲେ ଏବଂ ତାଙ୍କୁ କହିଥିଲେ, 'ଏହି ଛୋଟ ଝିଅର ଯତ୍ନ ନିଅ, ଏବଂ ଚିନ୍ତା କର ନାହିଁ । ମୁଁ ଶୀଘ୍ର ଫେରି ଆସିବି' । ବୁଟା ସିଂହ ଦୀର୍ଘ ସମୟ ପର୍ଯ୍ୟନ୍ତ ଜୈନବର ଫେରିବା ପାଇଁ ଅପେକ୍ଷା କରିଥିଲେ। ଶେଷରେ ନିଷ୍ପତ୍ତି ନେଇଥିଲେ ଯେ ସେ ତାଙ୍କ ସ୍ତ୍ରୀ ବିନା ଆଉ ଏକ ଦିନ ବଞ୍ଚିପାରିବେ ନାହିଁ । ସେ ପାକିସ୍ତାନ ଯାତ୍ରା ପାଇଁ ତାଙ୍କର ଜମି ବିକ୍ରି କରିଦେଲେ । ସେ ଇସଲାମ ଧର୍ମ ଗ୍ରହଣ କଲେ । ପାକିସ୍ତାନକୁ ଯିବା ପାଇଁ ଭିସା ଆବେଦନ କଲେ । ତାଙ୍କୁ ପ୍ରଥମେ ଭିସା ମିଳିଲା ନାହିଁ, ପରେ ଏକ ପରିଦର୍ଶନ ଭିସା ପାଇଁ ଆବେଦନ କଲେ ଏବଂ ତାଙ୍କୁ ମଞ୍ଜୁର କରାଯାଇଥିଲା । ବୁଟା ପାକିସ୍ତାନରେ ତାଙ୍କ ସ୍ତ୍ରୀଙ୍କ ଗାଁକୁ ଯାତ୍ରା କରି ଜାଣିବାକୁ ପାଇଲେ ଯେ ଜୈନବଙ୍କୁ ତାଙ୍କ ଜଣେ ସମ୍ପର୍କୀୟଙ୍କୁ ବିବାହ କରିବାକୁ ବାଧ କରାଯାଇଥିଲା । ବୁଟା ସିଂହଙ୍କ ଗୋଡ଼ତଳୁ ମାଟି ଖସିଗଲା ମୁଣ୍ଡ ଉପରୁ ଛିଡ଼ିଗଲା ଆକାଶ । ତାଙ୍କ ବିରୋଧରେ ସ୍ଥାନୀୟ ପୋଲିସ ଷ୍ଟେସନରେ କେସ୍ ଦେଇ ଗିରଫ କରାଯାଇଥିଲା । ତାଙ୍କୁ ଜଣେ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଧୈର୍ଯ୍ୟର ସହିତ ତାଙ୍କର ହତାଶ କାହାଣୀ ଶୁଣିଥିଲେ ମାଜିଷ୍ଟ୍ରେଟ । ଜୈନବଙ୍କୁ କୋର୍ଟରେ ହାଜର ହେବାକୁ ମାଜିଷ୍ଟ୍ରେଟ ନିର୍ଦ୍ଦେଶ ଦେଲେ । ସେ ପରିବାର ସଦସ୍ୟଙ୍କ ସହିତ ପହଞ୍ଚିଥିଲେ । ମାଜିଷ୍ଟ୍ରେଟ ବୁଟା ସିଂହଙ୍କ ସହିତ ତାଙ୍କ ବିବାହ ବିଷୟରେ ପଚାରିବା ସମୟରେ, ସେ ତାଙ୍କ ପୂର୍ବତନ ସ୍ୱାମୀଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ । ବୁଟା ପରଦିନ ଟ୍ରେନ ଆଗରେ ଡେଇଁ ଆତ୍ମହତ୍ୟା କରିଥିଲେ । ଭାରତର ଇତିହାସରେ ସବୁଠାରୁ ହିଂସାତ୍ମକ ସମୟ ଥିଲା ଦେଶ ବିଭାଜନ । ୧୯୪୭ ମସିହାର ହିଂସାରେ କୌଣସି ପ୍ରକାରର ପରମାଣୁ ବୋମା କିମ୍ବା ଏକେ-୪୭ର ଆବଶ୍ୟକତା ନଥିଲା । ଲୋକମାନେ ପୁରୁଣା ଧାରାରେ ପରସ୍ପରକୁ ହତ୍ୟା କରିଥିଲେ, ଲାଠି, ପଥର ଏବଂ ଖାଲି ଆଙ୍ଗୁଠି ସହିତ ହିଂସା ତାଣ୍ଡବ ଖେଳିଥିଲା । ବିଭାଜନର ହିଂସାର ପରିଣାମ ସ୍ୱରୂପ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା ଦୁଇ ଲକ୍ଷରୁ ଅଧିକ ଯାହା ବ୍ରିଟିଶମାନଙ୍କ ତଥ୍ୟ କୁହେ । ଭାରତୀୟ ଆକଳନ ଅନୁଯାୟୀ ପ୍ରାୟ ଦୁଇ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ । ଖାଲି ସେତିକି ନୁହଁ ପ୍ରାୟ ୭୫ ହଜାର ଭାରତୀୟ ମହିଳାଙ୍କୁ ସେମାନଙ୍କ ଧର୍ମଠାରୁ ଅଲଗା କରି ଦିଆଯାଇଥିଲା, ପରେ ଭିନ୍ନ ଧର୍ମର ଲୋକମାନେ ଅପହରଣ କରି ମହିଳାମାନଙ୍କୁ ବଳାତ୍କାର କରିଥିଲେ । ଜମିରେ ଫସଲକୁ ନଷ୍ଟ କରାଯାଇଥିଲା । ଅନେକ ଘରକୁ ଜଳି ପୋଡ଼ି ପାଉଁଶ କରିଦିଆ ଗଲା । ଅନେକ ନୀରିହ ଛୁଆମାନେ ମାଆ ଓ ବାପା ଛେଉଣ୍ଡ ହୋଇଗଲେ । ଶିକ୍ଷା, ସ୍ୱାସ୍ଥ୍ୟ ଓ ଯାତାୟତ ସବୁ ଠପ୍ ହୋଇଗଲା, ଦେଶର ବହୁ ସଂମ୍ପତ୍ତି ନଷ୍ଟ କରି ଦିଆଗଲା । ସେଥିପାଇଁ ଦାୟୀ କିଏ କଂଗ୍ରେସର ଆଗଧାଡ଼ିର ନେତା ବାପୁ ନା ଗୋରା ସରକାର ନା ରାଜନେତା ଏବେ ବି ଇତିହାସ ନିରବ । କିନ୍ତୁ ବାପୁଙ୍କୁ ହତ୍ୟା କଲେ ଦେଶ ଭକ୍ତ ନାଥୁରାମ ଗଡ଼େସ । ସ୍ୱାଧିନ ଭାରତରେ ଆନ୍ଦୋଳ କରିବା ଓ ଧର୍ମଘଟ କରିବା କରିବା ସମସ୍ତଙ୍କର ଅଧିକାର ରହିଛି । କିନ୍ତୁ ଦେଶ ବିରୋଧରେ ନାରା ଦେବା, ଦେଶର ସଂମ୍ପତି ନଷ୍ଟ କରି ଜଳି ପୋଡ଼ି ପାଉଁଶ କରିବା । ଅପ ଶବ୍ଦ ବ୍ୟବହାର କରିବା ଏକ ସୁସ୍ଥ ରାଷ୍ଟ୍ର ପାଇଁ ଶୁଭଙ୍କର ନୁହେଁ । ଆଜିର ଯୁବପିଢି ଠାରୁ ଦେଶ ଅନେକ କିଛି ଆଶା କରୁଛି । ଆମ ପରି ଯୁବପିଢି ଯଦି ପ୍ରଥଭ୍ରଷ୍ଟ ହେବା, ମିଥ୍ୟ ପ୍ରଚାର ଓ ପ୍ରଶାରରେ ମାତିବା ଏବଂ ବିଧର୍ମି ଲୋକଙ୍କ ସହିତ ମିଶି ଦେଶ ବିଭାଜନର ପାଇଁ ନାରା ଦେବେ । ତେବେ ଆମକୁ ଅନୁସରଣ କରୁଥିବା ଯୁବ ସମାଜ ଓ ଏ ଦେଶ ସୁରକ୍ଷିତ ରହିବ ତ । ଆଜିର ଜେନ୍-ଜୀ ଚିନ୍ତା କରିବାର ଆବଶ୍ୟକତା ରହିଛି ।

ବରଗଡ଼
ମୋ:୮୦୧୮୨୯୩୧୮୦

ପ୍ରଭାବିତ ଜନଜୀବନ

ଅରିଜିତ ମିଶ୍ର

'ବନ୍ୟା' ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରୁ ଅନ୍ୟତମ। କିଛି କିଛି ସମୟରେ ବନ୍ୟା ମାନବ କୃତ ମଧ୍ୟ ହୋଇଥାଏ। କଥାରେ ଅଛି ଜଳ ବହୁଳେ ସୃଷ୍ଟି ନାଶ ଏବଂ ଜଳ ବିହୁନେ ସୃଷ୍ଟି ନାଶ। ତେଣୁ ଜଳ ବହୁଳ ମାନେ ବନ୍ୟା ବିଭୀଷିକା ଜନ୍ମ ନେବା ଏବଂ ଧନ ଜୀବନ ହାନି କରିବାରୁ ତାହାକୁ ବିପର୍ଯ୍ୟୟ କୁହାଯାଏ। ସାଧରଣତଃ ନଦୀ ମାନଙ୍କର ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ଦ୍ୱାରା ବନ୍ୟା ସୃଷ୍ଟି ହୋଇଥାଏ। ହୀରାକୁଦ ନଦୀ ବନ୍ଧ ଭଳି ବନ୍ଧ ମାନଙ୍କରୁ ପାଣି ଛଡ଼ାଗଲେ ତଳିଆ ଅଞ୍ଚଳ ଗୁଡ଼ିକରେ ବନ୍ୟା ସୃଷ୍ଟି ହୁଏ। ଅତିରିକ୍ତ ଗଛ କଟାଯିବା ଦ୍ୱାରା ବର୍ଷା ଜଳ ଗୁଡ଼ିକ ମାଟିରେ ନମିଶି ସିଧା ସଳଖ ନଦୀ ନାଳ ଆଦିରେ ମିଶି ବନ୍ୟା କରାଏ। ଦିନକୁ ଦିନ ଅନିୟନ୍ତ୍ରିତ ଭାବରେ କଂକ୍ରିଟ ଘର ଏବଂ ରାସ୍ତା ତିଆରି ହେଉଚି ଫଳରେ ବର୍ଷା ଜଳ ମାଟିରେ ମିଶିପାରେ ନାହିଁ ଯାହା ଦ୍ୱାରା ଉକ୍ତ ବର୍ଷା ଜଳ ଗୁଡ଼ିକ ଲୋକଙ୍କ ଘରେ ପଶିବା ସହ ଡ୍ରେନ୍ ଆଦିରେ ପଶି କୃତ୍ରିମ ବନ୍ୟା ସୃଷ୍ଟି କରେ। ବନ୍ୟା ଆସିଗଲେ ନଦୀ କୂଳିଆ ଲୋକଙ୍କ ମୁଣ୍ଡରେ ଚିନ୍ତା ବଢ଼ିଯାଏ। ବନ୍ୟାରେ କେବଳ ମଣିଷ ସମାଜ ନୁହେଁ ତତ୍‌ସହିତ ଗୋରୁ ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଆଦି ସମସ୍ତ ଗୃହ ପାଳିତ ପଶୁ ପକ୍ଷୀମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ସେଥିପାଇଁ ସରକାରୀ ସ୍ତରରେ ବନ୍ୟା ପ୍ରବଣ ଅଞ୍ଚଳରେ କେତେକ ପଞ୍ଚାୟତ ମାନଙ୍କରେ ଏକ ଆଶ୍ରୟ ସ୍ଥଳି ନିର୍ମାଣ କରାଯାଇଛି। ଭାରତ ହେଉଚି ନଦୀ ମାତୃକାର ଦେଶ। ନଦୀ ପାଇଁ ଜନବସତି ରହିଛି ଏବଂ ଜନଜୀବନ ବଞ୍ଚିଛି। କାରଣ ନଦୀ କୂଳ ଜମି ଗୁଡ଼ିକ ଉର୍ବର ମୃତ୍ତିକା ହୋଇଥାଏ ଯାହା ଫଳରେ ଚାଷ କାମ ସୁବିଧାରେ ସମ୍ପନ୍ନ ହୁଏ। ବନ୍ୟା ବିଭୀଷିକାରେ ବିଶେଷ କରି ପାନୀୟ ଜଳ ଏବଂ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଏ। ଅତିରିକ୍ତ ପାଣି ସାପ ମାନଙ୍କ ଗର୍ତ୍ତରେ ପଶିଯିବା ଦ୍ୱାରା ସାପ ମାନେ ଘର ଭିତରକୁ ପଶି ଆସନ୍ତି।ଓଡିଶାରେ ବିଗତ ୧୦ ବର୍ଷ ଭିତରେ ବନ୍ୟା ବିଭୀଷିକା ସୃଷ୍ଟି ହୋଇ ପ୍ରାୟତଃ ୩୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ଯାହା ଫଳରେ ହଜାରେ ରୁ ଉର୍ଦ୍ଧ୍ୱ ଗାଁ ବନ୍ୟା ପାଣି ଘେରରେ ରହିଥିବା ସହ ଲକ୍ଷାଧିକ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଥିଲା। ୨୦୧୭ ମସିହାରେ ବନ୍ୟା ଦ୍ୱାରା ପ୍ରାୟ ୧୩ ରୁ ୧୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ୨୦୨୦ ମସିହା ବନ୍ୟାରେ ୮ ରୁ ୧୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ସେହିପରି ୨୦୨୨ ମସିହା ବନ୍ୟାରେ ୭ ରୁ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ୨୦୨୫ ବନ୍ୟାରେ ମଧ୍ୟ ଲକ୍ଷାଧିକ ଲୋକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଚଳିତ ବର୍ଷ ଆମେ ଦେଖୁଛେ ଓଡ଼ିଶାରେ ମହାନଦୀ, ବୈତରଣୀ ଓ ବ୍ରାହ୍ମଣୀ ଭଳି ଆଦି ନଦୀ ମାନଙ୍କରେ ପ୍ରବଳ ମାତ୍ରାରେ ବନ୍ୟା ଜଳ ପ୍ରବାହିତ ହେଉଛି। ଜୁଲାଇ ମାସରେ ଅବଶ୍ୟକ ଠାରୁ ଅଧିକ ୯୭% ବର୍ଷା ହେବା ଯୋଗୁଁ ବନ୍ୟା ବିଭୀଷିକା ବଢ଼ିଚି। ୭ ଲକ୍ଷରୁ ଅଧିକ ମାତ୍ରାରେ ଲୋକ ଆଜି ଉକ୍ତ ବନ୍ୟାରେ ପ୍ରପୀଡ଼ିତ। ବନ୍ୟାର ପ୍ରକୋପରେ ଉପକୂଳ ଓଡ଼ିଶା ଆଜି ପ୍ରଭାବିତ। ବିଶେଷ କରି ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଜଗତସିଂହପୁର ଜିଲ୍ଲା ବର୍ତ୍ତମାନ ବନ୍ୟାରେ ପ୍ରପୀଡ଼ିତ। ଦୟା ଏବଂ ଭାର୍ଗବୀ ନଦୀର ଜଳସ୍ତରକୁ ଦେଖି ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲାରେ ମଧ୍ୟ ଭୟର ବାତାବରଣ ଖେଳିଯାଇଥିଲା। ବନ୍ୟା ପ୍ଲାବିତ ଜିଲ୍ଲାରେ ରାସ୍ତା ଏବଂ ବ୍ରିଜ୍ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ କେତେକଙ୍କ ଘର ଭିତରେ ପାଣି ପଶିଯାଇଛି। ଭଦ୍ରକ ଜିଲ୍ଲାର ଜଣେ ବୟସ୍କ ଚାଷୀ ବିଲ କାମ କରିବା ପାଇଁ ଯାଇଥିବା ବେଳେ ହଠାତ୍ ବନ୍ୟା ଜଳ ତାଙ୍କ ଚାରିପଟେ ହୋଇଯିବା କାରଣରୁ ସିଏ ଚବିଶ ଘଣ୍ଟା ପର୍ଯ୍ୟନ୍ତ ଏକ ତାଳ ଗଛରେ ରହିଥିଲେ ଶେଷକୁ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କଲେ। ରାଜ୍ୟ ସରକାରଙ୍କ ସୂଚନା ଅନୁସାରେ ୨୦ ଟି ଜିଲ୍ଲାର ୧୦୦ ବ୍ଲକ ଅନ୍ତର୍ଗତ ୫୩୯ ଗ୍ରାମପଞ୍ଚାୟତ ବର୍ତ୍ତମାନ ବନ୍ୟାରେ ପ୍ରଭାବିତ। ମହାନଦୀ ରିଭର୍ ସିଷ୍ଟମ ଅନ୍ତର୍ଗତ ଦୟା, ଭାର୍ଗବୀ, କୁଶଭଦ୍ରା, ଲୁଣା, ପାଇକା, କୁଆଖାଇ ନଦୀ ଗୁଡିକରେ ଏବେ ଜଳସ୍ତର ବୃଦ୍ଧି ପାଇ ବିସ୍ତୀର୍ଣ୍ଣ ଅଞ୍ଚଳ ଜଳମଗ୍ନ। ଅନେକ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ଯୋଗୁଁ ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ୧ ଲକ୍ଷ ୮୯ ହଜାର ୫୯୭ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

ତେଣୁ ବନ୍ୟା ଭଳି ଏକ ବିପର୍ଯ୍ୟୟକୁ ପ୍ରତିହତ କରିବା ପାଇଁ ସରକାର ସର୍ବଦା ଚେଷ୍ଟିତ। ବିଶେଷ କରି ଘଉଜର ଦଳ, ପୋଲିସ, ଅଗ୍ନି ନିରାପତ୍ତା ଦଳ ଆଦି ସର୍ବଦା ସଜାଗ ରହିଥାନ୍ତି। ବର୍ତ୍ତମାନ ଖବରକାଗଜମାନଙ୍କରେ ଏବଂ ଦୂରଦର୍ଶନ ସହିତ ସାମାଜିକ ଗଣମାଧ୍ୟମରେ ଅନେକ ପ୍ରକାରର ପ୍ରଚାର ପ୍ରସାର ହେଉଚି ଯାହା ଫଳରେ ମଣିଷ ନିଜର ଜୀବନ ବଞ୍ଚାଇବାକୁ ସମର୍ଥ ହେବେ। ବନ୍ୟା ସମୟରେ ପୀଡ଼ିତ ଲୋକମାନଙ୍କର ସେବାରେ ମୁଖ୍ୟତଃ ଚୁଡ଼ା, ଗୁଡ଼, ରନ୍ଧା ଖାଦ୍ୟ, କିରୋସିନ, ମହମବତୀ, ଔଷଧ ଆଦି ସରକାରୀ ଏବଂ ବେସରକାରୀ ସ୍ତରରେ ବଣ୍ଟା ଯାଇଥାଏ। ନଦୀ କୂଳ ମାନଙ୍କରେ ବୃକ୍ଷ ରୋପଣ କରିବା ନିହାତି ଜରୁରୀ। ବନ୍ୟା ପାଣିର ଅପଚୟ ହ୍ରାସ କରି ତାହାକୁ ସଂରକ୍ଷଣ କରି ଚାଷ କାର୍ଯ୍ୟରେ ଲଗାଇବା ଭଲ। ଯାହା ଦ୍ୱାରା ଅତିରିକ୍ତ ବନ୍ୟା ଜଳ ସମୁଦ୍ର ଗର୍ଭକୁ ନଯାଇ ମଣିଷ ସମାଜର ହିତ ସାଧନ କରିପାରିବ। ବନ୍ୟା ପ୍ରପୀଡ଼ିତଙ୍କୁ ଉଦ୍ଧାର କରିବା ସହ ଥଇଥାନ ବ୍ୟବସ୍ଥା ସରକାରୀ ସ୍ତରରେ ହେଉଚି ଯାହା ଫଳରେ ଜନଜୀବନ ବଞ୍ଚିବାର ରାହା ପାଇପାରୁଛି।

ବୀରନରସିଂହପୁର, ପୁରୀ
ମୋ: ୯୦୪୦୩୫୦୦୮୯

ମସ୍ତିଷ୍କ ସକ୍ରିୟକାରୀ କ୍ରିୟା

ଡକ୍ଟର ସୁରେଶ କୁମାର ନାୟକ

ମସ୍ତିଷ୍କ ସୁସ୍ଥ ରହିଲେ ମଣିଷ ସୁସ୍ଥ ରହିବା ସହ ଖୁସିରେ ରହେ। କାରଣ ମଣିଷର ସବୁ ଗତିବିଧିକୁ ମସ୍ତିଷ୍କ ହିଁ ନିୟନ୍ତ୍ରଣ କରିଥାଏ। ସେଥିପାଇଁ ଏହାକୁ କିଭଳି ସକ୍ରିୟ ଓ ସୁସ୍ଥ ରଖିହେବ ସେ ସମ୍ପର୍କରେ ଜାଣିବା ନିହାତି ଜରୁରୀ। ନିମ୍ନରେ ପ୍ରଦତ୍ତ ଟିପ୍ସଗୁଡ଼ିକ ମସ୍ତିଷ୍କକୁ ସକ୍ରିୟ ରଖିବାରେ ବେଶ ଫଳପ୍ରଦ ବୋଲି ବିଭିନ୍ନ ଗବେଷଣାରେ ପ୍ରମାଣିତ ହୋଇଛି...।

ଧ୍ୟାନ ମସ୍ତିଷ୍କକୁ ସକ୍ରିୟ ଓ ତୀକ୍ଷ୍ଣ ରଖିବାର ବହୁ ପୁରାତନ ଉପାୟ ହେଉଛି ଧ୍ୟାନ। ବହୁ ପୂର୍ବେ ମୁନି ଋଷି ଓ ଜ୍ଞାନୀଲୋକମାନେ ଧ୍ୟାନ କରୁଥିଲେ। ଯେଉଁଥିପାଇଁ ସେମାନେ ବହୁ ଜ୍ଞାନର ଅଧିକାରୀ ହେବା ସହ ଅନେକ ଗଣନା କରିପାରୁଥିଲେ। ଆଉ ସେମାନେ ମୁହଁରେ ମୁହଁରେ ଅନେକ ଗ୍ରନ୍ଥ ବି ମନେ ରଖିପାରୁଥିଲେ। ବିଜ୍ଞାନ ଅନୁସାରେ ଧ୍ୟାନ କଲେ ମସ୍ତିଷ୍କ ଭଲ ମାତ୍ରାରେ ନ୍ୟୁରେନ୍ସ ତିଆରି କରିବାରେ ସକ୍ଷମ ହୋଇଥାଏ। ତେଣୁ ମସ୍ତିଷ୍କ ତୀକ୍ଷ୍ଣ ହୁଏ।

ଜଗିଂ : ଜଗିଂ ଶରୀର ଉପରେ ନାନା ପ୍ରକାରରେ ପ୍ରଭାବ ପକାଇଥାଏ। ଏହା ପୁରା ଶରୀରକୁ ସକ୍ରିୟ କରିବା ସହ ମସ୍ତିଷ୍କକୁ ମଧ୍ୟ ସକ୍ରିୟ କରେ। ଖାଲି ଜଗିଂ ନୁହେଁ ଚାହିଁଲେ ବ୍ରିସ୍କ ୱାକ ଓ ସ୍କିପିଂ ବି କରିପାରିବେ। ଏହାଦ୍ୱାରା ଶରୀର ମଜଭୁତ ହେବା ସହ ମସ୍ତିଷ୍କ ତୀକ୍ଷ୍ଣ ହୁଏ।

ଡାଏଟ : ମସ୍ତିଷ୍କକୁ ସକ୍ରିୟ କରିବା ପାଇଁ ଖାଦ୍ୟରେ ପ୍ରୋଟିନ, ଓମେଗା ୩ ଓ ଫ୍ୟାଟ ଏସିଡ୍ ସଠିକ ମାତ୍ରା ରହିବା ଜରୁରୀ। ତା ସହ ଭିଟାମିନ ଡି, ଓ କ୍ୟାଲସିୟମ ବି ଜରୁରୀ। ବାମ ହାତର ଉପଯୋଗ : କାମ କରିବା ପାଇଁ ପ୍ରାୟତଃ ସମସ୍ତେ ଡାହାଣ ହାତର ବ୍ୟବହାର କରନ୍ତି। କିନ୍ତୁ ଅନେକ ଗବେଷଣାରୁ ଜଣାପଡ଼ିଛି ଯେଉଁମାନେ ନିଜର ଡାହାଣ ହାତ ସହ ବାମ ହାତର ଉପଯୋଗ ସମାନ ଭାବେ କରନ୍ତି ସେମାନଙ୍କ ମସ୍ତିଷ୍କ ଅନ୍ୟମାନଙ୍କ ଅପେକ୍ଷା ଅଧିକ ତୀକ୍ଷ୍ଣ ହୋଇଥାଏ। ଆଉ ସେମାନେ ସ୍ମାର୍ଟ ଡିସିସନ ନେଇପାରନ୍ତି। ତେଣୁ ବାମ ହାତର ବି କିଛି କିଛି ଉପଯୋଗ କରିବା ଭଲ।

ଟେଟ୍ରିସ ଖେଳ : ଟେଟ୍ରିସ ଅବା ବ୍ଲକ ଯୋଡ଼ିବା ଖେଳ ଖେଳିଲେ ମସ୍ତିଷ୍କର ଗ୍ରେ ମିଟରରେ ବୃଦ୍ଧି ଘଟେ। ସାଧାରଣତଃ ଗ୍ରେ ମିଟର ମନେ ରଖିବାରେ ସାହାଯ୍ୟ କରିଥାଏ। ଆଉ ବ୍ଲକ ଖେଳିଲେ ଗ୍ରେ ମିଟରର ବୃଦ୍ଧି ଘଟେ ଫଳରେ ସ୍ମରଣ ଶକ୍ତି ବଢ଼ିଥାଏ। ତା ସହ ଏହା ଠିକ ନିଷ୍ପତ୍ତି ନେବାରେ ବି ସାହାଯ୍ୟ କରେ।

କିଛି ସମୟର ନିଦ୍ରା : ଦିନରେ ଯେତେବେଳେ ବି ଥକ୍କା ଲାଗୁଛି ୧୫-୨୦ ମିନିଟ ପର୍ଯ୍ୟନ୍ତ ଟିକେ ଶୋଇପଡ଼ନ୍ତୁ। ଏଭଳି କଲେ ମଧ୍ୟ ସ୍ମରଣ ଶକ୍ତି ବଢ଼ିଥାଏ। ଯଦି କେବେ କୌଣସି ବଡ଼ ନିଷ୍ପତ୍ତି ନେବାକୁ ପଡ଼େ, କେଉଁଠି ଠିକ ଓ କେଉଁଟି ଭୁଲ ଜାଣିବା ପାଇଁ ପ୍ରଥମେ ପରିସ୍ଥିତିକୁ ଭଲଭାବେ ତର୍ଜମା କରିବାକୁ ପଡ଼େ। ଆଉ ଏଇ ନିଷ୍ପତ୍ତି ନେବା କ୍ଷମତା କିଛି ସମୟ ବିଶ୍ରାମ ଦ୍ୱାରା ବଢ଼ିଥାଏ।

ସକାଳେ ଶୀଘ୍ର ଉଠିବା : ସୂର୍ଯ୍ୟୋଦୟ ପୂର୍ବରୁ ଉଠିବା ଅଭ୍ୟାସ ଦ୍ୱାରା ଦିନ ଭଲରେ କଟିଥାଏ। ଏହି ସମୟରେ ଉଠିଲେ ମସ୍ତିଷ୍କର ହାପି ହର୍ମୋନ ଓ ଇଣ୍ଟେଲିଜେନ୍ସ ହର୍ମୋନର କ୍ଷରଣ ପ୍ରାକୃତିକ ରୂପରେ ବଢ଼ିଥାଏ। ତେଣୁ ଶୀଘ୍ର ଉଠିବା ଆପଣଙ୍କୁ ଶାନ୍ତ, ବିଚାରବନ୍ତ ଓ ଖୁସ ମିଜାଜର କରିଥାଏ। ତା'ସହ ଅବସାଦରୁ ବି ଦୂରେଇ ରଖେ।

ସିଡିଏ, କଟକ,
ମୋ:୯୪୩୭୨୨୫୫୯୨

ସଂପାଦକଙ୍କୁ ପତ୍ର

ଅସମାହିତ ପ୍ରଶ୍ନ

ଆଜିକାଲି ସୂଚନା ପ୍ରଯୁକ୍ତିର କ୍ରାନ୍ତି ଦିନକୁ ଦିନ ବଢୁଛି ଯୌଥ ପରିବାର ବଦଳରେ ଏକାର୍ଣ୍ଣବତୀ ପରିବାର ମଧ୍ୟ ବଢୁଛି। ଅନେକ କ୍ଷେତ୍ରରେ ପରିଣତ ବୟସରୁ ବାପ-ମାଆଙ୍କ ପାଇଁ ପିଲାମାନେ ସେବା, ସ୍ନେହ, ସୁଯୋଗ ଦିଅନ୍ତି ନାହିଁ। ତେବେ ଭାରତୀୟ ସନାତନ ସଂସ୍କୃତି ବିଶ୍ୱାସ କରେ ଜୀବନରେ ହେଉଛି ଗୋଟିଏ ଧର୍ମ ତାହା ହେଉଛି ମଣିଷ ଧର୍ମ। ସରକାରଙ୍କ ଅଧୀନରେ ସମସ୍ତ ମନ୍ଦିର ରହିବା ଉଚିତ କି ? ଯଦି ହଁ, ତେବେ ଗୁରୁଦ୍ୱାର, ଚର୍ଚ୍ଚ ଓ ମସଜିଦକୁ ସରକାର ନିଜ ହାତକୁ ନେବା ଉଚିତ ହେବ କି ? ଝିଅମାନେ ବାପଘରେ, ମୌରସି ସମ୍ପତ୍ତିରେ ଯଦି ସମାନ ଭାଗ ପାଇବେ, ତେବେ ବାହାଘର ସମୟରେ ଯୌଥ ପରିବାରରୁ ଝିଅ ମାନଙ୍କୁ ଯେଉଁ ଯୌତୁକ ଦିଆଯାଇଥାଏ ତାହାସବୁ ବଣ୍ଟନ ସମୟରେ ବଣ୍ଟନଭୁକ୍ତ କରାଯିବା ଉଚିତ ହେବ କି ? ଯଦି ଜଣେ ପୁଅ, ତାକୁ ୨୧ ବର୍ଷ ହେବା ପୂର୍ବରୁ ବିବାହ କରିଥାଏ, ସେ ବିବାହ କୁ ଅବୈଧ ଘୋଷଣା କରାଯିବା ଉଚିତ ହେବ କି ? ଜଣେ ବ୍ୟକ୍ତିର ପ୍ରକୃତ ଅସୁବିଧା ସେ କଚେରୀରେ ଡିଗ୍ରୀ ପାଇବା ପରେ ଆରମ୍ଭ ହୋଇଥାଏ କି ? ଜଣେ ବ୍ୟକ୍ତିକୁ ଡିଗ୍ରୀରେ ପାଇଥିବା ଫଳ ପାଇଁ ବାରମ୍ବାର କୋର୍ଟକୁ ଦୌଡ଼ିବାକୁ ପଡ଼ିଥାଏ। ତେଣୁ ଏପରିସ୍ଥଳେ ପ୍ରତ୍ୟେକ ଡିଗ୍ରୀର ଫଳ ପାଇବା ପାଇଁ ଆଇନରେ ସମୟସୀମା ନିର୍ଦ୍ଧାରଣ ହେବା ଉଚିତ କି ? ଏ ଦାୟିତ୍ୱ ସରକାର ବହନ କରିବା ଉଚିତ କି ? କୋଭିଡ଼-୧୯ ମହାମାରୀରେ ପ୍ରାଣ ହରାଉଥିବା ପିତାମାତା ବିହୀନ ଶିଶୁମାନଙ୍କ (ଖାଦ୍ୟ, ଶିକ୍ଷା, ବାସ ଓ ଚିକିତ୍ସା) ପାଇଁ ସରକାର କି କି ନୀତି ପ୍ରଣୟନ କରିଛନ୍ତି ? ଏ କ୍ଷେତ୍ରରେ ବିଳମ୍ବ କଣ ପାଇଁ ମାନବ୍ୟର ସୁପ୍ରିମକୋର୍ଟ ହସ୍ତକ୍ଷେପ କରୁଛନ୍ତି। ଜଣେ ନିଜକୁ ଯୌନକର୍ମୀ କହି, ଆବାସିକ ପ୍ରମାଣପତ୍ର ନଥାଇ, ଆଧାର କାର୍ଡ଼ ପାଇଁ ଆବେଦନ କରିବା ଓ ପ୍ରାପ୍ତ ହେବା ଯଥାର୍ଥ କି ? ବଡ଼ ଧରଣର ଲଣ୍ଡି ତାହା ଫ୍ୟାକ୍ଟ୍ରିସ ଆକ୍ଟର ଅଧିନ ହେବା ଉଚିତ କି ? ନାଗରିକ ଅଧିକାର ବଡ଼ ନା ସାମରିକ ଅଧିକାର ଭାରତରେ ବଡ଼ ? ଯଦି ଗୋଟିଏ ଝିଅ ଏକ ଘରୋଇ ସଂସ୍ଥାରେ ଅନୁବନ୍ଧିତ ହୋଇ ଚାକିରୀ କରିଥାଏ ଯେ ସେ ଚାକିରୀ କାଳରେ ଅନ୍ୟ ସମସ୍ତ କର୍ମଚାରୀ ଯେତିକି ଦିନ ଛୁଟି ପାଇବାକୁ ଯୋଗ୍ୟ ସେ ମଧ୍ୟ ସେତିକି ଦିନ ଛୁଟି ପାଇବେ। କିନ୍ତୁ ବିବାହ ପରେ ସେ ମାର୍ଟିନେଟି ଲିଭ ବାରମ୍ବାର ନେଇପାରିବେ କି ? ପୂର୍ବ ଅନୁବନ୍ଧିତ ନିୟମ ତାଙ୍କ କ୍ଷେତ୍ରରେ ପ୍ରଜୁର୍ଯ୍ୟ ହୋଇପାରିବ କି ? ଶେଷରେ ଏହା କୁହାଯାଇ ପାରେ ପାର୍ଟ ଟାଇମ ଲ'ଡିଗ୍ରୀ ହାସଲ କରିଥିବା ଓକିଲ ବାର କାଉନସିଲ ଗୁଡ଼ିକରୁ ଓକିଲାତି ଲାଇସେନ୍ସ ପାଇବାକୁ ଯୋଗ୍ୟ ହେବେ କି ?

ଭବାଶିଷ ଦାସ
ସିଡିଏ, କଟକ

ସଫଳତାର ସଂଜ୍ଞା ନିରୂପଣ

ମହାଶୟ,

ଆମ ଦେଶରେ ଅବା ରାଜ୍ୟ ମାନଙ୍କରେ ବିଭିନ୍ନ ଜନ ପ୍ରସଙ୍ଗକୁ ନେଇ ଅନେକ ସମୟରେ 'ବନ୍ଦ୍ ଡାକରା' ଦିଆଯାଏ । କୌଣସି ସଂଗଠନ ଅଥବା ରାଜନୈତିକ ଦଳ ପକ୍ଷରୁ ଜନସାଧାରଣ ଙ୍କ ସମସ୍ୟା ଜନିତ ଦାବି ଉପସ୍ଥାପନ କରିବାର ଏକ ବିକଳ୍ପ ପନ୍ଥା ଭାବେ ଏପରି କରାଯାଇଥାଏ । ବାସ୍ତବରେ ଜନ ସାଧାରଣଙ୍କ ମୂଳ ସମସ୍ୟାଟିକୁ ପଛରେ ପକାଇ ଅନେକ ନୂତନ ସମସ୍ୟା ମୁଣ୍ଡ ଟେକି ଥାଏ । ଗାଡ଼ି, ମଟର, ଯାନ, ବାହନ ଓ ରେଳ ଚଳାଚଳ ବନ୍ଦ କରାଯାଏ, ଦୋକାନ ବଜାର, କାରଖାନା, ଦପ୍ତର ଆଦି ତାଲା ବନ୍ଦ୍ ହୁଏ । ଅତ୍ୟାବଶ୍ୟକୀୟ ଜରୁରୀ ପରିସ୍ଥିତିରେ କେହି ଜନତା ଅମାନ୍ୟ କଲେ ବନ୍ଦ୍ ଡାକରା ଦେଇଥିବା ଦଳ ବା ସଂଗଠନର ଆକ୍ରୋଶର ଶିକାର ହେବାକୁ ପଡେ । ବନ୍ଦ୍ ର ଦ୍ୱାହି ଦେଇ ହିଂସାତ୍ମକ ଆନ୍ଦୋଳନ, ନିଆଁ ଜାଳି ରାସ୍ତା ଅବରୋଧ ସାଙ୍ଗକୁ ଅନେକ ଅସାମାଜିକ ଲୋକଙ୍କ ଦୌରାତ୍ମ୍ୟ ଯୋଗୁଁ ସାଧାରଣ ଜନ ଜୀବନ ବିପର୍ଯ୍ୟସ୍ତ ହୋଇଥାଏ ଏବଂ ଜାତୀୟ ସମ୍ପତ୍ତି ନଷ୍ଟ ହୁଏ । ବନ୍ଦ୍ ବେଳେ କେଉଁଠି ଅଘଟଣ ଘଟିଯାଏ ତ, କେଉଁଠି ଆନ୍ଦୋଳନକାରୀ ଙ୍କୁ ପୋଲିସ ପ୍ରଶାସନ ଲାଠି ପ୍ରହାର, ଅଥବା ଗିରଫ କରି ନେଇଯାଏ । ପରେ ପରେ ବନ୍ଦ୍ ସଫଳ ହେଲା ବୋଲି ଶିରୋନାମା ରେ ଖବର ପ୍ରକାଶ ପାଏ । ଇଏ କି ପ୍ରକାର ସଫଳତା ? ପ୍ରକୃତରେ ବନ୍ଦ୍ ସଫଳତା ର ସଂଜ୍ଞା କଣ ? ବନ୍ଦ୍ ଡାକରାରେ ସ୍ୱତସ୍ଫୁର୍ତ୍ତ ଭାବେ ଜନସାଧାରଣଙ୍କ ପ୍ରତ୍ୟକ୍ଷ ଯୋଗଦାନ ବା ସମର୍ଥନ ବିନା ସଫଳତା କିପରି ସମ୍ଭବ ? ନିର୍ଦ୍ଦିଷ୍ଟ କୌଣସି ଗୋଟିଏ ସମସ୍ୟା ର ସମାଧାନ ପାଇଁ ଦାବି କରୁଥିବା ବେଳେ ଜନସାଧାରଣଙ୍କୁ ଅନେକ ସମସ୍ୟାରେ ପକାଇ 'ବନ୍ଦ୍ ସଫଳତା' ର ଶ୍ରେୟ ନେବାର ପ୍ରୟାସ ବାସ୍ତବିକ୍ ଏକ ଘୃଣ୍ୟ ପରମ୍ପରା ବୋଲି କୁହାଯାଇ ପାରେ ।

ଅବନୀ ଚନ୍ଦ୍ର ଦାସ
ପ୍ରଶାନ୍ତି ବିହାର, ଭୁବନେଶ୍ୱର

ବୁଣାକାର ସମାବେଶ ଓ ହ୍ୟାକାଥନ୍ କାର୍ଯ୍ୟକ୍ରମ

ବୌଦ୍ଧ, (ପିପିଏସ୍) : ବୌଦ୍ଧରେ ଦ୍ୱାଦଶ ତମ ଜାତୀୟ ହସ୍ତତନ୍ତ ଦିବସ ୨୦୨୬ ପାଳନ ଅବସରରେ 'ଥ୍ରେଡ୍ ଅଫ୍ ଫ୍ରିଡମ୍' ବୁଣାକାର ସମାବେଶ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ହ୍ୟାକାଥନ୍ କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ହ୍ୟାକାଥନ କାର୍ଯ୍ୟକ୍ରମକୁ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୩୦ଜଣ ବୁଣାକାର ଙ୍କୁ ନେଇ ସେମାନଙ୍କୁ ୧୦ ଟି ଦଳରେ ବିଭକ୍ତ କରାଯାଇଥିଲା । ପ୍ରତ୍ୟେକ ଦଳରେ ୩ ଜଣ ବୁଣାକାର ସହ ବୟନ ଶିଳ୍ପ ବିଭାଗର ଜଣେ ମେଣ୍ଟର ରହିଥିଲେ । ବିଶେଷକରି ବୁଣା କାର୍ଯ୍ୟରେ ସେମାନଙ୍କର ଦକ୍ଷତା, ଅଭିଜ୍ଞତା ଓ ଉତ୍ପାଦନଶୀଳତା ଆଧାରରେ ସେମାନଙ୍କୁ ବିଭକ୍ତ କରାଯାଇଥିଲା । ହ୍ୟାକାଥନର ମୁଖ୍ୟ ବିଷୟବସ୍ତୁ ଥିଲା ସ୍ୱାଧୀନତାରେ ବୁଣାକାର୍ଯ୍ୟ ବା ସ୍ୱାଧୀନତାର ପ୍ରତୀକ ରୂପେ ଏକ ଡିଜାଇନ କରନ୍ତୁ କିମ୍ବା ପୁରୁଣା ବୁଣା କାମକୁ ନୂଆ ରୂପ ଦେବା ଏବଂ ବୁଣାକାର ଓ ଉତ୍ପାଦର କାହାଣୀ କୁହନ୍ତୁ । ଏହି ଅବସରରେ ବୁଣାକାର ମାନେ ନୂତନ ଡିଜାଇନ, ପାରମ୍ପରିକ ବୁଣାକଳା ଓ ଆଧୁନିକ ଚାହିଦାକୁ ଦୃଷ୍ଟିରେ ରଖି ବିଭିନ୍ନ ସୃଜନଶୀଳ ବିଷୟ ଉପରେ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମ ର ଦ୍ୱିତୀୟ ଅଧିବେଶନରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ବୟନ କଳା ହେଉଛି ଆମ ସଂସ୍କୃତିର ପରିଚୟ । ଏହାକୁ ଆମ ବୁଣାକାର ମାନେ ବଞ୍ଚେଇ ରଖିଲେ ଆଗାମୀ ପିଢ଼ିର ପିଲାମାନେ ଏଥି ପ୍ରତି ବିଶେଷ ଆଗ୍ରହୀ ହୋଇ ଲାଭବାନ୍ ହେବେ । ସେ ଏହି ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ବିଜେତା ମାନଙ୍କ ନାମ ଘୋଷଣା କରିଥିଲେ । ଉକ୍ତ ପ୍ରତିଯୋଗିତାର ବିଚାରକ ଭାବେ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ ନାଏକ, ଡିଜାଇନର ମହେଶ୍ୱର ମେହେର ଓ ମାଷ୍ଟର ୱେଭର ପ୍ରେମାନନ୍ଦ କହଁର ରହିଥିଲେ । ରମେଶ ପ୍ରସାଦ ମେହେର ସଭା ପରିଚାଳନା କରିଥିଲେ କ୍ଷ ସହକାରୀ ବୟନ ଶିଳ୍ପ କାର୍ଯ୍ୟାଳୟର କର୍ମଚାରୀ ଦେବେନ୍ଦ୍ର ଭୋଇ, ଜିଲୁ ସାହୁ , ପ୍ରିୟଙ୍କା ଗଡନାୟକ ଏବଂ ଅନ୍ୟ କର୍ମଚାରୀବୃନ୍ଦ ଏହି ଆୟୋଜନରେ ସହଯୋଗ କରିଥିଲେ ।

ଧାନକିଣା ପ୍ରକ୍ରିୟାରୁ ଏସ୍ଏଚ୍ଜିଙ୍କୁ ବାଦ୍ ଦିଆଯିବା ନେଇ ଅସନ୍ତୋଷ, ଜିଲ୍ଲାପାଳଙ୍କୁ ଦାବିପତ୍ର

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ଗୁଡ଼ିକୁ ବିନା କୌଣସି ସ୍ପଷ୍ଟ କାରଣ ଦର୍ଶାଇ ଧାନ ପଞ୍ଜୀକରଣ ଓ କ୍ରୟ ପ୍ରକ୍ରିୟାରୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ବିଭିନ୍ନ ଏସଏଚଜିର ମହିଳାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସମସ୍ୟାର ସ୍ଥାୟୀ ସମାଧାନ ସହ ଧାନ କ୍ରୟ ପ୍ରକ୍ରିୟାରେ ପୁନଃ ସାମିଲ କରିବା ଦାବିରେ ସୋମବାର ଏସଏଚଜି ସଦସ୍ୟାମାନେ ଜିଲ୍ଲା ପ୍ରଶାସନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏସଏଚଜି ମହିଳାଙ୍କ ଅଭିଯୋଗ ଅନୁଯାୟୀ, ୨୦୨୦ ମସିହାରେ ସମବାୟ ସମିତିଗୁଡ଼ିକ ଧାନ କିଣାବିକା ପ୍ରକ୍ରିୟା ବନ୍ଦ କରିବା ପରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଡିଏସଡବ୍ଲ୍ୟୁଓ ଓ ଆଇସିଡିଏସ ମାଧ୍ୟମରେ ପ୍ରତ୍ୟେକ ପଂଚାୟତରୁ ଗୋଟିଏ ଲେଖାଏଁ ଏସଏଚଜିକୁ ଚୟନ କରାଯାଇ ତାଲିମ ଦିଆଯାଇଥିଲା । ପରେ ସେମାନଙ୍କୁ ଧାନ କ୍ରୟ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ଗତ ପ୍ରାୟ ୫ ବର୍ଷ ଧରି ମହିଳା ଗୋଷ୍ଠୀଗୁଡ଼ିକ ନିଷ୍ଠାର ସହ ଏହି ଦାୟିତ୍ୱ ତୁଲାଇ ଆସୁଥିବା ଦାବି କରିଛନ୍ତି । ଏହା ଦ୍ୱାରା ଏସଏଚଜିଗୁଡ଼ିକ ଆତ୍ମନିର୍ଭରଶୀଳ ହେବା ସହ ଗ୍ରାମାଂଚଳର ଚାଷୀମାନେ ମଧ୍ୟ ସୁବିଧାରେ ଧାନ ବିକ୍ରି କରିପାରୁଥିଲେ । ତେବେ ୨୦୨୬-୨୭ ଖରିଫ ଋତୁରେ କୌଣସି ସ୍ପଷ୍ଟ କାରଣ ନଦର୍ଶାଇ ଏହି ଏସଏଚଜିଗୁଡ଼ିକୁ ଧାନ ପଞ୍ଜୀକରଣ ଓ କ୍ରୟ ପ୍ରକ୍ରିୟାରୁ ବାଦ୍ ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ଏହା ସହ ୨୦୨୦ରୁ ୨୦୨୬ ପର୍ଯ୍ୟନ୍ତ ଏସଏଚଜିଗୁଡ଼ିକୁ ମିଳିବାକୁ ଥିବା ଲେବର ଖର୍ଚ୍ଚ ଏବଂ ଗତ ଦୁଇ ବର୍ଷର ଧାନ କିଣାବିକା କମିଶନ ରାଶି ମଧ୍ୟ ଏପର୍ଯ୍ୟନ୍ତ ପ୍ରଦାନ କରାଯାଇନଥିବା ଅଭିଯୋଗ ହୋଇଛି । ଏହା ଫଳରେ ଏସଏଚଜିଗୁଡ଼ିକ ଧାନ କ୍ରୟ ପାଇଁ ପୂର୍ବରୁ କିଣିଥିବା ବିଭିନ୍ନ ସାମଗ୍ରୀ ବ୍ୟବହାର ନହୋଇ ପଡ଼ିରହିଥିବା ବେଳେ ମହିଳାମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଥିବା ଦାବି କରିଛନ୍ତି । ଧାନ କ୍ରୟ ପ୍ରକ୍ରିୟାରୁ ବାଦ୍ ପଡ଼ିବା ଯୋଗୁଁ ଏସଏଚଜି ସଦସ୍ୟାଙ୍କ ରୋଜଗାର ମଧ୍ୟ ପ୍ରଭାବିତ ହୋଇଛି । ଏହି ପରିପ୍ରେକ୍ଷୀରେ ମା' ଲକ୍ଷ୍ମୀ, ଜୟ ମାତାଜୀ, ଅନ୍ନପୂର୍ଣ୍ଣା, ମା' ତାରିଣୀ, ଭାଗ୍ୟଶ୍ରୀ ଓ ଲକ୍ଷ୍ମୀପ୍ରିୟା ଆଦି ଏସଏଚଜିର କର୍ମକର୍ତାମାନେ ଆଗାମୀ ଦିନରେ ଧାନ ପଞ୍ଜୀକରଣ ଓ କ୍ରୟ ପ୍ରକ୍ରିୟାରେ ସେମାନଙ୍କୁ ପୁନଃ ସାମିଲ କରିବା, ବକେୟା ଲେବର ଖର୍ଚ୍ଚ ଓ କମିଶନ ରାଶି ତୁରନ୍ତ ପ୍ରଦାନ କରିବା ଏବଂ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଦାବି କରିଛନ୍ତି । ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଏସଏଚଜି ପ୍ରତିନିଧିମାନେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ବ୍ରଜବନ୍ଧୁ ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଅଭିଯୋଗ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଏସଏଚଜି ମହିଳାମାନଙ୍କୁ କହିଥିଲେ ।

ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

କେନ୍ଦୁଝର: ଚଳିତ ଶିକ୍ଷା ବର୍ଷର ସପ୍ତମ ମାସିକ କ୍ଲଷ୍ଟର୍ ସ୍ତରୀୟ ବୈଠକ ମୂଷାଖୋରି କ୍ଲଷ୍ଟର ଅଧିନସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟ ଝାଟିପଡ଼ାରେ ଅନୁଷ୍ଠିତ ହୋଇଯାଇଛି । ମୂଷାଖୋରି କ୍ଲଷ୍ଟର ସାଧନା ସଂଯୋଜକ କୁନାଲ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ତଥା ଝାଟିପଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମହାନ୍ତଙ୍କ ସହଯୋଗରେ ଅନୁଷ୍ଠିତ ବୈଠକରେ ୧୪ ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକଷୟିତ୍ରୀ ମାନେ ଏବଂ ୧୦ ଟି ବିଦ୍ୟାଳୟର ଏଫ୍.ଏଲ୍. ଏନ ଶିକ୍ଷକ ଶିକଷୟିତ୍ରୀ ମାନେ ଯୋଗ ଦେଇ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉକ୍ତ ବୈଠକରେ ପଂଚମ ଓ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା, ଜାନୁଆରୀ ମାସର ଶୈକ୍ଷିକ କ୍ୟାଲେଣ୍ଡର, ବହୁଶ୍ରେନି ପରିଚାଳନାର ପାଠ ଯୋଜନା ପ୍ରସ୍ତୁତି, ଶ୍ରେଣୀ ପର୍ଯ୍ୟବେକ୍ଷଣ ସାଧନୀ ଓ ଶିକ୍ଷଣ ସୋପାନ ରେଜିଷ୍ଟର ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ପ୍ରମୋଦ କୁମାର ମହାନ୍ତ ,ସନ୍ତୋଷ କୁମାର ନାଏକ,ପଦ୍ମଲୋଚନ ମହାନ୍ତ,ସନ୍ଧ୍ୟାରଣୀ ମହାନ୍ତ ପ୍ରଭୃତି ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ମଧ୍ୟରେ ଝାଟିପଡ଼ା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ମହାନ୍ତ ନୂତନ ବର୍ଷ ପାଇଁ ସିଆରସିସି ଏବଂ ପୂର୍ବତନ ସି.ଆର.ସି.ଙ୍କୁ ପୁଷ୍ପଗୁଚ୍ଛ ସହିତ ଡାଇରୀ ପ୍ରଦାନ କରି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଓଡ଼ିଆ ସାହିତ୍ୟ ମହୋତ୍ସବରେ ବଲାଙ୍ଗିରର ୨୫ ଜଣିଆ ପ୍ରତିନିଧିଙ୍କ ଯୋଗଦାନ

ବଲାଙ୍ଗିର,(ପିପିଏସ୍) : ଜଗନ୍ନାଥ ଧାମ ପୁରୀର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟରେ ତିନି ଧରି ଓଡିଶା ସାହିତ୍ୟ ମହୋତ୍ସବ ଓ ରାଷ୍ଟ୍ରୀୟ ଯୁବ ସାହିତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଛି । ଏହି ଉତ୍ସବରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର ଶାଖାରୁ ୨୫ ଜଣ ପ୍ରତିନିଧି ଯୋଗଦାନ କରିଥିଲେ । ସେମାନଙ୍କ ମଧ୍ୟରେ ପ୍ରବନ୍ଧ ପାଠରେ ଡ. ଭବାନୀ ଶଙ୍କର ପଟେଲ ଓ କବିତା ପାଠରେ ଚୁମକି ଦାସ, ସବିତା ଭୋଇ, ଗିରିଜା ରଥ, ରଶ୍ମି ପାତ୍ର, ମଦନ ରଥ, ନଳିନୀ ଶତପଥୀ, ସଂଯୁକ୍ତା ମେହେର, ଗୋପୀକୃଷ୍ଣ ପାଣ୍ଡିଆ, ଡା. ଭବାନୀ ଶଙ୍କର ପଟେଲ ଅଂଶ ଗ୍ରହଣ କରିଥିଲେ । ଓଡିଶା ସାହିତ୍ୟ ଏକାଡେମୀ, ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଦୁଇ ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ପ୍ରାନ୍ତ ରୁ କବି ତଥା ସାହିତ୍ୟିକମାନେ ଯୋଗ ଦେଇ ଥିଲେ । ଉଦ୍‌ଘାଟନ ଉତ୍ସବରେ ମାନ୍ୟବର ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଯୋଗ ଦେଇଥିଲେ । ଅତିଥିମାନଙ୍କ ମଧ୍ୟରେ ସଂସ୍କୃତ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଭାତ କୁମାର ମହାପାତ୍ର ଓ ଓଡିଆ ବିଶ୍ୱ ବିଦ୍ୟାଳୟର କୁଳପତି ସତ୍ୟ ନାରାୟଣ ଆଚାର୍ଯ୍ୟ, କେନ୍ଦ୍ର ସାହିତ୍ୟ ଏକାଡେମୀ ର ଉପସଭାପତି ପ୍ରଫେସର କୁମୁଦ ଶର୍ମା, ଓଡିଆ ସାହିତ୍ୟ ପରିଷଦ କେନ୍ଦ୍ରିୟ ମନ୍ତ୍ରୀ ପବନ କୁମାର, ଅଖିଳ ଭାରତୀୟ ପ୍ରାନ୍ତର ସଭାପତି ଅଭୟ କୁମାର ନାୟକ, ସାଧାରଣ ସଂପାଦକ ସନ୍ତୋଷ କୁମାର ମହାପାତ୍ର, ସଂଗଠନ ମନ୍ତ୍ରୀ ନାରାୟଣ ନାୟକ, ସଂପାଦକ ରାମକୃଷ୍ଣ ତ୍ରିପାଠୀ ଯୋଗ ଦେଇଥିଲେ । ଏଥିରେ ବିଭିନ୍ନ କବି ଓ ଲେଖକଙ୍କ ସାହିତ୍ୟ କୃତି ଉପରେ ଆଲୋଚନା ହୋଇଥିଲା । ରାଷ୍ଟ୍ର ବୋଧ ଆଧାରିତ ୧୫୦ ଗୋଟି କବିତା ପଠନ ହେଇଥିଲା । ଯାହା ମାନ୍ୟବର ସଂପାଦକ ପ୍ରକାଶିତ କରିବାକୁ ରାଜି ହୋଇଛନ୍ତି । ବଲାଙ୍ଗିର ପାଟଣାଗଡ ମହିଳା କଲେଜର ଛାତ୍ରୀମାନେ ପ୍ରବଂଧ ରେ ପ୍ରଥମ, ଦ୍ୱିତୀୟ, ତୃତୀୟ ରେ ଯଥାକ୍ରମେ ବର୍ଷା ଭୋଇ ସ୍ମୃତି ସାହୁ, ଜ୍ୟୋତି ସାହୁ ଙ୍କୁ ସମ୍ମାନିତ ହୋଇଥିଲେ । ଏହି ମହୋତ୍ସବ ରେ ସଂପାଦକ ରାମ ଚନ୍ଦ୍ର ପଟେଲ, ରଙ୍କ ମଣି ବାରିକ, ବିଭୁତି ଭୂଷଣ ମିଶ୍ର, ବିରଂଚି ନାରାୟଣ ଦାଶ, ସୁନାଧର ବନଛୋର, ଲକ୍ଷ୍ମଣ ତ୍ରିପାଠୀ, ଦୟାନିଧି ନାଏକ, ଗୋପାଳ ପ୍ରଧାନ, ସତ୍ୟାନନ୍ଦ ବିଶ୍ୱାଳ ଯୋଗ ଦେଇ ସହଯୋଗ କରିଥିଲେ ।

ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

ଝାରସୁଗୁଡ଼ା : ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ସମସ୍ତ ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟାବଳୀ ଓ ସରକାରୀ ଯୋଜନାର ଅଗ୍ରଗତି ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଏଥିସହ ସରକାରୀ ରାଜସ୍ୱ ବୃଦ୍ଧି ଓ ସେବାଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଏହି ସମୀକ୍ଷା ବୈଠକରେ ରାଜସ୍ୱ, ଅବକାରୀ, ଆରଟିଓ, ପଞ୍ଜୀକରଣ କାର୍ଯ୍ୟାଳୟ, ଖଣି ଓ ଜଳକର ବାବଦକୁ ଆଦାୟ ହେଉଥିବା ରାଜସ୍ୱର ସ୍ଥିତି ନେଇ ଆଲୋଚନା କରାଯାଇଥିଲା । ଏହା ବ୍ୟତୀତ କୃଷକ ପଞ୍ଜୀକରଣ, ମ୍ୟୁଟେସନ, ଓଆରଟିପିଏସ ସେବା, ବିଭିନ୍ନ ସାର୍ଟିଫିକେଟ୍ ମାମଲା, ଜବରଦଖଲ ଉଚ୍ଛେଦ ମାମଲା ଏବଂ ପୁରୁଣା ଅଭିଲେଖଗୁଡ଼ିକର ସ୍କାନିଂ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ବୈଠକରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ମଧ୍ୟରେ ଜଙ୍ଗଲ ଜମି ଚିହ୍ନଟ, ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ପଟ୍ଟା ପ୍ରଦାନ, ରାଜ୍ୟ ସରକାରଙ୍କ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନା ପାଇଁ ଉପଯୁକ୍ତ ଜମି ଚିହ୍ନଟ ପ୍ରକ୍ରିୟା ଉପରେ ବିଶେଷ ଆଲୋଚନା ହୋଇଥିଲା । ଏହିସବୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଉପସ୍ଥିତ ସମସ୍ତ ତହସିଲଦାର ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେଙ୍ଗ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ରାଜସ୍ୱ ଅଧିକାରୀ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଜବରଦଖଲ ଉଚ୍ଛେଦ

ଜୟପୁର: କଜୟପୁର ପୌରାଂଚଳର ଲିଙ୍ଗରାଜ ନଗର ଝୁପୁଡି ଲାଇନ ଓ ଖ୍ରୀଷ୍ଟିଆନପେଟା ୪ର୍ଥ ଲାଇନରେ ଜବରଦଖଲ ଉଚ୍ଛେଦ କରିଛି ପ୍ରଶାସନ । ପୌରପାଳିକା ଜାଗାରେ ଜବର ଦଖଲ କରି ୩ଟି ଘର କରିଥିଲେ । ସେହିପରି ଖ୍ରୀଷ୍ଟିଆନପେଟା ୪ର୍ଥ ଗଳି ରେ ପୌର ପାଳିକା ଜାଗାରେ ନବ ର୍ନିମିତି ଘର ନିର୍ମାଣ କରୁଥିବା ବେଳେ ସାହି ବାସିନ୍ଦାଙ୍କ ଅଭିଯୋଗ ପାଇ ପୌର ପାଳିକା ଉଛେଦ କରିଛି । ବାରମ୍ବାର ନୋଟିସ ତାଗିଦ ପରେ ମଧ୍ୟ ସେମାନେ ହଟିନଥିଲେ । ଏନେଇ ଆଜି ଜୟପୁର ପୌର ପାଳିକା ପହଂଚି ଜେସିବି ଦ୍ୱାରା ଉଛେଦ କରିଛି । ଉଚ୍ଛେଦ ସମୟରେ ଅତିରିକ୍ତ ପୌର କାର୍ଯ୍ୟ ନିର୍ବାହି ଅଧିକାରି ପୁଜା ରାଉତ, ପୌର ଯନ୍ତ୍ରୀ ଅଜୟ ଜାନୀ, ଅମିନ ଅଭିନାସ ସାନ୍ତ୍ରାପାତ୍ର, ଶୁଭସ୍ମିତା ଜେନା, ସେନିଟାରି ନିରିକ୍ଷକ ସତ୍ୟ ନାରାୟଣ ପାତ୍ର, ଜମାଦାର ପି ଜଗଦିଶ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

ପାଟଣା ବ୍ଲକ୍‌ରେ ସମ୍ପୂର୍ଣ୍ଣତା ଅଭିଯାନ

ପାଟଣା: ପାଟଣା ବ୍ଲକ ସଭାଗୃହରେ ଆକାଂକ୍ଷା ବ୍ଲକ ଆଧାରିତ ସମ୍ପୂର୍ଣ୍ଣତା ଅଭିଯାନ ୨-୦ କାର୍ଯ୍ୟକ୍ରମ ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଆଖିଳ ଚନ୍ଦ୍ର ନାଏକ ଯୋଗ ଦେଇଥିଲେ । ବିଡ଼ିଓ ମାନସ କୁମାର ଦଣ୍ଡପାଟ କାର୍ଯ୍ୟକ୍ରମ ରେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଅତିଥି ଭାବେ ତହସିଲଦାର ଅଶ୍ୱିନୀ କୁମାର ନାଏକ, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ, ଏଡିଏସଡବ୍ଲୁଓ ସୁଧା ଗୋସ୍ୱାମୀ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ର କାର୍ଯ୍ୟକ୍ରମ ଅଧିକାରୀ ବାସନ୍ତୀ ମହାନ୍ତ, ଭାରପ୍ରାପ୍ତ ଜିପିଡ଼ିଓ ଅଭୟ ଚରଣ ଦେହୁରୀ, ସିଡିପିଓ କଳ୍ପନା ଦୋରା, ପ୍ରମୁଖ ଯୋଗ ଦେଇଥିଲେ ।

ଯୁବ ରେଡ୍‌କ୍ରସ୍ ପରିଚୟ କାର୍ଯ୍ୟକ୍ରମ

ବୌଦ୍ଧ(ପିପିଏସ୍) : ସ୍ଥାନୀୟ ଗନ୍ଧରାଡ଼ୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍‌କ୍ରସର ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଭାତ କୁମାର ଶତପଥି ଅଧ୍ୟକ୍ଷତା କରିଥିବାବେଳେ ସୋନପୁର ରେଡ଼କ୍ରସ୍ ଜିଲ୍ଲା ସଂଯୋଜକ ଶ୍ରୀଯୁକ୍ତ ବିଶ୍ୱନାଥ ମିଶ୍ର ମୁଖ୍ୟଅତିଥି ଓ ଓଡ଼ିଆ ସିନେ ଜଗତର ଯୁବ ଅଭିନେତା ତଥା ନିର୍ଦ୍ଦେଶକ ଚିନ୍ମୟ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ରେଡ଼କ୍ରସ୍ ର ଇତିହାସ, ବ୍ୟାପ୍ତି ଏବଂ ଉଦ୍ଦେଶ୍ୟ ଉପରେ ନବାଗତ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରିଥିଲେ । ଏଥିରେ ଅନୁଷ୍ଠାନର ରେଡ଼କ୍ରସ୍ ପରାମର୍ଶଦାତା ଅଧ୍ୟାପକ କବି ଅଶୋକ କୁମାର ପାଣ୍ଡିଆ ସଭା ସଂଯୋଜନା ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ଲିପାରାଣୀ ପ୍ରଧାନ, ଅଧ୍ୟାପିକା ସୋନାଲି ପ୍ରଧାନ ଏବଂ ଅଧ୍ୟାପକ ଧ୍ରୁବ ଚରଣ ପାଣିଗ୍ରାହୀ ମଞ୍ଚାସୀନ ଥିଲେ । ଶେଷରେ ଅଧ୍ୟାପକ ଲିପୁନ୍ ପ୍ରଧାନ ଧନ୍ୟବାଦ ଦେଇଥିଲେ । ମହତୀ ଶିକ୍ଷାନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

ଫାଇଲେରିଆ ନିରାକରଣ ଅଭିଯାନ

ଝାରସୁଗୁଡ଼ା: ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଫାଇଲେରିଆ (ବାତ ଜ୍ୱର) ରୋଗର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ନେଇ ଏକ ବିଶେଷ 'ଫୋକାଲ୍-ଏମଡିଏ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଏହି ଅଭିଯାନ ମାଧ୍ୟମରେ ବେଲପାହାଡ଼ ସହରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ଜୁରାବଗା ଗ୍ରାମ ଏବଂ ପଂଚପଡ଼ା ସହରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଲେପ୍ରୋସି କଲୋନୀ ଅଂଚଳରେ ସାଧାରଣ ନାଗରିକଙ୍କୁ ଫାଇଲେରିଆ ନିରୋଧୀ ଔଷଧ ସେବନ କରାଯାଉଛି । ଏହି ସ୍ୱେଚ୍ଛାକୃତ ଔଷଧ ସେବନ କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇ ଆସନ୍ତା ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଜାରି ରହିବ । ସ୍ୱାସ୍ଥ୍ୟ ବିଭାଗର ସୂଚନାନୁସାରେ, ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲ୍ଲାର ଏହି ଦୁଇଟି ସମ୍ବେଦନଶୀଳ ଅଂଚଳଗୁଡ଼ିକରେ ଫାଇଲେରିଆ ଜୀବାଣୁର ସଂକ୍ରମଣକୁ ସମ୍ପୂର୍ଣ୍ଣ ରୂପେ ରୋକିବା । ଆଶା କର୍ମୀ, ଏଏନ୍ଏମ୍ ଏବଂ ସ୍ୱାସ୍ଥ୍ୟ ସେବକମାନେ ଘରକୁ ଘର ବୁଲି ନିଜ ସମ୍ମୁଖରେ ନାଗରିକମାନଙ୍କୁ ଏହି ଔଷଧ ସେବନ କରାଉଛନ୍ତି । ଦୁଇ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ଅସୁସ୍ଥ ବ୍ୟକ୍ତିଙ୍କୁ ଛାଡ଼ି ଅନ୍ୟ ସମସ୍ତ ସାଧାରଣ ନାଗରିକଙ୍କୁ ବୟସ ଅନୁସାରେ ଏହି ଔଷଧ ପ୍ରଦାନ କରାଯାଉଛି ।

ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ହିତାଧିକାରୀ ସଚେତନତା ଶିବିର

କେନ୍ଦୁଝର: କେନ୍ଦୁଝର ମୁଣ୍ଡୁଆସ୍ଥିତ ସଂସ୍କୃତିଭବନ ଠାରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ହିତାଧିକାରୀମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ଶିବିରରେ କୌଳିକ ବୃତ୍ତିରେ ପରିବାର ପ୍ରତିପୋଷଣ କରୁଥିବା ବାରିକ, ବଢେଇ, ମୋଚି, କଣ୍ଢେଇ ଖେଳନା, ମାଛ ଜାଲ ବୁଣାଳୀ, ଫୁଲମାଳା ନିର୍ମାତା, ବଣିଆ/ସୁନାରୀ, ହାମର/ଟୁଲକିନ, କମାର, ତାଲା ନିର୍ମାଣ, ରାଜମିସ୍ତ୍ରୀ, ଧାତୁ ପଦାର୍ଥ ନିର୍ମାଣକାରୀ, କୁମ୍ଭାର, ମୂର୍ତ୍ତୀକାର, ଧୋବା, ଅସ୍ତ୍ରଶସ୍ତ୍ର, ବାସ୍କେଟ ନିର୍ମାଣ କରୁଥିବା ୧୧୦ ଜଣ ହିତାଧିକାରୀ ଅଂଶଗ୍ରହଣ କରିଥିଲେ । ଏଥିରେ ଏମଏସ୍ଏମଇ ଡିଏଫଓ, କଟକ ର ସହ ନିର୍ଦ୍ଦେଶକ ସୁବାସ କୁମାର ସାହୁ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ରଖିଥିଲେ । ଭୁବନେଶ୍ୱର ସ୍ଥିତ ପୋଷ୍ଟାଲ ବ୍ୟାଙ୍କର ସର୍କଲ ମୁଖ୍ୟ ସୁଶାନ୍ତ କୁମାର ବେହେରା ବ୍ୟାଙ୍କର ସୁବିଧା ଏବଂ ୩୪ଜଣ ହିତାଧିକାରଙ୍କୁ ମାଗଣାରେ କ୍ୟୁଆର କୋର୍ଡ ପ୍ରଦାନ କରିଥିଲେ । ଏନଏସଡିସିର ପ୍ରବକ୍ତା ଲକ୍ଷ୍ମୀପ୍ରୀୟା ମହାନ୍ତି ହିତାଧିକାରୀମାନଙ୍କ ସାମର୍ଥ୍ୟ ବଢାଇବା ପାଇଁ ବେସିକ ଟ୍ରେନିଂ କିଭଳି ସାହାଯ୍ୟ କରୁଛି ଏବଂ ମିଳୁଥିବା ଷ୍ଟାଇପେଣ୍ଡ ବିଷୟରେ ଉଲ୍ଲେଖ କରିଥିଲେ । ଯେଉଁମାନଙ୍କର କିଛି ଅସୁବିଧା ରହିଛି ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ । ଜିଲ୍ଲା ଶିଳ୍ପ କେନ୍ଦ୍ର, କେନ୍ଦୁଝର ର ସହାୟକ ଅଧିକାରୀ ଶ୍ରୀମତୀ ମଲ୍ଲିକା ମୁର୍ମୁ ପିଏମ ବିଶ୍ୱକର୍ମା ହିତାଧିକାରୀମାନଙ୍କର ଚୟନ ପ୍ରକ୍ରୀୟା ବିଷୟରେ ବକ୍ତବ୍ୟ ରଖିଥିଲେ । ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ସ୍କିମ ର ଡୋମେନ ଏକ୍ସପୋର୍ଟ ଅନୁବ୍ରତ ବେହେରା, ଜ୍ଞାନରଞ୍ଜନ ସାମନ୍ତ ସିଂହାର ସମସ୍ତ ହିତାଧିକାରୀମାନଙ୍କୁ ବ୍ୟାଙ୍କରୁ ଋଣ ନେଇ ଟଙ୍କାର ସଦୁପଯୋଗ କରିବା, ନିଜର ବ୍ୟବସାୟକୁ ବଢାଇବା ପାଇଁ ପରାମର୍ଶ ଦେଇଥିଲେ । ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ଋଣ ବହୁତ କମ ଲୋକଙ୍କୁ ମିଳିଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ ।

ବାଂଶପାଳ ବ୍ଲକ୍ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ଗଠିତ

କେନ୍ଦୁଝର : ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ତରଫରୁ ବିର୍ସା ମୁଣ୍ଡା ହୋ ସମାଜ ମାର୍ଶାଲ ଅକାଳାର ଉପସଭାପତି ଦୁଃଖବନ୍ଧୁ ବାଲମୁଚୁଙ୍କ ସଭାପତିତ୍ୱରେ ବାଂଶପାଳ ବ୍ଲକ୍ କମିଟି ଗଠନ କରାଯାଇଛି । ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ, ହୋ ଭାଷାକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା, କୋଲ କ୍ଲୋହ, ମୁଣ୍ଡା, ହୋ ଜାତିକୁ ସରକାରୀ ସ୍ତରରେ କେବଳ ହୋ ଜନଜାତି ରୂପେ ବିବେଚିତ କରିବା, ୮୦ ଭାଗରୁ ଅଧିକ ହୋ ଜନଜାତି ପଢୁଥିବା ପ୍ରାଥମିକ ବିଦ୍ୟାଳୟରେ ହୋ ଶିକ୍ଷକ ନିଯୁକ୍ତି ଆଦି ଦାବୀ ନେଇ ପଲ୍ଲୀ ଠାରୁ ରାଜ୍ୟ ପର୍ଯ୍ୟନ୍ତ ସରକାରଙ୍କୁ ବିଶାଳ ଗଣଧାରଣା ମାଧ୍ୟମରେ ବିଧାନସଭାର ଲୋୟର ପିଏମଜି ଠାରେ ଆଦିବାସୀ ହୋ ସମାଜ ତରଫରୁ ରଣହୁଙ୍କାର ପାଇଁ ପ୍ରସ୍ତୁତ ରଖି ବ୍ଲକ୍ ସ୍ତରରେ କମିଟି ଗଠନ କରାଯାଇଛି । କମିଟିର ସଭାପତି ସୁକ୍ରା ମୁଣ୍ଡା, ଉପସଭାପତି ଧର୍ମୁ ସିଦୁ, ସାହେବ୍ ବଦରା, କାର୍ଯ୍ୟକାରୀ ସଭାପତି ସଞ୍ଜୟ ତପାନଃ, ସମ୍ପାଦକ ଘାସି ଗାଗରାଇ, ସାଙ୍ଗଠନିକ ସମ୍ପାଦକ ସମାର ସାଏ, କୋଷାଧକ୍ଷ ବିଭୀଷଣ ଶିର୍କା ମନୋନୀତ ହୋଇଛନ୍ତି । କମିଟି ପ୍ରତ୍ୟେକ ସାହି, ପଡାରେ, ଗାଁ, ପଂଚାୟତ, ବ୍ଲକ୍ ମାନଙ୍କରେ ଜନ ସଚେତନତା ସୃଷ୍ଟି କରିବ ବୋଲି ସେମାନେ ସୂଚନା ଦେଇଛନ୍ତି । ବେଟାନାବୁ ଭୁବନେଶ୍ୱର ୨.୦କୁ ଅଧିକ କ୍ରିୟାଶୀଳ କରିବା ପାଇଁ ରାଜ୍ୟ କମିଟିର ଆହ୍ୱାନକୁ ଶତ ପ୍ରତିଶତ କାର୍ଯ୍ୟକ୍ଷମ କରିବ ବୋଲି ନିଷ୍ପତି ନିଆଯାଇଛି । କମିଟି ଗଠନ ପରେ ସଭାରେ ଜିଲ୍ଲା ସାଂଗଠନିକ ସମ୍ପାଦକ ଶିବ ପୂର୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ଖରିଫ ଧାନ ପଞ୍ଜିକରଣ ନୂତନ ନିୟମକୁ ଚାଷୀଙ୍କ ବିରୋଧ ସହ ବିକ୍ଷୋଭ ଓ ଦାବିପତ୍ର

ଜୟପୁର: ଖରିଫ ଧାନ ପଞ୍ଜିକରଣର ନୂତନ ନିୟମକୁ ଚାଷୀମାନେ ବିରୋଧ କରିଛନ୍ତି । ଏନେଇ ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟ ।ଳୟରେ ଘେରାଉ କରି କୃଷକ କଲ୍ୟାଣ ମଞ୍ଚ କୋରାପୁଟ ତରଫରୁ ଦାବିପତ୍ର ପ୍ରଦାନ କରିଛନ୍ତି । ମଞ୍ଚର ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନଙ୍କ ଆହ୍ୱାନରେ ଶହ ଶହ ଚାଷୀ ଧାରଣାରେ ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କୋରାପୁଟ ଜିଲାର ଶହ ଶହ ଚାଷି ଆଜି ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଧାରଣା ପ୍ରଦର୍ଶନରେ ରାଷ୍ଟ୍ରିୟ କିସାନ ମଜଦୁର ମହାସଂଘର ରାଜ୍ୟ ସଭାପତି ସଚିନ ମହାପାତ୍ର, ସହ ସ୍ୱାସ୍ତିକ ସିଇଓ ଉପସ୍ଥିତ ରହିଥିଲେ । ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜମି ପଟାରେ ବାପା ଜେଜେବାପା, ଗୋସେଇଁ ଜେଜେ ବାପା, ଯୌଥ ଜମି ପଟ୍ଟା ଜମି ମାଲିକଙ୍କ ମୃତ୍ୟୁ ହୋଇ ଯାଇଥିବାରୁ ଏବଂ ବହୁ ଚାଷୀଙ୍କ ନିଜ ନାମରେ ଜମି ପଟ୍ଟା ନଥିବାରୁ ବଂଶଧର ମାନେ ଅନ୍ୟତ୍ର ରହୁଥିବାରୁ ଧାନ ବିକ୍ରି ସକାଶେ ପଞ୍ଜିକରଣର ସରଳୀକରଣ କରାଯାଉ, ଏଗ୍ରୀଷ୍ଟେକ୍ ସହିତ ଧାନ ପଞ୍ଜିକରଣ ସଂପୃକ୍ତି କରାନଯାଉ, ଭାଗ ଚାଷୀଙ୍କ କ୍ଷେତ୍ରରେ ଯେଉଁ ନିୟମ କରାଯାଇଛି ତଦ୍ୱାରା ଲକ୍ଷ ଲକ୍ଷ ଚାଷି ପଞ୍ଜିକରଣ କରି ନପାରି ଅଭାବୀ ବିକ୍ରୀର ଶିକାର ହେବେ । ଆଗାମୀ ଦିନରେ ଚାଷୀମାନେ ଜୀବନ ଜୀବିକା ହରାଇବା ସହିତ ଦାଦନ ଯିବାକୁ ବାଧ୍ୟ ହେବେ । ଗତ ବର୍ଷ ପଞ୍ଜିକରଣ ସକାଶେ ଯେଉଁ ନିୟମ ଥିଲା ସେଥିରେ କିଛି ପରିବର୍ତନ କରାଯାଇ ଜମି ମାଲିକଙ୍କ ସହମତିରେ ଭାଗଚାଷୀ ବନ୍ଧକ ଚାଷୀ, ଜମି କ୍ରୟ କରିଥିବା ଚାଷୀଙ୍କୁ ପଞ୍ଜିକରଣ ସୁଯୋଗ ଦିଆଯାଉ, ବର୍ତମାନ ରାଜ୍ୟରେ ବନ୍ୟା ପ୍ରଭାବିତ ହେଉଥିବାରୁ ଅଗଷ୍ଟ ୩୧ ତାରିଖରୁ ସେପଟ୍ଟେମ୍ବର ଶେଷ ସୁଧା ପଞ୍ଜିକରଣର ଅବଧିବୃଦ୍ଧି କରାଯାଉ, ପ୍ରତ୍ୟେକ ରବି ଓ ଖରିଫରେ ପଞ୍ଜିକରଣ କରାନଯାଇ ନିୟମିତ କରାଯାଉ, ଆବଶ୍ୟକତା ସ୍ଥଳେ ପରିବର୍ତନ କରାଯାଉ, ଚଳିତ ବର୍ଷ ରବି ଋତୁରେ ପ୍ରଶାସନିକ ସମସ୍ୟା ଯୋଗୁଁ ଚାଷୀ ପଞ୍ଜିକରଣ କରିପାରି ନଥିଲେ । ବର୍ତମାନ ଯେଉଁ ଚାଷୀ ମାନେ ଚାଷ କରିଛନ୍ତି ସେମାନେ କିପରି ପଞ୍ଜିକରଣ କରି ଏମ.ଏସ.ପି. ଓ ସମୃଦ୍ଧ କୃଷକ ଯୋଜନାର ଲାଭ ପାଇବେ ସରକାର ଯୋଜନା କରନ୍ତୁ ବୋଲି ଉଲ୍ଲେଖ ରହିଛି । ଚାଷୀ ମାନେ ଅଗଷ୍ଟ ୬ରୁ ୩୧ ତାରିଖ ଯାଏ ମଧ୍ୟରେ ପଞ୍ଜିକରଣ ସହିତ ଆବଶ୍ୟକ କାଗଜ ପତ୍ର ଦାଖଲ କରିବେ । ଆଧାର ସଂଯୁକ୍ତ ମୋବାଇଲ ନମ୍ବର, ମୋବାଇଲ ନମ୍ବର ବିକଳ୍ପ ମୋବାଇଲ ନମ୍ବର ଆଧାର କାର୍ଡ, ଜମି ପଟ୍ଟା, ପାସ ବୁକ ଆଦି ଦେବାକୁ ପଡିବ । ଏହି ନିୟମ ଅନୁଯାଇ ଚାଷୀଙ୍କୁ ଏଗ୍ରୀଷ୍ଟକ କୃଷକ ରେଜିଷ୍ଟି ସଂଖ୍ୟା ଆଧାରରେ ପଞ୍ଜିକରଣ କରିବାକୁ ପଡିବ । ଫଳରେ ବହୁ ବର୍ଷ ଧରି ପୈତୃକ ଜମିରେ ଚାଷ କରୁଥିବା ହଜାର ହଜାର ଚାଷୀ ସମସ୍ୟାରେ ପଡିବେ । ଅନେକ କ୍ଷେତ୍ରରେ ଜମି ଏ ପର୍ଯ୍ୟନ୍ତ ମୃତ ଜେଜେ ବାପା କିମ୍ବା ଜେଜେ ମା ଙ୍କ ନାମରେ ରହିଥିବା ବେଳେ ବର୍ତମାନ ତୃତିୟ ପିଢି ସେହି ଜମିରେ ଚାଷ କରୁଛନ୍ତି । ନୂଆ ବ୍ୟବସ୍ଥାରେ ସେମାନେ କିପରି ପଞ୍ଜିକରଣ କରିବେ ତାହାକୁ ନେଇ ପ୍ରଶ୍ନ ଉଠିଛି । ସେହିପରି ଯୁଗ୍ମ ମାଲିକାନାରେ ଥିବା ଜମି ଏବଂ ପରିବାର ମଧ୍ୟରେ ମାଲିକାନା ବିବାଦ ଥିବା ଜମିର ପଞ୍ଜିକରଣ ମଧ୍ୟ ଜଟିଳ ହେବା ଆଶଙ୍କା ରହିଛି । ନୂଆ ନିୟମ ଭାଗ ଚାଷିଙ୍କ ପାଇଁ ମଧ୍ୟ ବଡ ସମସ୍ୟା ସୃଷ୍ଟି କରିଛି । ପୂର୍ବରୁ ଜମି ମାଲିକଙ୍କ ସହମତି ପତ୍ର ଓ ଆଧାର କାର୍ଡ ଆଧାରରେ ପଞ୍ଜିକରଣ କରୁଥିଲେ । କିନ୍ତୁ ଜମି ମାଲିକଙ୍କ ବାୟୋମେଟ୍ରିକ ଯାଂଚ୍ କିମ୍ବା ପ୍ରତ୍ୟକ୍ଷ ଉପସ୍ଥିତିକୁ ବାଧ୍ୟତାମୁଳକ କରାଯାଇ ଥିବାରୁ ଭାଗ ଚାଷିଙ୍କ ପାଇଁ ପଞ୍ଜିକରଣ କରିବା ପ୍ରାୟ ଅସମ୍ଭବ ହୋଇ ପଡିବ ବୋଲି ଚାଷିମାନେ ଅଭିଯୋଗ କରିଛନ୍ତି । ପଞ୍ଜିକରଣ ନିୟମକୁ କୋହଳ କରି ପୁରୁଣା ଗାଇଡ ଲାଇନକୁ ପ୍ରଚଳନ କରିବାକୁ ଦାବି ହୋଇଛି । ସରକାର ଚାଷି ମାରଣ ନୀତି କରୁଥିବା ଅଭିଯୋଗ ହୋଇଛି । ବର୍ତମାନର ଗାଇଡ ଲାଇନରେ ପ୍ରଚଳନ ହେଲେ ଚାଷି ନୟାନ୍ତ ହେବା ସହ ଦଲାଲ ସକ୍ରିୟ ହେବା ସହ ଦାଦନ ବଢିବେ । ନୂତନ ଗାଇଡ ଲାଇନରେ ଚାଷି ପ୍ରଥମେ ନିଜେ ଉପସ୍ଥିତ ରହି କୃଷି ବିଭାଗ କାର୍ଯ୍ୟାଳୟରେ ପଞ୍ଜିକୃତ କରି ସେଠାରୁ ପ୍ରମାଣ ପତ୍ର ନେବାପରେ ଲ୍ୟାମ୍ପସରେ ପଞ୍ଜିକୃତ ହେବ । ଜମିର ମାଲିକ ବାହାରେ ରହୁଥିଲେ ପଞ୍ଜିକୃତ ହେବ ନାହିଁ ସେହି ଜମି ଯଦି ଭାଇ କିମ୍ବା ଭାଗ ଚାଷ କରୁଥିବା ଉତ୍ପାଦିତ ଧାନ ମଣ୍ଡିରେ ବିକ୍ରୟ ହୋଇ ପାରିବ ନାହିଁ । ସେହି ଧାନ ଅଭାବି ବିକ୍ରି ହେବା ସହ ଚାଷି ବାଧ ହୋଇ ସାଗ ମାଛ ଦରରେ ଦଲାଲକୁ ଟେକି ଦେବ । ସରକାର ଏହି ନିୟମ ପ୍ରଚଳନ କଲେ ଚାଷି କମ ରେଜିଷ୍ଟେସନ କରିବେ । ଗତ ରବି ମଣ୍ଡିରେ ବହୁ ଚାଷି ରେଜିଷ୍ଟ୍ରେସନ କରିପାରି ନଥିଲେ । ଫଳରେ କୋରାପୁଟ ଜିଲାର ପାଖା ପାଖି ୫ ହଜାରରୁ ଊର୍ଦ୍ଧ୍ୱ ଚାଷି ନିଜ ଧାନ ବିକ୍ରି କରିପାରି ନଥିଲେ । ଏମିତିକି ଜିଲାପାଳଙ୍କ କାର୍ଯ୍ୟ ।ଳୟ ଘେରାଉ କରିବା ପରେ ମଧ ଚାଷି ନ୍ୟାୟ ପାଇ ନଥିଲେ । ଏହି ଦାବି ପତ୍ରର ନକଲ ଉପ ଜିଲାପାଳ, ଜୟପୁର, କୋରାପୁଟ, ଜିଲା ମୁଖ୍ୟ ଯୋଗାଣ ଅଧିକାରି, ଡିଆରସିଏସ, ସିଡିଏଓ , ସମ୍ପାଦକ ଆରଏମସିଙ୍କୁ ପ୍ରଦାନ କରାଯାଇଛି । ଏଠାରେ ଅନ୍ୟ ମାନଙ୍କ ମଧ୍ୟରେ ଚାଷି କେ. ଶ୍ରୀନିବାସ ରାଓ, ଗଦାଧର ଷଡଙ୍ଗୀ, ମନୋଜ ପାତ୍ର, ନରେନ୍ଦ୍ର ନାୟକ, ସଞ୍ଜୟ ବେହେରା, ରତ୍ନାକର ନାରାଜି, ସନ୍ତୋଷ କୁମାର ସାଲୁଜା ପ୍ରମୁଖ ଉପସ୍ଥିତ ଥିଲେ ।

ଭାଷା, ସାହିତ୍ୟ ଓ ସାଂସ୍କୃତିକ ପରିଷଦର ନୂତନ କର୍ମକର୍ତ୍ତା ଚୟନ

ଦାରିଙ୍ଗବାଡ଼ି, : କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଜାଗୃତି ସଭାଗୃହଠାରେ 'ହିମକନ୍ୟା' ଭାଷା, ସାହିତ୍ୟ ଓ ସାଂସ୍କୃତିକ ପରିଷଦର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି । ଏହି ପରିଷଦର ସଭାପତି ଭାବେ ପତିତପାବନ ରାଉତ ଏବଂ ସମ୍ପାଦକ ଭାବେ ପ୍ରଶାନ୍ତ ସାହୁଙ୍କୁ ଚୟନ କରାଯାଇଛି । ସେହିପରି ଉପସଭାନେତ୍ରୀ ଭାବେ ଅଧ୍ୟାପିକା ସସ୍ମିତା ସାମନ୍ତ, ସହସମ୍ପାଦିକା ଭାବେ ବବଲୀନ ନାୟକ, କୋଷାଧକ୍ଷ କେଶବ ଡାକୁଆ, ଆଇନ ପରାମର୍ଶଦାତା ଭାବେ ବରିଷ୍ଠ ଓକିଲ ଉମେଶ କର, ମୁଖ୍ୟ ଉପଦେଷ୍ଟା ଭାବେ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ, ଭୀମରାଓ ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡଃ ପ୍ରତାପ କୁମାର ବେହେରା, ବିପିସି ଜଗନ୍ନାଥ ରଥଙ୍କୁ ଚୟନ କରାଯାଇଛି । ସେହିପରି ସକ୍ରିୟ ସଦସ୍ୟା ସଦସ୍ୟ ଭାବେ ସରକାରୀ ଆଇଟିଆଇର ଶିକ୍ଷକ ଭୂପେନ ପୃଷ୍ଟେ?, ଶିକ୍ଷୟିତ୍ରୀ ଅନୁଭୂତି ବକ, ନକ୍ଷତ୍ରମାଳା ସାହୁ, ରୂପେଶ ତ୍ରିପାଠୀ, ଆଶିଷ କୁମାର ନାୟକ, ସରୋଜିନୀ ଦାସ, ରଞ୍ଜିତ ମିଶ୍ର,

ଆଶାରାଣୀ ମିଶ୍ର, ରିପ୍ତିମୟୀ ସାହୁ, ରଶ୍ମିତା ଶତପଥୀ, ଏବଂ ଉପଦେଷ୍ଟା ମଣ୍ଡଳୀରେ ରମେଶ ଚନ୍ଦ୍ର ସାହୁ, ମୁକୁନ୍ଦ ବଳିୟାର ସିଂ, ପ୍ରଫୁଲ ବଡ଼ଜେନା, ରଶ୍ମିତା ନନ୍ଦ, ମନସ୍ୱିନୀ ତ୍ରିପାଠୀ, ବିନିତା ପଡ୍ରାଙ୍କୁ ଚୟନ କରାଯାଇଛି । କାର୍ଯ୍ୟକ୍ରମକୁ ସମ୍ପାଦକ ପ୍ରଶାନ୍ତ ସାହୁ ପରିଚାଳନା କରିଥିଲେ । କର୍ମକର୍ତ୍ତା ଚୟନ ପରେ ସମସ୍ତେ ଭାଷା, ସାହିତ୍ୟ ଓ ପାରମ୍ପରିକ ସଂସ୍କୃତିକୁ କିଭଳି ବଞ୍ଚାଇ ରଖିବେ ଓ ଆଗାମୀ ଦିନରେ ଏହି ପରିଷଦ ମାଧ୍ୟମରେ ଦାରିଙ୍ଗବାଡ଼ିର ଶୀତ ମହୋତ୍ସବ ହେଉ କି ଜାତୀୟ ଦିବସ ପାଳନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରିବ ବୋଲି ଜଣାପଡ଼ିଛି ।

ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପ୍ରତିଯୋଗିତା

ଭୁବନେଶ୍ୱର(ପିପିଏସ୍): ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀଙ୍କ ପାଇଁ ବାର୍ଷିକ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପ୍ରତିଯୋଗିତା ହେବାକୁ ଯାଉଛି। ଏହି ପ୍ରତିଯୋଗିତା ଆସନ୍ତା ୧୬ ଅଗଷ୍ଟରେ ଭାରତୀୟ ବିଦ୍ୟା ଭବନରଠାରେ ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କ ଯୋଗ ଦେବାକୁ ଆହ୍ୱାନ କରାଯାଇଛି। ଯୁବପିଢ଼ି ମଧ୍ୟରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ ପ୍ରତି ଆଗ୍ରହ ବୃଦ୍ଧି କରିବା ଏବଂ ସଙ୍ଗୀତ ପ୍ରତିଭାର ବିକାଶ କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ। ପ୍ରତିଯୋଗିତାର ବିଚାରକ ଭାବେ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଓ କଣ୍ଠଶିଳ୍ପୀମାନେ ଯୋଗଦେବେ। ଏହି ମଞ୍ଚ ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜର ସଙ୍ଗୀତ ପ୍ରତିଭା ଓ ପରିବେଷଣ କୌଶଳ ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ପ୍ରତିଯୋଗିତାର ପ୍ରଥମ ପୁରସ୍କାର ୧୨ ହଜାର ୫ ଶହ ଟଙ୍କା, ଦ୍ୱିତୀୟ ପୁରସ୍କାର ୭ହଜାର ୫ ଶହ ଟଙ୍କା ଏବଂ ତୃତୀୟ ପୁରସ୍କାର ୫ ହଜାର ଟଙ୍କା ରହିଛି। ଏଥିସହ ୫ଟି 'ପୋଟେନ୍ସିଆଲିଟି ପୁରସ୍କାର' ପାଇଁ ପ୍ରତ୍ୟେକଙ୍କୁ ୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ।

ଜେଡି ସେଣ୍ଟର ଅଫ ଆର୍ଟର 'ମିଟ୍ ଦ ଆର୍ଟିଷ୍ଟ'

ଭୁବନେଶ୍ୱର(ପିପିଏସ୍): ଜେଡ଼ି ସେଣ୍ଟର ଅଫ ଆର୍ଟ ଭୁବନେଶ୍ୱର ୨୯୩ ତମ 'ମିଟ୍ ଦି ଆର୍ଟିଷ୍ଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମକାଳୀନ ଶିଳ୍ପୀ ଶିକ୍ଷାବିତ, ଗବେଷକ ଓ ପ୍ରଫେସର ଡଃ ରଞ୍ଜନ କୁମାର ମଲ୍ଲିକ ଯୋଗଦେଇ 'କ୍ୟାନଭାସର ପରେ: ଏକ ସୃଜନଶୀଳ,ସାଂସ୍କୃତିକ ଓ ଦାୟିତ୍ୱଶୀଳ ଭବିଷ୍ୟତ ପାଇଁ କଳା ଶିକ୍ଷାର ପୁନଃକଳ୍ପନା' ବିଷୟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଚିତ୍ରଶିଳ୍ପୀ ଓ ଓଡ଼ିଶା ଲଳିତକଳା ଏକାଡେମୀର ପୂର୍ବତନ ସଭାପତି କଳା ଗବେଷକ ସର୍ଗତଃ ଜଗଦୀଶ ଚନ୍ଦ୍ର କାନୁନ×ଗୋଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜେଡ଼ିସିଏ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଓ ଦୁଇ ମିନିଟ×ର ନୀରବ ପ୍ରାର୍ଥନା କରାଯାଇ ସ୍ମୃତିଚାରଣ କରାଯାଇଥିଲା। ଜେଡିସିଏ ତରଫରୁ ଟ୍ରଷ୍ଟି ରାମହରି ଜେନା ଅତିଥିଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତି ଓ କଳାକାର ଉପସ୍ଥିତ ରହିଥିଲେ। ଜେଡିସିଏ ତରଫରୁ ପ୍ରସନ୍ନ କୁମାର ପଣ୍ଡା, ବିଶ୍ୱଜିତ ରାଉତ, ବିକାଶ କୁମାର ଡାକୁଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ପିକକ୍ ପକ୍ଷରୁ ୨ହଜାର ଚାରାରୋପଣ

ଭୁବନେଶ୍ୱର(ପିପିଏସ୍): ପରିବେଶ ସୁରକ୍ଷାକୁ ପ୍ରୋତ୍ସାହନ ଦେବା, ସମୁଦାୟର ଅଂଶଗ୍ରହଣକୁ ସୁଦୃଢ଼ କରିବା ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ମୁକାବିଲା କରିବା ଉଦ୍ଦେଶ୍ୟରେ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା, ବୋଲଗଡ଼ ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଞ୍ଚଳରେ ଜୁଲାଇ ୩୧ ତାରିଖଠାରୁ ଏକ ବ୍ୟାପକ ବୃକ୍ଷରୋପଣ ଅଭିଯାନ ଆରମ୍ଭ ହୋଇଛି। ଇକୋସେଭର୍ସ ୟୁଥ୍ ନେଟୱାର୍କ ସଦସ୍ୟଙ୍କ ସମେତ ସ୍ଥାନୀୟ ମହିଳା, କିଶୋର, କଶୋରୀଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ପ୍ରାୟ ୨ହଜାର ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, ଇକୋସେଭର୍ସ ସଦସ୍ୟ ଅଙ୍କିତା ଦାସ, ଶେଷଦେବ ନାୟକ, ପ୍ରିୟଙ୍କା ସାହୁ ପ୍ରମୁଖ ଯୋଗଦେଇଥିଲେ।

ରାଜ୍ୟ ଗ୍ରନ୍ଥାଗାରରେ ଜାତୀୟ ଗ୍ରନ୍ଥାଗାରିକ ଦିବସ

ଭୁବନେଶ୍ୱର(ପିପିଏସ୍): ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ବୁଧବାର ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ ହୋଇଯାଇଛି। ଜାତୀୟ ଗ୍ରନ୍ଥାଗାରିକ ଦିବସ ଅବସରରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ସମସ୍ତ କର୍ମଚାରୀମାନେ ଗ୍ରନ୍ଥାଗାର ବିଜ୍ଞାନର ଜନକ ପଦ୍ମଶ୍ରୀ ଏସଆର ରଙ୍ଗନାଥନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ସ୍ମିତା ମହାନ୍ତି ଓ ଅର୍ଥ ପରାମର୍ଶ ଦାତା ତଥା ଯୁଗ୍ମ ଶାସନ ସଚିବ ପ୍ରମୋଦ କୁମାର ମଣ୍ଡଳ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ଅତିଥିମାନେ ପାଠାଗାର ବିଜ୍ଞାନକୁ ଋଦ୍ଧିମନ୍ତ କରିବା ଦିଗରେ ପଦ୍ମଶ୍ରୀ ଏସ ଆର ରଙ୍ଗନାଥନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପାଠାଗାରର ବିଶେଷତା ଓ ଗ୍ରନ୍ଥାଗାରିକମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିବା ସହ ଆଜିର କୃତ୍ରିମ ବୁଦ୍ଧିମତା ଓ ଡିଜିଟାଲ ଜଗତରେ ପୁସ୍ତକ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ବିଭିନ୍ନ ପୁସ୍ତକ, ଉପନ୍ୟାସ ଓ ପତ୍ରିକା ପଠନର ଅଭ୍ୟାସକୁ ଯେପରି ଯୁବପିଢ଼ିଙ୍କ ମଧ୍ୟରେ ଆଦୃତ କରାଯାଇପାରିବେ ସେ ସମ୍ବନ୍ଧରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ସମସ୍ତ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରନ୍ଥାଧ୍ୟକ୍ଷ ରୁଦ୍ର ପ୍ରସାଦ ବେହେରା କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

ସମ୍ ନର୍ସିଂ କଲେଜରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ

ଭୁବନେଶ୍ୱର(ପିପିଏସ୍): ବିଶ୍ୱ ସ୍ତନ୍ୟପାନ ସପ୍ତାହ ୨୦୨୬ ପରିପ୍ରେକ୍ଷୀରେ ସୋଆ ପରିଚାଳିତ ସମ୍ ନର୍ସିଂ କଲେଜ କ୍ୟାମ୍ପସ-୨ ପକ୍ଷରୁ ଅଗଷ୍ଟ ଦୁଇଦିନିଆ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଏନ୍‌ସି-କ୍ୟାମ୍ପସ୍୨ର ଡିନ୍ ଡାକ୍ତର ଅନୁରାଧା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷର ବାର୍ତ୍ତା ରହିଥିଲା 'ସ୍ତନ୍ୟପାନ ଦ୍ୱାରା ଜୀବନରେ ସୁସ୍ଥ ଓ ସ୍ଥାୟୀ ଆରମ୍ଭ: ଯାହା କାର୍ଯ୍ୟକାରୀ, ତାହାକୁ ସୁଦୃଢ଼ କରିବା।'କାର୍ଯ୍ୟକ୍ରମରେ ସୋଆର ଉପଦେଷ୍ଟା ଓ ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡ. ଅରକ୍ଷିତ ସ୍ୱାଇଁ ଯୋଗଦେଇ ସ୍ତନ୍ୟପାନର ଗୁରୁତ୍ୱ ଏବଂ ମାଆ ଓ ଶିଶୁଙ୍କ ପାଇଁ ଆବଶ୍ୟକୀୟ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ନେଇ ଆୟୋଜିତ କର୍ମଶାଳାରେ ତନୁସ୍ମିତା ଦାସ, ତୀର୍ଥସ୍ୱଦ ରାଉତ, ସୁଚିସ୍ମିତା ମହାନ୍ତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିପରି କ୍ୟାମ୍ପସ-୨ରେ ଗର୍ଭବତୀ ଓ ପ୍ରସବୋତର ମାଆ ଏବଂ ସେମାନଙ୍କ ପରିବାରବର୍ଗଙ୍କ ନିମନ୍ତେ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମରେ ସ୍ତନ୍ୟପାନର ଉପକାରିତା ସହିତ ମା'ମାନଙ୍କୁ ପରିବାରର ସହଯୋଗ ଯୋଗାଇ ଦେବାର ଗୁରୁତ୍ୱ ଉପରେ ଆଲୋଚନା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ତନ୍ୟପାନ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ସରଳା ଦେବୀଙ୍କ ଜୟନ୍ତୀ ଉତ୍ସବ ଉପଲକ୍ଷେ ଆଲୋଚନାଚକ୍ର

ଭୁବନେଶ୍ୱର(ପିପିଏସ୍): ସଂସ୍କୃତି ବିଭାଗ ଏବଂ ସରଳା ଦେବୀ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ଜୟଦେବ ଭବନରେ ସ୍ୱାଧୀନତା ସଂଗ୍ରାମୀ ମାଆ ସରଳା ଦେବୀଙ୍କ ୧୨୩ତମ ଜୟନ୍ତୀ ଉତ୍ସବ ଉପଲକ୍ଷେ ଆୟୋଜିତ 'ଓଡ଼ିଶାର ରାଜନୀତିରେ ମହିଳାମାନଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ସମୀକ୍ଷକ ପ୍ରଫେସର ପୂର୍ଣ୍ଣ ମଲ୍ଲିକ, ଡ. ବାସନ୍ତୀ ମହାନ୍ତି, ଡା. ରାଧାନାଥ ପ୍ରହରାଜ, ଆଶୁତୋଷ ସାମନ୍ତସିଂହାର, ଶଶିପ୍ରଭା ବିନ୍ଧାଣି, ଗୁରୁକଲ୍ୟାଣ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସରଳାଦେବୀଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବିଘ୍ନେଶ୍ୱର ସାହୁ ସଂଯୋଜନା କରିଥିଲେ।

ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ବାଲିଅନ୍ତା ଥାନା ଘେରାଉ

ଭୁବନେଶ୍ୱର(ପିପିଏସ୍): ପୁଣି ବାଲିଅନ୍ତାରେ ଦେଖାଦେଇଛି ଉତ୍ତେଜନା। ବାଲିଅନ୍ତା ଥାନା ଅଧୀନ ସୁଧଷଡ଼ଙ୍ଗୀ ଗ୍ରାମର ୫୦ ବର୍ଷୀୟ ଲକ୍ଷ୍ମୀଧର ସାଇଁ ନାମକ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଜଡ଼ିତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀ ଏଭଳି ଆନ୍ଦୋଳନ କରିଛନ୍ତି। ଗତ ୪ ତାରିଖ ସନ୍ଧ୍ୟାରେ ବ୍ରାହ୍ମଣଷଡ଼ଙ୍ଗୀ କୋଠଘର ନିକଟରର ସୁଧଷଡ଼ଙ୍ଗୀ ଗ୍ରାମର ଲକ୍ଷ୍ମୀଧର ରାତି ସାଢେ ୮ଟା ବେଳେ ବ୍ରାହ୍ମଣ ଷଡ଼ଙ୍ଗୀ ବଜାରକୁ ପରିବାପତ୍ର କିଣିବାକୁ ଯାଉଥିଲେ। ସେହି ସମୟରେ ବ୍ରାହ୍ମଣଷଡ଼ଙ୍ଗୀ ଗ୍ରାମର ୪/୫ ଜଣ ଯୁବକ ଭୋଜି କରିବା ପାଇଁ ସ୍କୁଲ୍ ଘର ତାଲା ଭାଙ୍ଗୁଥିଲେ। ତାଲା କାହିଁକି ଭାଙ୍ଗୁଛ କହିବାରୁ ଯୁବକମାନେ ତାଙ୍କୁ ଲୁହାଛଡ଼ରେ ଆକ୍ରମଣ କରିଥିଲେ। ଫଳରେ ଲକ୍ଷ୍ମୀଧର ଲହୁଲୁହାଣ ହୋଇପଡିଥିଲେ। ଫଳରେ ଘଟଣାସ୍ଥଳରେ ଲକ୍ଷ୍ମୀଧରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏବେ ସେ ସମ୍ ହସ୍ପିଟାଲରେ କୋମା ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଅପରପକ୍ଷରେ ଘଟଣାକୁ ୪ ଦିନ ବିତି ଯାଇଥିବା ବେଳେ ଆକ୍ରମଣକାରୀମାନେ ଖୋଲାମେଲାରେ ବୁଲୁଥିବା ଅଭିଯୋଗ ହେଉଛି। ଏପରିକି ପୁଲିସ ଏଯାଏ କାହାକୁ ଗିରଫ କରିପାରି ନାହିଁ। ଏହାର ପ୍ରତିବାଦରେ ବୁଧବାର ବହୁ ସଂଖ୍ୟାରେ ଗ୍ରାମବାସୀ ଥାନା ଘେରାଉ କରିଛନ୍ତି। ସରକାରଙ୍କ ତରଫରୁ ମିଳିଥିବା ସ୍ୱାସ୍ଥ୍ୟ କାର୍ଡର ଅର୍ଥ ସରିଯିବା ହେତୁ ଚିକିତ୍ସାରେ ଅବହେଳା ହେଉଥିବା ଅଭିଯୋଗ କରିବା ସହ ୫ ଜଣ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ବାଲିଅନ୍ତା ଥାନା ଘେରାଉ କରିଥିଲେ ସ୍ଥାନୀୟ ଲୋକେ। ସଙ୍ଗେ ସଙ୍ଗେ ଜୋନ୍ ଏସିପି ଅଭିମନ୍ୟୁ ନାୟକ, ଆଡ଼ିସନାଲ ଡିସିପି ମାନସ ଗଡ଼ନାୟକ, ସୁବର୍ଣ୍ଣ ହେମ୍ବ୍ରମ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଅପରାଧୀଙ୍କୁ ଖୁବଶୀଘ୍ର ଧରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ପ୍ରକୃତ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ରଶ୍ମିତା ବେହେରା କହିଛନ୍ତି।

ଜଳିଗଲା କୋରିଅର ସଂସ୍ଥା, ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ



ଭୁବନେଶ୍ୱର (ପିପିଏସ୍): ରାଜଧାନୀରେ ପୁଣି ଏକ ଅଗ୍ନିକାଣ୍ଡ ଘଟିଛି। କୋରିଅର ସଂସ୍ଥାରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳି ପୋଡ଼ି ପାଉଁଶ ହୋଇଯାଇଛି। ନୂଆପଲ୍ଲୀ ଆଇଆରସି ଭିଲେଜରେ ଥିବା ଅଞ୍ଜନୀ କୋରିଅର ସଂସ୍ଥାରେ ଏଭଳି ଘଟଣା ଘଟିଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ଆଇଆରସି ଭିଲେଜ ଏନ୍/୬ - ୪୪୫ରେ ଅଞ୍ଜନୀ କୋରିଅର ସଂସ୍ଥା ରହିଛି। ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ହୋଇଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଏଠାକୁ କୋରିଅର ଆସୁଥିବା ବେଳେ ଏଠାରୁ ରାଜ୍ୟ ତଥା ରାଜ୍ୟ ବାହାରକୁ ପାର୍ସଲ ପଠାଯାଏ। ସବୁଦିନ ଭଳି ମଙ୍ଗଳବାର ରାତିରେ ମଧ କର୍ମଚାରୀମାନେ ଖାଇପିଇ ଶୋଇଥିଲେ। ଭୋର ପ୍ରାୟ ୪ଟା ବେଳକୁ ହଠାତ୍ କୋରିଅର ସାମଗ୍ରୀ ଥିବା ହଲ୍ ଭିତରୁ ଧୂଆଁ ବାହାରିଥିଲା। ଧୀରେ ଧୀରେ କର୍ମଚାରୀ ଶୋଇଥିବା ଘରକୁ ଧୂଆଁ ବ୍ୟାପିବାରୁ ସେମାନେ ନିଦରୁ ଉଠି ପଡ଼ିଥିଲେ। ସେତେବେଳକୁ କୋରିଅର ଥିବା ହଲରେ ନିଆଁ ହୁତୁହୁତୁ ହୋଇ ଜଳୁଥିଲା। କର୍ମଚାରୀମାନେ ନିଜ ଜୀବନ ବଞ୍ଚାଇବାକୁ ଶିଡ଼ି ଘର ବାହାରକୁ ପଳାଇ ଆସିଥିଲେ। ଡାକ ପଠାଇବାରୁ ସ୍ଥାନୀୟ ଲୋକମାନେ ଧାଇଁ ଆସି ନିଆଁ ଲିଭାଇବାରେ ସହଯୋଗ କରିଥିଲେ। ପାର୍ସଲ ଭଳି ଦହନଶୀଳ ସାମଗ୍ରୀ ଥିବାରୁ ଅଳ୍ପ ସମୟରେ ଅଧିକ ସାମଗ୍ରୀ ପୋଡ଼ି ଯାଇଥିଲା। ଖବରପାଇ ତମାଣ୍ଡୋ ଓ ସଚିବାଳୟ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ୨ଟି ୟୁନିଟର ୧୮ ଜଣ କର୍ମଚାରୀ ଓ ୩ଟି ଦମକଳ ଗାଡ଼ି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ପ୍ରାୟ ଦେଢ଼ ଘଣ୍ଟାର ଅପରେସନ ପରେ ନିଆଁ ଆୟତ୍ତକୁ ଆସିଥିଲା। ହେଲେ ସେତେବେଳକୁ ଲକ୍ଷାଧିକ ଟଙ୍କାର ଔଷଧ ଓ କୋରିଅର ସାମଗ୍ରୀ ଜଳି ପୋଡ଼ି ପାଉଁଶ ହୋଇ ଯାଇଥିଲା।

ପରବର୍ତ୍ତୀ ପିଢି ଏଆଇ ଉପକରଣ ଉପରେ ହାଇବ୍ରିଡ୍ କର୍ମଶାଳା

ଭୁବନେଶ୍ୱର (ପିପିଏସ୍): ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱର 'ଗବେଷଣା, ଶିକ୍ଷାଦାନ, ଉତ୍ପାଦକତା, ଡାଟା ଆନାଲିଟିକ୍ସ ଏବଂ ବୁଦ୍ଧିମାନ ସ୍ୱୟଂଚାଳିତକରଣ ପାଇଁ ପରବର୍ତ୍ତୀ ପିଢ଼ିର ଏଆଇ ଉପକରଣ' ଉପରେ ଏକ ୬ ଦିନିଆ ହାଇବ୍ରିଡ୍ କର୍ମଶାଳା ଉଦ୍‌ଯାପିତ ହୋଇଛି। ଏହି କର୍ମଶାଳାରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନର ପ୍ରତିନିଧିତ୍ୱ କରୁଥିବା ୧୦୦ରୁ ଅଧିକ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ। ଏହି କର୍ମଶାଳା ଉଦୀୟମାନ କୃତ୍ରିମ ବୁଦ୍ଧିମତ୍ତା ଉପକରଣ ଏବଂ ଶୈକ୍ଷିକ ଗବେଷଣା, ଶିକ୍ଷାଦାନ ଏବଂ ଶିକ୍ଷଣ, ଉତ୍ପାଦକତା ବୃଦ୍ଧି, ଡାଟା ଆନାଲିଟିକ୍ସ ଏବଂ ବୁଦ୍ଧିମାନ ସ୍ୱୟଂଚାଳିତକରଣରେ ସେମାନଙ୍କର ବ୍ୟବହାରିକ ପ୍ରୟୋଗ ସହିତ ଅଂଶଗ୍ରହଣକାରୀମାନଙ୍କୁ ପରିଚିତ କରାଇବା ପାଇଁ ଡିଜାଇନ୍ କରାଯାଇଥିଲା। ଆଇଆଇଏମଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଡ. ଜୟଦେବ କରଙ୍କ ଶେଷ ଅଭିଭାଷଣ ସହିତ ଶେଷ ଅଧିବେଶନ ଆରମ୍ଭ ହୋଇଥିଲା। ସେ ଏଆଇ ସାକ୍ଷରତାର ବର୍ଦ୍ଧିତ ଗୁରୁତ୍ୱ ଏବଂ ଉଚ୍ଚ ଶିକ୍ଷାରେ ଉଦୀୟମାନ ପ୍ରଯୁକ୍ତିବିଦ୍ୟାର ଦାୟିତ୍ୱପୂର୍ଣ୍ଣ ଗ୍ରହଣ ଉପରେ ଆଲୋକପାତ କରିଥିଲେ। ଏହା ପରେ ଅଧକ୍ଷତା ଭାଷଣ ଦେଇଥିଲେ ଆଇଆଇଏମଟି ଭୁବନେଶ୍ୱରର ଅଧକ୍ଷ ପ୍ରଫେସର ଡ. ଶ୍ରୀକାନ୍ତ ପଟ୍ଟନାୟକ। ସେ ପ୍ରତିନିଧିମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ। ଆଇଆଇଏମଟିର ନିର୍ଦ୍ଦେଶକ ଏବଂ ଅଧକ୍ଷ କାର୍ଯ୍ୟଶାଳାରେ ରିସୋର୍ସ ପର୍ସନମାନଙ୍କୁ ସେମାନଙ୍କର ଅବଦାନ ପାଇଁ ସମ୍ମାନିତ କରିଥିଲେ।

ଆଲୁମିନିୟମ ପ୍ଲେଟ ଚୋରି; ଦୁଇ ଗିରଫ

ଭୁବନେଶ୍ୱର (ପିପିଏସ୍): ଇନଫୋଭ୍ୟାଲି ମଦନପୁର ଅଞ୍ଚଳରେ ଥିବା ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟରୁ ଲକ୍ଷାଧିକ ଟଙ୍କାର ଆଲୁମିନିୟମ ସଟରିଂ ପ୍ଲେଟ ଚୋରି ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ଦୁଇ ଜଣ ହେଲେ ଇନଫୋଭ୍ୟାଲି ଥାନା ଅରିଶଳ, ହରେକୃଷ୍ଣପୁର ଗ୍ରାମର ଶିବ ପ୍ରସାଦ ମହାରଣା ଓ ଚନ୍ଦନ ପାଟ୍ଟଶାଣୀ। ଅଭିଯୁକ୍ତମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିବା ସହ ଆଜି ଅଦାଲତ ଚାଲାଣ କରିଛି ପୁଲିସ। ପୁଲିସ ସୂଚନା ଅନୁସାରେ ଅଭିଯୋଗକାରୀ ମଳୟ ନାଏକ ବରମୁଣ୍ଡା ଏଚଆଇଜି କଲୋନୀରେ ରହୁଥିବା ବେଳେ, 'ରାୟ ଇନଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ କମ୍ପାନୀ' ରେ ଓଏସଡି ଭାବେ କାର୍ଯ୍ୟ କରୁଛନ୍ତି। ଗତ ଜୁଲାଇ ୫ ତାରିଖ ମଧ୍ୟରାତ୍ରି ସମୟରେ, କିଛି ଦୁର୍ବୃତ୍ତ ମଦନପୁରସ୍ଥିତ 'ଡିଏନ୍ ଫେୟାରଟେଲ୍ ଏକ୍ସଟେନସନ୍' ପ୍ରୋଜେକ୍ଟ ସାଇଟ ପରିସରରେ ପଶିଥିଲେ। ସେମାନେ ପ୍ରକଳ୍ପ କୋଠାର ପଚ୍ଛପଟୁ ୨୦ତମ ମହଲାକୁ ଚଢ଼ି ସେଠାରେ ଥିବା ନିର୍ମାଣ କାମରେ ବ୍ୟବହୃତ ୪୫ଟି ଆଲୁମିନିୟମ୍ ୱାଲ୍/ଶଟରିଂ ପ୍ୟାନେଲ୍ ଚୋରି କରି ନେଇଯାଇଥିଲେ। ଚୋରି ହୋଇଥିବା ସାମଗ୍ରୀର ମୋଟ ମୂଲ୍ୟ ପ୍ରାୟ ୫ ଲକ୍ଷ ୬୫ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଘଟଣା ବିଷୟରେ ଜଣାପଡ଼ିବା ପରେ ମଳୟ ଷ୍ଟୋର୍ ଏକ୍‌ଜିକ୍ୟୁଟିଭ୍ ଓ ଅନ୍ୟ ପ୍ରକଳ୍ପ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଥିଲେ। ଏନେଇ ସେ ଇନ୍‌ଫୋଭ୍ୟାଲି ଥାନାରେ ଏକ ଚୋରି ଅଭିଯୋଗ କରିଥିଲେ । ପୁଲିସ ଘଟଣାର ତଦନ୍ତ କରି ଆଜି ଦୁଇ ଜଣ ଚୋରଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିବା ସହ ଅଦାଲତ ଚାଲାଣ କରିଛି।

ଗୁରୁ ଭାଗୀରଥୀ ମହାପାତ୍ରଙ୍କୁ ଗୁରୁଶ୍ରୀ ସମ୍ମାନ

ଭୁବନେଶ୍ୱର (ପିପିଏସ୍): ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ ୧୫ତମ 'ଗୁରୁଶ୍ରୀ ସମ୍ମାନ-୨୦୨୬' ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଉତ୍ସବର ମୁଖ୍ୟ ଆକର୍ଷଣ ଗୋଟିପୁଅ ନୃତ୍ୟ ଗୁରୁ ଭାଗୀରଥୀ ମହାପାତ୍ର ରହିଥିଲେ। ତାଙ୍କର ଦୀର୍ଘ କଳାସାଧନା ଏବଂ ଗୋଟିପୁଅ ଓ ଓଡ଼ିଶୀ ନୃତ୍ୟ ପରମ୍ପରା ପ୍ରତି ଅବଦାନକୁ ସମ୍ମାନ ଜଣାଇ ତାଙ୍କୁ ସମ୍ମାନଜନକ 'ଗୁରୁଶ୍ରୀ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ପ୍ରଥମ ଅଧିବେଶନରେ ରୋଟାରୀର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର, ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା, ଗୁରୁ ନିରଞ୍ଜନ ରାଉତ, ଗୁରୁ ବ୍ରଜ କିଶୋର ମଲ୍ଲିକ, ସମାଜସେବୀ ତଥା ଏମ୍‌ଡି ବିରଞ୍ଚି ନାରାୟଣ ମିଶ୍ର ଏବଂ 'କନ୍ୟା ଅନନ୍ୟା'ର ପ୍ରତିଷ୍ଠାତା ସରୋଜ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜକ ଓ ଓଡ଼ିଶୀ ଗବେଷକ ଭାବେ କାର୍ଯ୍ୟକ୍ରମ ସହ ସମ୍ପୃକ୍ତ ଥିଲେ। ଉତ୍ସବର ପ୍ରମୁଖ ଆକର୍ଷଣ ଥିଲା ପ୍ରଜ୍ଞା ନୃତ୍ୟାୟନର ନୂତନ ଓଡ଼ିଶୀ ନୃତ୍ୟନାଟିକା 'ଶକ୍ତି ସରୂପିଣୀ ନାରୀ'। ଏହି ଉତ୍ସବ ଅବସରରେ ଗୁରୁ ଆଶିଷ କୁମାର ଦାସ ଏବଂ ଗୁରୁ ଦୀପ୍ତି ରାଉତରାୟଙ୍କୁ 'ନୃତ୍ୟ ସାରଙ୍ଗ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ସେହିପରି ମନୀଷା ମହାରଣା, ସାତିପ୍ରିୟା ଜେନା ଏବଂ ବିଦିଶା ପ୍ରିୟଦର୍ଶିନୀଙ୍କୁ 'ପ୍ରଜ୍ଞା ପ୍ରତିଭା ଆୱାର୍ଡ-୨୦୨୬'ରେ ସମ୍ମାନିତ କରାଯାଇଥିଲା।

ଜାତୀୟ ରାଜପଥ ଲୁଟେରା ଗିରଫ

ଭୁବନେଶ୍ୱର(ପିପିଏସ୍): ଜାତୀୟ ରାଜପଥରେ ମହିଳାଙ୍କ ଠାରୁ ଭ୍ୟାନିଟ ଝାମ୍ପିବା ଅଭିଯୋଗରେ ପାହାଳ ଥାନା ପୁଲିସ ଲକ୍ଷ୍ମୀସାଗର ଥାନା ଝାରପଡ଼ା ମୁସଲିମ ସାହିର ଫରାଜ ଖାଁ ଓରଫ ରାଜୁକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଅନୁସାରେ ବୈଜୟନ୍ତୀ ରଥ ପାହାଳ ଥାନା ଅନ୍ତର୍ଗତ ବଙ୍ଗୁଆରୀ ସ୍ଥିତ ଶ୍ରୀଗୁରୁ ଭିଲ୍ଲାରେ ରୁହନ୍ତି। ଗତ ୨୪ ତାରିଖ ସନ୍ଧ୍ୟାରେ ସେ ନିଜ ସାନ ଭଉଣୀଙ୍କ ସହ ଅଫିସ୍‌ରୁ ସ୍କୁଟିରେ ଘରକୁ ଫେରୁଥିଲେ। ସାନ ଭଉଣୀ ସ୍କୁଟି ଚଳାଉଥିବା ବେଳେ, ସେ ପଛରେ ବସିଥିଲେ। ଫେରିବା ସମୟରେ ଜଣେ ଅଜ୍ଞାତ ବ୍ୟକ୍ତି ଏକ ମୋଟରସାଇକେଲ ଯୋଗେ ତାଙ୍କର ପିଛା କରି ଆସିବା ସହ ପାହାଳ ମାର୍କେଟ୍ ସ୍ଥିତ 'କାର୍ ମାର୍ଟ' ସମ୍ମୁଖରେ ହଠାତ ତାଙ୍କ ଭ୍ୟାନିଟି ବ୍ୟାଗ୍‌ଟିକୁ ବଳପୂର୍ବକ ଛଡ଼ାଇ ନେଇଯାଇଥିଲେ। ଉକ୍ତ ବ୍ୟାଗ୍‌ରେ ଏକ ମୋବାଇଲ୍ ଫୋନ୍, ପ୍ରାୟ ୧୫ ଗ୍ରାମ ଓଜନର ସୁନା ଚେନ୍, ଦୁଇଟି ମୁଦି ଏବଂ ୧୫,୦୦୦ ଟଙ୍କା ନଗଦ ଥିଲା। ବ୍ୟାଗ୍‌ଟି ବଞ୍ଚାଇବା ପାଇଁ ସେ ନିଜର ସମସ୍ତ ଶକ୍ତି ଲଗାଇ ପ୍ରତିରୋଧ କରିଥିଲେ। ତଥାପି ଦୁର୍ବୃତ୍ତ ତାଙ୍କଠାରୁ ବ୍ୟାଗ୍‌ଟି ଛଡ଼ାଇ ନେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ତାଙ୍କୁ ପୁଲିସ ଗିରଫ କରିଛି।

ବ୍ରାଉନସୁଗର ଜବତ, ୩ ଗିରଫ

ଭୁବନେଶ୍ୱର(ପିପିଏସ୍): ବେଆଇନ ବ୍ରାଉନସୁଗର କାରବାର କରୁଥିବା ଅଭିଯୋଗରେ ଦୁଇ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି ଅବକାରୀ ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଶିଖରଚଣ୍ଡୀ ନଗରର ସାକିନା ବିବି (୩୦), ହସନା ଖାତୁନ (୩୧) ଓ ସୌମ୍ୟରଞ୍ଜନ ପ୍ରଧାନ (୨୪)। ଅବକାରୀ ପୁଲିସର କହିବା ମୁତାବକ, ଇନଫୋସିଟି ଥାନା ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ଚାଲିଥିବା ନେଇ ଅବକାରୀ ରେଞ୍ଜ ୨ ଥାନାକୁ ଖବର ମିଳିଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ଶିଖରଚଣ୍ଡୀ ନଗରରେ ଚଢ଼ଉ କରି ସାକିନା ଓ ହସନାକୁ ଅଟକ ରଖିଥିଲା। ଯାଞ୍ଚ ବେଳେ ସେମାନଙ୍କ ହେପାଜତରୁ ୧୫୮ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଥିଲା। ଏହାସହିତ ୨ଟି ମୋବାଇଲ ଫୋନ୍ ଓ ବ୍ରାଉନସୁଗର ବିକ୍ରି କରି ରଖିଥିବା ୧୭୦୦ ଟଙ୍କା ଜବତ କରିଥିଲା। ସେହିପରି ଏୟାରଫିଲ୍ଡ ଥାନା ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ଖବରପାଇ ଅବକାରୀ ରେଞ୍ଜ ୩ ପକ୍ଷରୁ ଚଢ଼ଉ କରାଯାଇଥିଲା। ସୌମ୍ୟକୁ ଗିରଫ କରି ତା' ଠାରୁ ୬୫ ଗ୍ରାମ ବ୍ରାଉନସୁଗର ଜବତ କରିଥିଲା। ଅବକାରୀ ପୁଲିସ ମୋଟ ୩ ଜଣଙ୍କୁ ଗିରଫ କରି ୨୨୩ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୨୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅବକାରୀ ପୁଲିସ ପକ୍ଷରୁ କୁହାଯାଇଛି। ଏନେଇ ଦୁଇଟି ପୃଥକ ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି।

କ୍ୟାପିଟାଲ ହସପିଟାଲ୍‌ର ଅଙ୍କୋଲୋଜି ବିଭାଗରେ ଦୁଇ ନୂଆ ଡାକ୍ତର

ଭୁବନେଶ୍ୱର(ପିପିଏସ୍): ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଅଙ୍କୋଲୋଜି ବା କର୍କଟ ରୋଗ ବିଭାଗକୁ ସୁଦୃଢ଼ କରିବାରେ ଲାଗି ଏମ୍ସ ଭୁବନେଶ୍ୱରରୁ ଡା. ଅନ୍ତର୍ଯାମୀ ସାହୁ ଓ ବନାରସ ହିନ୍ଦୁ ୟୁନିଭରସିଟିରୁ ଡା. ଦେବପ୍ରସାଦ ମିଶ୍ରଙ୍କୁ ଏଠାକୁ ବଦଳି କରାଯାଇଛି। ଏଠାରେ ରୋଗୀମାନେ ସୁଦୃଢ଼ ସ୍ୱାସ୍ଥ୍ୟ ସେବା ପାଇପାରିବା ସହିତ କିଛି ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଥିବା ପ୍ରକାଶ କରିଛନ୍ତି। ଏଠାରେ ବର୍ତ୍ତମାନ ୨୦ଟି ବେଡ ଥିବା ବେଳେ ଉନ୍ନତ ମାନର ଚିକିତ୍ସା କରାଯାଉଥିବା ଜଣାପଡିଛି। ଏହି ବିଭାଗରେ କିପରି ଅଧିକ ରୋଗୀ ସ୍ୱାସ୍ଥ୍ୟ ସେବା ପାଇ ପାରିବେ ସେଥିପାଇଁ ଖୁବଶୀଘ୍ର ନୂତନ ୬୦ ସଯ୍ୟା ବିଶିଷ୍ଟ ବିଲ୍ଡିଙ୍ଗ ନିର୍ମାଣ କରାଯାଉଛି ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ମିଳିଛି।

ଓଡ଼ିଆ ଅସ୍ମିତା ପରିଷଦର ଅଭିଯୋଗ

ଏମ୍‌ଏମ୍‌ଡିଆର ବିଲ୍ ରାଜ୍ୟ ସ୍ୱାର୍ଥ ବିରୋଧୀ'

ଭୁବନେଶ୍ୱର (ପିପିଏସ୍): ଲୋକସଭାରେ ପାରିତ ହୋଇଥିବା ଏମଏମଡିଆର ବିଲ ଓଡିଶା ସ୍ୱାର୍ଥ ବିରୋଧୀ ବୋଲି ଓଡ଼ିଆ ଅସ୍ମିତା ପରିଷଦ ଅଭିଯୋଗ କରିଛି। ଏହି ବିଲ ଆଇନରେ ପରିଣତ ହେଲେ ଖଣିଜ ସମ୍ପଦ ଉପରେ ଥିବା ରାଜ୍ୟର ଅର୍ଥନୈତିକ ଅଧିକାର କ୍ଷୁର୍ଣ୍ଣ ହେବ. ଖଣିଜ ସମ୍ପଦ ଉତ୍ତୋଳନ ଓ ତା ଉପରେ ଟିକସ ଓ ରାଜ୍ୟମାନେ ହରେଇବେ। ଫଳରେ ଓଡିଶାର ସିଂହଭାଗ ରାଜସ୍ୱ କେନ୍ଦ୍ର ହାତକୁ ଚାଲିଯିବ। ଓଡିଶା ସମ୍ପଦରେ ଅନ୍ୟ ରାଜ୍ୟମାନେ ଲାଭ ପାଇବେ ଆଉ ଓଡିଶା ଭିକ୍ଷାଥାଳି ଧରି କେନ୍ଦ୍ର ସରକାରଙ୍କ ପାଖରେ ନେହୁରା ହେବ ବୋଲି ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ଏକ ପ୍ରେସ ବିବୃତିରେ କହିଛନ୍ତି। କେବଳ ଓଡିଶା ନୁହେଁ ଅନ୍ୟାନ୍ୟ ଖଣିଜ ସମ୍ପଦ ଥିବା ରାଜ୍ୟମାନେ ମଧ ସେମାନଙ୍କ ଖଣିଜ ସମ୍ପଦ ଉପରେ କୌଣସି ଟିକସ କିମ୍ବା ସେସ ଲଗେଇ ପାରିବେ ନାହିଁ। ଫଳରେ ରାଜ୍ୟର ପ୍ରଗତି ବାଧାପ୍ରାପ୍ତ ହେବ ଏବଂ ରାଜ୍ୟରେ ବେକାରୀ ଓ ଦାଦନ ବୃଦ୍ଧି ହେବ. ତେଣୁ ଓଡିଶାର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟବାସୀ ଏହାକୁ ବିରୋଧ କରିବାକୁ ଶ୍ରୀ ବେହେରା ସବୁ ରାଜନୈତିକ ଦଳ ଓ ସାଂସଦ, ବିଧାୟକମାନଙ୍କୁ ଅନୁରୋଧ କରିଛନ୍ତି।

ଆସୁଛି ଅଗଷ୍ଟ ୧୫ : ରାଜଧାନୀ ରାସ୍ତାଘାଟରେ ତ୍ରିରଙ୍ଗା ପସରା

ଭୁବନେଶ୍ୱର (ପିପିଏସ୍): ଦିନକ ପରେ ଅଗଷ୍ଟ ପନ୍ଦର। ଏଥିପାଇଁ ରାଜଧାନୀରେ ମିଳିଲାଣି ତ୍ରିରଙ୍ଗା ପତାକା ସହ ନାନା ପ୍ରକାରର ସାମଗ୍ରୀ। ଏହି ସାଧୀନତା ଦିବସକୁ ନେଇ ଏବେଠାରୁ ଦେଖାଦେଇଛି ଦେଶଭକ୍ତିର ମାହୋଲ। ସହରର ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ପତାକା ଓ ଦେଶଭକ୍ତିମୂଳକ ସାମଗ୍ରୀରେ ଦୋକାନ ଦେଖିବାକୁ ମିଳିଛି। ହାଟ, ବଜାର ଓ ରାସ୍ତାକଡ଼ରେ ଛୋଟ ବଡ଼ ବ୍ୟବସାୟୀମାନେ ତ୍ରିରଙ୍ଗା ପତାକା, ବ୍ୟାଜ୍, ରିବନ୍, ହାତରେ ବାନ୍ଧିବା ପଟି ଓ ଅନ୍ୟାନ୍ୟ ଦେଶଭକ୍ତିମୂଳକ ସାମଗ୍ରୀର ପସରା ମେଲାଇଛନ୍ତି। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ଯୁବପିଢ଼ିଙ୍କ ମଧ୍ୟରେ ଏସବୁ ସାମଗ୍ରୀ କିଣିବାକୁ ଆଗ୍ରହ ଦେଖାଉଛନ୍ତି। ଏଥିସହ ଘର, ଦୋକାନ ଓ ବିଭିନ୍ନ ଅନୁଷ୍ଠାନକୁ ତ୍ରିରଙ୍ଗାରେ ସଜାଇବା ପାଇଁ ଲୋକେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ରାଜଧାନୀ ଭୁବନେଶ୍ୱରରେ ସାଧୀନତା ଦିବସ ପାଇଁ ମଧ ସଜେଇ ହେବାରେ ଲାଗିଛି। ସହରର ଏକ ନମ୍ବର ହାଟ, ମାର୍କେଟ୍ ବିଲ୍ଡିଂ ସମେତ ବିଭିନ୍ନ ରାସ୍ତା ଓ ବଜାର ଆଦିରେ ବିଭିନ୍ନ ତ୍ରିରଙ୍ଗା ପତାକା ଦୋକାନ ଦେଖିବାକୁ ମିଳିଛି। ଏହି ଦୋକାନ ମାନଙ୍କରେ ତ୍ରିରଙ୍ଗା ପତାକା ସମେତ ରିନବ୍, ହେୟାର ବ୍ୟାଣ୍ଡ, ଟି ସାର୍ଟ, ଫୁଲ ଝରି, ଶାଢ଼ି, ଓଢ଼ଣି ଆଦି ବିକ୍ରି କରାଯାଉଛି। ତ୍ରିରଙ୍ଗା ପତାକାର ଦର ୨୦ ଟଙ୍କାରୁ ନେଇ ୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହିପରି ଶାଢ଼ୀର ଦାମ୍ ୨୫୦ ରୁ ୩୦୦ ଟଙ୍କା ଥିବା ବେଳେ ଓଢ଼ଣୀର ଦାମ୍ ୧୦୦ ଟଙ୍କା ରହିଛି। ବ୍ୟାଚ୍, ରିବନ୍ ଆଦିର ମୂଲ୍ୟ ମଧ ୨୦ ରୁ ୩୦ ଟଙ୍କା ରହିଛି। ସାଧୀନତା ଦିବସ ପାଇଁ ଲୋକମାନେ ସେମାନଙ୍କ ଘର, ଦୋକାନ, ଅଫିସ୍ ଓ ବିଭିନ୍ନ ଅନୁଷ୍ଠାନକୁ ତ୍ରିରଙ୍ଗାରେ ସଜାଇବା ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଯାହା ଫଳରେ ରାଜଧାନୀରେ ତ୍ରିରଙ୍ଗା ପତାକା ସମେତ ଦେଶଭକ୍ତିମୂଳକ ସାମଗ୍ରୀର ଚାହିଦା ବଢ଼ିଛି। କେତେକ ବ୍ୟବସାୟୀ ଏହି ଦିବସକୁ ନେଇ ବିଭିନ୍ନ ଡିଜାଇନ୍‌ର ଦେଶଭକ୍ତିମୂଳକ ସାମଗ୍ରୀ ମଧ୍ୟ ରଖିଛନ୍ତି। ସାଧୀନତା ଦିବସକୁ ନେଇ ସରକାରୀ ଓ ବେସରକାରୀ ସ୍ତରରେ ମଧ୍ୟ ପ୍ରସ୍ତୁତି ଜୋରଦାର ଚାଲିଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ସାମାଜିକ ସଂଗଠନ ଓ ଅନୁଷ୍ଠାନ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ ସହ ଦେଶଭକ୍ତିମୂଳକ କାର୍ଯ୍ୟକ୍ରମ, ସାଂସ୍କୃତିକ ପରିବେଷଣ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ପ୍ରସ୍ତୁତି କରୁଛନ୍ତି। ସାଧୀନତା ଦିବସ ଯେତିକି ପାଖେଇ ଆସୁଛି ରାଜଧାନୀରେ ତ୍ରିରଙ୍ଗାର ଚାହିଦା ମଧ୍ୟ ସେତିକି ସେତିକି ବଢୁଛି। ବିଶେଷ କରି ସ୍କୁଲ ଛାତ୍ରଛାତ୍ରୀନେ ଅଧିକ ପତାକା ଓ ରିବନ୍, ବ୍ୟାଚ, ଷ୍ଟିକର, ହ୍ୟାଣ୍ଡ ବ୍ୟାଣ୍ଡ, ଓଢ଼ଣି ଆଦି କିଣୁଛନ୍ତି ବୋଲି ଗୋପବନ୍ଧୁ ଛକର ଜଣେ ପତାକା ଦୋକାନୀ କହିଛନ୍ତି।

ହରସିମରତ କୌର ବାଦଲଙ୍କୁ ଫୋନ କଲେ ମୋଦୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିରୋମଣି ଅକାଳୀ ଦଳ (ଶଅଦ) ମୁଖ୍ୟ ସୁଖବୀର ସିଂହ ବାଦଲଙ୍କ ଉପରେ ଆକ୍ରମଣ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସୂତ୍ର ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦି ସୁଖବୀର ବାଦଲଙ୍କ ପତ୍ନୀ ହରସିମରତ କୌର ବାଦଲଙ୍କ ସହ ଫୋନ ଯୋଗେ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଗୁରୁବାର ମହାରାଷ୍ଟ୍ରର ନାନ୍ଦେଦରେ ଏକ ଗୁରୁଦ୍ୱାରରେ ହୋଇଥିବା ଆକ୍ରମଣରେ ବାଦଲ ଆହତ ହୋଇଥିଲେ। ତାଙ୍କ ହାତରେ ଆଘାତ ଲାଗିଥିଲା ଏବଂ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ନିଆଯାଇଥିଲା। ମହାରାଷ୍ଟ୍ରର ନାନ୍ଦେଦରେ ଥିବା ଗୁରୁଦ୍ୱାର ମାତା ସାହିବ ଦେବାନ ଜୀ ମୁଗଟରେ ପଞ୍ଜାବର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କୁ କିରପାଣ ସାହାଯ୍ୟରେ ଆକ୍ରମଣ କରାଯାଇଥିଲା, ଯାହା ତାଙ୍କୁ ଆହତ କରିଥିଲା। ନାନ୍ଦେଡ ପୋଲିସ ଅଧୀକ୍ଷକ (ଏସପି) ନୀଳାଭ ରୋହନ କହିଛନ୍ତି ଯେ ଜଣେ ନିହଙ୍ଗ ଗୁରୁଦ୍ୱାର ଭିତରେ ବାଦଲଙ୍କୁ କିରପାଣ ସାହାଯ୍ୟରେ ଆକ୍ରମଣ କରିଥିଲେ। ଆକ୍ରମଣକାରୀଙ୍କୁ ହେପାଜତକୁ ନିଆଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବାଦଲଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି; ତାଙ୍କ ହାତରେ ତିନୋଟି ଷ୍ଟିଚ ଲାଗିଛି। ଘଟଣା ପରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ବାଦଲଙ୍କ ଉପରେ ହୋଇଥିବା ଆକ୍ରମଣର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଫଡନାଭିସ ମଧ୍ୟ ବାଦଲଙ୍କୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବାକୁ ଫୋନ କରିଥିଲେ।

ଖାଦ୍ୟ ପ୍ୟାକେଟ୍ରେ ଚେତାବନୀ ଲେବଲ୍ କେନ୍ଦ୍ର ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ଅଲ୍ଟିମେଟମ୍

ନୂଆଦିଲ୍ଲୀ : ଯଦି ଆପଣ ନ କରିବେ, ତା'ହେଲେ ଆମେ କରିବୁ। ଖାଦ୍ୟ ପ୍ୟାକେଟ୍ରେ ଚେତାବନୀ ଲେବଲ ପ୍ରସଙ୍ଗରେ ଆଜି କେନ୍ଦ୍ରକୁ ଏଭଳି ଅଲ୍ଟିମେଟମ ଦେଇଛନ୍ତି ସୁପ୍ରିମକୋର୍ଟ। ପ୍ୟାକେଟରେ ବିକ୍ରି ହେଉଥିବା ଖାଦ୍ୟର ସମ୍ମୁଖ ଭାଗରେ ଚିନି, ଲୁଣ ଓ ଫ୍ୟାଟ୍ ସମ୍ପର୍କରେ ଲୋକଙ୍କୁ ସତର୍କ କରାଇବା ଉଦ୍ଦେଶ୍ୟରେ ଉଲ୍ଲେଖ କରାଯାଉ ନଥିବାରୁ ଏହାକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ଓ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫଏସଏସଏଆଇ) ଗ୍ରହଣ କରୁଥିବା ଆଭିମୁଖ୍ୟ ଉପରେ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ ଉଠାଇଛନ୍ତି। କ'ଣ ଅଧିକାରୀମାନେ କମ୍ପାନୀ ବା କର୍ପୋରେଟ ଜଗତର ଚାପରେ ରହିଛନ୍ତି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ ପଚାରିଛନ୍ତି। କେନ୍ଦ୍ର ଓ ଏଫଏସଏସଏଆଇକୁ ସୁପ୍ରିମକୋର୍ଟ କହିଛନ୍ତି ଯେ "ଏହି ପ୍ରସଙ୍ଗ ସାଧାରଣ ନାଗରିକଙ୍କ ସ୍ୱାସ୍ଥ୍ୟ ସହ ଜଡ଼ିତ। ବିଶେଷ କରି ଆଗକୁ ବଢୁଥିବା ପିଲାଙ୍କ ସ୍ୱାସ୍ଥ୍ୟଗତ ପ୍ରସଙ୍ଗ। ତେଣୁ ଏହି ପ୍ରସଙ୍ଗର ନିଷ୍ପତ୍ତି କର୍ପୋରେଟ ଚାପ ଦ୍ୱାରା ପ୍ରଭାବିତ ହେବା କଥା ନୁହେଁ।" ପ୍ୟାକେଜ ଖାଦ୍ୟ ପ୍ରସ୍ତୁତ କରୁଥିବା ଶିଳ୍ପ ଜଗତ ସତର୍କତା ଲେବଲିଂ ବିରୋଧରେ ଥିବା ଏଫଏସଏସଏଆଇ କହୁଥିବା ଜାଣିବା ପରେ ଏହାକୁ ତୀବ୍ର ସମାଲୋଚନା କରିଛନ୍ତି ଜଷ୍ଟିସ ଜେବି ପାର୍ଡିୱାଲା ଓ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ।

ମାର୍ଚ୍ଚ ୭ରେ ଅନୁଷ୍ଠିତ ଏଫଏସଏସଏଆଇ ବୈଠକର ବିଷୟବସ୍ତୁ ସମ୍ପର୍କରେ ଆବେଦନକାରୀ ଓକିଲ କହିଛନ୍ତି ଯେ ସେଠାରେ ନିଆଯାଇଥିବା ନିଷ୍ପତ୍ତି କୋର୍ଟର ପୂର୍ବ ନିର୍ଦ୍ଦେଶ ସିଧାସଳଖ ବିରୋଧାଭାସ କରୁଛି। ଖାଦ୍ୟ ପ୍ୟାକେଟ୍ରେ ଚେତାବନୀ ଲେବଲ ଲଗାଇବାକୁ ଶିଳ୍ପ ଜଗତ ବିରୋଧ କରିଥିଲା। ଏହି ବିରୋଧ ଯୋଗୁ ଏଫଏସଏସଏଆଇ କହିଥିଲା ଯେ ପ୍ୟାକେଟ୍ରେ ଅତିରିକ୍ତ ଚିନି, ସ୍ୟାଚୁରେଟେଡ୍ ଫ୍ୟାଟ୍ ଓ ଲୁଣର ପ୍ରସ୍ତାବିତ ଦୈନିକ ଆବଶ୍ୟକତାକୁ ଟେବୁଲ୍ ଆକାରରେ ଉଲ୍ଲେଖ କରାଯାଉ। କୋର୍ଟରେ ଏହା ମଧ୍ୟ ଦର୍ଶାଯାଇଥିଲା ଯେ ଏଫଏସଏସଏଆଇର ସତ୍ୟପାଠ କେବଳ ଖାଦ୍ୟ ଶିଳ୍ପର ବିରୋଧକୁ ଉଲ୍ଲେଖ କରାଯାଇଛି। କିନ୍ତୁ ଅତିରିକ୍ତ ସ୍ୟାଚୁରେଟେଡ୍ ଫ୍ୟାଟ୍, ଚିନି ଓ ଲୁଣ ଥିବା ଖାଦ୍ୟର ବ୍ୟବହାର କମାଇବାରେ ଚେତାବନୀ ଲେବଲ କିପରି ସହାୟକ ହୋଇପାରେ, ସେନେଇ ସାମାଜିକ ସଂଗଠନର ପ୍ରତିନିଧିମାନେ ଦାଖଲ କରିଥିବା ପ୍ରମାଣକୁ ଅଣଦେଖା କରାଯାଇଛି। ଏହା ଶୁଣି କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଜର ଅତିରିକ୍ତ ସଲିସିଟର ଜେନେରାଲ ବ୍ରିଜେନ୍ଦ୍ର ଚହରଙ୍କୁ ଖଣ୍ଡପୀଠ କଡ଼ା ପ୍ରଶ୍ନ କରିଥିଲେ। କୋର୍ଟ ପଚାରିଛନ୍ତି ଯେ କ'ଣ ଆବଶ୍ୟକ ପଦକ୍ଷେପ ନେବାକୁ ସରକାରଙ୍କ ଇଚ୍ଛା ନାହିଁ? ଲାଗୁଛି ବଡ଼ ବଡ଼ କର୍ପୋରେଟ ସଂସ୍ଥାଗୁଡ଼ିକର ପ୍ରବଳ ଚାପରେ ସରକାର ରହିଛନ୍ତି। ସେହି ଚାପ ଆଗରେ ସରକାର ମୁଣ୍ଡ ନୁଆଁଇ ଭଳି ଲାଗୁଥିବା ଖଣ୍ଡପୀଠ ମତ ରଖିଛନ୍ତି। ସୁପ୍ରିମକୋର୍ଟ ଆହୁରି କହିଛନ୍ତି ଖାଦ୍ୟ ପ୍ୟାକେଟରେ ଚେତାବନୀ ଲେବଲ ଉଲ୍ଲେଖ କରିବାର ନିଷ୍ପତ୍ତି ଜନସ୍ୱାର୍ଥରେ ନିଆଯାଇଛି। ତଥାପି କୋର୍ଟର ନିର୍ଦ୍ଦେଶ କାହିଁକି ପାଳନ କରାଯାଉନାହିଁ। ଏପର୍ଯ୍ୟନ୍ତ ସରକାର କ'ଣ ପଦକ୍ଷେପ ନେଇଛନ୍ତି? ସରକାର ନିଜେ ଏହା କରିବେ ନା ଆମକୁ ଆଦେଶ ଜାରି କରିବାକୁ ପଡ଼ିବ ବୋଲି ପ୍ରଶ୍ନ କରିଛନ୍ତି।

ପୂର୍ବତନ ଟିଏମ୍‌ସି ବିଧାୟକ ନିର୍ମଳ ଘୋଷ ଗିରଫ

କୋଲକତା : ପଶ୍ଚିମବଙ୍ଗର ବହୁଚର୍ଚ୍ଚିତ ଆର୍ଜି କର ମାମଲାରେ ବଡ ଖବର। ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ମହିଳା ଜୁନିୟର ଡାକ୍ତରଙ୍କ ଦୁଷ୍କର୍ମ ଓ ହତ୍ୟା ମାମଲାରେ ପଶ୍ଚିମବଙ୍ଗ ପୋଲିସର ବଡ଼ ଆକ୍ସନ। ପୀଡିତାଙ୍କ ତରବରିଆ ଅନ୍ତିମ ସଂସ୍କାର ଅଭିଯୋଗରେ ତୃଣମୂଳ କଂଗ୍ରେସର ପୂର୍ବତନ ବିଧାୟକ ତଥା ବିଧାନସଭାର ପୂର୍ବତନ ମୁଖ୍ୟ ସଚେତକ ନିର୍ମଳ ଘୋଷଙ୍କୁ ଗିରଫ କରାଯାଇଛି। ନିର୍ମଳ ଘୋଷ ଉତ୍ତର ୨୪ ପରଗଣା ଜିଲ୍ଲାର ପାଣିହାଟି ବିଧାନସଭା ଆସନର ପୂର୍ବତନ ବିଧାୟକ। ପୋଲିସର ସୂଚନା ଅନୁସାରେ, ଗୁରୁବାର ତାଙ୍କୁ ଓଡ଼ିଶାର ପୁରୀର ଏକ ହୋଟେଲରୁ ଗିରଫ କରାଯାଇଛି। ଏହି ଗିରଫଦାରୀର ମୁଖ୍ୟ କାରଣ ହେଉଛି ପୀଡ଼ିତାଙ୍କ ମୃତଦେହର ତରବରିଆ ଅନ୍ତିମ ସଂସ୍କାର ସମ୍ପର୍କିତ ଅଭିଯୋଗ। ଅଭିଯୋଗ ଅନୁସାରେ, ୯ ଅଗଷ୍ଟ ୨୦୨୪ ରାତିରେ ପାଣିହାଟି ଅଞ୍ଚଳର ଏକ ଶ୍ମଶାନଘାଟରେ ପୀଡ଼ିତାଙ୍କ ମୃତଦେହର ଅନ୍ତିମ ସଂସ୍କାର କରାଯାଇଥିଲା। ଏଥିରେ ନିର୍ଦ୍ଧାରିତ ପ୍ରକ୍ରିୟା ପାଳନ କରାଯାଇନଥିବା ଅଭିଯୋଗ ରହିଛି। ଏହା ଦ୍ୱାରା ମୃତଦେହର ପୁଣିଥରେ ପୋଷ୍ଟମର୍ଟମ ଯେପରି ହୋଇନପାରିବ ତାହା ତାଙ୍କ ଉଦ୍ଦେଶ୍ୟ ଥିଲା। ଏହି ଅଭିଯୋଗର ତଦନ୍ତ ଏବେ ବାରାକପୁର ପୋଲିସ କମିଶନରେଟ୍ କରୁଛି। ଚଳିତ ସପ୍ତାହରେ ପୀଡ଼ିତାଙ୍କ ବାପା ଖରଦହ ଥାନାରେ ଏକ ନୂଆ ଅଭିଯୋଗ ଦାଖଲ କରିଥିଲେ। ଏହା ଆଧାରରେ ପୋଲିସ ନୂଆ ଭାବରେ ଏଫଆଇଆର ରୁଜୁ କରିଥିଲା।ଏହି ଏଫଆଇଆରରେ ନିର୍ମଳ ଘୋଷଙ୍କ ସହ ପାଣିହାଟି ପୌରପାଳିକାର ସ୍ଥାନୀୟ ଟିଏମସି କାଉନସିଲର ସୋମନାଥ ଦେ ଏବଂ ପୀଡ଼ିତାଙ୍କ ପଡ଼ୋଶୀ ସଞ୍ଜୀବ ମୁଖାର୍ଜୀଙ୍କ ନାମ ମଧ୍ୟ ରହିଛି। ଅଭିଯୋଗରେ କୁହାଯାଇଛି ଯେ, ଏହି ତିନିଜଣଙ୍କ ଉପସ୍ଥିତିରେ ୨୦୨୪ ଅଗଷ୍ଟ ୯ ରାତିରେ ପୀଡ଼ିତାଙ୍କ ମୃତଦେହର ଅନ୍ତିମ ସଂସ୍କାର ହୋଇଥିଲା। ଏଥିରେ ନିର୍ଦ୍ଧାରିତ ନିୟମ ଓ ପ୍ରକ୍ରିୟା ପାଳନ କରାଯାଇନଥିବା ଅଭିଯୋଗ ହୋଇଛି।

ଖର୍ଗେଙ୍କ ମଞ୍ଚ 'ଶୁଦ୍ଧିକରଣ' ପ୍ରସଙ୍ଗକୁ ନେଇ ସଂସଦରେ ସରଗରମ ରାଜନୀତି

ନୂଆଦିଲ୍ଲୀ : ସଂସଦର ମୌସୁମୀ ଅଧିବେଶନର ଶେଷ ଦିନରେ ରାଜ୍ୟ ସଭାରେ ଏକ ବଡ଼ ଏବଂ ଗମ୍ଭୀର ପ୍ରସଙ୍ଗକୁ ନେଇ ଶାସକ ଓ ବିରୋଧୀ ଦଳ ମଧ୍ୟରେ ତୀବ୍ର ତର୍କବିତର୍କ ଦେଖିବାକୁ ମିଳିଛି । ରାଜ୍ୟ ସଭାରେ ବିରୋଧୀଦଳର ନେତା ମଲ୍ଲିକାର୍ଜୁନ ଖାର୍ଗେ ଉତ୍ତରାଖଣ୍ଡର ହଲ୍‌ଦୱାନୀଠାରେ ତାଙ୍କ ରାଲି ପରେ ମଞ୍ଚ 'ଶୁଦ୍ଧିକରଣ' କରାଯାଇଥିବା ପ୍ରସଙ୍ଗ ଉଠାଇଥିଲେ । ଏହାକୁ ନେଇ ସଦନରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି । ରାଜ୍ୟ ସଭାରେ ନିଜର ମତ ରଖି ମଲ୍ଲିକାର୍ଜୁନ ଖର୍ଗେ କହିଥିଲେ ଯେ, ସେ ୮ ଅଗଷ୍ଟରେ ହଲ୍‌ଦୱାନୀର ରାମଲୀଳା ମଇଦାନରେ ଏକ ବିରାଟ ଜନସଭାକୁ ସମ୍ବୋଧିତ କରିଥିଲେ, ଯେଉଁଥିରେ ଲକ୍ଷାଧିକ ଲୋକ ଉପସ୍ଥିତ ଥିଲେ। ସେ ସେଠାରେ କୌଣସି ଧର୍ମ କିମ୍ବା ସମ୍ପ୍ରଦାୟ ବିରୋଧରେ କିଛି କହି ନଥିଲେ, ବରଂ କେବଳ ଜନସାଧାରଣଙ୍କ ସମସ୍ୟା ଏବଂ ସରକାରୀ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। କିନ୍ତୁ ତାଙ୍କ ଭାଷଣ ପରେ, ଭାଜପା ସହ ଜଡିତ କିଛି ବ୍ୟକ୍ତି ସେହି ମଞ୍ଚରେ ଗଙ୍ଗାଜଳ ଛିଞ୍ଚି ଏବଂ ହୋମ କରି 'ଶୁଦ୍ଧିକରଣ' କରିଥିଲେ ବୋଲି ସେ ଅଭିଯୋଗ କରିଥିଲେ। ଏହାକୁ ଏକ ଅଛୂତ ଭାବନା ଏବଂ ଦଳିତ ସମୁଦାୟ ପ୍ରତି ଅପମାନ ବୋଲି ଦର୍ଶାଇ ଖର୍ଗେ କହିଥିଲେ ଯେ, ଗଣତନ୍ତ୍ରରେ ଏଭଳି ଆଚରଣ କଦାପି ଗ୍ରହଣୀୟ ନୁହେଁ । ଖାର୍ଗେଙ୍କ ଏହି ଅଭିଯୋଗ ଉପରେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା କଡ଼ା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ଏଭଳି ଘଟଣା ଅତ୍ୟନ୍ତ ଦୁଃଖଦ ଏବଂ ଚିନ୍ତାଜନକ ଅଟେ । ତେବେ ଏଥିରେ ଭାଜପାର ସମ୍ପୃକ୍ତିକୁ ଅସ୍ୱୀକାର କରି ନଡ୍ଡା ସ୍ପଷ୍ଟ କରିଛନ୍ତି ଯେ, ଭାରତୀୟ ଜନତା ପାର୍ଟି ଏଭଳି କୌଣସି କାର୍ଯ୍ୟକଳାପକୁ ସମର୍ଥନ କରେ ନାହିଁ । ତଥାପି, ଏହି ବିଷୟରେ ଗମ୍ଭୀରତାକୁ ଦୃଷ୍ଟିରେ ରଖି ସରକାର ଏହାର ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବେ ଏବଂ ସତ୍ୟ ସାମ୍ନାକୁ ଆଣିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ଏହି ସମଗ୍ର ବିବାଦ ମଧ୍ୟରେ ରାଜ୍ୟ ସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ କହିଛନ୍ତି ଯେ, ଅସ୍ପୃଶ୍ୟତା କିମ୍ବା ଏହିପରି ଭେଦଭାବକୁ କୌଣସି ବିଚାରଧାରା କିମ୍ବା ଦଳର ସ୍ତରରେ ବରଦାସ୍ତ କରାଯିବ ନାହିଁ । ସେ ସରକାରଙ୍କୁ ଏହି ଘଟଣାର ତଦନ୍ତ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

ଅରୁଣାଚଳ ସୀମାରେ ଭାରତ ସେନାର ପାଟ୍ରୋଲିଂକୁ ଚୀନର ବିରୋଧ

ନୂଆଦିଲ୍ଲୀ: ଅରୁଣାଚଳ ପ୍ରଦେଶର ସୀମାନ୍ତ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି) ନିକଟରେ ଭାରତୀୟ ସେନାକୁ ପେଟ୍ରୋଲିଂ ପଏଣ୍ଟକୁ ଯିବାରେ ଚୀନ ସେନା ବାଧା ଦେଉଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ଅରୁଣାଚଳ ପ୍ରଦେଶର ଆଞ୍ଚଳିକ ଦଳ ପିପୁଲ୍ସ ପାର୍ଟି ଅଫ୍ ଅରୁଣାଚଳ (ପିପିଏ) ଦ୍ୱାରା ଗଠିତ ୪ ଜଣିଆ ଅନୁସନ୍ଧାନକାରୀ ଦଳ ନିଜ ରିପୋର୍ଟରେ ଦାବି କରିଛନ୍ତି ଯେ, ଅପର ସୁବନ୍ସିରୀ ଜିଲାର ଟାକ୍ସିଂ ସେକ୍ଟରରେ ଚୀନ ସେନା ଭାରତୀୟ ସେନାକୁ କେତେକ ପ୍ରମୁଖ ପାଟ୍ରୋଲିଂ ପଏଣ୍ଟକୁ ଯିବାକୁ ଅନୁମତି ଦେଉନାହିଁ। ରିପୋର୍ଟ ଅନୁସାରେ, 'ସେରା ୫ ପଏଣ୍ଟ' ଭାରତର ଏକ ନିର୍ଦ୍ଦିଷ୍ଟ ପାଟ୍ରୋଲିଂ ପଏଣ୍ଟ ଥିଲା, ଯେଉଁଠାରେ ୨୦୨୩ ମସିହାରେ ଦୁଇ ଦେଶର ସେନା ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ଚୀନ୍ ସେନା ସେଠାରେ ଥିବା ଭାରତୀୟ ସୀମା ନିର୍ଦ୍ଧାରକ ଚିହ୍ନଗୁଡ଼ିକୁ ହଟାଇବା ସହ ଭାରତୀୟ ପାଟ୍ରୋଲିଂକୁ ବାଧା ଦେଉଛନ୍ତି। ସ୍ଥାନୀୟ ନାହ ଓ ମାରା ଜନଜାତିର ଲୋକମାନେ ଗୋରୁ ଚରାଇବା ଓ ଶିକାର ପାଇଁ ବ୍ୟବହାର କରୁଥିବା 'ନାଙ୍ଗା ପାହାଡ଼' ଅଞ୍ଚଳରେ ଚୀନ୍ ସେନା ପ୍ରବେଶ ନିଷେଧ କରିଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଓ ଭାରତୀୟ ସେନା ଅସ୍ୱୀକାର କରିଛନ୍ତି। ସେନା ପକ୍ଷରୁ କୁହାଯାଇଛି ଯେ, ସୀମାରେ ଚୀନ୍ ଦ୍ୱାରା କୌଣସି ନୂଆ ଅନୁପ୍ରବେଶ କିମ୍ବା ବେଆଇନ କ୍ୟାମ୍ପ ସ୍ଥାପନ ହୋଇ ନାହିଁ ଓ ଏସବୁ ଖବର ଭିତ୍ତିହୀନ। ନିକଟରେ ଭାରତ ସରକାରଙ୍କ ସର୍ଭେ ଅଫ୍ ଇଣ୍ଡିଆ ମାନଚିତ୍ରରେ ଅରୁଣାଚଳ ପ୍ରଦେଶର ୨୭ଟି ପ୍ରମୁଖ ସ୍ଥାନ (ପାହାଡ଼, ଗିରିପଥ, ହ୍ରଦ)ର ଆନୁଷ୍ଠାନିକ ଭାରତୀୟ ନାମକରଣ ଓ ଚିହ୍ନଟ କରି ଚୀନ୍ର ଦାବିକୁ ଦୃଢ଼ ଜବାବ ଦେଇଛନ୍ତି। ଏହି ରିପୋର୍ଟ ଆସିବା ପରେ ବିରୋଧୀ ଦଳ ସଂସଦ ଓ ସୋସିଆଲ ମିଡିଆରେ ସରକାରଙ୍କୁ ଘେରିବା ଆରମ୍ଭ କରିଛନ୍ତି। ସୀମା ପରିସ୍ଥିତି ଅତି ସଂବେଦନଶୀଳ ଥିବାରୁ କେନ୍ଦ୍ର ସରକାର ପ୍ରକୃତ ସ୍ଥିତି ସମ୍ପର୍କରେ ଦେଶବାସୀଙ୍କୁ ସ୍ପଷ୍ଟ ସୂଚନା ଦିଅନ୍ତୁ ବୋଲି ବିରୋଧୀ ନେତାମାନେ ଦାବି କରିଛନ୍ତି।

ଭାରତକୁ ପୂର୍ବତନ ପାକିସ୍ତାନ ମନ୍ତ୍ରୀଙ୍କ ଖୋଲା ଧମକ

ନୂଆଦିଲ୍ଲୀ: ପାକିସ୍ତାନର ପୂର୍ବତନ ମନ୍ତ୍ରୀ ଶେଖ ରସିଦ ଅହମ୍ମଦ ଏବେ ଏକ ବିବାଦୀୟ ବୟାନ ପାଇଁ ସମାଲୋଚନାର ସମ୍ମୁଖୀନ ହେଉଛନ୍ତି। ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ତାଙ୍କୁ ଲସ୍କର-ଏ-ତୈବା (ଖରଞ୍ଜ) ଆତଙ୍କବାଦୀଙ୍କ ସହ ମଞ୍ଚ ସେୟାର କରୁଥିବାର ଦେଖାଯାଇଥିଲା। ପୂର୍ବତନ ମନ୍ତ୍ରୀ ନିଷିଦ୍ଧ ସଂଗଠନର ନେତା ହାଫିଜ୍ ସଇଦଙ୍କୁ ପ୍ରଶଂସା କରିଥିଲେ ଏବଂ ଭାରତ ବିରୁଦ୍ଧରେ ଧମକ ଦେଇଥିଲେ। କାର୍ଯ୍ୟକ୍ରମର ଏକ ଭିଡିଓରେ ରସିଦଙ୍କୁ ଖାଲିଦ ମାସୁଦ ସାନ୍ଧୁ ଏବଂ କାରୀ ମହମ୍ମଦ ୟାକୁବ ଶେଖଙ୍କ ସହ ମଞ୍ଚ ସେୟାର କରୁଥିବାର ଦେଖାଯାଇଛି। ଖାଲିଦ ମାସୁଦ ସାନ୍ଧୁଙ୍କୁ ଜଣେ ବରିଷ୍ଠ ଏଲଇଟି କମାଣ୍ଡର ଏବଂ ପାକିସ୍ତାନ ମର୍କଜି ମୁସଲିମ୍ ଲିଗ୍ (ଚଗଗଖ)ର ସଭାପତି ଭାବରେ ଚିହ୍ନଟ କରାଯାଇଛି, ଯେତେବେଳେ କାରୀ ମହମ୍ମଦ ୟାକୁବ ଶେଖ ଆତଙ୍କବାଦୀ ସଂଗଠନର କେନ୍ଦ୍ରୀୟ ପରାମର୍ଶଦାତା କମିଟିର ସଦସ୍ୟ।

ବୈଠକର ଏକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ପୂର୍ବତନ ମନ୍ତ୍ରୀ ଆତଙ୍କବାଦୀ ହାଫିଜ୍ ସଇଦର ପ୍ରଶଂସା କରି କହିଛନ୍ତି, 'ମୁଁ ହାଫିଜ୍ ସାହିବର ଗୁଲାମ।' ରଶିଦ ଏହା ମଧ୍ୟ ଦାବି କରିଛନ୍ତି ଯେ, ସେ ଆମେରିକାରେ ଥିବା ସମୟରେ ତାଙ୍କ ଫୋନରେ ସଇଦଙ୍କ ଠାରୁ ଏକ ଫୋନ୍ ପାଇଥିଲେ ଏବଂ ଏହା ପରେ ତାଙ୍କୁ ଦେଶରୁ ବହିଷ୍କାର କରାଯାଇଥିଲା। ରଶିଦ ଭାରତ ବିରୁଦ୍ଧରେ ମଧ୍ୟ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଇଥିଲେ ଏବଂ କହିଥିଲେ ଯେ ଯଦି ଭାରତ ପାକିସ୍ତାନ ଆଡକୁ ଚାହିଁଥାଏ, ତେବେ ଆଲ୍ଲା ତାକୁ ଧ୍ୱଂସ କରିଦେବେ। ସେ ଦାବି କରିଥିଲେ ଯେ, ଭାରତରେ ଏପରି କିଛି ଘଟିବ ନାହିଁ ଯାହା ପାକିସ୍ତାନ ବିରୁଦ୍ଧରେ। ପୂର୍ବତନ ମନ୍ତ୍ରୀ ଏପରି ମଧ୍ୟ କହିଥିଲେ କି, 'ଭାରତରେ କୌଣସି ପକ୍ଷୀ କିଚିରିମିଚିରି କରିବେ ନାହିଁ, କି ମନ୍ଦିରର ଘଣ୍ଟି ବାଜିବ ନାହିଁ, 'ଆମେ ପାକିସ୍ତାନ ସହିତ ଅଛୁ।'

ଇରାକରୁ ସୈନ୍ୟ ଫେରାଇ ଆଣିବ ଆମେରିକା

ନୂଆଦିଲ୍ଲୀ : ପ୍ରାୟ ୨୩ ବର୍ଷ ହେବ ଇରାନରେ ମୁତୟନ ଆମେରିକୀୟ ସେନା ଏବେ ନିଜର ସାମରିକ ଉପସ୍ଥିତି ସମ୍ପୂର୍ଣ୍ଣ ଶେଷ କରିବାକୁ ଯାଉଛି। ଇରାନର ପ୍ରଧାନମନ୍ତ୍ରୀ ଅଲ୍ଲୀ ଅଲଜ-ଜେଦି ଘୋଷଣା କରିଛନ୍ତି ଯେ, ୩୦ ସେପଟ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ସବୁ ଆମେରିକୀୟ ସେ?ନିକ ଇରାନ ଛାଡି ଦେବେ। ପ୍ରଧାନମନ୍ତ୍ରୀ ଆମେରିକାର ସେଣ୍ଟ୍ରାଲ କମାଣ୍ଡ୍ର ମୁଖ୍ୟ ଆଡମିରାଲ ବ୍ରେଡ୍ କୁପରଙ୍କ ସହିତ ବେ?ଠକ ପରେ ଏନେଇ ସୂଚନା ଦେଇଛନ୍ତି। ଏହି ନିଷ୍ପତ୍ତି ଏଭଳି ସମୟରେ ଆସିଛି। ଯେତେବେଳେ ମଧ୍ୟ ପୂର୍ବରେ ଇରାନ ଓ ଆମେରିକା ଭିତରେ ଉତ୍ତେଜନା ଲାଗି ରହିଛି। ଅସ୍ତ୍ରବିରତିର ସ୍ଥିତି ଏବେ ବି ସ୍ପଷ୍ଟ ହୋଇନି। ଇରାନରେ ଆମେରିକା ସେନାର ଉପସ୍ଥିତିର ଆରମ୍ଭ ୨୦୦୩ ରେ ହୋଇଥିଲା। ଯେତେବେଳେ ଆମେରିକା ଓ ନାଟୋ ଦେଶ ତତ୍କାଳୀନ ରାଷ୍ଟ୍ରପତି ସଦ୍ଦାମ ହୁସେନାଙ୍କଉ ଶାସନରୁ ହଟାଇବା ପାଇଁ ସାମରିକ ଅଭିଯାନ ଆରମ୍ଭ କରିଥିଲା। ସଦ୍ଦାମ ହୁସେନଙ୍କ ଶାସନକୁ ହଟାଇବା ପାଇଁ ସାମରିକ ଅଭିଯାନ ଆରମ୍ଭ କରାଯାଇଥିଲା। ସଦ୍ଦାମ ହୁସେନଙ୍କୁ ଗିରଫ, ଜେଲ୍ ଓ ଫାଶୀ ପରେ ଆମେରିକା ସେନା ଇରାକରେ ଥିଲା। ତେବେ ୨୦୧୧ ରେ ଆମେରିକା ନିଜ ସେନାକୁ ପ୍ରତ୍ୟାହାର କରିବାର ଘୋଷଣା କରିଥିଲା। କିନ୍ତୁ ୨୦୧୪ ରେ ଇସଲାମିକ୍ ଷ୍ଟେଟର ବଢୁଥିବା ବିପଦ ପରେ ଆମେରିକା ସେ?ନିକଙ୍କୁ ପୁଣିଥରେ ମୁତୟନ କରାଯାଇଥିଲା। ଏବେ ୩୦ ସେପ୍ଟେମ୍ବରରେ ଦୀର୍ଘ ୨୩ ବର୍ଷ ପରେ ନିଜର ସୈନିକଙ୍କୁ ଫେରାଇ ଆଣିବ।

ବାଂଲାଦେଶ: ରାତି ୮ଟା ପରେ ମଲ୍ ଓ ଦୋକାନ ବଜାର ବନ୍ଦ

ଢାକା: ବାଂଲାଦେଶ ବର୍ତ୍ତମାନ ଏକ ଗମ୍ଭୀର ଶକ୍ତି ସଙ୍କଟର ସମ୍ମୁଖୀନ ହୋଇଛି। ଏହି ସଙ୍କଟକୁ ନିୟନ୍ତ୍ରଣ କରିବା ପାଇଁ ବାଂଲାଦେଶ ସରକାର ଅଗଷ୍ଟ ୧୨ ତାରିଖରେ ଏକ ଅଫିସିଆଲ୍ ନୋଟିଫିକେସନ୍ ଜାରି କରି ସାରା ଦେଶରେ ସପିଂ ମଲ, ମାର୍କେଟ୍ ଏବଂ ଦୋକାନଗୁଡ଼ିକ କେବଳ ପୂର୍ବାହ୍ନ ୧୧ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ୍, ଶକ୍ତି ଓ ଖଣିଜ ସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଦେଶସାରା ଚାଲିଥିବା କିମ୍ବା ଆଗାମୀ ଦିନରେ ହେବାକୁ ଥିବା ସମସ୍ତ ମେଳା, ବାଣିଜ୍ୟ ମେଳା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ମଧ୍ୟ ରାତି ୮ଟା ସୁଦ୍ଧା ଶେଷ କରିବାକୁ କୁହାଯାଇଛି। ଏହା ସହିତ ସନ୍ଧ୍ୟା ୭ଟା ସୁଦ୍ଧା ସମସ୍ତ ସାଜସଜ୍ଜା ପାଇଁ ବ୍ୟବହୃତ ଲାଇଟକୁ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାରା ଦେଶରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହେଉଥିବାରୁ କୃତ୍ରିମ ଆଲୋକର ବ୍ୟବହାର କମାଇବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ସଙ୍କଟର ମୁକାବିଲା ପାଇଁ ବାଂଲାଦେଶର ଶକ୍ତି ମନ୍ତ୍ରୀ ଇକବାଲ ହସନ ମହମୁଦ ଭାରତୀୟ ହାଇକମିଶନର ପ୍ରଣୟ ବର୍ମାଙ୍କ ସହ ଆଲୋଚନା କରି ଭାରତରୁ ଅତିରିକ୍ତ ଡିଜେଲ ଯୋଗାଣ ପାଇଁ ଅନୁରୋଧ କରିଛନ୍ତି। ବିଶ୍ୱସ୍ତରରେ ମଧ୍ୟପ୍ରାଚ୍ୟ ବିବାଦ ବୃଦ୍ଧି ପାଇଲେ ଇନ୍ଧନ ଆମଦାନୀ ବାଧାପ୍ରାପ୍ତ ହୋଇପାରେ, ତେଣୁ ଭାରତ-ବାଂଲାଦେଶ ପାଇପଲାଇନ୍ ଜରିଆରେ ଅଧିକ ଡିଜେଲ୍ ଦେବାକୁ ବାଂଲାଦେଶ ଅନୁରୋଧ କରିଛି। ଏହି ଅନୁରୋଧ ସମ୍ପର୍କରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ସ୍ପୋକ୍ସପରସନ୍ ରଣଧୀର ଜୈସୱାଲ କହିଛନ୍ତି ଯେ, ବାଂଲାଦେଶ ସରକାରଙ୍କଠାରୁ ଅନୁରୋଧ ମିଳିଛି ଏବଂ ଏହାର ତର୍ଜମା କରାଯାଉଛି।

୬୦୦ ବିକ୍ଷୋଭକାରୀଙ୍କ ବିରୋଧରେ ପୁଲିସ୍‌ର ଏଫଆଇଆର

ଝାରଖଣ୍ଡ : ଏକଥରେ ୬୦୦ ଜଣ ବିକ୍ଷୋଭକାରୀଙ୍କ ବିରୋଧରେ ଗୁରୁବାର ଏଫଆଇଆର ରୁଜୁ କରିଛି ଝାରଖଣ୍ଡ ପୁଲିସ। ନିକଟରେ ପରୀକ୍ଷା ଅନିୟମିତତା ବିରୋଧରେ ହଜାର ହଜାର ଶିକ୍ଷାର୍ଥୀ ରାଞ୍ଚି ସ୍ଥିତି ଝାରଖଣ୍ଡ ବିଧାନସଭା ଅଭିମୁଖେ ଶୋଭାଯାତ୍ରା କରୁଥିବା ବେଳେ ତୀବ୍ର ଉତ୍ତେଜନା ଦେଖା ଯାଇଥିଲା। ଏହି ଘଟଣାରେ ଏବେ ପୁଲିସ୍ ଏଫଆଇଆର ରୁଜୁ କରିଛି। ୬୦୦ ବିକ୍ଷୋଭକାରୀଙ୍କ ମଧ୍ୟରେ ୫୦୦ ଜଣ ହେଉଛନ୍ତି ଅଜଣା ଶିକ୍ଷାର୍ଥୀ। ଅର୍ଥାତ ପୁଲିସ୍ ସେମାନଙ୍କ ପରିଚୟ ହାସଲ କରିପାରି ନାହିଁ। ତଥାପି ସେମାନଙ୍କ ବିରୋଧରେ ଏଫଆଇଆର ରୁଜୁ ହୋଇଛି। ଝାରଖଣ୍ଡରେ ନିଯୁକ୍ତି ପରୀକ୍ଷାରେ ଅନିୟମିତତାକୁ ବିରୋଧ କରି ଆରମ୍ଭ ହୋଇଥିବା ଆନ୍ଦୋଳନ ଆଜି ୨୦ତମ ଦିନରେ ପହଞ୍ଚିଛନ୍ତି। ଅନେକ ଶିକ୍ଷାର୍ଥୀ ପରୀକ୍ଷା ବାତିଲ ଦାବିରେ ଅନଶନ ମଧ୍ୟ କରିଛନ୍ତି। ପ୍ରଶାସନ ସେମାନଙ୍କୁ ବୁଝାସୁଝା କରିଥିଲେ ହେଁ ସେମାନେ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ପ୍ରତ୍ୟାହାର କରିବେ ନାହିଁ ବୋଲି କହିଛନ୍ତି।

ନିଯୁକ୍ତି ପରୀକ୍ଷାରେ ଅଧିକ ସ୍ୱଚ୍ଛତା, କେତେକ ପରୀକ୍ଷା ବାତିଲ ଓ ଝାରଖଣ୍ଡ ବାହାରର ଅବସରପ୍ରାପ୍ତ ବିଚାରପତିଙ୍କ ଏକ କମିଟି କିମ୍ବା ସିବିଆଇ ଦ୍ୱାରା ସ୍ୱାଧୀନ ତଦନ୍ତ ଦାବିରେ ଜେପିଏସସି-ଜେଏସଏସସି ସୁଧାର ମଞ୍ଚ ରାଞ୍ଚିର ଜୟପାଲ ସିଂହ ମୁଣ୍ଡା ଷ୍ଟାଡିୟମରେ ଆନ୍ଦୋଳନ କରୁଛି। ସୋମବାର ଆନ୍ଦୋଳନକାରୀମାନେ ବିଧାନସଭା ଆଡ଼କୁ ମାର୍ଚ୍ଚ କରିବା ସମୟରେ ପୁଲିସ୍ ସେମାନଙ୍କ ଉପରେ ଲାଠିଚାର୍ଜ, ପାଣି ମାଡ଼ ଓ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ଏହାକୁ ନେଇ ପୁଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟ ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଥିଲା। ଘଟଣାର ଦିନକ ପରେ ପୁଲିସ୍ର କାର୍ଯ୍ୟାନୁଷ୍ଠାନ ବିରୋଧରେ ରାଜ୍ୟର ବିରୋଧ ଦଳ ବିଜେପି ଝାରଖଣ୍ଡରେ ବନ୍ଦ ପାଳନ କରିଥିଲା। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସ ଧମକ ଦେଇ କହିଛନ୍ତି ଯେ ଗୋଟିଏ ସପ୍ତାହ ମଧ୍ୟରେ ସିବିଆଇ ତଦନ୍ତ ଦାବି ପୂରଣ ନ ହେଲେ ସେ ଅନଶନରେ ବସିବେ। ଏହି ପ୍ରସଙ୍ଗରେ ଏବିଭିପି ମଧ୍ୟ ୧,୨୦୦ରୁ ଅଧିକ ବିଶ୍ୱବିଦ୍ୟାଳୟରେ ପ୍ରତିବାଦ କରିବାକୁ ଘୋଷଣା କରିଛି। ୨୦୨୪ ମସିହାର ଅବକାରୀ କନଷ୍ଟେବଲ ଶାରୀରିକ ପରୀକ୍ଷା ସମୟରେ ପ୍ରାଣ ହରାଇଥିବା ୧୯ ଜଣଙ୍କ ପରିବାରକୁ ପ୍ରତ୍ୟେକ ୧ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ଶ୍ରୀ ଦାସ ଦାବି କରିଛନ୍ତି। ଝାରଖଣ୍ଡର ହେମନ୍ତ ସୋରେନ ସରକାର ଶିକ୍ଷାର୍ଥୀଙ୍କ ଆନ୍ଦୋଳନକୁ ଦମନ କରୁଥିବା ବିଜେପି ଅଭିଯୋଗ କରିଛି।

ସୁଖବୀର ସିଂହ ବାଦଲଙ୍କ ଉପରେ ଆକ୍ରମଣର ହେବ ତଦନ୍ତ



ମୁମ୍ବାଇ : ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଅକାଳି ଦଳର ମୁଖ୍ୟ ଏବଂ ପୂର୍ବତନ ପଞ୍ଜାବ ଉପମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କ ଉପରେ ହୋଇଥିବା ଆକ୍ରମଣର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର (୧୩ ଅଗଷ୍ଟ) ମହାରାଷ୍ଟ୍ରର ନାନ୍ଦେଦରେ ବାଦଲଙ୍କୁ ଆକ୍ରମଣ କରାଯାଇଥିଲା। ପୋଲିସ କହିଛି ଯେ ଆକ୍ରମଣ ଏକ ଗୁରୁଦ୍ୱାର ନିକଟରେ ହୋଇଥିଲା, ଯାହା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏକ ଭାଇରାଲ ଭିଡିଓରେ, ବାଦଲ ତାଙ୍କ ଡାହାଣ ହାତରେ କପଡା ବାନ୍ଧି ଏକ କୋଠାରେ ପ୍ରବେଶ କରୁଥିବା ଦେଖାଯାଇଛି। ଏହା ପୂର୍ବରୁ, ବାଦଲ ତାଙ୍କ ପତ୍ନୀ, ଅକାଳି ଦଳ ସାଂସଦ ହରସିମରତ କୌର ବାଦଲଙ୍କ ସହିତ ନାନ୍ଦେଦର ତଖ୍‌ତ ଶ୍ରୀ ହଜୁର ସାହିବକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଇଛି। ସେ ସୁଖବୀର ସିଂହ ବାଦଲଙ୍କ ଉପରେ ଆକ୍ରମଣ ପଛରେ କାରଣ ଜାଣିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ବ୍ୟକ୍ତିଗତ ଭାବରେ ସୁଖବୀର ସିଂହ ବାଦଲଙ୍କୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବା ପାଇଁ ଫୋନ କରିଥିଲେ; ରିପୋର୍ଟ ଅନୁଯାୟୀ ବାଦଲ ଭଲ ଅଛନ୍ତି। ଶିରୋମଣି ଅକାଳୀ ଦଳ ଉପାଧ୍ୟକ୍ଷ ସଞ୍ଜୀବ ତଲୱାର ମନ୍ତବ୍ୟ ଦେଇଥିଲେ ଯେ ବାଦଲ ଜଣେ ନେତା ଯିଏ ପଞ୍ଜାବ ଏବଂ ପଞ୍ଜାବର ଆତ୍ମା ରକ୍ଷା କରନ୍ତି। ସେ ଦୃଢ଼ ଭାବରେ କହିଥିଲେ ଯେ ଏହା କେବଳ ସୁଖବୀର ବାଦଲଙ୍କ ଉପରେ ଆକ୍ରମଣ ନୁହେଁ, ବରଂ ପଞ୍ଜାବର ଏକତା ଏବଂ ଅଖଣ୍ଡତା ଉପରେ ଆକ୍ରମଣ। ସେ ଅମୃତସରରେ ବାଦଲଙ୍କ ଉପରେ ପୂର୍ବରୁ ହୋଇଥିବା ଆକ୍ରମଣକୁ ମନେ ପକାଇ କହିଥିଲେ (ଡିସେମ୍ବର ୪, ୨୦୨୪ ରେ), ଏହା ସରକାର ଏବଂ ଏହାର ଏଜେନ୍ସି ଦ୍ୱାରା ସଂଗଠିତ ଏକ ଯୋଜନାବଦ୍ଧ କାର୍ଯ୍ୟ ଥିଲା, ଯେଉଁଥିରେ ଅନେକ ଅଧିକାରୀ ସାମିଲ ଥିଲେ, ତଥାପି ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ। ସେ ଜୋର ଦେଇ କହିଥିଲେ ଯେ 'ଡ-ପ୍ଲସ' ସୁରକ୍ଷା ଥିବା ବ୍ୟକ୍ତିଙ୍କ ଉପରେ ଏହି ପ୍ରକାରର ଆକ୍ରମଣ ନିଶ୍ଚିତ ଭାବରେ ସୁରକ୍ଷା ତ୍ରୁଟିକୁ ସୂଚିତ କରେ। ସୁଖବୀର ବାଦଲଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଜସପାଳ ସିଂହ ଭାବରେ ଚିହ୍ନଟ କରାଯାଇଛି। ସେ କିରପାନ (ଆନୁଷ୍ଠାନିକ ଖଣ୍ଡା) ବ୍ୟବହାର କରି ଅକାଳୀ ମୁଖ୍ୟଙ୍କୁ ଆକ୍ରମଣ କରିଥିଲେ। ପଚରାଉଚରା ସମୟରେ, ସେ କହିଥିଲେ ଯେ ସେ ଆବେଗରେ କାର୍ଯ୍ୟ କରିଥିଲେ – ଦାବି କରିଥିଲେ ଯେ ସେ କେବଳ ଏହା କରିବାକୁ ଇଚ୍ଛା କରୁଥିଲେ ଏବଂ ଆକ୍ରମଣ କରିବାକୁ ଆଗେଇ ଆସିଥିଲେ।

କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ପକ୍ଷରୁ ତିନିମୁହାଣିରୁ ପୁରୁଣାବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା

କେନ୍ଦ୍ରାପଡା ତା.୧୩/୮: କେନ୍ଦ୍ରାପଡା ଜିଲ୍ଲା ବିଜେପି ପକ୍ଷରୁ କେନ୍ଦ୍ରାପଡା କଲେଜ ପଡିଆରୁ ପୁରୁଣାବସଷ୍ଟାଣ୍ଡ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସାରାଦେଶରେ ଦେଶପ୍ରତି ବୀର ମହାପୁରୁଷଙ୍କ ବଳିଦାନକୁ ମନେପକାଇବା ତଥା ନାଗରିକମାନଙ୍କ ମଧ୍ୟରେ ସ୍ୱଦେଶପ୍ରୀତିର ଜାଗ୍ରତ କରାଇବା ଉଦେଶ୍ୟ ଆଭିମୁଖ୍ୟ ନେଇ ଏହି ତ୍ରିରଙ୍ଗା ଯାତ୍ରା ଆୟୋଜିତ ହୋଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା କଲେଜ ପଡିଆରୁ ପୁରୁଣା ବସଷ୍ଟାଣ୍ଡ ତ୍ରିରଙ୍ଗାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରାଟି ତିନିମୁହାଣୀ, କଜଳା, ମହିପାଳ, ନୂଆ ବସଷ୍ଟାଣ୍ଡ, କାକଟ ଛକ, ବଡହାଟ ଆଦି ସହରାଚଁଳ ଛକ ଅତିକ୍ରମ କରି ପୁରୁଣା ବସଷ୍ଟାଣ୍ଡରେ ଶେଷ ହୋଇଥିଲା। ଦେଶପ୍ରତି ତ୍ୟାଗ ବଳିଦାନ ଦେଇଥିବା ବୀର ମହାପୁରୁଷଙ୍କୁ ଏହି କାର୍ଯ୍ୟକ୍ରମ ମାଧମରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। କେନ୍ଦ୍ରାପଡା ଜିଲ୍ଲା ବିଜେପି ସଭାପତି ଶସାଙ୍କ ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଶେଖର ସେଠୀ, ଜିଲା ବିଜେପି ସାଧାରଣ ସଂପାଦକ ଅମିତାଭ ସୂଆର, ଭାରତଭୁଷଣ ଦାସ, ଅଭିମନ୍ୟୁ ଗୋଛାୟତ, ଜିଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋସ୍ନାରନୀ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଗୀତାଞ୍ଜଳୀ ସେଠୀ ପ୍ରମୁଖ ଏହି ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ କେନ୍ଦ୍ରାପଡା ମହାବିଦ୍ୟାଳୟ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ନୂଆଗାଁରେ ହର୍‌ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

ନୟାଗଡ଼ ନୂଆଗାଁ ବ୍ଲକ ମଣ୍ଡଳ ପକ୍ଷରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ନୂଆଗାଁ ମଣ୍ଡଳ, ନୂଆଗାଁ ଯୁକ୍ତ ୨ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ମାଇଁ ଭାରତ ଓ ସେବା ଉତ୍ସବ ସମିତି ମିଳିତ ଆନୁକୂଲ୍ୟରେ ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପୂର୍ଣଚନ୍ଦ୍ର ନାୟକ,ନୂଆଗାଁ ବିଡ଼ିଓ ଅମୃତ କୁମାର ରାଉଳ, ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ର, ନୂଆଗାଁ ଯୁକ୍ତ ୨ କଲେଜ ଅଧ୍ୟକ୍ଷ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଅଗଷ୍ଟ ୯ରୁ ୧୫ତାରିଖ ପର୍ଯ୍ୟନ୍ତ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ନୂଆଗାଁ ଯୁକ୍ତ ୨ କଲେଜ ଠାରୁ ଏହି ବିଶାଳ ଶୋଭାଯାତ୍ରା ବାହାରି ନୂଆଗାଁ ଜାତୀୟ ରାଜପଥ ବଙ୍ଗଳା ଠାରେ ଶେଷ ହୋଇଥିଲା କ୍ଷ କାର୍ଯ୍ୟକ୍ରମରେ ପ୍ରାୟ ୭୦୦ ଯୁବକ, ଛାତ୍ରଛାତ୍ରୀ ଓ ବିଭିର୍ନ ବର୍ଗର ଲୋକ ଉପସ୍ଥିତ ଥିଲେ।

ଗାୟତ୍ରୀ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ଦ୍ୱାରା ତ୍ରିରଙ୍ଗା ଶୋଭାଯାତ୍ରା

ଓଡ଼ଗାଁ ୧୩/୦୮: ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ପନ୍ତିଖାରୀ ଗ୍ରାମପଞ୍ଚାୟତ ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ଦ୍ୱାରା ତ୍ରିରଙ୍ଗା ଶୋଭାଯାତ୍ରା ଏବଂ ବନ୍ଦେ ମାତରଂ ରାଷ୍ଟ୍ରୀୟ ସଙ୍ଗୀତ ସାମୁହିକ ଗାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି।ବିଦ୍ୟାମନ୍ଦିରର ସମସ୍ତ ଛାତ୍ର/ଛାତ୍ରୀଗଣ,ଶିକ୍ଷକ/ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରିଥିଲେ। ବିଦ୍ୟାମନ୍ଦିର ଅଧ୍ୟକ୍ଷ ବିରେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ର/ଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀମାନେ ବନ୍ଦେ ମାତରଂ,ଭାରତ ମାତାକି ଜୟ ଇତ୍ୟାଦି ଶ୍ଳୋଗାନ ଦେଇ ମଶାବାରୀ, ରଙ୍ଗଣୀପାଟଣା ଏବଂ ପନ୍ତିଖାରୀ ଶାସନ ଗ୍ରାମ ପରିକ୍ରମା କରିବା ବେଳେ ପ୍ରତି ଗାଁରେ ସମବେତ ଗ୍ରାମବାସୀଙ୍କ ସହିତ ସାମୁହିକ ଭାବରେ ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରଂ ଗାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜାତୀୟ ପତାକା ତ୍ରିରଙ୍ଗା ଆମର ଗର୍ବ ଏବଂ ଗୌରବ। ଶାନ୍ତି,ମୈତ୍ରୀ,ପ୍ରେମ,ସାହାସ ଏବଂ ସମୃଦ୍ଧିର ପ୍ରତୀକ।ଆମେ ସବୁ ଭାରତୀୟ,ଭାରତ ଆମର ପରିଚୟ।ଦେଶର ସ୍ୱାଧୀନତା ସଂଗ୍ରାମରେ କଠିନ ସଂଘର୍ଷ କରି ବଳିଦାନ ଦେଇଥିବା ସଂଗ୍ରାମୀଙ୍କ ବୀରତ୍ୱ,ସାହାସ, ଏବଂ ଦେଶପ୍ରେମ ସବୁବେଳେ ଆମପାଇଁ ପ୍ରେରଣାର ଉତ୍ସ ହେଉ ବୋଲି ବିଦ୍ୟାମନ୍ଦିରର ପ୍ରାଣ ପ୍ରତିଷ୍ଠାତା ଶିକ୍ଷାବିତ ଅଶୋକ କୁମାର ମହାପାତ୍ର ତାଙ୍କ ବାର୍ତ୍ତାରେ କହିଥିଲେ।ଶିକ୍ଷୟିତ୍ରୀ ଅମିତା ଦାଶଙ୍କ ସହିତ ଅନ୍ୟ ସହକର୍ମୀ ସସ୍ମିତା ପାଣିଗ୍ରାହୀ, ପ୍ରଭାତୀ ତ୍ରିପାଠୀ,ଦିବ୍ୟ ଲୋଚନ ପଣ୍ଡା, ନାରାୟଣ ପ୍ରଧାନ ଏବଂ ମାନସ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

ମହମ୍ମଦଙ୍କ ଜନ୍ମବାର୍ଷିକୀ ଉତ୍ସବ ପାଳନ ପ୍ରସ୍ତୁତି ବୈଠକ

ଭଦ୍ରକ, ୧୩।୮ - ଭଦ୍ରକ ସହରରେ ମହାପୁରୁଷ ମହମ୍ମଦଙ୍କ ଜନ୍ମ ବାର୍ଷିକ ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ କରିବା ନିମନ୍ତେ ଆଜି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ସଦଭାବନା ସଭା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଉତ୍ସବର ସଫଳ ଆୟୋଜନ ସମ୍ପର୍କରେ ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମହମ୍ମଦଙ୍କ ଜନ୍ମ ଜୟନ୍ତୀ ଅଗଷ୍ଟ ୧୪ ରୁ ୨୬ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଆସନ୍ତା ୨୬ ଅଗଷ୍ଟ ରେ ଶୋଭାଯାତ୍ରା ର ଆୟୋଜନ କରାଯିବ । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଡି ଆଇ ବି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ,ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଉପସ୍ଥିତ ରହିଥିଲେ । ମୁସଲିମ ଜମତ୍ ଓ ହିନ୍ଦୁ ସୁରକ୍ଷା ସମିତି ର ସଭାପତି ଉତ୍ସବ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ ସହ ପ୍ରଶାସନର ସହଯୋଗ କାମନା କରିଥିଲେ। ମହମ୍ମଦଙ୍କ ଜନ୍ମଜୟନ୍ତୀ ଅବସରରେ ସହରର ସଫେଇ ବ୍ୟବସ୍ଥା, ଆଲୋକୀକରଣ, ଟ୍ରାଫିକ୍ ଓ ଯାତାୟାତ ନିୟନ୍ତ୍ରଣ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟସେବା, ଆଇନଶୃଙ୍ଖଳା ଏବଂ ଅଗ୍ନିଶମ ସୁରକ୍ଷା ,ମାଦକ ଦ୍ରବ୍ୟ ବିକ୍ରୟ ଉପରେ ନିୟମିତ ଯାଂଚ ଓ ଗୋଟିଏ ଦିନ ମାଦକ ଦ୍ରବ୍ୟ ବିକ୍ରୟ କେନ୍ଦ୍ର ବନ୍ଦ ରଖିବା ,ଡି ଜେ ର ବ୍ୟବହାର କୁ ରୋକିବା ,ସାମାଜିକ ଗଣମାଧ୍ୟମରେ ଗୁଜବ ପ୍ରଚାରର ନିଷେଧ ଭଳି ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଏଥିସହ ଉତ୍ସବ ସମୟରେ ଆବଶ୍ୟକୀୟ ସୁବିଧା ସୁନିଶ୍ଚିତ କରିବା, ଜନସାଧାରଣଙ୍କ ଯାତାୟାତରେ ଯେପରି କୌଣସି ଅସୁବିଧା ନହୁଏ ସେଥିପାଇଁ ପ୍ରସ୍ତୁତି ନେବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ ସମ୍ପାଦନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ଆୟୋଜକ ଏବଂ ବିଭିନ୍ନ ସଂପୃକ୍ତ ପକ୍ଷଙ୍କୁ ନିଜ ନିଜ ଦାୟିତ୍ୱ ସମଯୋପଯୋଗୀ ଭାବେ ସମ୍ପନ୍ନ କରିବାକୁ ପରାମର୍ଶ ଦିଆଯାଇଥିଲା। ଉତ୍ସବକୁ ଶାନ୍ତି, ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟର ସହିତ ସଫଳତାର ସହ ଆୟୋଜନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

କେନ୍ଦ୍ରାପଡ଼ା ହାଇସ୍କୁଲ୍‌ର ୧୬୩ ବର୍ଷର ଐତିହ୍ୟ ଉତ୍ସବ ପ୍ରସ୍ତୁତି

କେନ୍ଦ୍ରାପଡ଼ା,(ପିପିଏସ୍): କେନ୍ଦ୍ରାପଡ଼ାର ଗୌରବମୟ ଶିକ୍ଷାନୁଷ୍ଠାନ କେନ୍ଦ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଚଳିତ ବର୍ଷ ତାହାର ୧୬୩ତମ ପ୍ରତିଷ୍ଠା ବର୍ଷ ପୂରଣ କରୁଥିବାରୁ ଏହାକୁ ଗରିମାମୟ ଓ ସ୍ମରଣୀୟ ଢଙ୍ଗରେ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ୧୮୬୩ ମସିହାରେ ପ୍ରତିଷ୍ଠିତ ଏହି ପ୍ରାଚୀନ ଶିକ୍ଷାନୁଷ୍ଠାନ ଦୀର୍ଘ ୧୬୩ ବର୍ଷ ଧରି ଅଞ୍ଚଳର ଶିକ୍ଷା, ସଂସ୍କୃତି ଓ ସାମାଜିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଆସିଛି। କେନ୍ଦ୍ରାପଡ଼ା ହାଇସ୍କୁଲ୍ ପୁରାତନ ଛାତ୍ର ସଂଘ ପକ୍ଷରୁ ବିଦ୍ୟାଳୟର ୧୬୩ ବର୍ଷ ପୂର୍ତ୍ତି ଉତ୍ସବକୁ ଭବ୍ୟ ଭାବେ ଆୟୋଜନ କରିବା ସହ ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ଜିଲ୍ଲା ପ୍ରଶାସନର ସହଯୋଗ ଓ ହସ୍ତକ୍ଷେପ ଲୋଡ଼ାଯାଇଛି। ଏନେଇ ଜିଲ୍ଲାପାଳ ରଘୁରାମ ଆୟରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକଙ୍କ ତତ୍କାଳ ନିଯୁକ୍ତି, ହେରିଟେଜ୍ ପ୍ରକଳ୍ପ ଓ ଚଗଝଐଜରର ବିଦ୍ୟାଳୟ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସମାପ୍ତି, ଖାଲି ଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ, ବିଶେଷକରି ବିଜ୍ଞାନ ଶିକ୍ଷକ ଓ କ୍ଲାର୍କ ନିଯୁକ୍ତି, ୧୬୩ ବର୍ଷ ପୂର୍ତ୍ତି ଉତ୍ସବ, ୫୦୦ ଆସନ ବିଶିଷ୍ଟ ସ୍ମୃତି ସଭାଗୃହ ନିର୍ମାଣ ଏବଂ ପୁରାତନ ଛାତ୍ର ସଂଘ କାର୍ଯ୍ୟାଳୟ ନିର୍ମାଣ ଭଳି ଦାବି ଉପସ୍ଥାପିତ ହୋଇଛି। ଏହି ଅବସରରେ ପୁରାତନ ଛାତ୍ର ସଂଘର ସଭାପତି ଅମୀୟ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ସୟଦ ଅକମଲ ଅଲୀ, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଭଗତ, ପଞ୍ଚସଖା ଶିକ୍ଷା ସେତୁର ସଭାପତି ଡ. ବିଶ୍ୱପ୍ରକାଶ କାନୁନଗୋ, ଉପଦେଷ୍ଟା ସରୋଜ ରାଜ ସିଂହ, ରାଖାଲ ଚନ୍ଦ୍ର ସାମନ୍ତ, ଯୁଗ୍ମ ସମ୍ପାଦକ ଏସ୍.କେ. ଏମ୍‌ଡ଼ି. ଫୟାଜୁଦ୍ଦିନ୍, କୋଷାଧ୍ୟକ୍ଷ ବଳରାମ ମହାନ୍ତି, ଯୁଗ୍ମ ସମ୍ପାଦକ ଏମ୍.ଡି. ଅସଗର ଅଲ୍ଲୀ ଏବଂ ହେମନ୍ତ କୁମାର ଜେନା, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁକେଶିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ଗୌରବମୟ ପରମ୍ପରାକୁ ଆଗକୁ ନେବା ଏବଂ ୧୬୩ ବର୍ଷ ପୂର୍ତ୍ତି ଉତ୍ସବକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। "ଐତିହ୍ୟର ସୁରକ୍ଷା, ଶିକ୍ଷାର ଉତ୍କର୍ଷ ଓ ଭବିଷ୍ୟତ ପିଢ଼ି ପାଇଁ ଏକ ଉଜ୍ୱଳ ଶିକ୍ଷା ପରମ୍ପରା" ଏହି ଲକ୍ଷ୍ୟକୁ ନେଇ ୧୬୩ ବର୍ଷ ପୂର୍ତ୍ତି ଉତ୍ସବକୁ ଐତିହାସିକ ଓ ସ୍ମରଣୀୟ କରିବା ପାଇଁ ପୁରାତନ ଛାତ୍ର ସଂଘ ଦୃଢ଼ ପ୍ରୟାସ ଜାରି ରଖିଛି ଏବଂ ଦେଶ ବିଦେଶର ବିଭିନ୍ନ କୋଣ ଅନୁକୋଣରେ ପ୍ରତିଷ୍ଠାହୁତ ଏହି ବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀ ମାନଙ୍କୁ ନିବେଦନ କରୁଛି କିବପନା ମାନେ ସମେସ୍ତେ ଏହି କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ଏବଂଏହି ମଣିଷ ତିଆରି କାରଖାନାକୁ ସମୃଦ୍ଧ କରନ୍ତୁ।

ପଦ୍ମାବତୀପୁର ପଞ୍ଚାୟତ ସମସ୍ୟା ନେଇ ବିଧାୟକଙ୍କ ଖଣି ଅଧିକାରୀଙ୍କ ସହିତ ଆଲୋଚନା

ତାଳଚେର,(ପିପିଏସ୍): ତାଳଚେର ଏକ କୋଇଲା ଖଣି ବିସ୍ଥାପିତ ଅଞ୍ଚଳ ଏଠାରେ କୋଇଲା ଖନନ ପାଇଁ ଅଧିବାସୀ ମାନେ ନିଜ ଭିଟାମାଟି ହରେଇ ବିସ୍ଥାପିତ ହୋଇଥାନ୍ତି। ବିଭିନ୍ନ ପଞ୍ଚାୟତ ଗୁଡିକରେ ବିଭିନ୍ନ ପ୍ରକାର ମୌଳିକ ସମସ୍ୟା ସମାଧାନ ଦିଗରେ କୋଇଲା ଖଣି କର୍ତ୍ତୃପକ୍ଷ ବିଶେଷ ଗୁରୁତ୍ୱ ଆରୋପ କରନ୍ତି ନାହିଁ , ଏହି ପାରିପେଖିରେ ତାଳଚେର ଲୋକ ପ୍ରିୟ ବିଧାୟକ ବ୍ରଜ କିଶୋର ପ୍ରଧାନ ଗତକାଲି ଭରତପୁର ଖୋଇଲା ଖଣିର ମହାପ୍ରବନ୍ଧକଙ୍କୁ ପ୍ରତେକ୍ଷ ସାକ୍ଷାତ କରି ପଦ୍ମାବତିପୁର ପଞ୍ଚାୟତର ଯୋରା ଗାଡିଆ, ତୁଲେଇପଶି ,କୃଷ୍ଣଚନ୍ଦ୍ରପୁର୍ ଓ ଖଜୁରିଆ ଗ୍ରାମର ବିଭିନ୍ନ ମୌଳିକ ସମସ୍ୟା ମଧ୍ୟରେ ଉତ୍ତମ ସ୍ୱାସ୍ଥ୍ୟ ସେବା , ପାନୀୟଜଳ ଯୋଗାଣ , ରାସ୍ତାଘାଟ, ଶିକ୍ଷା ଓ ସ୍ୱାସ୍ଥ୍ୟ , ଗମନାଗମନ ,ପ୍ରଦୂଷଣ ସମସ୍ୟା , କୋଇଲା ଖଣିରେ ବିସ୍ଥାପିତଙ୍କ ନିଯୁକ୍ତି ସମସ୍ୟା ସମାଧାନ ଦିଗରେ ଆଲୋଚନା କରିଥିଲେ । ଭରତପୁର ଜି ଏମ ବିଧାୟକଙ୍କ ପ୍ରତିଟି ପ୍ଲେଣ୍ଟ ଧ୍ୟାନର ସହ ଶୁଣିଲେ ଓ ଖୁବ୍ ଶୀଘ୍ର ଗ୍ରାମୀଣ ଭିତ୍ତିଭୂମି ବିକାଶ ଦିଗରେ କାର୍ଯ୍ୟ କରିବା ସହିତ ପଦ୍ମାବତି ପୁର୍ ପଞ୍ଚାୟତର ଗ୍ରାମବାସୀମାନେ ସାଧାରଣ ମୌଳିକ ସୁଭିଦାରୁ ବଞ୍ଚିତ ହେବେ ନାହିବୋଲି ପ୍ରକାଶ କରିଥିଲେ । ଏଠାରେ ପ୍ରକାଶ ଥାଉ କି ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ସଦାସର୍ବଦା ଖଣି ବିସ୍ଥାପିତ ପରିବାର ସହିତ ସୁଖ ଦୁଃଖ ଛିଡ଼ା ହେଉଛନ୍ତି ଓ ବିଭିନ୍ନ ଗ୍ରାମର ଯୁବକ ଯୁବତୀ ମାନେ କିଭଳି ନିଯୁକ୍ତି ପାଇବେ ଓ ଗ୍ରାମୀଣ ଠିକା ଶ୍ରମିକ ସୁରକ୍ଷା ବ୍ୟବସ୍ଥା, ନିଯୁକ୍ତି ବ୍ୟବସ୍ଥା ସହିତ ପ୍ରତି ପାରିବାର ମୌଳିକ ଅଧିକାର ପାଇଁ ଏମ୍ ସି ଏଲ ବା କୋଇଲା ଖଣି ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ମାଧ୍ୟମରେ ସ୍ଥାୟୀ ଚାକିରି, ବିସ୍ଥାପନ ଥଇଥାନ , ଖଣି କ୍ଷତିପୂରଣ ପାଇବାରେ ଗ୍ରାମବାସୀଙ୍କ ଅଧିକାର ପାଇଁ ଲଢେଇ କରି ଆସୁଛନ୍ତି ଓ ଖଣି ମଧ୍ୟରେ ବିଭିନ୍ନ କମ୍ପାନୀ ଅଧୀନରେ ସ୍ଥାନୀୟ ଯୁବକ ମାନଙ୍କୁ ନିଯୁକ୍ତି ଦେବାରେ ସଂଗ୍ରାମ ଜାରି ରଖିଛନ୍ତି ।

ଦଧିବାମନ ସଂସ୍କୃତ ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ ପକ୍ଷ

ଓଡ଼ଗାଁ,(ପିପିଏସ୍): ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅଗଷ୍ଟ ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା 'ନିଶାମୁକ୍ତ ଭାରତ ପକ୍ଷ' ଅବସରରେ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟ, କୁରାଳଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଭାବଗ୍ରାହୀ କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଚେତନତା ସଭାରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବାହାଡ଼ାଝୋଲା ଶାଖାପକ୍ଷରୁ ବି.କେ.ଶାନ୍ତି ଭଉଣୀ, କୋମଣ୍ଡ ଶାଖାରୁ ବି.କେ.ଗୀତା ଭଉଣୀ ଓ ବି.କେ.ଗାୟତ୍ରୀ ଭଉଣୀ, ରୋହିବାଙ୍କ ଶାଖା ପକ୍ଷରୁ ବି.କେ. ଲକ୍ଷ୍ମୀ ଭଉଣୀ ଓ ବି.କେ. ନୀଳାଞ୍ଚଳ ଭାଇ ଏବଂ ଅବସରପ୍ରାପ୍ତ ଶିକ୍ଷକ ବି.କେ.ରବି ଭାଇ ଯୋଗଦେଇଥିଲେ।

ଅତିଥିମାନେ ନିଶାସେବନର କୁପରିଣାମ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ସଚେତନ କରିବା ସହ ନିଶାଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ।ନିଶା କେବଳ ବ୍ୟକ୍ତିର ଜୀବନକୁ ନଷ୍ଟ କରେନାହିଁ, ଏହା ପରିବାର,ସମାଜ ଓ ଦେଶର ପ୍ରଗତିକୁ ମଧ୍ୟ ବାଧାପ୍ରାପ୍ତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ।

ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ବିଜୟାନନ୍ଦ ଶତପଥୀ କହିଥିଲେ ଯେ,"ନିଶାମୁକ୍ତ ପରିବାର ହିଁ ଏକ ସୁସ୍ଥ ସମାଜ ଗଠନର ମୂଳଦୁଆ।ନିଶାମୁକ୍ତ ଯୁବସମାଜ ଗଠନ ହେଲେ ଏକ ସୁସ୍ଥ, ସୁନ୍ଦର ଓ ସମୃଦ୍ଧ ଭାରତ ଗଠନ ସମ୍ଭବ।କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ କୃଷ୍ଣଚନ୍ଦ୍ର ସାହୁ,ସାହିତ୍ୟାଧ୍ୟକ୍ଷ ସୁଶାନ୍ତ କୁମାର ବିଶୋଇ ଏବଂ ବ୍ୟାକରଣ ଅଧ୍ୟାପିକା ସୁଷମା ମଞ୍ଜରୀ ପାଣିଗ୍ରାହୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

ଜୟପୁରରେ ହର ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହେଲେ ଶିଳ୍ପମନ୍ତ୍ରୀ

ଜୟପୁର/ଭୁବନେଶ୍ୱର, (ପିପିଏସ୍): ସ୍ୱାଧୀନତା ଦିବସ ପୂର୍ବରୁ ଜୟପୁରରେ ହର ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ। ତ୍ରିରଙ୍ଗା ହେଉଛି ଆମ ଜାତୀୟ ଗୌରବ, ସ୍ୱାଭିମାନ ଓ ଏକତାର ପ୍ରତୀକ। ତ୍ରିରଙ୍ଗା ଯାତ୍ରା ଆମ ଭିତରେ ରାଷ୍ଟ୍ରଭକ୍ତିକୁ ଉଦ୍ରେକ କରାଇବା ସହ ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ, ସଂଘର୍ଷ ଓ ବଳିଦାନର ମୂଲ୍ୟବୋଧକୁ ପୁଣିଥରେ ସ୍ମରଣ କରାଇଥାଏ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

ଜୟପୁର ପୌରପାଳିକା ଅନ୍ତର୍ଗତ ରାଜନଗର ଛକଠାରୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରାଯାଇଥିଲା। ଏଥିରେ ୫୦ ମିଟର ଲମ୍ବର ବିଶାଳ ଜାତୀୟ ପତାକା ପ୍ରଦର୍ଶିତ ହୋଇଥିଲା। ହାତରେ ତ୍ରିରଙ୍ଗା ଧରି ଶହ ଶହ ଛାତ୍ରଛାତ୍ରୀ, ଯୁବକ, ବୁଦ୍ଧିଜୀବୀ, ସମାଜସେବୀ ଓ ସାଧାରଣ ଜନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସହରର ବିଭିନ୍ନ ରାସ୍ତା ତ୍ରିରଙ୍ଗା ପତାକାରେ ସଜେଇ ହୋଇଥିଲା। ଦେଶପ୍ରେମର ଉତ୍ସାହ ସାଙ୍ଗକୁ କୋରାପୁଟିଆ ଲୋକକଳା ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ପାଲଟିଥିଲା। ଢେମ୍‌ସା ବାଦ୍ୟର ତାଳେ ତାଳେ ଲୋକ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ମଧ୍ୟ କଳାକାରଙ୍କ ସହ ଢେମ୍‌ସା ନୃତ୍ୟରେ ସାମିଲ ହୋଇଥିଲେ। ରାଜନଗର ଛକରୁ ଶୋଭାଯାତ୍ରା ଆରମ୍ଭ ହୋଇ ଜୟପୁର ସହରର ପ୍ରମୁଖ ରାସ୍ତା ଦେଇ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଶେଷ ହୋଇଥିଲା। ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ 'ବନ୍ଦେ ମାତରମ୍' ଓ 'ଭାରତ ମାତା କି ଜୟ' ନାରାରେ ପୂରା ସହର ପ୍ରକମ୍ପିତ ହୋଇଥିଲା।

ଜଗନ୍ନାଥପୁର ପଞ୍ଚାୟତରେ କୃଷକ ସମ୍ବାଦ

ବାଙ୍କୀ: ବାଙ୍କୀ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଖଳିପଲ୍ଲୀ ଗ୍ରାମସ୍ଥିତ ମା' ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଏକ କୃଷକ ସମ୍ବାଦ କାର୍ଯ୍ୟକ୍ରମ ସୁରେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଯୋଗଦେଇ କୃଷକମାନଙ୍କ ପାଇଁ ଆଗ୍ରୀଟ୍ରାକ୍ କାର୍ଡର ଉପଯୋଗିତା ଓ ଏହାର ସୁଫଳ ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀମାନେ କେବଳ ଧାନ ଚାଷରେ ସୀମିତ ନରହି ଡାଲି ଜାତୀୟ ଫସଲ ସହିତ ଆମ୍ବ, ପିଜୁଳି, ଲେମ୍ବୁ ଭଳି ଫଳଚାଷ, ମାଛଚାଷ, କୁକୁଡ଼ା ଚାଷ, ଗୋପାଳନ ଓ ଛତୁଚାଷ ଭଳି ବିକଳ୍ପ ଆୟକାରୀ କୃଷିକାର୍ଯ୍ୟ ପ୍ରତି ଆଗ୍ରହୀ ହେବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣ ଯୋଜନା ଓ ଚାଷୀମାନଙ୍କ ପାଇଁ ଉପଲବ୍ଧ ସୁବିଧା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତ ଅଞ୍ଚଳର ୭୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇ କୃଷି ସମ୍ପର୍କିତ ବିଭିନ୍ନ ବିଷୟରେ ମତବିନିମୟ କରିଥିଲେ ।

ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀଙ୍କ ଶପଥ ଗ୍ରହଣ

ଓଡ଼ଗାଁ,(ପିପିଏସ୍): କୁରାଳ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବିଦ୍ୟାଳୟର ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀଙ୍କ ଶପଥ ଗ୍ରହଣ ଓ ଦାୟିତ୍ୱ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି।ସମାରୋହର ଆରମ୍ଭରେ ଅତିଥିମାନଙ୍କୁ ସ୍ୱାଗତ କରାଯିବାସହ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।ପରେ ଅନୁଷ୍ଠାନର ଔପଚାରିକ ସଭା ଆରମ୍ଭ ହୋଇଥିଲା। ମଙ୍ଗଳ ଦୀପ ପ୍ରଜ୍ଜ୍ୱଳନ ପରେ ସ୍ୱାଗତ ସଙ୍ଗୀତ ଓ ସାଂସ୍କୃତିକ ପରିବେଷଣ ମାଧ୍ୟମରେ ଅତିଥିମାନଙ୍କୁ ଅଭିନନ୍ଦନ ଜଣାଯାଇଥିଲା।ଏହି ଗୌରବମୟ ଅବସରରେ ମୁଖ୍ୟଅତିଥି ଭାବେ ଲିଡର ଟ୍ରେନର ରମେଶ ଚନ୍ଦ୍ର ବଳବନ୍ତରାୟ,ପୂର୍ବତନ ଜିଲ୍ଲା ସ୍କାଉଟ୍ କମିଶନର ଯୋଗଦେଇ ଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗଣେଶ୍ୱର ସାହୁ ଏବଂ ସିଆରସିସି ମନୋଜ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପକ କୁମାର ସାହୁ ଉପସ୍ଥିତ ସମସ୍ତ ଅତିଥି, ଅଭିଭାବକ,ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବାସହ ସ୍କାଉଟ୍ ଓ ଗାଇଡ୍ କାର୍ଯ୍ୟକ୍ରମର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ।ମୁଖ୍ୟଅତିଥି ସ୍କାଉଟ୍ ଓ ଗାଇଡ୍ ଆନ୍ଦୋଳନର ଆଦର୍ଶ,ଶୃଙ୍ଖଳା,ସେବା, ନେତୃତ୍ୱ ଓ ଦାୟିତ୍ୱବୋଧ ଉପରେ ପ୍ରେରଣାଦାୟକ ବକ୍ତବ୍ୟ ପ୍ରଦାନ କରିଥିଲେ।ସେ ଛାତ୍ରଛାତ୍ରୀମାନଙ୍କୁ "ସଦା ପ୍ରସ୍ତୁତ ମନୋଭାବ ନେଇ ଜୀବନରେ ଆଗେଇ ଯିବାକୁ ଆହ୍ୱାନ ଦେଇଥିଲେ।ଏହାପରେ ସ୍କାଉଟ୍ ଓ ଗାଇଡ୍‌ମାନଙ୍କ ପାଇଁ ପତାକା ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା।ପରବର୍ତ୍ତୀ ସମୟରେ ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀମାନେ ଶପଥ ଗ୍ରହଣ କରିବା ସହ ନିଜର ନୂତନ ଦାୟିତ୍ୱ ଗ୍ରହଣ କରିଥିଲେ।ମୁଖ୍ୟ ଅତିଥିଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ବ୍ୟାଜ/ସ୍କାର୍ଫ ଓ ଆବଶ୍ୟକୀୟ ସମ୍ମାନ ପ୍ରଦାନ କରାଯାଇଥିଲା।ଏହି ଅବସରରେ ସ୍କାଉଟ୍ ଓ ଗାଇଡ୍‌ମାନଙ୍କ ମଧ୍ୟରେ ସେବା,ଶୃଙ୍ଖଳା,ନେତୃତ୍ୱ,ସହଯୋଗ ଓ ଦେଶପ୍ରେମର ଭାବନା ବିକଶିତ କରିବାଉପରେ ଗୁରୁତ୍ୱ ଦିଆଯାଇଥିଲା।ସମାରୋହରେ ବିଦ୍ୟାଳୟର ସ୍କାଉଟ୍ ମାଷ୍ଟର ରାକେଶ ନାୟକ ଓ ଗାଇଡ୍ କ୍ୟାପଟେନ୍ ଦ୍ରୌପଦୀ ମହନ୍ତଙ୍କ ନେତୃତ୍ୱରେ ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀମାନେ ସମସ୍ତ ଶୃଙ୍ଖଳାବଦ୍ଧ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଭାବଦର୍ଶିନୀ ପ୍ରଧାନ ଏବଂ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ,ପ୍ରିୟବ୍ରତ ସାହୁ,ଛବି ସାହୁ ଓ ନାରାୟଣ ସାହୁଙ୍କ ସମେତ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।ଅନୁଷ୍ଠାନକୁ ସଫଳ କରିଥିଲେ।

Kataka Development Authority
Arunodaya Bhawan, Link Road, Kataka-12
Fax No - 0671-2312299
email -cda.cuttack@nic.in

Date: 11.08.2026

Bid Identification No. 2026_CDACU_138604

Tender Notice Inviting Bids for "Construction of Five Bridges along with Approach Road over Petanala"

Online bids are invited by the Vice-Chairman, Kataka Development Authority (KDA), Kataka, from eligible and experienced contractors for the work "Construction of Five Bridges along with Approach Road over Petanala". The detailed DTCN can be downloaded from the e-Procurement Portal: https://tendersodisha.gov.in. The interested and eligible Agency/Firms, as specified in DTCN, may apply for the same in ON-LINE mode. (For details visit https://tendersodisha.gov.in)

Sl. No.	Description	Critical Dates
(i)	Period of availability of tender online for bidding	From 11:00 A.M. of 14.08.2026 to 10:00 A.M. of 14.09.2026
(ii)	Last date & time of seeking clarifications (if any)	01.09.2026 up to 05:00 P.M.
(iii)	Pre-Bid Meeting	02.09.2026 at 11:30 A.M. (Conference Hall of KDA, Kataka)
(iv)	Last date & time for submission of bids online	14.09.2026 up to 10:00 A.M.
(v)	Date & time of opening of Technical Bids received online	14.09.2026 at 11:30 A.M. onwards
(vi)	Date & time of opening of Financial Bid (Price Bid/BOQ)	To be intimated later to the bidder(s) found technically qualified after evaluation of the Technical Bids received online.

Please note that KDA reserves the right to accept or reject the Bid process at any stage without assigning any reason whatsoever.

Sd/-
Vice Chairman,
Kataka Development Authority

OIPR - 13001/13037/1/26-27/0089



ଭାରତୀୟ କ୍ରିକେଟ୍ ପ୍ରଶଂସକଙ୍କ ହୃଦୟ ଜିତିବ ଆଫଗାନିସ୍ତାନ !

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ବୁଧବାର ଆଫଗାନିସ୍ତାନ ବିପକ୍ଷରେ ସେପ୍ଟେମ୍ବରରେ ଖେଳାଯିବାକୁ ଥିବା ପ୍ରସ୍ତାବିତ ଟି୨୦ ଶୃଙ୍ଖଳାର ସୂଚୀ ଘୋଷଣା କରିଛି। ମାତ୍ର ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ (ଏସିବି) ଏହି ସୂଚୀରେ ପରିବର୍ତ୍ତନ ନେଇ ବିଚାର କରୁଛି। ଏହାର ପଛର କାରଣ ଭାରତୀୟ ପ୍ରଶଂସକଙ୍କର ହୃଦୟ ଜିତିବ। ଏହା ବ୍ୟତୀତ ଶୃଙ୍ଖଳା ସହିତ ଅନ୍ୟ ଏକ ଖବର ମଧ୍ୟ ଆସିଛି। ତିନି ମ୍ୟାଚ୍ ବିଶିଷ୍ଟ ଟି୨୦ ଶୃଙ୍ଖଳାର ପ୍ରସାରଣ ଅଧିକାର ସୋନି ସ୍ପୋର୍ଟସ ନେଟୱର୍କକୁ ହାସଲ ହୋଇଛି।

ପୂର୍ବରୁ ଏହି ଶୃଙ୍ଖଳାର ପ୍ରସାରଣ ଦାୟିତ୍ୱ ଆଇଟିଡବ୍ଲ୍ୟୁ ୟୁନିଭର୍ସ ପାଖରେ ଗ୍ଲୋବାଲ ରାଇଟ୍ସ ଥିଲା। କିନ୍ତୁ ଅନ୍ୟ କଂପାନି ଜିଓହଟ୍ଷ୍ଟାର ଏବଂ କିୟୁନିଟ୍ ୮ ସହିତ ଆଲୋଚନା ପରେ ସୋନି ସ୍ପୋର୍ଟ୍ସକୁ ଅଧିକାର ହସ୍ତାନ୍ତର କରିଛି। କ୍ରିକ୍‌ବଜ୍ ଆଇଟିଡବ୍ଲ୍ୟୁ ୟୁନିଭର୍ସର ଜଣେ ବରିଷ୍ଠ ଅଧିକାରୀଙ୍କ ପ୍ରତିକ୍ରିୟା ମାଧ୍ୟମରେ କହିଛି ଯେ, ମ୍ୟାଚ୍‌ର ଡିଜିଟାଲ ଅଧିକାରୀ ଫ୍ୟାନ୍‌କୋଡ ପାଖରେ ଅଛି।

ସୂଚନାଯୋଗ୍ୟ, ଏହି ଶୃଙ୍ଖଳାର ଆୟୋଜକ ହେଉଛି ଆଫଗାନିସ୍ତାନ। କିନ୍ତୁ ୩ଟି ମ୍ୟାଚ୍ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଖେଳାଯିବ। ବୁଧବାର ଜାରି ସୂଚୀ ଅନୁସାରେ ପ୍ରଥମ ମ୍ୟାଚ୍ ସେପ୍ଟେମ୍ବର ୧୩, ଦ୍ୱିତୀୟ ମ୍ୟାଚ୍ ସେପ୍ଟେମ୍ବର ୧୫ ଏବଂ ତୃତୀୟ ମ୍ୟାଚ୍ ସେପ୍ଟେମ୍ବର ୧୭ରେ ଆୟୋଜନ ହେବ। ଏହାରି ମଧ୍ୟରେ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ (ଏସିବି)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ନସିବ ଖାନ୍ ସୂଚୀରେ ପରିବର୍ତ୍ତନ ଦାବି କରିଛନ୍ତି।

ରିପୋର୍ଟ ଅନୁସାରେ, ଆଇଟିଡବ୍ଲ୍ୟୁର ପ୍ରତିଷ୍ଠାତା ଭୈରବ ଶାନ୍ତ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡର ସିଇଓ ନସିବ ଖାନଙ୍କୁ ଲେଖିଥିବା ଚିଠିରେ କହିଛନ୍ତି, ଏହି ଶୃଙ୍ଖଳାର ସଫଳତାରେ ମିଡିଆ ଅଧିକାର ଏବଂ ପ୍ରଡକ୍ସନ ପାର୍ଟନର ଭାବେ ଆଇଟିଡବ୍ଲ୍ୟୁ ୟୁନିର୍ଭସ ଏସିବି ଅନୁରୋଧ କରୁଛି ଯେ, ସୂଚୀରେ ଏକ ପରିବର୍ତ୍ତନ କରିବା ନେଇ ବିଚାର କରାଯାଉ। ତିନି ମ୍ୟାଚ୍‌ର ଶୃଙ୍ଖଳାର ଗୋଟିଏ ମୁକାବିଲା ସେପ୍ଟେମ୍ବର ୧୪ ଅର୍ଥାତ ଗଣେଶ ଚତୁର୍ଥୀ ହୋଇପାରିବ।

ତାଙ୍କ କହିବା ଅନୁସାରେ ଗଣେଶ ଚତୁର୍ଥୀ ଭାରତରେ ସର୍ବାଧିକ ପାଳନ କରାଯାଉଥିବା ଏବଂ ଭାବନାତ୍ମକ ଭାବେ ଗୁରୁତ୍ୱପୂର୍ଣ୍ଣ ପର୍ବ ମଧ୍ୟରୁ ଅନ୍ୟତମ। ଏହା ନୂତନ ଆରମ୍ଭର ଦିନ। ଆଇଟିଡବ୍ଲ୍ୟୁର ପ୍ରତିଷ୍ଠାତା କହିଛନ୍ତି, ଏହା ଦ୍ୱାରା ଭାରତୀୟ ସଂସ୍କୃତି ଏବଂ ଭାରତୀୟ କ୍ରିକେଟ୍ ପ୍ରେମୀଙ୍କ ଭାବନାକୁ ସମ୍ମାନ ଦେବା। କେବଳ ଏତିକି ନୁହେଁ, ଏହା ଦ୍ୱାରା ବିସିସିଆଇ ଏବଂ ଏସିବି ମଧ୍ୟରେ ସଂପର୍କ ଆହୁରି ଶକ୍ତିଶାଳୀ ହେବ।

ଜାଭି ହେଲେ ନେଦରଲାଣ୍ଡ୍ସ ଫୁଟ୍‌ବଲ୍ ଟିମ୍‌ର ପ୍ରଶିକ୍ଷକ



ହେଗ୍: ସ୍ପେନ୍‌ର ମହାନ ଫୁଟ୍‌ବଲ ଜାଭି ହର୍ନାନ୍‌ଡେଜ୍’ଙ୍କୁ ନେଦରଲାଣ୍ଡ୍ ?ସ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତି କରିଛି। ତାଙ୍କ କାର୍ଯ୍ୟକାଳ ୨୦୩୦ ଫିଫା ବିଶ୍ୱକପ୍ ପର୍ଯ୍ୟନ୍ତ ରହିବ ବୋଲି ଡଚ୍ ଫୁଟ୍‌ବଲ୍ ମହାସଂଘ କହିଛି। ରୋନାଲ୍ଡ କୋଏମାନଙ୍କ ସ୍ଥାନରେ ୪୬ ବର୍ଷୀୟ ଏହି ସ୍ପେନ୍ ତାରକା ଦାୟିତ୍ୱ ନେବେ। ସେ ୧୯୭୮ ପରେ ନେଦରଲାଣ୍ଡ୍‌ସର ପ୍ରଥମ ବିଦେଶୀ ପ୍ରଶିକ୍ଷକ ହୋଇଛନ୍ତି। ତାଙ୍କ ପୂର୍ବରୁ ବିଦେଶୀ ପ୍ରଶିକ୍ଷକ ଅଷ୍ଟ୍ରିଆର ଏର୍ନଷ୍ଟ୍ ହାପେଲଙ୍କ ନେତୃତ୍ୱରେ ଦଳ ୧୯୭୮ ବିଶ୍ୱକପ୍ ? ଖେଳିଥିଲା। ବାର୍ସିଲୋନା ସହ ୩ ଋତୁ କାର୍ଯ୍ୟ କରିବା ପରେ ଜାଭି ୨୦୨୪ରେ ପଦ ଛାଡ଼ିଥିଲେ। ଏହା ପରଠୁ ସେ ପ୍ରଶିକ୍ଷଣଠୁ ଦୂରେଇ ରହିଥିଲେ। ବିଶ୍ୱକପ୍ ରାଉଣ୍ଡ-୩୨ରେ ମରକ୍କୋଠୁ ପେନାଲଟିରେ ନେଦରଲାଣ୍ଡ୍ ?ସ ହାରିବା ପରେ କୋଏମାନ ପଦ ଛାଡ଼ିଥିଲେ। ୨୦୨୩ରେ ଦ୍ୱିତୀୟ ଥର ଲାଗି କୋଏମାନଙ୍କୁ ନେଦରଲାଣ୍ଡ୍ ?ସ ପ୍ରଶିକ୍ଷଣ ଦାୟିତ୍ୱ ଦେଇଥିଲା। ପୂର୍ବରୁ ସେ ୨୦୧୮ରୁ ୨୦୨୦ ପର୍ଯ୍ୟନ୍ତ ଦଳର ପ୍ରଶିକ୍ଷକ ଥିଲେ।

ଶନିବାରଠୁ ପ୍ରଥମ ଟେଷ୍ଟ: ଗିଲ୍, ଗମ୍ଭୀରଙ୍କ ପାଇଁ ସ୍ପିନ୍ ପରୀକ୍ଷା

କଲମ୍ବୋ: ଶ୍ରୀଲଙ୍କା ଗସ୍ତରେ ଥିବା ଭାରତୀୟ ଦଳ ଶନିବାରଠୁ ଘରୋଇ ଦଳ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଗଲ୍‌ରେ ଖେଳାଯିବ। ଡବ୍ ?ଲ୍ୟୁଟିସି ପଏଣ୍ଟ ଟେବୁଲ୍‌ରେ ଭାରତ ପଞ୍ଚମ ଓ ଶ୍ରୀଲଙ୍କା ଷଷ୍ଠ ସ୍ଥାନରେ ରହିଛନ୍ତି। ତେଣୁ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତ ଡବ୍ଲ୍ୟୁଟିସି ଫାଇନାଲ୍ ଦୌଡ଼ରେ ରହିବା ପାଇଁ ଏହି ଶୃଙ୍ଖଳା ଗୁରୁତ୍ୱପୂର୍ଣ୍ଣ।

ଭାରତୀୟ ବ୍ୟାଟିଂ ଲାଇନଅପ୍‌ରେ ବଡ଼ ପରିବର୍ତ୍ତନ:

ଅଭିଜ୍ଞ ବ୍ୟାଟର ବିରାଟ କୋହଲି, ରୋହିତ ଶର୍ମା, ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାଣେ ଅବସର ପରେ ଭାରତୀୟ ବ୍ୟାଟିଂ ଲାଇନଅପ୍‌ରେ ବଡ଼ ପରିବର୍ତ୍ତନ ହୋଇଛି। ଯଶପ୍ରୀତ ବୁମରା ଆହତ ଜନିତ ସମସ୍ୟା ଯୋଗୁଁ ଦଳରୁ ବାଦ୍ ପଡ଼ିଥିବାରୁ ମହମ୍ମଦ ସିରାଜଙ୍କ ନେତୃତ୍ୱ ଯୁବ ବୋଲରଙ୍କ ଉପରେ ଦାୟିତ୍ୱ ରହିବ। ଶ୍ରୀଲଙ୍କାର ପ୍ରଶିକ୍ଷକ ଗ୍ୟାରି କର୍ଷ୍ଟନ ରହିଛନ୍ତି। ସେ ପୂର୍ବରୁ ଭାରତୀୟ ଦଳର ପ୍ରଶିକ୍ଷକ ଥିଲେ। ତେଣୁ ଭାରତୀୟ ଖେଳାଳିଙ୍କ ବିଷୟରେ ସେ ଭଲ ଭାବେ ଜାଣିଛନ୍ତି।

ସେହିପରି ଘରୋଇ ମାଟିରେ ଶ୍ରୀଲଙ୍କା ଶକ୍ତିଶାଳୀ ଥିବାରୁ ଭାରତୀୟ ବ୍ୟାଟରଙ୍କ ପାଇଁ ସ୍ପିନ୍ ଅନୁକୂଳ ପିଚ୍‌ରେ ରନ୍ ସଂଗ୍ରହ କରିବା ଏକ ବଡ଼ ଆହ୍ୱାନ ହେବ। ତଥାପି ବ୍ୟାଟିଂ ଦାୟିତ୍ୱ ଗିଲ୍, କେଏଲ୍ ରାହୁଲ, ଯଶସ୍ୱୀ ଜୟସ୍ୱାଲ ଓ ୱିକେଟକିପର ବ୍ୟାଟର ରିଷଭ ପନ୍ତଙ୍କ ଉପରେ ରହିବ। ଅଭିଜ୍ଞ ରବୀନ୍ଦ୍ର ଜାଡ଼େଜା, କୁଲଦୀପ ଯାଦବଙ୍କ ସହ ନୂଆମୁହଁ ମାନବ ସୂତାର, ସାରାଂଶ ଜୈନ, ଆକ୍ୱିବ ନବି ଓ ଗୁରନୁର ବ୍ରାରଙ୍କୁ ନେଇ ଭାରତୀୟ ସ୍ପିନ୍ ବାହିନୀ ଦୃଢ଼ ରହିଛି।

ରାଜ୍ୟଗୋଷ୍ଠୀ ପାରା ଅସିଚାଳନା: ଓଡ଼ିଶା ପୁରୁଷ ଖେଳାଳି ଜିତିଲେ ୫ ପଦକ

ଭୁବନେଶ୍ୱର: ଚଳିତ ରାଜ୍ୟଗୋଷ୍ଠୀ ପାରା ଅସିଚାଳନା ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶା ଖେଳାଳି ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ବୁଧବାର ମହିଳା ପାରା ଅସିଚାଳିକା ମାଳତି ପନାଉରେ ୨ ସ୍ୱର୍ଣ୍ଣ ପଦକ ଜିତିଥିଲା ବେଳେ ଗୁରୁବାର ଓଡ଼ିଶାର ୫ ଖେଳାଳି ୫ ପଦକ (୨ ସ୍ୱର୍ଣ୍ଣ, ୧ ରୌପ୍ୟ, ୨ କାଂସ୍ୟ) ଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ନାଇଜେରିଆର ଲାଗୋସ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାର ପୁରୁଷ ଫଏଲ୍ ‘ଏ’ ବର୍ଗରେ ଭି ରମେଶ ରାଓ ସ୍ୱର୍ଣ୍ଣ ଜିତିଥିଲା ବେଳେ ପବିତ୍ର ସାହୁ ଓ ରାଖାଲ କୁମାର ସେଠୀ କାଂସ୍ୟ ପଦକ ପାଇଥିଲେ। ପୁଲ୍ ପର୍ଯ୍ୟାୟରେ ଏହି ୩ ଖେଳାଳି ଚମତ୍କାର ପ୍ରଦର୍ଶନ କରି କ୍ୱାର୍ଟରଫାଇନାଲ୍ ?ରେ ପହଞ୍ଚିଥି ?ଲେ। କ୍ୱାର୍ଟରଫାଇନାଲ୍‌ରେ ରମେଶ ୧୫-୨ରେ ଉଡୁନେୟେ ଓପଓଲୁୱାଙ୍କୁ, ପବିତ୍ର ୧୫-୧୦ ସନ୍ଦୀପଙ୍କୁ ଏବଂ ରାଖାଲ ୧୫-୧୦ରେ ପ୍ରବୀଣଙ୍କୁ ହରାଇଥିଲେ। ସେମିଫାଇନାଲ୍ ?ରେ ରମେଶ ୧୫-୧୨ରେ ପବିତ୍ରଙ୍କୁ ହରାଇ ଫାଇନାଲ୍‌ରେ ପହଞ୍ଚିଥିଲେ। ରାଖାଲ ୧୩-୧୫ରେ ପିଙ୍କୁଙ୍କଠୁ ହାରି ଫାଇନାଲ୍‌ରୁ ବଞ୍ଚିତ ହୋଇଥିଲେ। ତେବେ ସେମିଫାଇନାଲ୍‌ରେ ହାରି ପବିତ୍ର ଓ ରାଖାଲ କାଂସ୍ୟରେ ସନ୍ତୁଷ୍ଟ ରହିଥିଲେ। ଫାଇନାଲ୍ ?ରେ ରମେଶ ୧୫-୧୦ରେ ପିଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ନିଶ୍ଚିତ କରିଥିଲେ। ଫଏଲ୍ ବି ବର୍ଗରେ ଓମ୍ ପ୍ରକାଶ ବେହେରା ସ୍ୱର୍ଣ୍ଣ ଓ ରୁଦ୍ର ନାରାୟଣ ବେହେରା ରୌପ୍ୟ ପଦକ ଜିତିଥିଲେ। ସ୍ୱର୍ଣ୍ଣ ମୁକାବିଲାରେ ଓମ୍ ପ୍ରକାଶ ୧୫-୫ରେ ନିଜ ରାଜ୍ୟର ରୁଦ୍ରନାରାୟଣ ବେହେରାଙ୍କୁ ହରାଇଥିଲେ। ଉଭୟ ପୁଲ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରି ସିଧାସଳଖ ସେମିଫାଇନାଲ୍‌ରେ ପହଞ୍ଚିଥିଲେ। ସେମିଫାଇନାଲ୍‌ରେ ଓମ୍ ପ୍ରକାଶ ୧୫-୨ରେ ଓୟିଲି ଡାମିଲୋଲାଙ୍କୁ ଏବଂ ରୁଦ୍ର ୧୫-୩ରେ ଅଜାନି ଇଡୋଉଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ଲଢ଼େଇରେ ସାମିଲ ହୋଇଥିଲେ। ଏହି ସଫଳତା ଲାଗି ତାଙ୍କୁ ପାରା ଅଲିଂପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ), ଓଡ଼ିଶା ପାରା କ୍ରୀଡ଼ା ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୬ ଜଣ ଖେଳାଳି ଭାରତର ପ୍ରତିନିଧିତ୍ୱ କରିଛନ୍ତି ଏବଂ ସମସ୍ତେ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି।

ଆଇସିସି ଟେଷ୍ଟ ମାନ୍ୟତା; ବୋଲିଂ ଶୀର୍ଷରେ ବୁମ୍‌ରା ସ୍ଥିର, ବ୍ୟାଟିଂରେ ୧୦ମ ସ୍ଥାନକୁ ଉଠିଲେ ବାବର

ଦୁବାଇ:ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଟେଷ୍ଟ ବୋଲିଂ ମାନ୍ୟତାରେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ବୁମ୍‌ରା ୮୭୦ ରେଟିଂ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି। ଏହା ପଛକୁ ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନରୀ ଦ୍ୱିତୀୟ, ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ତୃତୀୟ, ପ୍ୟାଟ୍ କମିନ୍ସ ଚତୁର୍ଥ ଓ ଦକ୍ଷିଣ ଆଫ୍ରିକାର ମାର୍କୋ ୟାନସେନ ପଞ୍ଚମ, ଅଷ୍ଟ୍ରେଲିଆର ସ୍କଟ ବୋଲାଣ୍ଡ ଷଷ୍ଠ ଓ ଦକ୍ଷିଣ ଆଫ୍ରିକାର କାଗିସୋ ରାବଡା ଅଷ୍ଟମରୁ ସପ୍ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ବ୍ୟାଟିଂ ମାନ୍ୟତାରେ ଅଷ୍ଟ୍ରେଲିଆ ଟ୍ରେଭିସ ହେଡ୍ ? ଶୀର୍ଷରେ ରହିଥିବାବେଳେ ଇଂଲଣ୍ଡର ହ୍ୟାରୀ ବ୍ରୁକ୍ ଦ୍ୱିତୀୟ, ଜୋ ରୁଟ୍ ୩ୟ, ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ୪ର୍ଥ, ଦକ୍ଷିଣ ଆଫ୍ରିକାର ତେମ୍ବା ବଭୁମା ପଞ୍ଚମ, ଶ୍ରୀଲଙ୍କାର କାମିନ୍ଦୁ ମେଣ୍ଡିସ ଷଷ୍ଠ,ଭାରତର ଶୁବମନ ଗିଲ୍ ସପ୍ତମ, ନ୍ୟୁଜିଲାଣ୍ଡର ରଚିନ ରବୀନ୍ଦ୍ର ଅଷ୍ଟମ, ଭାରତର ଯଶସ୍ୱୀ ଜୟସୱାଲ ୯ମ ଓ ପାକିସ୍ତାନର ବାବର ଆଜାମ ୧୦ତମ ସ୍ଥାନରେ ରହିଛନ୍ତି। ବାବର ଦୁଇ ବର୍ଷ ପରେ ଆଇସିସି ବ୍ୟାଟିଂ ମାନ୍ୟତାର ଶୀର୍ଷ ୧୦କୁ ଫେରିଛନ୍ତି।

ହାର୍ଦିକଙ୍କୁ ଝଟ୍‌କା: ଅଧିନାୟକତ୍ୱ ଦାବି ଯୋଗୁଁ ଜିଟି କଲାନି ଚୁକ୍ତି

ନୂଆଦିଲ୍ଲୀ:ଆଇପିଏଲ୍ ଦଳ ମୁମ୍ବାଇ ଇଣ୍ଡିଆନ୍ସରୁ ବାହାରିବାର ବାଟ ଖୋଜୁଥିବା ଭାରତୀୟ ଅଲ୍‌ରାଉଣ୍ଡର ହାର୍ଦିକ ପାଣ୍ଡ୍ୟାଙ୍କୁ ଝଟକା ଲାଗିଛି। ଗୁଜରାଟ ଟାଇଟନ୍ସ (ଜିଟି)କୁ ୨୦୨୨ରେ ଆଇପିଏଲ୍ ମୁକୁଟ ଏବଂ ୨୦୨୩ରେ ଫାଇନାଲ୍‌ରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ତୁଲାଇଥିବା ହାର୍ଦିକ ପୁଣି ଥରେ ଏହି ଦଳକୁ ଫେରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ହେଲେ ପାଣ୍ଡ୍ୟା ଅଧିନାୟକ ପଦ ମାଗିବାରୁ ଜିଟି ସହ ହେବାକୁ ଥିବା ଚୁକ୍ତି ଭାଙ୍ଗିଯାଇଥିବା ନେଇ ସୂଚନା ମିଳୁଛି। ୩୨ ବର୍ଷୀୟ ହାର୍ଦିକଙ୍କୁ ନେବାକୁ ଜିଟି ଚାହୁଁଛି। ହେଲେ ଏହାର ଅଧିନାୟକ ତଥା ସଂପ୍ରତି ଭାରତୀୟ ଦଳ ଟେଷ୍ଟ ଓ ଦିନିକିଆ ଦଳର ନେତୃତ୍ୱ ନେଉଥିବା ଶୁବମନ ଗିଲ୍‌ଙ୍କୁ ବଦଳାଇବାକୁ ଚାହୁଁନି। ତାଙ୍କୁ ଅଧିନାୟକ ବଦଳରେ ଅଭିଜ୍ଞତା ଦୃଷ୍ଟିରୁ ଜଣେ ବରିଷ୍ଠ ଖେଳାଳି ଭାବେ ଦଳରେ ରଖିବାକୁ ଜିଟି ଚାହୁଁଥିଲା। ଜିଟି ପକ୍ଷରୁ ଖେଳୁଥିଲା ବେଳେ ପାଣ୍ଡ୍ୟା ଆଇପିଏଲ ?ରେ ସବୁଠୁ ଅଧିକ ସଫଳ ହୋଇଥିଲେ। ଯାହା ଫଳରେ ତାଙ୍କ ଅନ୍ତର୍ଜାତୀୟ କ୍ରିକେଟ୍ ଜୀବନ ପୁଲକିତ ହେବା ସହ ନିଜକୁ ନେତା ଭାବେ ପ୍ରତିଷ୍ଠିତ କରିପାରିଥିଲେ। ଏବେ ପାଣ୍ଡ୍ୟା କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ଉପରେ ନଜର ରଖିଛନ୍ତି। କେକେଆର ଅଧିନାୟକ ଅଜିଙ୍କ୍ୟ ରାହାଣେ ଅବସର ଘୋଷଣା କରିଥିଲା ବେଳେ ଦଳର ଖରାପ ପ୍ରଦର୍ଶନ ଯୋଗୁଁ ଋଷଭ ପନ୍ତ ଏଲ୍‌ଏସ୍‌ଜି ନେତୃତ୍ୱରୁ ଓହରିଯାଇଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୪ରେ ରୋହିତ ଶର୍ମାଙ୍କୁ ହଟାଇ ହାର୍ଦିକଙ୍କୁ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ଭାର ଦିଆଯାଇଥିଲା। ଏହି ଋତୁରେ ଦଳ ଶେଷ ସ୍ଥାନରେ ରହିଥିଲା ବେଳେ ୨୦୨୫ରେ ପ୍ଲେଅଫ୍ ଖେଳିଥିଲା। ହେଲେ ୨୦୨୬ରେ ପୁଣି ଖରାପ ପ୍ରଦର୍ଶନ କରି ନବମ ସ୍ଥାନରେ ଅଭିଯାନ ଶେଷ କରିଥିଲା। ବ୍ୟକ୍ତିଗତ ଭାବେ ଗତ ଆଇପିଏଲ୍‌ରେ ପାଣ୍ଡ୍ୟାଙ୍କ ପ୍ରଦର୍ଶନ ମଧ୍ୟ ଭଲ ନଥିଲା।

ସପ୍ତାହର ଶେଷରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୯ - ୧୫ ଅଗଷ୍ଟ ୨୦୨୬ ସ୍ମରଣୀୟ ଇସ୍ତଫା



ଜାତୀୟ: ୱାଙ୍ଗଚୁକ୍‌ଙ୍କ ‘ଟ୍ରାଇବାଲ୍ ହାଉସ୍’
ଅନ୍ତର୍ଜାତୀୟ: ଆମାଜନ୍‌କୁ ପୋଷଣ ଯୋଗାଉଛି ସାହାରା ମରୁଭୂମି
ବିଶେଷ ପ୍ରସଙ୍ଗ: ନକ୍ସଲମୁକ୍ତ ଭାରତ: ସମନ୍ୱିତ ରଣନୀତି ଦ୍ୱାରା ବାମପନ୍ଥୀ ଉଗ୍ରବାଦର ପରାଜୟ
କ୍ଷୁଦ୍ରଗଳ୍ପ : ପରେଡ୍ ଓ ସେଇ ପିଲାଟି
ନାରୀ : ଚେକ୍ ପ୍ରିଣ୍ଟ ଫ୍ୟାଶନ
ଚଳଚ୍ଚିତ୍ର : ଲକଅପ୍-୨ରେ ଖୁଲାସା କଲେ ଶିଳ୍ପା ସିନ୍ଦେ
ଖେଳ: ପୁଣି ଚମକିଲେ ‘ଗୋଲଡେନ୍ ଗର୍ଲ’ ମୀରାବାଈ ଚାନୁ
ଭର୍ତ୍ତୃହରି ମହତାବଙ୍କ ଶେଷପୃଷ୍ଠା: ୭ ମାସ ପରେ
ଏଥିରେ ଅଛି ମୀନାବଜାର : ବୟସ୍କ ହିଁ ଗୁରୁ , ଚର୍ଚ୍ଚାରେ: କମ୍ ବୟସରୁ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ, ବିଜ୍ଞାନ: ସମୁଦ୍ର କୂଳରେ ହିଁ କାହିଁକି ହୁଏ ନଡ଼ିଆ ଚାଷ, ପର୍ଯ୍ୟଟନ: ନଦୀର ଶୋଭାରେ ଶୋଭିତ ସଙ୍ଗମ-ମେକେଦତୁ, ଚଳଚ୍ଚିତ୍ର: ବିବାହର ୭ ମାସ ପରେ ପ୍ରେଗ୍ନେନ୍ସିର ଅଭିନୟ କରୁଥିଲେ ‘ଆନନ୍ଦୀ’ ଜାଣନ୍ତି କି :ଭାରତୀୟ ନୋଟ୍‌ରେ କେତୋଟି ଭାଷା ଲେଖାଥାଏ, ସ୍ୱାସ୍ଥ୍ୟ: ଲଞ୍ଚ ପରେ ବି ଆକ୍ଟିଭ୍ ରହିବାକୁ ଚାହୁଁଛନ୍ତି କି

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

୧୫ରୁ ପୁରୁଷ ହକି ବିଶ୍ୱକପ୍; ୧୬ ବର୍ଷ ପରେ ଲଢ଼ିବେ ଭାରତ-ପାକିସ୍ତାନ

ନୂଆଦିଲ୍ଲୀ: ଆସନ୍ତା ୧୫ ତାରିଖରୁ ବେଲଜିୟମ ଓ ନେଦରଲାଣ୍ଡସରେ ଆରମ୍ଭ ହେବାକୁ ଯାଉଛି ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ । ଭାରତ ପୁଲ ଡି’ରେ ସାମିଲ ରହିଛି । ପାରଂପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ୱେଲ୍ସ ଓ ଇଂଲଣ୍ଡ ମଧ୍ୟ ଏହି ପୁଲରେ ସ୍ଥାନ ପାଇଛନ୍ତି । ଦୀର୍ଘ ୧୬ ବର୍ଷ ପରେ ଭାରତ ଓ ପାକିସ୍ତାନ ବିଶ୍ୱକପ୍‌ରେ ମୁହାଁମୁହିଁ ହେବେ । ଏହି ବହୁ ପ୍ରତୀକ୍ଷିତ ମ୍ୟାଚ ଆସନ୍ତା ୧୯ ତାରିଖରେ ଆମଷ୍ଟେଲଭିନରେ ଖେଳାଯିବ । ଶେଷ ଥର ଭାରତ ଓ ପାକିସ୍ତାନ ୨୦୧୦ ବିଶ୍ୱକପ୍‌ରେ ପୁଲରେ ମୁହାଁମୁହିଁ ହୋଇଥିଲେ । ଏହି ବିଶ୍ୱକପ୍ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିଲା । ପୁଣି ଦେଢ଼ ଦଶନ୍ଧି ପରେ ଦୁଇ ଦଳ ସାମ୍ନା ସାମ୍ନି ହେବାକୁ ଯାଉଛନ୍ତି । ଯାହାକୁ ବିଶ୍ୱକପ୍ ସବୁ ବଡ଼ ମ୍ୟାଚ କୁହାଯାଉଛି ।

ପୁଲରେ ଭାରତ ପ୍ରଥମ ମ୍ୟାଚ ୱେଲ୍ସ ବିପକ୍ଷରେ ଆସନ୍ତା ୧୫ ତାରିଖରେ ଖେଳିବ । ଏହାପରେ ୧୭ ତାରିଖରେ ଇଂଲଣ୍ଡ ଏବଂ ୧୯ରେ ପାକିସ୍ତାନକୁ ଭେଟିବାର ସୂଚୀ ରହିଛନ୍ତି । ଗ୍ରୁପ୍ର ଶ୍ରେଷ୍ଠ ୨ ଦଳ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହେବେ । ୨୦୧୦ରେ ଜିତିଥିଲା ଭାରତ ୨୦୧୦ ବିଶ୍ୱକପ୍ରେ ଭାରତ ୪-୧ ଗୋଲରେ ପାକିସ୍ତାନକୁ ପରାଜିତ କରିଥିଲା । ଉଭୟ ଦଳ ବିଶ୍ୱକପ୍ ?ରେ ମୋଟ୍ ୫ ଥର ସାମ୍ନା ସାମ୍ନି ହୋଇଛନ୍ତି । ଭାରତ ୩ ଥର ଓ ପାକିସ୍ତାନ ୨ ଥର ବିଜୟୀ ହୋଇଛି। ୧୯୭୧ ବିଶ୍ୱକପ୍‌ରେ ପାକିସ୍ତାନ ୨-୧ ଗୋଲରେ ଭାରତକୁ ପରାଜିତ କରିଥିଲା । ୧୯୭୧ରେ ଭାରତ ୧-୦ ଗୋଲରେ ବିଜୟୀ ହୋଇଥିଲା । ୧୯୭୫ ବିଶ୍ୱକପ୍‌ରେ ଦୁଇ ଦଳ ମଧ୍ୟରେ ଟାଇଟଲ ଲଢ଼େଇ ହୋଇଥିଲା । ଭାରତ ୨-୧ ଗୋଲରେ ବିଜୟୀ ହୋଇ ପ୍ରଥମ ଥର ବିଶ୍ୱ ଚାଂପିଅନ ହେବାର ଗୌରବ ଲାଭ କରିଥିଲା। ୧୯୮୬ରେ ପାକିସ୍ତାନ ୩-୨ରେ ଭାରତକୁ ଏବଂ ୨୦୧୦ରେ ଭାରତ ୪-୧ରେ ପାକିସ୍ତାନକୁ ହରାଇଥିଲା । ପାକିସ୍ତାନ ସର୍ବାଧିକ (୧୯୭୧, ୧୯୭୮, ୧୯୮୨ ଓ ୧୯୯୪) ୪ ଥର ବିଶ୍ୱ ଚାଂପିଅନ ହୋଇଛି । କିନ୍ତୁ ଭାରତ ଥରୁଟିଏ ଜିତିଛି । କ୍ରମାନ୍ୱୟରେ ପୂର୍ବ ୨ଟି ସଂସ୍କରଣ ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା । କିନ୍ତୁ ଭାରତ ଘରୋଇ ପରିବେଶରେ ସେମିତି ଉନ୍ନତ ପ୍ରଦର୍ଶନ କରିପାରି ନଥିଲା।

୪୧ ବର୍ଷ ପରେ ଅଲିଂପିକ୍ସ ପଦକ ୧୯୮୦ ମସିହା ପରେ ଭାରତୀୟ ହକି ଏକ ପ୍ରକାର ଧରାଶାୟୀ ହୋଇ ପଡ଼ିଥିଲା । ୨୦୧୨ ପରବର୍ତ୍ତୀ ସମୟରେ ଭାରତୀୟ ହକିରେ ପୁନର୍ଜାଗରଣ ହୋଇଥିଲା । ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟର କଠିନ ପରିଶ୍ରମ ପରେ ଶେଷରେ ଭାରତ ଅଲିଂପିକ୍ସ ପଦକ ଜିତିବାରେ ସଫଳ ହୋଇଥିଲା । ୨୦୨୦ ଅଲିଂପିକ୍ସରେ (୨୦୨୧ରେ ଆୟୋଜିତ) ଭାରତ ୪୧ ବର୍ଷ ପରେ ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇଥିଲା । ପୁଣି ଦଳ ୨୦୨୪ ଅଲିଂପିକ୍ସରେ ବ୍ରୋଞ୍ଜ ପଦକ ଦୋହରାଇଥିଲା । କିନ୍ତୁ ପାକିସ୍ତାନ ହକି ଏକ ପ୍ରକାର ଧରାଶାୟୀ ହୋଇ ପଡ଼ିଛି । ଦଳ ୧୯୯୪ ପରେ ଆଉ ସେମିତି ଚମକପୂର୍ଣ୍ଣ ପ୍ରଦର୍ଶନ ବିଶ୍ୱକପ୍ରେ କରିପାରି ନାହିଁ।

୧୬ ଦଳ, ୪ ପୁଲ ପୂର୍ବ ସଂସ୍କରଣ ଭଳି ଏଥର ମଧ୍ୟ ୧୬ଟି ଦଳ ଭାଗ ନେଇଛନ୍ତି । ସେମାନଙ୍କୁ ୪ଟି ପୁଲରେ ଭାଗ କରାଯାଇଛି । ପୁଲ ଏ’ରେ ନେଦରଲାଣ୍ଡସ, ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ ଓ ଜାପାନ* ପୁଲ ବି’ରେ ବେଲଜିୟମ, ଜର୍ମାନୀ, ଫ୍ରାନ୍ସ ଓ ମାଲେସିଆ* ପୁଲ ସି’ରେ ଅଷ୍ଟ୍ରେଲିଆ, ସ୍ପେନ, ଆୟର୍ଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଏବଂ ପୁଲ ଡି’ରେ ଭାରତ, ପାକିସ୍ତାନ, ୱେଲ୍ସ ଓ ଇଂଲଣ୍ଡ । ବିଶ୍ୱକପ୍ରେ ୨୪ ତାରିଖ ପର୍ଯ୍ୟନ୍ତ ପୁଲ ପର୍ଯ୍ୟାୟ ଚାଲିବ । ଏହାପରେ ପୋଜିସନ ମ୍ୟାଚ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ୨୮ ତାରିଖରେ ଉଭୟ ସେମି ଫାଇନାଲ ଏବଂ ୩୦ ତାରିଖରେ ଫାଇନାଲ ଖେଳାଯିବ ।

ଭାରତୀୟ ଦଳ: ଗୋଲକିପର-ସୁରଜ କେର୍କେରା, ମୋହିତ । ଡିଫେଣ୍ଡର-ଜର୍ମନପ୍ରୀତ ସିଂ, ହର୍ମନପ୍ରୀତ ସିଂ (ଅଧିନାୟକ), ଅମିତ ରୋହିଦାସ, ଯୁଗରାଜ ସିଂ, ସଞ୍ଜୟ, ସୁମିତ, ଯଶଦୀପ ସିୱାଚ । ମିଡଫିଲ୍ଡର-ରାଜିନ୍ଦର ସିଂ, ଆଦିତ୍ୟ ଅର୍ଜୁନ ଲାଲାଗେ, ହାର୍ଦ୍ଦିକ ସିଂ, ମନପ୍ରୀତ ସିଂ, ନୀଳକାନ୍ତ ଶର୍ମା, ବିବେକ ସାଗର ପ୍ରସାଦ । ଫରୱାର୍ଡ-ଦିଲପ୍ରୀତ ସିଂ, ଶିଳାନନ୍ଦ ଲାକ୍ରା, ସୁଖଜିତ ସିଂ, ମନଦୀପ ସିଂ ଓ ଅଭିଷେକ ।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583

page-12-13-8-26.pmd 1 8/13/2026, 10:18 PM